# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୪/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, August 4/2025 | Page 12 | ₹ 7.00

୫୧ଶ ଭାଗ ୨୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 250 | ମୂଲ୍ୟ ₹୭/-




## ହ୍ୟାରି ବ୍ରୁକ୍‌ଙ୍କ ଶତକ

ଭାରତ ବିପକ୍ଷ ୫ମ କ୍ରିକେଟ ଟେଷ୍ଟର ଚତୁର୍ଥ ଦିବସ ଖେଳରେ ଶତକ ହାସଲ କରିଛନ୍ତି ଇଂଲଣ୍ଡ ବ୍ୟାଟର ହ୍ୟାରି ବ୍ରୁକ୍।

୧୨

୦୨

## କମ୍‌ବ୍ୟାକ୍ କରୁଛନ୍ତି ପ୍ରିୟଙ୍କା

୨୦୨୬ରେ ରିଲିଜ୍ ହେବାକୁ ଥିବା 'ଲଭ୍ ଆଣ୍ଡ୍ ୱାର୍' ଫିଲ୍ମରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କୁ ଦେଖିବାକୁ ମିଳିପାରେ ବୋଲି ଏକ ରିପୋର୍ଟ ପ୍ରକାଶ ପାଇଛି।



# ଜେଲ ଗଲେ ବୋର୍ଡ ଉପସଭାପତି

ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ(ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ (ଲିକ୍) ଘଟଣାରେ କ୍ରାଇମବ୍ରାଞ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କୁ ରବିବାର ଗିରଫ କରିଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ୧୪ ଦିନ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ଏହି ଘଟଣାରେ ୭ଜଣ ଗିରଫ ହୋଇଛନ୍ତି। ଜୁଲାଇ ୨୦ରେ ପରୀକ୍ଷା ଧାର୍ଯ୍ୟ ହୋଇଥିବାବେଳେ ଏହାର ପୂର୍ବଦିନ ରାତିରେ ନୀହାରଙ୍କ ଲାପ୍‌ଟପ୍‌ରୁ ପ୍ରଶ୍ନପତ୍ର ଲିକ୍ ହୋଇଥିଲା ବୋଲି କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ଓଟିଇଟି ପ୍ରଶ୍ନପତ୍ର ସମ୍ପର୍କିତ ପାସ୍‌ୱାର୍ଡ ନୀହାରଙ୍କ ପାଖରେ ଥିଲା। ତାଙ୍କ ନିକଟରେ ଥିବା ସରକାରୀ ଲାପ୍‌ଟପ୍‌ରୁ ପାସ୍‌ୱାର୍ଡ ଡିଲିଟ ନ କରି ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣାଙ୍କୁ ଲାପ୍‌ଟପ୍ ଦେଇଥିଲେ ବୋଲି କହିବା କେଉଁଠି ନା କେଉଁଠି ତାଙ୍କର ଦାୟିତ୍ୱହୀନତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବିଶେଷକରି ଜିତନ ଡାଟା ଏଣ୍ଟ୍ରି ଅପରେଟର ହୋଇଥିବାବେଳେ ତାଙ୍କର ଓଟିଇଟି ପରୀକ୍ଷା ପରିଚାଳନାରେ କୌଣସି ଭୂମିକା ନାହିଁ, ଏହାସତ୍ତ୍ୱେ ତାଙ୍କ ସହ ନୀହାର ଗତ ୩ମାସ ମଧ୍ୟରେ ଅଫିସ କାର୍ଯ୍ୟ ସମୟ ପରେ ୧୦୦ ଥର ଫୋନ୍‌ରେ କଥା ହେବା ଟ୍ରାକିଂରୁ ଜଣାପଡ଼ିଛି। ନୀହାରଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି।

## ଓଟିଇଟି ପ୍ରଶ୍ନପତ୍ର ଲିକ୍‌ରେ ବଡ଼ମୁଣ୍ଡ



ନୀହାର ରଞ୍ଜନ ମହାନ୍ତି

କଟକ,୩।୮ (କାର୍ତ୍ତିକ ସାହୁ)

ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣାଙ୍କ ସହ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ କାର୍ଯ୍ୟାଳୟ ସମୟ ପରେ ନିବିଡ଼ ସମ୍ପର୍କ ରହିଛି। ସେ ଜାଣିଶୁଣି ସବୁ କରିଛନ୍ତି। ପ୍ରଶ୍ନପତ୍ର ପ୍ରଘଟ ପାଇଁ ସମସ୍ତ ନିୟମକାନୁନ, ପ୍ରୋଟୋକଲ ଉପସଭାପତି ଭଙ୍ଗ କରିଥିବା ନିଶ୍ଚିତ ହେବା ପରେ ତାଙ୍କୁ ଗିରଫ କରାଯାଇଛି ବୋଲି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ମାମଲାରେ ପୂର୍ବରୁ ୭ଜଣ ଗିରଫ ହୋଇଥିବା ବେଳେ ଏବେ ଗିରଫଦାରି ସଂଖ୍ୟା ୮ରେ ପହଞ୍ଚିଛି। ଆଗକୁ ଗିରଫଦାରି ଆହୁରି ବଢ଼ିବ ବୋଲି ଡିଜି ମିଶ୍ର କହିଛନ୍ତି।

କ୍ରାଇମବ୍ରାଞ୍ଚ ଡିଜି ମିଶ୍ରଙ୍କ ସୂଚନାନୁସାରେ, ଗତ କିଛି ଦିନ ତଳେ ଓଟିଇଟି ପ୍ରଶ୍ନପତ୍ର ପ୍ରଘଟର କପି ପାଇଥିଲୁ। ମୋବାଇଲରୁ ମୋବାଇଲ୍‌କୁ ପ୍ରଶ୍ନପତ୍ର ଓ ଉତ୍ତର ଘୂରି ବୁଲୁଥିଲା। ଏହାର ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ଜିତନଙ୍କୁ କ୍ରାଇମବ୍ରାଞ୍ଚ ଧରିଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ଡାଟା ଏଣ୍ଟ୍ରି ଅପରେଟର ଜିତନଙ୍କ ପ୍ରଶ୍ନପତ୍ର ସେଟିଂରେ କୌଣସି ପ୍ରକାର ସମ୍ପୃକ୍ତି ନ ଥିଲା। ବୋର୍ଡର ବିଭିନ୍ନ କର୍ମଚାରୀ, ଅଧିକାରୀଙ୍କୁ ପଚରାଉଚରା ସହ ପ୍ରୋଟୋକଲ ଆଦି ବାବଦରେ ଖୋଳତାଡ଼ କରିବା ପରେ ଜଣାପଡ଼ିଥିଲା ଯେ, ଭୋପାଳର ଏକ କମ୍ପାନୀ ପ୍ରେସ୍‌ରେ ପ୍ରଶ୍ନପତ୍ର ଛପା ହେଉଥିଲା। ସେହି ପ୍ରେସ୍ ସହ ବୋର୍ଡର ଉପସଭାପତି ☞ପୃଷ୍ଠା-୪

## ଆଜିଠୁ ୩ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବି.ଏଡ୍, ଏମ୍.ଏଡ୍ ନାମଲେଖା ଆବେଦନ

ଭୁବନେଶ୍ୱର,୩।୮ (ସୁଚିସ୍ମିତା ସାହୁ)

ତିନିବର୍ଷିଆ ଇଣ୍ଟିଗ୍ରେଟେଡ୍ ବି. ଏଡ୍ ଏବଂ ଏମ୍.ଏଡ୍ ନାମଲେଖା ପାଇଁ ସୋମବାରଠାରୁ ଆବେଦନ ଆରମ୍ଭ ହେବ। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ରେଗୁଲାର ମୋଡ୍‌ରେ ପାଠପଢ଼ା ସୁବିଧା ଥିବାବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ସେଲ୍ଫ ଫାଇନାନ୍ସ ମୋଡ୍‌ରେ ପାଠପଢ଼ିବାକୁ ନାମଲେଖା ହେବ। ଏଥିପାଇଁ କୌଣସି ପ୍ରବେଶିକା ପରୀକ୍ଷା ଦେବାକୁ ପଡିବ ନାହିଁ। କେବଳ ମାର୍କ ଓ ସଂରକ୍ଷଣ ମାଧ୍ୟରେ ପାଠପଢ଼ି ପାରିବେ। ସୋମବାର ପୂର୍ବାହ୍ନ ୧୧ଟାରୁ ଛାତ୍ରୀଛାତ୍ର ସାମ୍‌ସ ପୋର୍ଟାଲ୍‌ରେ କମନ ଆପ୍ଲିକେଶନ ☞ପୃଷ୍ଠା-୪



ପ୍ରୟାଗରାଜରେ ବନ୍ୟା: ଉତ୍ତରପ୍ରଦେଶ ପ୍ରୟାଗରାଜ ରାଜାପୁର ଅଞ୍ଚଳରେ ଜଳମଗ୍ନ ଲୋକେ ଡଙ୍ଗାରେ ଯାତ୍ରା କରୁଛନ୍ତି।

# ଆନ୍ଧ୍ର ପଥର ଖଣି ବିସ୍ଫୋରଣରେ ୬ ଓଡ଼ିଆ ମୃତ

ବ୍ରହ୍ମପୁର/ ଦିଗପହଣ୍ଡି/ ମୋହନା, ୩।୮ (ସୁବାସଚନ୍ଦ୍ର ପାଢ଼ୀ /ଅଶେଷନାଥ ମିଶ୍ର /ମନ୍ମଥ ମିଶ୍ର)

- ୪ ଲକ୍ଷ ଲେଖାଏ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ହସ୍ପିଟାଲରେ ୧୦ ଗୁରୁତର, ମୃତ୍ୟୁ ସଂଖ୍ୟା ବଢ଼ିବା ଆଶଙ୍କା

ଆନ୍ଧ୍ରପ୍ରଦେଶରେ ଏକ ପଥର ଖଣିରେ ରବିବାର ପୂର୍ବାହ୍ନରେ ବିସ୍ଫୋରଣ ବେଳେ ୬ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଗଞ୍ଜାମ ଜିଲାର ୪ ଜଣ ଓ ଗଜପତି ଜିଲା ମୋହନା ଅଞ୍ଚଳର ୨ଜଣ ଥିବା ଜଣାପଡ଼ିଛି। ମୃତକମାନେ ହେଲେ ଦିଗପହଣ୍ଡି ବ୍ଲକ ଫାସିଗୁଡା ପଞ୍ଚାୟତ ବାଙ୍ଗରଡ଼ା ଗ୍ରାମର ବନମାଳୀ ବେହେରା (୩୦), ଚଷା ନିମଖଣ୍ଡିର ଗାଁର ଦଣ୍ଡ ବାଡତ୍ୟା (୪୮) ଓରଫ ବୁଢା, ଧରାକୋଟ ବ୍ଲକ କାସିଆ ଗ୍ରାମର ସନ୍ତୋଷ ଗୌଡ଼ (୩୬), ଗଞ୍ଜାମ ଅଞ୍ଚଳର ମୁସା ଜାନ, ଗଜପତି ଜିଲା ମୋହନା ଥାନା ଢେପାଗୁଡା ପଞ୍ଚାୟତ ଅଲରା ଗାଁର ଭାସ୍କର ବିଷୋୟୀ (୪୦) ଏବଂ ଟୁକୁନା ଦଳାଇ (୩୭ )। ଗୁରୁତରଙ୍କ ପରିଚୟ ମିଳିପାରି ନ ଥିବା ବେଳେ ସେମାନଙ୍କୁ ସ୍ଥାନୀୟ ☞ପୃଷ୍ଠା-୪

ଗାଁରେ ପହଞ୍ଚିଲା ବଳଙ୍ଗା ପୀଡ଼ିତାଙ୍କ ମୃତଦେହ ୩

**ଆଜିର ସମ୍ପାଦକୀୟ**

ଶିକ୍ଷାରେ ଚୋର

## Government of Odisha
### Higher Education Department

**Timeline for e-admission into 3 year Integrated B.Ed-M.Ed. courses in the Higher Education Institutions for the Academic Session 2025-26 under SAMS**

**No.N-142** : It is for information of all concerned that admission into 3 year integrated B.Ed.-M.Ed. course will be held at the below mentioned HEIs under SAMS for the Academic Session:- 2025-26. Accordingly, the candidates are hereby instructed to fill-up the Common Application Form by Visiting the SAMS Portal as per the timeline mentioned below. The Information Brochure for the said course is available on the SAMS portal. Please refer to the Information Brochure before filling up the CAF. The key points for admission into 3 Year Integrated B.Ed.-M.Ed. course for the current Academic Year 2025-26 are as follows.

1. The following HEIs are included under SAMS for admission into 3 Year Integrated B.Ed.-M.Ed. Courses for the academic session: - 2025-26.
   **a. Maharaja Sriram Chandra Bhanjadeo University, Baripada, Mayurbhanj 50 seats (Regular Mode)**
   **b. Sambalpur University, Sambalpur- 50 seats (Self-Financing Mode)**
   **c. Rajendra University, Bolangir- 50 seats (Self-Financing Mode)**
   **d. Fakir Mohan University, Balasore- 50 seats (Self-Financing Mode)**
2. Provisional allotment of seats will be prepared through centralized selection process (i.e. Freeze and slide) on the basis of the Career marks (%) and reservation. The detailed admission procedure is provided in the Information Brochure. No Entrance Examination will be held for admission into the said course.
3. The applicants who have passed the Post Graduate (P.G.) examination only in Science/ Social Science & Humanities subjects (Please refer the Information Brochure for eligible Subjects) from a recognized Institution shall be eligible for admission into this 3 years Integrated B.Ed.- M.Ed. courses.

Any Change in the timeline will be published on the website https://imed.samsodisha.gov.in/. The applicants are request to read the Information Brochure carefully.

| Sl# | Activities | Timeline |
|---|---|---|
| 1 | Student's Activity<br>Availability of online Common Application Form (CAF) on the website www.samsodisha.gov.in | 04-Aug-2025 (11:00 AM) (Monday) |
| 2 | Student's Activity<br>Last date for applying online CAF through www.samsodisha.gov.in | 17-Aug-2025 (11:45 PM) (Sunday) |
| 3 | Student's Activity<br>Editing of the CAF in Online Mode (If required) for the CAF submitted earlier (No fresh CAF will be allowed on this day) | 18-Aug-2025 (11.00 AM to 11.45 PM) (Monday) |
| 4 | 1st Round<br>Publication of Provisional Allotment of Seats (For First Round Selection) | 22-Aug-2025 (Friday) (02.00 PM) |
| 5 | Student's Activity<br>Selection of Slide/ Freeze Option and Online payment of admission fees by the selected students through SAMS [Student's Account] portal | 22-Aug-2025 (04.00 PM) (Friday) to 26-Aug-2025 (03.00 PM) (Tuesday) |
| 6 | Student's Activity<br>Reporting of applicants at allotted institutions for taking admission (for First Round Selection) (Applicants who have chosen the Freeze option (done payment) will only be required to report for admission) | 23-Aug-2025 (10.00 AM) (Saturday) to 26-Aug-2025 (05.00 PM) (Tuesday) (Except Holiday) |
| 7 | HEI's Activity<br>Data updation of admitted students in the e-space (for First Round Admission) by the respective Institutions | 23-Aug-2025 (10.00 AM) (Saturday) to 26-Aug-2025 (11.45 PM) (Tuesday) |
| 8 | 2nd / Final Round<br>Publication of Provisional Allotment of Seats (for Second Round Selection) | 01-Sep-2025 (Monday) (02.00 PM) |
| 9 | Student's Activity<br>(Selection of FREEZE OPTION) & Online payment of admission fees by the selected students through SAMS (Student's login) portal | 01-Sep-2025 (04.00 PM) (Monday) to 04-Sep-2025 (03.00 PM) (Thursday) |
| 10 | Student's Activity<br>Reporting of applicants at allotted institutions for taking admission (for Second/ Final Round Selection) | 02-Sep-2025 (10.00 AM) (Tuesday) to 04-Sep-2025 (05.00 PM) (Thursday) (Except Holiday) |
| 11 | HEIs Activity<br>Data updation of admitted students in the e-space (for Second / Final Round Admission) by the respective Institutions | 02-Sep-2025 (10.00 AM) (Tuesday) to 04-Sep-2025 (11.45 PM) (Thursday) |
| 12 | 3rd (Waiting List/Spot) Round<br>Student's Activity<br>Publication of merit wise waiting list at the HEIs e-space as well as the waiting Rank in the Student's login | 08-Sep-2025 (04:00 PM) (Monday) |
| 13 | Institution Activity:<br>Publication of selected and waitlisted applicant's list by the HEIs at their Notice Board/ Website and the HEIs will also communicate to the applicants via phone call/SMS /whatsapp /e-mail etc. (in 1:50 ratio as per vacancy) | 09-Sep-2025 (Tuesday) (03.00 PM) |
| 14 | Reporting of selected applicants of waitlisted round to take admission in one of the selected HEIs, where the total/differential admission fees will be deposited directly at the HEIs in online mode (Net Banking/ Bank Challan/NEFT/UPI etc.) | 10-Sep-2025 (Wednesday) & 11-Sep-2025 (Thursday) (10.00 AM to 05.00 PM) |
| 15 | Reporting of waiting applicants in waitlisted round to take admission in one of the selected HEIS, where the total/differential admission fees will be deposited directly at the HEIs in online mode (Net Banking/ Bank Challan/NEFT/UPI etc.) | 12-Sep-2025 (Friday) & 13-Sep-2025 (Saturday) (10.00 AM to 05.00 PM) |
| 16 | Admission Updation of the student's data by the HEIs in their e-Space | 10-Sep-2025 (Wednesday) & 13-Sep-2025 (Saturday) (11.45 PM) |
| 17 | Timeline for commencement of 1st year classes for B.Ed., B.H.Ed., M.Ed. for the AY 2025-26 | 08-Sep-2025 (Monday) |

**For more details please contact : e-Admission Helpline (Toll Free) Number 155335 / 1800-345-6770**

Sd./- Deputy Director
PTC Section

OIPR-11001/11/0098/2526

## ସରଯୁ କେନାଲକୁ ବୋଲେରୋ ଖସି ୧୧ ମୃତ

ଲକ୍ଷ୍ନୌ,୩।୮

ଉତ୍ତରପ୍ରଦେଶର ଗୋଣ୍ଡା ଜିଲା ଅନ୍ତର୍ଗତ ସରଯୁ କେନାଲରେ ରବିବାର ଏକ ବୋଲେରୋ ଖସିପଡ଼ିବାରୁ ଅନ୍ୟୂନ ୧୧ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସିହାଗାଁଓ ଗ୍ରାମରୁ ତୀର୍ଥଯାତ୍ରୀମାନେ ଖାର୍ଗୁପୁରର ପୃଥ୍ୱୀନାଥ ମନ୍ଦିରରେ ଜଳଲାଗି କରିବାକୁ ଯାଉଥିବାବେଳେ ବେଲୱା ବାହୁଟାଠାରେ ଦୁର୍ଘଟଣା ଘଟିଛି। ଉକ୍ତ ବୋଲେରୋରେ ଡ୍ରାଇଭର ସମେତ ୧୫ ଜଣ ଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାରକାରୀ ଟିମ୍ ବୁଡ଼ିରହିଥିବା ଗାଡ଼ି ଭିତରୁ ମୃତଦେହଗୁଡ଼ିକୁ ବାହାର କରିଛି। ଆହତ ୪ ଜଣଙ୍କୁ ଗୁରୁତର ଅବସ୍ଥାରେ ନିକଟବର୍ତ୍ତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଓ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିବାକୁ କହିଛନ୍ତି।

## ୩ ଜିଲାରେ ପ୍ରବଳ ବର୍ଷିବ, ୧୭ ଜିଲାକୁ ବଜ୍ରପାତ ସତର୍କତା

ଭୁବନେଶ୍ୱର,୩।୮ (ଅନୁରାଧା ମହାରଣା)

ରାଜ୍ୟରେ ମୌସୁମୀ ବର୍ଷା ଜାରି ରହିଛି। ରବିବାର ଚାନ୍ଦବାଲିରେ ସର୍ବାଧିକ ୫୨.୬ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ବାଲେଶ୍ୱରରେ ୧୪.୦ ମିମି, ଭଦ୍ରକରେ ୧୦.୦ ମିମି, କେନ୍ଦ୍ରପଡ଼ାରେ ୬.୪ ମିମି, ରାଉରକେଲାରେ ୩.୧ ମିମି, ଯାଜପୁରରେ ୧.୫ ମିମି, ଭୁବନେଶ୍ୱରରେ ୧.୪ ମିମି, ହୀରାକୁଦ ଓ ଝାରସୁଗୁଡ଼ାରେ ୦.୪ ମିମି ବର୍ଷା ହୋଇଛି। ସୋମବାର ଉତ୍ତର ଓଡ଼ିଶା ସମେତ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ବଜ୍ରପାତ ସହ ହାଲୁକାରୁ ମଧ୍ୟମ ଧରଣ ☞ପୃଷ୍ଠା-୪




# ରୁଷିଆରୁ ତୈଳ କିଣିବା ବନ୍ଦ କରିଥିଲେ ଭାରତୀୟ କମ୍ପାନୀ

## ଆମଦାନୀ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇ ନାହିଁ: ସୂତ୍ର

ନୂଆଦିଲ୍ଲୀ,୩।୮

ଚଳିତ ମାସରେ ରିହାତି ହ୍ରାସ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚେତାବନୀ କାରଣରୁ ଭାରତୀୟ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଗତ ସପ୍ତାହରେ ରୁଷିଆରୁ ତେଲ କିଣିବା ବନ୍ଦ କରିଥିବା ଏକ ସୂତ୍ରରୁ କୁହାଯାଇଛି। ଇଣ୍ଡିଆନ ଅଏଲ୍ କର୍ପୋରେଶନ, ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ, ଭାରତ ପେଟ୍ରୋଲିୟମ୍ କର୍ପୋରେଶନ ଏବଂ ମାଙ୍ଗାଲୋର ରିଫାଇନାରି ପେଟ୍ରୋକେମିକାଲ ଲିଃ ଗତ ସପ୍ତାହରେ ରୁଷିଆରୁ ଅଶୋଧିତ ତୈଳ ଆମଦାନୀ କରିନାହାନ୍ତି। ଏହି କମ୍ପାନୀଗୁଡ଼ିକର ତୈଳ କିଣା ଯୋଜନା ସମ୍ପର୍କରେ



ଜାଣିଥିବା ୪ଟି ସୂତ୍ର ରଏଟର୍ସକୁ ଏହା ଜଣାଇଥିଲେ। ରଏଟର୍ସ ଏହା ଉପରେ ପ୍ରଶ୍ନ କରିବାରୁ ଭାରତର ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ତୁରନ୍ତ କୌଣସି ପ୍ରତିକ୍ରିୟା ଦେଇ ନ ଥିଲା। ଭାରତ ବିଶ୍ୱର ତୃତୀୟ ସର୍ବାଧିକ ତୈଳ ଆମଦାନୀକାରୀ ହୋଇଥିବାବେଳେ ରୁଷିଆରୁ ସର୍ବାଧିକ ଅଶୋଧିତ ତେଲ କିଣିଥାଏ। ଉପରୋକ୍ତ କମ୍ପାନୀଗୁଡ଼ିକ ରୁଷିଆରୁ ତୈଳ ଦୈନନ୍ଦିନ ଆଧାରରେ କିଣିଥାନ୍ତି ଏବଂ ଯୋଗାଣରେ ପରିବର୍ତ୍ତନ ବିଶେଷ କରି ଆବୁଧାବିର ମର୍ବାନ କ୍ରୁଡ୍ ଓ ପଶ୍ଚିମ ଆଫ୍ରିକୀୟ ତୈଳ ପାଇଁ ସ୍ପଟ୍ ମାର୍କେଟକୁ ଯାଇଥାନ୍ତି। ଘରୋଇ ରିଫାଇନାରୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ନାୟାରା ଏନର୍ଜି ରୁଷିଆର ବଡ଼ ତୈଳ କ୍ରେତା ହୋଇଥିବାବେଳେ ରାଷ୍ଟ୍ରାୟତ୍ତ ରିଫାଇନାରୀଗୁଡ଼ିକ ଭାରତର ଦୈନିକ ବିଶୋଧନ ସାମର୍ଥ୍ୟ ୫.୨ ନିୟୁତ ବ୍ୟାରେଲ୍‌ର ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ନିୟନ୍ତ୍ରଣ କରିଥାନ୍ତି। ସୂଚନାଯୋଗ୍ୟ, ୟୁକ୍ରେନ୍ ସହ ମସ୍କୋ ଶାନ୍ତି ଚୁକ୍ତିରେ ନ ପହଞ୍ଚିବା ପର୍ଯ୍ୟନ୍ତ ରୁଷିଆରୁ ତୈଳ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ଟାରିଫ୍ ଲଗାଇବାକୁ ଜୁଲାଇ ୧୪ରେ ଟ୍ରମ୍ପ୍ ଧମକ ଦେଇଥିଲେ।

ଅନ୍ୟପକ୍ଷରେ ଆମେରିକାର ଚେତାବନୀ ସତ୍ତ୍ୱେ ରୁଷିଆରୁ ଅଶୋଧିତ ତୈଳ କିଣିବା ବନ୍ଦ କରିବାକୁ ତୈଳ କମ୍ପାନୀଗୁଡ଼ିକୁ ଭାରତ କୌଣସି ନିର୍ଦ୍ଦେଶନାମା ଜାରି କରି ନ ଥିବା ବ୍ଲୁମ୍‌ବର୍ଗରେ ରିପୋର୍ଟ ପ୍ରକାଶ ପାଇଛି। ଭାରତ ଏହାର ଇନ୍ଧନ ସୁରକ୍ଷା ନିମନ୍ତେ ମସ୍କୋ ସହିତ ସଫଳ କୂଟନୈତିକ ସମ୍ପର୍କ ବଜାୟ ରଖିଥିବାବେଳେ ଟ୍ରମ୍ପଙ୍କ ସହ ଉତ୍ତେଜନାରୁ ବର୍ତ୍ତିବା ପାଇଁ ଉଦ୍ୟମ କରୁଛି। ଏହି ଘଟଣା ସହ ଜଡ଼ିତ ବ୍ୟକ୍ତି ପ୍ରସଙ୍ଗର ସମ୍ବେଦନଶୀଳତା ଦୃଷ୍ଟିରୁ ନିଜ ନାମ ଗୋପନ ରଖିବା ସର୍ତ୍ତରେ ବ୍ଲୁମ୍‌ବର୍ଗକୁ ଉପରୋକ୍ତ ସୂଚନା ଦେଇଛନ୍ତି। ରୁଷିଆରୁ ତୈଳ ଆମଦାନୀ ବନ୍ଦ କରିବା ନେଇ ସରକାରୀ ଭାବେ କୌଣସି ନିଷ୍ପତ୍ତି ହୋଇ ନ ଥିବା ସେ କହିଛନ୍ତି। ରାଷ୍ଟ୍ରାୟତ୍ତ ଏବଂ ଘରୋଇ ରିଫାଇନରଗୁଡ଼ିକ ବାଣିଜ୍ୟିକ ବିଚାର ଆଧାରରେ ତୈଳ କିଣିବା ଜାରି ରଖିଛନ୍ତି ଓ ସେମାନଙ୍କୁ ନିଜ ପସନ୍ଦର ଯୋଗାଣକାରୀଙ୍କଠାରୁ କିଣିବା ପାଇଁ ଅନୁମତି ଦିଆଯାଇଛି।

## ସଂକ୍ଷେପରେ

### ଆମେରିକାରେ କାର୍ ଦୁର୍ଘଟଣାରେ ୪ ଭାରତୀୟ ବଂଶୋଦ୍ଭବଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୩।୮

ଆମେରିକାରେ ଭ୍ରମଣ ପାଇଁ ଯାଇ ନିଖୋଜ ଥିବା ୪ ଜଣ ଭାରତୀୟ ବଂଶୋଦ୍ଭବ ବରିଷ୍ଠ ନାଗରିକଙ୍କର କାର୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଶନିବାର ରାତି ୯ଟା ୩୦ ମିନିଟ୍ ସମୟରେ ୱେଷ୍ଟ ଭର୍ଜିନିଆର ମାର୍ଶାଲ କାଉଣ୍ଟି ଅନ୍ତର୍ଗତ ବିଗ୍ ହ୍ୱିଲିଂ କ୍ରିକ୍ ରୋଡ୍‌ରେ ଏକ ଟୟୋଟା କାମ୍ରି କାର୍‌କୁ ଠାବ କରାଯାଇଛି। ମୃତକମାନେ ହେଲେ ଆଶା ଦିବାନ, କିଶୋର ଦିବାନ, ଶୈଳେଶ ଦିବାନ ଓ ଗୀତା ଦିବାନ। ପିଟ୍‌ସବର୍ଗ ଯିବା ବାଟରେ ସେମାନେ ନିଖୋଜ ହୋଇଯାଇଥିଲେ। ସେଠାରୁ ସେମାନେ ୱେଷ୍ଟ ଭର୍ଜିନିଆର ମାଉଣ୍ଡସ୍‌ଭିଲେ ଯିବାକୁ ଯୋଜନା କରିଥିଲେ ଓ ପ୍ରଭୁପାଦଙ୍କ ପ୍ୟାଲେସ୍ ଅଫ୍ ଗୋଲ୍ଡରେ ରହିବା ପାଇଁ ଆଗୁଆ ଅର୍ଥ ପୈଠ କରିଥିଲେ। ସେମାନଙ୍କୁ ଖୋଜି ବାହାର କରିବା ପାଇଁ ଶୁକ୍ରବାର ହେଲିକପ୍ଟର ନିୟୋଜିତ କରାଯାଥିଲେ ମଧ୍ୟ ସେମାନଙ୍କ ଗାଡ଼ିର ସନ୍ଧାନ ମିଳି ନ ଥିଲା।

### ତାମିଲନାଡୁ ଭୋଟର ତାଲିକାରେ ୬.୫ ଲକ୍ଷ ପ୍ରବାସୀ ଶ୍ରମିକଙ୍କୁ ସାମିଲ କରାଯାଇଛି: ଚିଦାମ୍ବରମ୍



ନୂଆଦିଲ୍ଲୀ,୩।୮

ତାମିଲନାଡୁ ଭୋଟର ତାଲିକାରେ ପ୍ରାୟ ୬.୫ ଲକ୍ଷ ପ୍ରବାସୀ ଶ୍ରମିକଙ୍କୁ ସାମିଲ କରାଯାଇଥିବା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ ଅଭିଯୋଗ ଆଣିବା ସହ ନିର୍ବାଚନ କମିଶନ (ଇସି)ଙ୍କୁ ସମାଲୋଚନା କରିଛନ୍ତି। ଅନ୍ୟ ପକ୍ଷରେ ବିହାର ଭୋଟର ତାଲିକାରୁ ପ୍ରାୟ ୬୫ ଲକ୍ଷ ଲୋକଙ୍କୁ ସ୍ଥାୟୀ ଭାବେ ସ୍ଥାନାନ୍ତର ହୋଇଥିବା ଦର୍ଶାଇ ବାଦ୍ ଦିଆଯାଇଥିବା ସେ କହିଛନ୍ତି। ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍) ଚିନ୍ତାଜନକ ଏବଂ ସ୍ପଷ୍ଟ ଭାବରେ ଅବୈଧ ବୋଲି ଚିଦାମ୍ବରମ୍ କହିବା ସହ ନିର୍ବାଚନ କମିଶନଙ୍କ ଦ୍ୱାରା କ୍ଷମତାର ଦୁରୁପଯୋଗ ହେଉଥିବା ଅଭିଯୋଗ କରିଛନ୍ତି। ଏହା ବିରୋଧରେ ରାଜନୈତିକ ଓ ଆଇନଗତ ଭାବେ ଲଢ଼େଇ କରିବାକୁ ହେବ ବୋଲି କଂଗ୍ରେସ ନେତା କହିଛନ୍ତି। ବିହାରରୁ ଅନେକ ଲକ୍ଷ ଲୋକ ସ୍ଥାୟୀ ଭାବେ ସ୍ଥାନାନ୍ତର ହୋଇଥିବା ଦର୍ଶାଇ ସେମାନଙ୍କୁ ଚିଠା ଭୋଟର ତାଲିକାରୁ ବାଦ୍ ଦେବା ଆବଶ୍ୟକ ବୋଲି ଇସି ନିର୍ଦ୍ଧାରଣ କଲେ କିପରି। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ପ୍ରତି ମାମଲା ଆଧାରରେ ଉପଯୁକ୍ତ ତଦନ୍ତ କରାଯିବା ଆବଶ୍ୟକ। ୩୦ ଦିନ ମଧ୍ୟରେ ୩୭ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସମ୍ପର୍କରେ ଏଭଳି ଯାଞ୍ଚ କିପରି ହୋଇପାରିବ ବୋଲି ଚିଦାମ୍ବରମ୍ ପ୍ରଶ୍ନ କରିଛନ୍ତି।

## ତଦନ୍ତ ପାଇଁ ଇପିଆଇସି କାର୍ଡ ହସ୍ତାନ୍ତର କରିବାକୁ ତେଜସ୍ୱୀଙ୍କୁ ଇସି ନୋଟିସ



ତେଜସ୍ୱୀ ଯାଦବ

ପାଟନା,୩।୮(ପି.ଟି.)

ଆନୁଷ୍ଠାନିକ ଭାବେ ଇସ୍ୟୁ ହୋଇ ନ ଥିବା ସତ୍ତ୍ୱେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ ପାଖରେ ଦ୍ୱିତୀୟ ଭୋଟର ପରିଚୟପତ୍ର (ଇପିଆଇସି କାର୍ଡ) ରହିଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ନିମନ୍ତେ ଉକ୍ତ କାର୍ଡକୁ ହସ୍ତାନ୍ତର କରିବାକୁ ନିର୍ବାଚନ କମିଶନ (ଇସି) ରବିବାର ତେଜସ୍ୱୀଙ୍କୁ ନୋଟିସ ଜାରି କରିଛନ୍ତି। ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଶନିବାର ଉକ୍ତ ଇପିଆଇସି ନମ୍ବରରେ ଅନ୍‌ଲାଇନ ତଲାସି କରିଥିଲେ ମଧ୍ୟ ତାଙ୍କ ନାମ ଚିଠା ଭୋଟର ତାଲିକାରେ ନ ଥିବା ଅଭିଯୋଗ କରିଥିଲେ। ପାଟନା ସଦର ଏସ୍‌ଡିଏମ୍ ତେଜସ୍ୱୀଙ୍କୁ ଲେଖିଥିବା ପତ୍ରରେ କହିଛନ୍ତି, ଶନିବାର ଖବରଦାତା ସମ୍ମିଳନୀରେ ଆପଣ ଦର୍ଶାଇଥିବା ଇପିଆଇସି ନମ୍ବର ଆନୁଷ୍ଠାନିକ ଭାବେ ଇସ୍ୟୁ ହୋଇ ନ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେଣୁ ସବିଶେଷ ତଦନ୍ତ ପାଇଁ ଉକ୍ତ ଇପିଆଇସି କାର୍ଡକୁ ହସ୍ତାନ୍ତର କରିବାକୁ ନିବେଦନ କରାଯାଉଛି। ୨୦୨୦ ବିଧାନସଭା ନିର୍ବାଚନ ବେଳେ ତେଜସ୍ୱୀ ସତ୍ୟପାଠରେ ତାଙ୍କ ଇପିଆଇସି ନମ୍ବର ଦର୍ଶାଇଥିଲେ। ଯଦି ତାଙ୍କ ପାଖରେ ଅନ୍ୟ ନମ୍ବରରେ ଆଉ ଏକ ଇପିଆଇସି କାର୍ଡ ରହିଛି, ତେବେ ତାହା ତଦନ୍ତର ବିଷୟ ବୋଲି ଜିଲାପାଳ କହିଛନ୍ତି।

# ରେକର୍ଡରୁ ଅସ୍ୱାଭାବିକ ମୃତ୍ୟୁ ମାମଲା ହଟାଇଥିଲା ପୋଲିସ

## ଧର୍ମସ୍ଥଳ ଗଣକବର ମାମଲା

## ଆର୍‌ଟିଆଇ ଆବେଦନରୁ ମିଳିଲା ବଳିଷ୍ଠ ପ୍ରମାଣ

ବେଙ୍ଗାଲୁରୁ,୩।୮

କର୍ଣାଟକର ଧର୍ମସ୍ଥଳ ସହରସ୍ଥିତ ବେଲଥାଙ୍ଗଡ଼ିରେ ବହୁସଂଖ୍ୟାରେ ମହିଳା ଓ ଯୁବତୀଙ୍କୁ ବଳାତ୍କାର ଓ ହତ୍ୟା ପରେ ପୋତି ଦିଆଯାଇଥିବା ଅଭିଯୋଗକୁ ନେଇ ଉତ୍ତେଜନା ଜାରି ରହିଥିବାବେଳେ ସୂଚନା ଜାଣିବା ଅଧିକାର (ଆର୍‌ଟିଆଇ) ବଳରେ ମିଳିଥିବା ଏକ ଉତ୍ତରରୁ ଏହାର ବଳିଷ୍ଠ ପ୍ରମାଣ ସାମ୍ନାକୁ ଆସିଛି। ମିଳିଥିବା ସୂଚନା ଅନୁଯାୟୀ, ବେଲଥାଙ୍ଗଡ଼ି ପୋଲିସ ୨୦୦୦ରୁ ୨୦୧୫ ମଧ୍ୟରେ ଘଟିଥିବା ସମସ୍ତ ଅସ୍ୱାଭାବିକ ମୃତ୍ୟୁ ମାମଲାକୁ କୌଶଳକ୍ରମେ ରେକର୍ଡରୁ ହଟାଇ ଦେଇଥିଲା। ଉକ୍ତ ସମୟ ମଧ୍ୟରେ ଧର୍ମସ୍ଥଳରେ ସ୍ୱଳ୍ପବୟସ୍କା ଯୁବତୀ ଓ ମହିଳାମାନଙ୍କୁ ମାରି ପୋତି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ଏଭଳି ସମସ୍ତ ଦସ୍ତାବିଜ୍, ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ, ପୋଷ୍ଟର, ବିଜ୍ଞାପନ ଏବଂ ଅଜଣା ମୃତଦେହ ଚିହ୍ନଟ ପାଇଁ ବ୍ୟବହୃତ ଫଟୋଗୁଡ଼ିକୁ ନିୟମିତ ପ୍ରଶାସନିକ ନିର୍ଦ୍ଦେଶକ୍ରମେ ନଷ୍ଟ କରିଦିଆଯାଇଥିଲା ବୋଲି ପୋଲିସ କହିଛି।

ଉପରୋକ୍ତ ତଥ୍ୟ ଜଣାପଡ଼ିବା ପରେ ଆର୍‌ଟିଆଇ କର୍ମୀ ଜୟନ୍ତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି)ରେ ଆନୁଷ୍ଠାନିକ ଭାବେ ଅଭିଯୋଗ ଦାଏର କରିଛନ୍ତି। ଜଣେ କମ୍ ବୟସ୍କାଙ୍କ ମୃତଦେହକୁ ବେଆଇନ ଭାବେ ପୋତି ଦିଆଯାଇଥିବାର ସେ ସାକ୍ଷୀ ବୋଲି ଦାବି କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଆଇନଗତ ପ୍ରୋଟୋକଲ୍‌କୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଇଥିଲା। ସେହି ସମୟରେ ବହୁ ଅଫିସର ଉପସ୍ଥିତ ଥିଲେ। ଜୟନ୍ତଙ୍କ ଆନୁଷ୍ଠାନିକ ଅଭିଯୋଗ ପରେ ଏସ୍‌ଆଇଟି ଏତଲା ଦାଏର କରି ତଦନ୍ତକୁ ଜୋର୍‌ଦାର କରିବା ଆଶା କରାଯାଉଛି। ସୂଚନାଯୋଗ୍ୟ, ଜୁଲାଇ ୪ରେ ଜଣେ ହ୍ୱିସିଲବ୍ଲୋୟର ଯୁବତୀମାନଙ୍କ ଗଣକବର ସମ୍ପର୍କରେ ଧର୍ମସ୍ଥଳ ଥାନାରେ ଅଭିଯୋଗ କରିବା ସହ ଏହାର ଉପଯୁକ୍ତ ତଦନ୍ତ ଦାବି କରିଥିଲେ। ହ୍ୱିସିଲବ୍ଲୋୟରଙ୍କୁ ପୂର୍ବରୁ ସେଠାରେ ୨୦ ବର୍ଷ ଧରି ସଫେଇ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ସେହି ସମୟ ମଧ୍ୟରେ ଯୁବତୀ ଓ ମହିଳାମାନଙ୍କୁ ବଳାତ୍କାର କରାଯିବା ପରେ ହତ୍ୟା କରି ସେମାନଙ୍କ ମୃତଦେହଗୁଡ଼ିକୁ ପୋତା ଯାଉଥିଲା। ଘଟଣା ସମ୍ପର୍କରେ ପ୍ରଘଟ ନ କରିବା ପାଇଁ ତାଙ୍କୁ ଧମକ ଦିଆଯାଇଥିଲା ବୋଲି ହ୍ୱିସିଲ୍‌ବ୍ଲୋୟର କହିବା ସହ ପୀଡ଼ିତାମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ସେଠାରୁ ଅନେକ ଶହ ମୃତଦେହ ଖୋଳିବାକୁ ଦାବି କରିଥିଲେ।

# ଇସ୍ରାଏଲୀ ପଣବନ୍ଦୀ ନିଜ କବର ଖୋଳୁଥିବା ଭିଡିଓ ଜାରିକଲା ହମାସ୍

ଗାଜା ଷ୍ଟ୍ରିପ୍,୩।୮

ଗାଜାରେ ଇସ୍ରାଏଲୀ ପଣବନ୍ଦୀ ଏଭ୍ୟାଟାର ଡାଭିଡ୍ ନିଜ ପାଇଁ କବର ଖୋଳୁଥିବାର ଏକ ଭିଡିଓ ପାଲେଷ୍ଟିନୀୟ ଆତଙ୍କବାଦୀ ସଂଗଠନ ହମାସ୍ ପକ୍ଷରୁ ଶନିବାର ଜାରି କରାଯାଇଛି। ଉକ୍ତ ଭିଡିଓରେ ଡାଭିଡ୍ ଅତ୍ୟନ୍ତ ଦୁର୍ବଳ ଦେଖାଯିବା ସହ ଏକ ଗାତ ଖୋଳୁଥିବା ଦେଖିବାକୁ ମିଳିଛି। ଡାଭିଡ୍ ହିବ୍ରୁ ଭାଷାରେ କହିଛନ୍ତି, ଦିନକୁ ଦିନ ମୋ ଶରୀର କ୍ଷୀଣ ହେବାରେ ଲାଗିଛି। ମୁଁ ସିଧା ମୋ କବରକୁ ଯାଉଛି। ଏହା ହେଉଛି ସେହି କବର, ଯେଉଁଠି ମୋତେ ପୋତାଯିବ। ମୁକ୍ତ କରିବାର ସମୟ ଅତିବାହିତ



ହୋଇଯାଇଛି ବୋଲି ଡାଭିଡ୍ କାନ୍ଦିକାନ୍ଦି କହୁଥିବା ଦେଖିବାକୁ ମିଳିଛି।

## ମୁସଲମାନ ପ୍ରଧାନଶିକ୍ଷକଙ୍କୁ ତଡ଼ିବା ପାଇଁ ସ୍କୁଲ ପାଣିଟାଙ୍କିରେ ବିଷ ପକାଇଲେ

ବେଙ୍ଗାଲୁରୁ,୩।୮

କର୍ନାଟକ ବେଲାଗାଭି ଜିଲାର ଏକ ସରକାରୀ ସ୍କୁଲର ମୁସଲମାନ ପ୍ରଧାନଶିକ୍ଷକଙ୍କୁ ତଡ଼ିବା ପାଇଁ ଦୁର୍ବୃତ୍ତମାନେ ସ୍କୁଲ ପାଣିଟାଙ୍କିରେ ବିଷ ପକାଇ ଦେଇଥିଲେ। ଜୁଲାଇ ୧୪ରେ ଘଟିଥିବା ଏହି ଘଟଣାରେ ସ୍ଥାନୀୟ ହିନ୍ଦୁ ସଂଗଠନର ନେତାଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ଆତଙ୍କ ସୃଷ୍ଟି କରିବା ସହ ୧୩ ବର୍ଷ ହେଲା ହୁଲିକାଟ୍ଟିସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରହିଥିବା ସୁଲେମାନ୍ ଗୋରିନାଏକଙ୍କୁ ସନ୍ଦେହ ପରିସରକୁ ନେବା ଲକ୍ଷ୍ୟରେ ଅଭିଯୁକ୍ତମାନେ ପାଣିଟାଙ୍କିରେ ବିଷ ପକାଇଥିଲେ। ପ୍ରଧାନଶିକ୍ଷକଙ୍କ ଖ୍ୟାତିକୁ କମାଇବା ଓ ତାଙ୍କ ବଦଳି ପାଇଁ ଚାପ ପକାଇବା ଉଦ୍ଦେଶ୍ୟରେ ଏଭଳି କରାଯାଇଥିଲା। ଉକ୍ତ ଟାଙ୍କିର ପାଣି ପିଇବା ପରେ ୧୨ ଜଣ ପିଲା ଅସୁସ୍ଥ ହୋଇପଡ଼ିଥିଲେ। ପୋଲିସ ପଚରାଉଚରା କରିବା ପରେ ୫ମ ଶ୍ରେଣୀର ଜଣେ ଛାତ୍ରଙ୍କୁ ଏକ ବୋତଲ ଦିଆଯାଇ ପାଣିଟାଙ୍କିରେ ଢାଳିବାକୁ କୁହାଯାଇଥିଲା ବୋଲି ସେ ପ୍ରକାଶ କରିଥିଲେ। ବୋତଲ ଦେଇଥିବା ଅଭିଯୁକ୍ତ କ୍ରିଷ୍ଣା ମଦାରଙ୍କୁ ଚିହ୍ନଟ କରାଯିବା ପରେ ସେମାନଙ୍କୁ ସାଗର ପାଟିଲ ଏବଂ ନାଗନଗୌଡା ପାଟିଲ ବ୍ଲାକ୍‌ମେଲ୍ କରି ଏଭଳି କରିବାକୁ କହିଥିବା ଜଣାପଡ଼ିଥିଲା।

# ୪ ସ୍ପାଇସ୍‌ଜେଟ୍ କର୍ମଚାରୀଙ୍କୁ ସେନା ଅଧିକାରୀଙ୍କ ମରଣାନ୍ତକ ଆକ୍ରମଣ



ଶ୍ରୀନଗର, ୩।୮

ଶ୍ରୀନଗର ଏୟାରପୋର୍ଟରେ ଭାରତୀୟ ସେନାର ଜଣେ ଲ୍ୟୁଟ୍‌ନାଣ୍ଟ କଲୋନେଲ ରିତେଶ କୁମାର ସିଂଙ୍କ ମରଣାନ୍ତକ ଆକ୍ରମଣରେ ସ୍ପାଇସ୍‌ଜେଟ୍ ଏୟାରଲାଇନ୍ସର ୪ ଜଣ ଗ୍ରାଉଣ୍ଡ ଷ୍ଟାଫ୍ ଆହତ ହୋଇଛନ୍ତି। ଗତ ଜୁଲାଇ ୨୬ରେ ସ୍ପାଇସ୍‌ଜେଟ୍‌ର ବିମାନ ଏସ୍‌ଜି-୩୮୬ ଶ୍ରୀନଗରରୁ ଦିଲ୍ଲୀକୁ ଉଡ଼ାଣ ଭରିବାର କିଛି ମିନିଟ୍ ପୂର୍ବରୁ ଏୟାରପୋର୍ଟରେ ବୋର୍ଡିଂ ଗେଟ୍ ନିକଟରେ ଏହି ଘଟଣା ଘଟିଥିଲା। ରିତେଶଙ୍କ କ୍ୟାବିନ୍ ଲଗେଜ୍‌ର ଓଜନ ଅତ୍ୟଧିକ ଥିଲା। ଏଥିପାଇଁ ତାଙ୍କୁ ଅତିରିକ୍ତ ଶୁଳ୍କ ଦେବାକୁ ପଡ଼ିବ ବୋଲି ସ୍ପାଇସ୍‌ଜେଟ୍‌ର ଗ୍ରାଉଣ୍ଡ ଷ୍ଟାଫ୍ ରିତେଶଙ୍କୁ କହିଥିଲେ। ରିତେଶ ଏହାକୁ ବିରୋଧ କରିଥିଲେ। ପ୍ରବଳ ଯୁକ୍ତିତର୍କ ପରେ ରିତେଶ ସ୍ପାଇସ୍‌ଜେଟ୍‌ର କର୍ମଚାରୀମାନଙ୍କୁ ମୁଥ, ଲାତ ଆଦି ମାରି ଗୁରୁତର କରିଥିଲେ। ଆକ୍ରମଣରେ ଜଣେ କର୍ମଚାରୀ ବେହୋସ୍ ହୋଇଯାଇଥିଲାବେଳେ ଆଉଜଣେ କର୍ମଚାରୀଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ସେହିପରି ଅନ୍ୟଜଣେ କର୍ମଚାରୀଙ୍କ ନାକରୁ ରକ୍ତ ବୋହିଥିଲା। ତୁରନ୍ତ ସମସ୍ତ ଆହତଙ୍କୁ ହସ୍ପିଟାଲ ନିଆଯାଇଥିଲା। ସ୍ପାଇସ୍‌ଜେଟ୍‌ର ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସମ୍ପ୍ରତି ରିତେଶ ଗୁଲ୍‌ମାର୍ଗସ୍ଥିତ ଏକ ହାଇ ଅଲ୍ଟିଟ୍ୟୁଡ ୱେର୍‌ଫେୟାର ସ୍କୁଲରେ ନିୟୋଜିତ ଅଛନ୍ତି।


# ଲଦାଖରେ ହୋପ୍ ଷ୍ଟେସନ ସ୍ଥାପନ କଲା ଇସ୍ରୋ

## ଭବିଷ୍ୟତର ମହାକାଶ ମିଶନ ପାଇଁ ପ୍ରସ୍ତୁତି

ନୂଆଦିଲ୍ଲୀ, ୩।୮

ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ଲଦାଖର ସୋ କର୍ ଉପତ୍ୟକାରେ ହିମାଳୟାନ ଆଉଟପୋଷ୍ଟ ଫର୍ ପ୍ଲାନେଟାରୀ ଏକ୍ସପ୍ଲୋରେଶନ (ହୋପ୍) ଷ୍ଟେଶନ ସ୍ଥାପନ କରିଛି। ଭାରତର ମହାକାଶ ଗବେଷଣା କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଉପତ୍ୟକାର ୪,୫୩୦ ମିଟର ଉଚ୍ଚ, ଥଣ୍ଡା ମରୁଭୂମି, ନିମ୍ନ ବାୟୁଚାପ, ଉଚ୍ଚ ଅଲଟ୍ରା ଭାୟୋଲେଟ ବିକିରଣ ଆଦି ମଙ୍ଗଳ ଗ୍ରହ ପରି ପରିବେଶ ମଧ୍ୟରେ ହୋପ୍ ଷ୍ଟେଶନକୁ ସ୍ଥାପନ କରାଯାଇଛି। ଭବିଷ୍ୟତରେ ଚନ୍ଦ୍ର ଏବଂ ମଙ୍ଗଳ ଗ୍ରହକୁ ଭାରତର ଅଭିଯାନ ପାଇଁ ଏହି ଷ୍ଟେଶନରେ ପ୍ରସ୍ତୁତି ହେବ। ମହାକାଶଚାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରତିକୂଳ ପରିସ୍ଥିତିର ପରୀକ୍ଷା ପାଇଁ ସୋ କର ଉପତ୍ୟକା ଏକ ଆଦର୍ଶ ସ୍ଥାନ ହୋଇଥିବା ଇସ୍ରୋ କହିଛି।

ଗତ ୩୧ ତାରିଖରେ ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ ହୋପ୍ ଷ୍ଟେଶନର ଉଦ୍‌ଘାଟନ କରିଛନ୍ତି। ଅନେକ ଶ୍ରେଷ୍ଠ




ଗବେଷଣା ପ୍ରତିଷ୍ଠାନଗୁଡ଼ିକର ସମର୍ଥନରେ ଇସ୍ରୋର ମାନବ ମହାକାଶ ଉଡ଼ାଣ କେନ୍ଦ୍ର ଦ୍ୱାରା ଏହି ଷ୍ଟେଶନ ପରିଚାଳିତ ହେବ। ଚନ୍ଦ୍ର ଏବଂ ମଙ୍ଗଳ ଗ୍ରହରେ ଜୀବସତ୍ତାର ସନ୍ଧାନ ସମ୍ପର୍କରେ ମଧ୍ୟ ହୋପ୍ ଷ୍ଟେଶନ ଅଧ୍ୟୟନ କରିବ।

ହୋପ୍ ଷ୍ଟେଶନ ୨ଟି ମଡ୍ୟୁଲକୁ ନେଇ ଗଠିତ। ଏଠାରେ କ୍ରିଉଙ୍କ ପାଇଁ ଏକ ୮ ମିଟର ଚଉଡ଼ାର ରହଣି ସ୍ଥାନ ରହିଥିବା ବେଳେ ଆବଶ୍ୟକ ଉପକରଣ ଏବଂ ସିଷ୍ଟମଗୁଡ଼ିକୁ ରଖିବା ପାଇଁ ୫ ମିଟର ଚଉଡ଼ାର ସ୍ଥାନ ରହିଛି। ରୋଷେଇ ଘର, ସାନିଟାରି ବ୍ୟବସ୍ଥା, ଆଲୋକୀକରଣ ପରି ସୁବିଧା ସହ ଭାରତର ପରବର୍ତ୍ତୀ ମହାକାଶ ମିଶନ ପାଇଁ ବିଭିନ୍ନ ପରୀକ୍ଷଣ କରିବାକୁ ଏହି ଷ୍ଟେଶନକୁ ଡିଜାଇନ କରାଯାଇଛି। ଅଗଷ୍ଟ ୧ରୁ ଅଗଷ୍ଟ ୧୦ ପର୍ଯ୍ୟନ୍ତ ହୋପ୍ ଷ୍ଟେଶନରେ ଏକ ୧୦ ଦିନିଆ ଟ୍ରାଏଲ ମିଶନ ଅନୁଷ୍ଠିତ ହେଉଛି, ଯେଉଁଥିରେ ୨ ଜଣ କ୍ରିଉ ସଦସ୍ୟ ଷ୍ଟେଶନ ଭିତରେ ରହି କମ୍ ଅମ୍ଳଜାନ, ପୃଥକୀକରଣ ଆଦି ବିଭିନ୍ନ ବିପରୀତ ପରିବେଶରେ ମଣିଷର ଶାରୀରିକ, ମାନସିକ ପ୍ରତିକ୍ରିୟାର ପରୀକ୍ଷଣ କରିବେ।

## ତାମିଲ ଅଭିନେତା ମାଧନ ବବ୍‌ଙ୍କ ପରଲୋକ



ଚେନ୍ନାଇ, ୩।୮

ଭେଟେରାନ ତାମିଲ ଅଭିନେତା ତଥା କମେଡିଆନ୍ ଏସ୍. କୃଷ୍ଣମୂର୍ତ୍ତି ଓରଫ୍ ମାଧନ ବବ୍‌ଙ୍କର ଶନିବାର ରାତିରେ ୭୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଚେନ୍ନାଇ ସ୍ଥିତ ନିଜ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମାଧନ ଗତ କିଛି ବର୍ଷ ଧରି କର୍କଟ ରୋଗରେ ପୀଡ଼ିତ ଥିଲେ। ସେ ତାଙ୍କ ଲମ୍ବା କ୍ୟାରିୟରରେ ରଜନୀକାନ୍ତ, କମଲ ହାସନ, ଅଜିଥ୍ କୁମାର, ସୂର୍ଯ୍ୟା, ବିଜୟଙ୍କ ପରି ଅନେକ ସୁପରଷ୍ଟାରଙ୍କ ସହ କାର୍ଯ୍ୟ କରିଛନ୍ତି। ଅନେକ ତାମିଲ ଫିଲ୍ମରେ ଅଭିନୟ କରିଥିବା ମାଧନ ଜଣେ ଚମତ୍କାର ସଙ୍ଗୀତଜ୍ଞ ମଧ୍ୟ ଥିଲେ। ତାଙ୍କ ପରଲୋକ ତାମିଲ ଚଳଚ୍ଚିତ୍ର ଜଗତ ପାଇଁ ଏକ ବଡ଼ କ୍ଷତି ବୋଲି କହି ବହୁ କଳାକାର ଶୋକ ପ୍ରକଟ କରିଛନ୍ତି।

# ସ୍ତ୍ରୀଙ୍କ ମୁଣ୍ଡ କାଟି ଟିଭି ଚ୍ୟାନେଲ୍ କାର୍ଯ୍ୟାଳୟରେ ସ୍ୱାମୀ

ଚେନ୍ନାଇ,୩।୮

ତାମିଲନାଡୁର ଟୁଟିକୋରିନ୍ ଜିଲାରେ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ତାଙ୍କ ମୁଣ୍ଡ କାଟିବା ପରେ ଅପରାଧ ସମ୍ପର୍କରେ ବଖାଣିବା ପାଇଁ ସିଆର୍‌ପିଏଫ୍ କନଷ୍ଟେବଲ୍ ଥିବା ସ୍ୱାମୀ ଜଣକ ଏକ ଟିଭି ଚ୍ୟାନେଲ୍ କାର୍ଯ୍ୟାଳୟରେ ପହଞ୍ଚିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଚେନ୍ନାଇରୁ ଗିରଫ କରିଛି। ସ୍ତ୍ରୀ ଉମା ମାହେଶ୍ୱରୀ (୩୨)ଙ୍କୁ ତାମିଲ ସେଲ୍‌ଭାନ୍ ଗତ ୩୧ ତାରିଖରେ ଥାଲାଭାଇପୁରମ୍‌ସ୍ଥିତ ଘରେ ହତ୍ୟା କରିବା ପରେ ମୁଣ୍ଡ କାଟି ଦେଇଥିଲେ। ଏହା ପରେ ସେ ତାଙ୍କର ୯ ବର୍ଷର ପୁଅ ଏବଂ ୭ ବର୍ଷର ଝିଅଙ୍କୁ ଶ୍ୱଶୁର ଘରେ ଛାଡ଼ି ଫେରାର ହୋଇଯାଇଥିଲେ। ୨ ଦିନ ପରେ ଅଭିଯୁକ୍ତ ଟିଭି ଚ୍ୟାନେଲ୍ ଅଫିସ୍‌ରେ ପହଞ୍ଚି ଅପରାଧ ସମ୍ପର୍କରେ ସର୍ବସାଧାରଣରେ ପ୍ରକାଶ କରିବାକୁ ଚାହୁଁଥିବା କହିଥିଲେ। ତାଙ୍କର ଏଭଳି ନିବେଦନରେ ଚକିତ ହୋଇ କାର୍ଯ୍ୟାଳୟର ଜଣେ କର୍ମଚାରୀ ଟେନାମପେଟ୍ ଏସିପି ଆରୋକିଆ ରବୀନ୍ଦ୍ରନ୍‌ଙ୍କୁ ଜଣାଇଥିଲେ। ପୋଲିସ ତୁରନ୍ତ ସେଠାରେ ପହଞ୍ଚି ତାମିଲଙ୍କୁ ଗିରଫ କରିଥିଲା।

# ରୁଷିଆରେ ଭୂକମ୍ପ ପ୍ରଭାବରେ ଆଗ୍ନେୟଗିରିରୁ ଉଦ୍‌ଗିରଣ

ମସ୍କୋ, ୩।୮

ରବିବାର ପ୍ରାୟ ୬୦୦ ବର୍ଷ ପରେ ରୁଷିଆର କ୍ରାଶେନିନିକୋଭ୍ ଆଗ୍ନେୟଗିରିରେ ଉଦ୍‌ଗିରଣ ଘଟିଛି। କାମଚଟକା ଉପଦ୍ୱୀପରେ ଅବସ୍ଥିତ ଏହି ଆଗ୍ନେୟଗିରିରେ ପୂର୍ବରୁ ୧୪୬୩ ମସିହାରେ ଉଦ୍‌ଗିରଣ ଘଟିଥିଲା ବୋଲି କାମଚଟ୍‌କା ଆଗ୍ନେୟଗିରି ଉଦ୍‌ଗିରଣ ପ୍ରତିକ୍ରିୟା ଦଳର ମୁଖ୍ୟ ଓଲ୍‌ଗା ଗିରିନା ସୂଚନା ଦେଇଛନ୍ତି। ଉଦ୍‌ଗିରଣ ପ୍ରଭାବରେ ଆକାଶରେ ୬ ହଜାର ମିଟର ଉଚ୍ଚତା ପର୍ଯ୍ୟନ୍ତ ପାଉଁଶ ବିସ୍ତାରିତ ହୋଇ ରହିଥିବା ସେ କହିଛନ୍ତି। ପାଉଁଶଗୁଡ଼ିକ କ୍ରାଶେନିନିକୋଭ୍ ଆଗ୍ନେୟଗିରିଠାରୁ ପୂର୍ବ ଦିଗରେ ପ୍ରଶାନ୍ତ ମହାସାଗର ଆଡ଼କୁ ଗତି କରୁଛି। ଉକ୍ତ ରାସ୍ତାରେ କୌଣସି ଜନବସତି



ନାହିଁ ବୋଲି ରୁଷିଆର ଜରୁରିକାଳୀନ ସେବା ମନ୍ତ୍ରଣାଳୟର କାମଚଟ୍‌କା ଶାଖା ସୂଚନା ଦେଇଛି। ତେବେ ଏହି ଆଗ୍ନେୟଗିରି ଉଦ୍‌ଗିରଣର କିଛି ଘଣ୍ଟା ପରେ ରୁଷିଆର କୁରିଲ ଦ୍ୱୀପରେ ୬.୮ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏହାର ପ୍ରଭାବରେ ରୁଷିଆର କାମଚଟ୍‌କା ଉପଦ୍ୱୀପର କିଛି ଅଂଶ ପାଇଁ ସୁନାମି ଚେତାବନୀ ଜାରି କରାଯାଇଛି। ତେବେ ଆମେରିକାର ହାୱାଇ ପାଇଁ କୌଣସି ସୁନାମି ଚେତାବନୀ ନାହିଁ ବୋଲି ପ୍ରଶାନ୍ତ ମହାସାଗର ସୁନାମି ଚେତାବନୀ କେନ୍ଦ୍ର ସୂଚନା ଦେଇଛି। ଭୂବିଜ୍ଞାନୀଙ୍କ ଅନୁଯାୟୀ, ଗତ ୩୦ ତାରିଖରେ ରୁଷିଆରେ ଦେଖାଦେଇଥିବା ୮.୮ ତ୍ରୀବତାର ଭୂକମ୍ପର ପ୍ରଭାବରେ ରବିବାର କ୍ରାଶେନିନିକୋଭ୍ ଆଗ୍ନେୟଗିରିରେ ଉଦ୍‌ଗିରଣ ହେବା ସହ କୁରିଲ ଦ୍ୱୀପରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି।

# କମ୍‌ବ୍ୟାକ୍ କରୁଛନ୍ତି ପ୍ରିୟଙ୍କା



ମୁମ୍ବାଇ: ଗତ ୬ ବର୍ଷରୁ ଅଧିକ ସମୟ ଧରି ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା କୌଣସି ଭାରତୀୟ ଫିଲ୍ମରେ ନଜରକୁ ଆସିନାହାନ୍ତି। ତାଙ୍କୁ ଶେଷ ଥର ପାଇଁ ୨୦୧୯ରେ ରିଲିଜ୍ ହୋଇଥିବା 'ସ୍କାଏ ଇଜ୍ ପିଙ୍କ୍'ରେ ଦେଖିବାକୁ ମିଳିଥିଲା। ଏହାପରଠାରୁ ପ୍ରିୟଙ୍କା ଅନେକ ହଲିଉଡ୍ ଫିଲ୍ମରେ ନଜରକୁ ଆସିଥିଲେ ମଧ୍ୟ ବଲିଉଡ୍ ଫିଲ୍ମରେ ତାଙ୍କୁ ଦେଖିବାକୁ ମିଳିନାହିଁ। କିଛିଦିନ ତଳେ ଫିଲ୍ମ ନିର୍ମାତା ଏସ୍.ଏସ୍.ରାଜାମୌଳୀଙ୍କ ଏକ ପ୍ରୋଜେକ୍ଟରେ ପ୍ରିୟଙ୍କା ସାଇନ କରିଥିଲେ। ଉକ୍ତ ଫିଲ୍ମରେ ପ୍ରିୟଙ୍କାଙ୍କ ସହ ଅଭିନେତା ମହେଶ ବାବୁ ମଧ୍ୟ ନଜରକୁ ଆସିବେ। ତେବେ ଉକ୍ତ ଫିଲ୍ମର ଟାଇଟଲ ଏବଂ ରିଲିଜ୍ ତାରିଖ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଘୋଷଣା କରାଯାଇନାହିଁ। ତେବେ ଏକ ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଫିଲ୍ମ ନିର୍ମାତା ସଞ୍ଜୟ ଲୀଲା ଭନ୍‌ସାଲୀଙ୍କ ଆଗାମୀ 'ଲଭ୍ ଆଣ୍ଡ ୱାର୍' ଫିଲ୍ମରେ ପ୍ରିୟଙ୍କା ନଜରକୁ ଆସିପାରନ୍ତି। ଏନେଇ ସଞ୍ଜୟଙ୍କ ସହ ପ୍ରିୟଙ୍କାଙ୍କର ଆଲୋଚନା ହୋଇଥିବା ନେଇ ରିପୋର୍ଟରେ କୁହାଯାଇଛି। ୨୦୧୫ରେ ରିଲିଜ୍ ହୋଇଥିବା 'ବାଜିରାଓ ମସ୍ତାନୀ' ଫିଲ୍ମର ପ୍ରାୟ ଦଶନ୍ଧି ପରେ ପୁଣିଥରେ ସଞ୍ଜୟ ଏବଂ ପ୍ରିୟଙ୍କାଙ୍କ ଯୋଡ଼ିକୁ ଏକସଙ୍ଗେ ଦେଖିବାକୁ ମିଳିବ ବୋଲି ରିପୋର୍ଟରେ କୁହାଯାଇଛି। ତେବେ ପ୍ରିୟଙ୍କା କିମ୍ବା ସଞ୍ଜୟଙ୍କ ପକ୍ଷରୁ ଏନେଇ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା କରାଯାଇନାହିଁ। ପ୍ରକାଶ ଯେ, ଆସନ୍ତାବର୍ଷ ମାର୍ଚ୍ଚ ୨୦ରେ ରିଲିଜ୍ ହେବାକୁ ଥିବା 'ଲଭ୍ ଆଣ୍ଡ ୱାର୍' ଫିଲ୍ମରେ ଅଭିନେତା ରଣବୀର କପୁର, ଭିକି କୌଶଲ, ଅଭିନେତ୍ରୀ ଆଲିଆ ଭଟ୍ଟ ପ୍ରମୁଖଙ୍କୁ ଦେଖିବାକୁ ମିଳିବ।

## ୟେମେନ୍ ଉପକୂଳରେ ବୋଟ୍ ବୁଡ଼ି ୬୮ ମୃତ

କାଇରୋ,୩।୮: ୟେମେନ୍ ଉପକୂଳରେ ରବିବାର ରାତିରେ ଏକ ବୋଟ୍ ବୁଡ଼ିଯିବାରୁ ୬୮ ଜଣ ଆଫ୍ରିକୀୟ ଆପ୍ରବାସୀଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୭୪ ଜଣ ନିଖୋଜ ହୋଇଛନ୍ତି। ୧୫୪ ଜଣ ଇଥିଓପିଆନ୍ ଆପ୍ରବାସୀଙ୍କୁ ନେଇ ଯାଉଥିବା ବୋଟ୍‌ଟି ୟେମେନ୍‌ର ଦକ୍ଷିଣ ଭାଗରେ ଥିବା ଅବ୍ୟାନ୍ ପ୍ରଦେଶ ନିକଟବର୍ତ୍ତୀ ଆଡେନ୍ ଉପସାଗରରେ ବୁଡ଼ିଯାଇଥିବା ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ ଫର୍ ମାଇଗ୍ରେଶନ ଇନ୍ ୟେମେନ୍‌ର ମୁଖ୍ୟ ଅବଦୁସାଟୋର ଏସୋଭ୍ ଗଣମାଧ୍ୟମକୁ କହିଛନ୍ତି।



ବିଶିଷ୍ଟ ସାହିତ୍ୟ ସାଧିକା, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଧରିତ୍ରୀର ପ୍ରେରଣାଦାୟିନୀ ନନ୍ଦିନୀ ଶତପଥୀଙ୍କର ଊନବିଂଶ ଶ୍ରାଦ୍ଧ ବାର୍ଷିକୀରେ ଧରିତ୍ରୀ ପରିବାରର ବିନମ୍ର ଶ୍ରଦ୍ଧାଞ୍ଜଳି।

# ଜିଲ୍ଲାର ଭିତ୍ତିଭୂମି ସର୍ବଶ୍ରେଷ୍ଠ କରିବାକୁ ପରାମର୍ଶ

କେନ୍ଦୁଝର,୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)



କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟର ଦରବାରହଲଠାରେ ରବିବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

**ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ**

**ଜିଲାରେ ସବୁଠାରୁ ବଡ଼ ଇସ୍ପାତ କାରଖାନା, ୯ଟି ପ୍ଲାଣ୍ଟ୍ ପ୍ରତିଷ୍ଠା କରାଯିବ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ୨ ଦିନିଆ କେନ୍ଦୁଝର ଗସ୍ତ କରିଛନ୍ତି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟର ଦରବାରହଲଠାରେ ଜିଲାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ଜଙ୍ଗଲ ସୁରକ୍ଷା, ପର୍ଯ୍ୟଟନ, ଗ୍ରାମ୍ୟ ଉନ୍ନୟନ, ସଡ଼କ ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତୀକରଣ, କୃଷି ସମେତ ଶିଳ୍ପ ସମ୍ବନ୍ଧରେ ବିଶଦ ଭାବେ ଜିଲାପାଳ ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲାରେ ଉନ୍ନୟନ କାର୍ଯ୍ୟର ଉପଯୁକ୍ତ କାର୍ଯ୍ୟାନ୍ୱୟନ ଯୋଗୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ପ୍ରକଳ୍ପଗୁଡ଼ିକୁ ଆହୁରି ତ୍ୱରାନ୍ୱିତ କରି ଜିଲାରେ ଭିତ୍ତିଭୂମି ସର୍ବଶ୍ରେଷ୍ଠ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଏଥିସହ ମୁଖ୍ୟମନ୍ତ୍ରୀ ବୈଠକରେ ବିଭିନ୍ନ ସ୍ଥାନକୁ ଯୋଗାଯୋଗ ତଥା ଗମନାଗମନ ଉପରେ ଗୁରୁତ୍ୱ ଦେଇ ସମ୍ପୃକ୍ତ ପ୍ରକଳ୍ପଗୁଡ଼ିକର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ଏଥିରେ ରାଇସୁଆଁ ଏୟାର୍ ଷ୍ଟ୍ରିପ, କେନ୍ଦୁଝର ବାଇପାସ୍, ଆଇକନିକ ବ୍ରିଜ୍, ରେଲୱେ ଷ୍ଟେଶନ ରାସ୍ତା, ଗୁଡୁରପଡ଼ାରୁ କାଳିଆହତା ରାସ୍ତା, ପିଠାଗୋଳା ରାସ୍ତା (ହରିଚନ୍ଦନପୁରରୁ ତେଲକୋଇ), ଶୁଆକାଟି ଦୁଗୁନା ବ୍ରିଜ ବୈତରଣୀ ନଦୀ ଉପରେ, ମାଇନିଂ କରିଡ଼ର ଓ ଅନ୍ୟ ମୁଖ୍ୟ ରାସ୍ତା କାମର ସମୀକ୍ଷା କରି ଅଗ୍ରଗତି ଉପରେ ସନ୍ତୋଷ ପ୍ରକାଶ କରିଥିଲେ। ଏହାସହିତ ମନୋହରପୁରରୁ ପିଠାଗୋଳା ରାସ୍ତା, ଘଟଗାଁ–ହରିଚନ୍ଦନପୁର–ଦୈତାରି ରାସ୍ତା, ଢେଙ୍କିକୋଟରୁ ବାରହାଟିପୁରା ରାସ୍ତା, ଘଟଗାଁରୁ ଗୁଣ୍ଡିଚାଘାଗି ରାସ୍ତାର ଉନ୍ନତୀକରଣ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିବା ସହ ରାମଚନ୍ଦ୍ରପୁରରୁ ଦେଓଗାଁ ବ୍ରିଜ ଶୀଘ୍ର ଶେଷ କରିବା ସହ ନୂଆ ରାସ୍ତା ଓ ବ୍ରିଜଗୁଡ଼ିକର ନୂତନ ପ୍ରସ୍ତାବ ମଧ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମନ୍ଥର ଗତିରେ ହେଉଥିବା କାର୍ଯ୍ୟର ଯଥୋଚିତ ପଦକ୍ଷେପ ନେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟସେବା ଓ ଶିକ୍ଷା ସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଶିଳ୍ପ ସ୍ଥାପନ, ପର୍ଯ୍ୟଟନ ବିକାଶ ଓ ନବୀକରଣୀୟ ଶକ୍ତି ଉପରେ ଧ୍ୟାନ ଦେଇଥିଲେ। ସେହିଭଳି ଷ୍ଟିଲ୍ ପ୍ଲାଣ୍ଟ ନିର୍ମାଣ, ମା' ତାରିଣୀ ପୀଠର ଉନ୍ନତୀକରଣ, ବଡ଼ବିଲ ବାଇପାସ, କାଶିପୁର ଓ ପାୱାର ହାଉସ୍ ପୋଖରୀ କାର୍ଯ୍ୟ ବାବଦରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ଜିଲା ପରିଷଦର ଅଧ୍ୟକ୍ଷା ସାଗରିକା ସାହୁ, ପୋଲିସ ଡିଆଇଜି ବ୍ରିଜେଶ ରାଏ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପି. ରାମସାମୀ, ଜିଲାପାଳ ବିଶାଳ ସିଂହ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଏଚ୍‌ଡି ଧନରାଜ ଏବଂ କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ଯୋଗ ଦେଇଥିଲେ। ଜିଲାର ସମସ୍ତ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ କହିଥିଲେ, କେନ୍ଦୁଝରରେ ଏକ ଶିଳ୍ପ କେନ୍ଦ୍ର ହେବ। ସବୁଠାରୁ ବଡ଼ ଇସ୍ପାତ କାରଖାନା ଏବଂ ଅନ୍ୟ ୯ଟି ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ଏ ନେଇ କାର୍ଯ୍ୟ ଜାରି ରହିଛି। ଏଥିସହ ଅବହେଳିତ କେନ୍ଦୁଝର ଜିଲାର ବିକାଶ ପାଇଁ ଏହା ଠିକ୍ ସମୟ, ସମସ୍ତଙ୍କ ସମର୍ଥନରେ ସେ ବିକାଶ ପାଇଁ ପ୍ରତିବଦ୍ଧ। ଆଗାମୀ ସମୟରେ ଜିଲାରେ ସୂଚନା ପ୍ରଯୁକ୍ତିବିଦ୍ୟା, ବୟନଶିଳ୍ପ ଏବଂ ବ୍ୟବସାୟ କ୍ଷେତ୍ରକୁ ପ୍ରାଥମିକତା ଦିଆଯିବ। ମା' ତାରିଣୀ ମନ୍ଦିରର ବିକାଶ ପାଇଁ ରାଜ୍ୟ ସରକାର ୩୧୬ କୋଟିଟଙ୍କା ଏବଂ ବାର୍ବିଲ ବାଇପାସକୁ ଯଥାଶୀଘ୍ର ସମାପ୍ତ କରିବା ପାଇଁ ୨୫୦୦ କୋଟିଟଙ୍କା ମଞ୍ଜୁର କରିଛନ୍ତି।

## ୩ ମାଓବାଦୀ ଗିରଫ, ବିସ୍ଫୋରକ ଜବତ

ମାଲକାନଗିରି,୩।୮ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ୨ ଲକ୍ଷ ପୁରସ୍କାର ଘୋଷିତ ୩ ମାଓବାଦୀଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ପୋଡିୟମ ନନ୍ଦା, ହେମଲା ଜଗା ଓ ହେମଲା ଗଙ୍ଗା। ତାଙ୍କ ନିକଟରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ଡିଆର୍‌ଜି ଓ ସିଆରପିଏଫ୍ ବାହିନୀ ସୁକ୍‌ମା ଜିଲା କେର୍ଲାପାଲ ଗୋଗୁଣ୍ଡା ପାହାଡ ନିକଟ ଗୋଗୁଣ୍ଡା ସିମେଲ, ଖୁଣ୍ଟୁସପାରା, ପୋଗାଭେଜି ଓ ରବଡିପାରା ଅଞ୍ଚଳରେ ସର୍ଚ୍ଚ ସମୟରେ ପୋଗାଭେଜି ଓ ରବଡିପାରା ଜଙ୍ଗଲରୁ ୩ ମାଓବାଦୀଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। ଗିରଫମାନେ କେର୍ଲାପାଲ ଏରିଆ କମିଟି ଅନ୍ତର୍ଗତ ଗୋଗୁଣ୍ଡା ପଞ୍ଚାୟତ ମିଲିସିଆ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ।

## ବଜ୍ରପାତରେ ବିଲରେ ଟଳିପଡ଼ିଲେ ଚାଷୀ

ବୈଶିଙ୍ଗା,୩।୮ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ତିଳଦା ନିକଟସ୍ଥ ବିସ୍ରିପୁର ଗ୍ରାମରେ ରବିବାର ଅପରାହ୍ନ ୨ଟା ୩୦ ବେଳେ ବିଲରେ ଥିବାବେଳେ ବଜ୍ରପାତରେ ଜଣେ ଯୁବ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଉମେଶ ସିଂଙ୍କ ପୁଅ ଦେବାଶିଷ (୩୧)। ସୂଚନା ଅନୁଯାୟୀ, ସେ ନିଜ ଧାନବିଲରେ ଚଳିରୁଆ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ସେଠାରେ ଟଳି ପଡ଼ିଥିଲେ। ବିଲରେ ଥିବା ଗ୍ରାମର ଅନ୍ୟ ଲୋକେ ତାଙ୍କୁ ପ୍ରଥମେ ବୈଶିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ କୌଣସି ଡାକ୍ତର ନ ଥିବାରୁ ତାଙ୍କୁ ବେତନଟୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବୈଶିଙ୍ଗା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪୦/୨୫) ରୁଜୁ ହୋଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ତେବେ ବେତନଟୀ ଡାକ୍ତରଖାନାରେ ବ୍ୟବଚ୍ଛେଦ ପାଇଁ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ଯୋଗୁ ଦୀର୍ଘ ସମୟ ଧରି ମୃତଦେହ ସହ ପରିବାରବର୍ଗଙ୍କୁ ମେଡିକାଲ ବାରଣ୍ଡାରେ ବସି ରହିବାକୁ ପଡ଼ିଛି। ଏହାକୁ ନେଇ ମୃତକଙ୍କ ପରିବାର ଲୋକଙ୍କ ସମେତ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି।

ଇଂଜୀନିୟର୍ସ ଇଂଡିୟା ଲିମିଟେଡ (भारत सरकार का उपक्रम) ENGINEERS INDIA LIMITED (A Govt. of India Undertaking)

**ଭୁବନେଶ୍ୱରଠାରେ ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଆଣ୍ଡ ସାଇବର୍ ସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ କମ୍ପ୍ଲେକ୍ସ ନିମନ୍ତେ ଅଡିଓ-ଭିଜୁଆଲ ସିଷ୍ଟମ୍ ଓ ଇନ୍‌ଫର୍ମେଶନ୍ ସିଷ୍ଟମ୍ କାର୍ଯ୍ୟ**

ଇଆଇଏଲ୍, ଭାରତ ସରକାର (ଗ୍ରାହକ)ଙ୍କ ମାଲିକାନା ଅଧୀନରେ ଏକ ପ୍ରମୁଖ ସରକାରୀ ଆର୍ଥିକ ନିୟାମକ ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟ ବିଡରମାନଙ୍କଠାରୁ ଇ-ବିଡ୍ ଆହ୍ୱାନ କରୁଛନ୍ତି:

| ବର୍ଣ୍ଣନା | ୱେବ୍‌ସାଇଟରେ ବିଡିଂ ଦସ୍ତାବିଜ | ବିଡ୍ ଧାର୍ଯ୍ୟ ତାରିଖ ଓ ସମୟ |
|---|---|---|
| କାର୍ଯ୍ୟର ନାମ: ଭୁବନେଶ୍ୱରଠାରେ ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଆଣ୍ଡ ସାଇବରସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ କମ୍ପ୍ଲେକ୍ସ ପାଇଁ ଅଡିଓ- ଭିଜୁଆଲ ସିଷ୍ଟମ୍ ଓ ଇନ୍‌ଫର୍ମେଶନ୍ ସିଷ୍ଟମ୍ କାର୍ଯ୍ୟ। ବିଡିଂ ଦସ୍ତାବିଜ ନଂ.: ଜେପି/ବି୫୭୧-୦୦୧-ଇଏଚ୍-ଟି-୮୯୦୦/୧୦୦୮ | ତା୦୪।୦୮।୨୦୨୫ରିଖ ଠାରୁ ତା୨୫।୦୮।୨୦୨୫ରିଖ ପର୍ଯ୍ୟନ୍ତ | ତା୨୫।୦୮।୨୦୨୫ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ |

ସବିଶେଷ ଆଇଏଫ୍‌ବି ଏବଂ ବିଡିଂ ଦସ୍ତାବିଜ ସମେତ ଅଣ-ପ୍ରକାଶନ ରାଜିନାମା (ଏନ୍‌ଡିଏ) ୱେବ୍‌ସାଇଟ୍: http://eprocure.gov.in/eprocure/appରେ ଦେଖାଯାଇପାରିବ। ସବିଶେଷ ଆଇଏଫ୍‌ବି ଓ ବିଡିଂ ଦସ୍ତାବିଜ ଡାଉନ୍‌ଲୋଡିଂ କରିବା ପୂର୍ବରୁ ବିଡର ଏନ୍‌ଡିଏ କାର୍ଯ୍ୟକାରୀ କରିବା ଆବଶ୍ୟକ। ସମସ୍ତ ସଂଶୋଧନ, ସମୟ ବିସ୍ତାରଣ, ସ୍ପଷ୍ଟୀକରଣ ଆଦି କେବଳ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବ ଓ ସେଗୁଡ଼ିକୁ ଖବରକାଗଜରେ ପ୍ରକାଶିତ କରାଯିବ ନାହିଁ। ନିଜକୁ ସୂଚିତ ରଖିବା ପାଇଁ ବିଡରମାନେ ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ନିୟମିତ ଭାବେ ପରିଦର୍ଶନ କରିବା ଆବଶ୍ୟକ।

ଡିଜିଏମ୍ (ଏସ୍‌ସିଏମ୍-ସି ଆଣ୍ଡ ପି), ଇଆଇଏଲ୍

# ଗାଁରେ ପହଞ୍ଚିଲା ବଳଙ୍ଗା ପୀଡ଼ିତାଙ୍କ ମୃତଦେହ

ଭୁବନେଶ୍ୱର/ବଳଙ୍ଗା,୩।୮ (ସତ୍ୟଜିତ୍ ରାଉତ/କେଦାରେଶ୍ୱର ନନ୍ଦ)

**ଭୁବନେଶ୍ୱର ବିମାନ ବନ୍ଦରରୁ କାର୍‌କେଡ୍‌ରେ ନିଆଗଲା**

ବହୁଚର୍ଚ୍ଚିତ ବଳଙ୍ଗା ପୀଡ଼ିତା ସମିଦା ଖାତୁନ୍‌ଙ୍କ ମୃତଦେହକୁ ଦିଲ୍ଲୀରୁ ରବିବାର ରାତିରେ ଭୁବନେଶ୍ୱର ଅଣାଯାଇଥିଲା। ଏହାପରେ କମିଶନରେଟ୍ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ଏବଂ ସ୍ୱତନ୍ତ୍ର କାର୍‌କେଡ୍ ଯୋଗେ ସମିଦାଙ୍କ ମୃତଦେହ ରାତିପ୍ରାୟ ୧୨ଟା୪୫ରେ ତାଙ୍କ ନିଜ ଗ୍ରାମ ପୁରୀ ଜିଲା ବଳଙ୍ଗା ଥାନା ବାୟାବରରେ ପହଞ୍ଚିଥିଲା। ମରଶରୀରକୁ ତାଙ୍କ ବାସଭବନକୁ ନିଆଯିବା ପରେ ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ରୀତିନୀତି ଅନୁସାରେ ମରଶରୀରକୁ କବରସ୍ଥାନ ନେବା ପାଇଁ ତାବୁତ ପ୍ରସ୍ତୁତ କରାଯିବା ସହ କୋରାନ ପାଠ କରାଯାଇଥିଲା। ସୋମବାର ସକାଳେ କବରସ୍ଥାନ ନିଆଯାଇ ଅନ୍ତିମ ସଂସ୍କାର କରାଯିବ ବୋଲି ସମ୍ପର୍କୀୟଙ୍କ ସୂତ୍ରରୁ ଜଣାପଡ଼ିଛି।

ନୂଆଦିଲ୍ଲୀରୁ ବିମାନ ଯୋଗେ ରାତି ପ୍ରାୟ ୧୦ଟା୪୫ରେ ଭୁବନେଶ୍ୱର ବିମାନ ବନ୍ଦରରେ ସମିଦାଙ୍କ ମୃତଦେହ ପହଞ୍ଚିଥିଲା। ଆଇନଶୃଙ୍ଖଳା ସ୍ଥିତିକୁ ଦୃଷ୍ଟିରେ ରଖି ବିମାନବନ୍ଦରରେ ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ପୀଡ଼ିତାଙ୍କ ଶେଷ ଦର୍ଶନ ଲାଗି ବିମାନବନ୍ଦରରେ ଶାସକ ଓ ବିରୋଧୀ ଦଳର ବହୁ ନେତା ଏବଂ ଅନ୍ୟାନ୍ୟ ବ୍ୟକ୍ତିବିଶେଷଙ୍କ ଭିଡ଼ ଜମିଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିମାନ ବନ୍ଦରରେ ପହଞ୍ଚି ମରଶରୀରରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ଶେଷ ଦର୍ଶନ କରିଥିଲେ। ସେହିପରି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଭାଜପା ନେତା ସମୀର ରଞ୍ଜନ ଦାସ, ବିଜେଡି ନେତା ସଞ୍ଜୟ ଦାସବର୍ମା, ଉମାକାନ୍ତ ସାମନ୍ତରାୟ, ରୁଦ୍ର ମହାରଥୀ, ପ୍ରଦୀପ ମାଝୀ, ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର ପ୍ରମୁଖ ଶେଷଦର୍ଶନ କରିଥିଲେ। ଏହି ସମୟରେ ବିଶୃଙ୍ଖଳା ନ କରିବାକୁ ଡାକବାଜି ଯନ୍ତ୍ର ଜରିଆରେ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଥିଲା। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ସ୍ୱତନ୍ତ୍ର ମହାପ୍ରୟାଣ ଯାନ ଯୋଗେ ପୀଡ଼ିତାଙ୍କ ମୃତଦେହକୁ ବାୟାବର ଗାଁ ଅଭିମୁଖେ ନିଆଯାଇଥିଲା। ତେବେ କାରକେଡ୍‌କୁ କମିଶନରେଟ୍ ପୋଲିସର ଜଣେ ଅତିରିକ୍ତ ଡିସିପି ର୍‍ୟାଙ୍କର ଅଧିକାରୀ ନେତୃତ୍ୱ ନେଇଥିବାବେଳେ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ସୁରକ୍ଷା ଦାୟିତ୍ୱରେ ରହିଥିଲେ। ବାୟାବର ଗ୍ରାମରେ ମଧ୍ୟ ସୁରକ୍ଷାଦୃଷ୍ଟିରୁ ପୁରୀ ଜିଲା ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଥିବାବେଳେ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।


ବାୟାବର ଗ୍ରାମରେ ପୀଡ଼ିତାଙ୍କ ମରଶରୀର ପହଞ୍ଚିବା ପରେ ଅନ୍ତିମ ସଂସ୍କାର ପାଇଁ ପ୍ରସ୍ତୁତି ଚାଲିଛି।




(ବାମରୁ) ବିମାନ ବନ୍ଦରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୀଡ଼ିତାଙ୍କ ଶେଷ ଦର୍ଶନ କରୁଛନ୍ତି। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି। ବିଜେଡି ନେତୃମଣ୍ଡଳୀ ପୀଡ଼ିତାଙ୍କ ପ୍ରାର୍ଥିବ ଶରୀର ଦର୍ଶନ ପାଇଁ ଅପେକ୍ଷା କରି ରହିଛନ୍ତି।

## ବଳଙ୍ଗା ଘଟଣାକୁ ରାଜନୈତିକ ରୂପ ଦିଆ ନ ଯାଉ: ଭାଜପା

ଭୁବନେଶ୍ୱର,୩।୮ (ରବିନାରାୟଣ ଜେନା)



ମନୋଜ ମହାପାତ୍ର

ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଘଟଣାକୁ ବିରୋଧୀ ବିଜେଡି ଓ କଂଗ୍ରେସ ରାଜନୈତିକ ରୂପ ନ ଦିଅନ୍ତୁ ବୋଲି ରବିବାର ଭାଜପା ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ଶାଗୁଣା ଯେମିତି ଶବକୁ ଚାହିଁ ବସିଥାଏ, ସେହିଭଳି ବିରୋଧୀ ଶବ ଉପରେ ରାଜନୀତି କରିବାକୁ ମଧ୍ୟ ପଛାଉ ନାହାନ୍ତି।

ସେ କହିଛନ୍ତି, ଏହା ଏକପ୍ରକାର ହୀନ ରାଜନୀତି। ପୂର୍ବ ସରକାରରେ କୌଣସି ସାଧାରଣ ବ୍ୟକ୍ତିଙ୍କୁ ଉତ୍ତମ ଚିକିତ୍ସା ପାଇଁ ଏୟାରଲିଫ୍ଟ କରାଯାଇଥିଲା କି? ମାତ୍ର ବଳଙ୍ଗା ପୀଡ଼ିତାଙ୍କୁ ବଞ୍ଚାଇବା ପାଇଁ ସରକାର ସବୁ ଉଦ୍ୟମ କରିଛନ୍ତି। ସେ କହିଥିଲେ, ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ଘରେ ଏକ ମୃତ୍ୟୁ ଘଟଣା ଏବଂ ରୁକୁନି ସାହୁଙ୍କ ସ୍ୱାମୀଙ୍କ ହତ୍ୟା ପ୍ରସଙ୍ଗରେ ବିଜେଡି କାହିଁକି ନୀରବ ରହିଥିଲା? ସେହିଭଳି କଳିଙ୍ଗ ନଗର ଗୁଳିକାଣ୍ଡରେ ନ୍ୟାୟିକ ତଦନ୍ତର ଫଳାଫଳକୁ ନେଇ ମଧ୍ୟ ମନୋଜ ବିରୋଧୀଙ୍କୁ ପ୍ରଶ୍ନ କରିଥିଲେ।

## ଅଭିଯୁକ୍ତଙ୍କୁ ଖସାଇବା ପାଇଁ ପୋଲିସର ଷଡ଼ଯନ୍ତ୍ର: ବିଜେଡି

ଭୁବନେଶ୍ୱର,୩।୮ (ରବିନାରାୟଣ ଜେନା)

ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ପାଇଁ ରାଜ୍ୟ ସରକାର ଦାୟୀ। ଅଭିଯୁକ୍ତଙ୍କୁ ଖସାଇବା ପାଇଁ ପୋଲିସ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ରଚିଛି ବୋଲି ବିଜେଡି ଅଭିଯୋଗ କରିଛି। ରବିବାର ବିଜୁ ଜନତା ଦଳ ତରଫରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ତଥା ବିରୋଧୀଦଳ ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ କହିଥିଲେ, ବଳଙ୍ଗା ଘଟଣାକୁ ଦୁଇ ସପ୍ତାହ ବିତିଯିବା ପରେ ମଧ୍ୟ ସମ୍ପୃକ୍ତ ଅପରାଧୀମାନେ ଧରା ନ ପଡ଼ିବା ପୋଲିସର ପାରିବାପଣିଆକୁ ସ୍ପଷ୍ଟ କରୁଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ବାଚନମଣ୍ଡଳୀରେ ଘଟଣା ଘଟିଥିବାରୁ, ଏହି ମାମଲାରେ ତାଙ୍କର କିଛି ଘନିଷ୍ଠ ସହଯୋଗୀ ଥିବା ନେଇ ଜନସାଧାରଣରେ ସନ୍ଦେହ ପ୍ରକାଶ ପାଉଛି।

ବିଜେଡିର ବରିଷ୍ଠ ନେତ୍ରୀ ରୁକୁନି ସାହୁ କହିଥିଲେ, ଗତ ଏକ ବର୍ଷର ଭାଜପା ଶାସନରେ ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ପ୍ରତ୍ୟେକ ମା'ମାନେ ଝିଅମାନଙ୍କୁ ପଦାକୁ ଛାଡ଼ିବାକୁ ଭୟ କରୁଛନ୍ତି। ଦୁଇ ଦୁଇଟି ସମ୍ବେଦନଶୀଳ ଘଟଣା ଘଟିଗଲା, କଲେଜ ଘଟଣାରେ, ଯେଉଁ ପୋଲିସ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ ସେମାନେ ଏବେ ବି ନିଜ ସ୍ଥାନରେ ସୁରକ୍ଷିତ ଅଛନ୍ତି। ସେହିପରି, ସ୍ଥାନୀୟ ବିଧାୟକ ଓ ଏମ୍‌ପିଙ୍କ ଭୂମିକା ସନ୍ଦେହ ଘେରରେ ରହିଥିଲେ ମଧ୍ୟ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଗଲା ନାହିଁ। ବଳଙ୍ଗା ଘଟଣାରେ, ପୀଡ଼ିତାଙ୍କ ମୃତ୍ୟୁ ପରେ ପୋଲିସ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ନାହିଁ ବୋଲି କହି ଏକ ନୂଆ ଥିଓରି ଆଣିଛି ବୋଲି ସେ ଅଭିଯୋଗ କରିଛନ୍ତି।

ସରକାର ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ, ତାଙ୍କ ପରିବାରକୁ କୋଡ଼ିଏ ଲକ୍ଷ ଟଙ୍କା ଦେଇ ତାଙ୍କ ଉପରେ ଚାପ ପକେଇ ପରିବାରର ମୁହଁ ବନ୍ଦ କରୁଛନ୍ତି। ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ବିଜେଡି ଲଢ଼େଇ ଜାରି ରଖିବ ବୋଲି ସେ କହିଥିଲେ।

ମୁଖପାତ୍ର ଡ. ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ, ରାଜ୍ୟରେ ଗୋଟିଏ ମାସ ଭିତରେ ଘଟିଥିବା ଦୁଇ ଦୁଇଟି ଘଟଣାକୁ ଆତ୍ମହତ୍ୟା କୁହାଯାଉଥିଲେ ବି ବାସ୍ତବରେ ଏହା ସରକାରୀ ହତ୍ୟା। ରାଜ୍ୟ ସରକାର ଏକ ନାରୀହନ୍ତା ସରକାରରେ ପରିଣତ ହୋଇଛି। ଏଫ୍‌ଏମ୍



## ଉପମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲା କଂଗ୍ରେସ



ଭୁବନେଶ୍ୱର,୩।୮ (ରବିନାରାୟଣ ଜେନା)

**ବଳଙ୍ଗା ନାବାଳିକା ପୋଡ଼ି ମାମଲା**

ଜୀବନ ଓ ମୃତ୍ୟୁ ସହ ୧୫ଦିନ ଧରି ସଂଗ୍ରାମ କରିବା ପରେ ବଳଙ୍ଗା ପୀଡ଼ିତା ଶେଷରେ ଆଖି ବୁଜିଛନ୍ତି। ଏହା ରାଜ୍ୟ ସରକାରଙ୍କ ବିଫଳତାକୁ କେବଳ ଯେ ଦର୍ଶାଉଛି ତାହା ନୁହେଁ, ରାଜ୍ୟରେ ମହିଳାମାନେ କେତେ ଅସୁରକ୍ଷିତ ତାହା ସ୍ପଷ୍ଟ କରୁଛି ବୋଲି କଂଗ୍ରେସ କହିଛି। ଆଗାମୀ ଦିନରେ ଦଳ ଏହାର ଉଚିତ୍ ଜବାବ ଦେବ ବୋଲି କୁହାଯାଇଛି।

ରବିବାର କଂଗ୍ରେସଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ସୋନାଲି ସାହୁ ଏହି ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ଦାୟୀ କରିବା ସହିତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବହିଷ୍କାର ଦାବି କରିଛନ୍ତି। ଚାରିଥର ବୟାନ ଦେଇଥିବା ପୀଡ଼ିତା ଜଣକ ମାନସିକସ୍ତରରେ ସକ୍ଷମ ଥିଲେ। ଧୀରେ ଧୀରେ ସୁସ୍ଥ ହୋଇ ଆସୁଥିବା ଉପମୁଖ୍ୟମନ୍ତ୍ରୀ ନିଜେ ଗଣମାଧ୍ୟମରେ କହିଥିଲେ। ହେଲେ ହଠାତ୍ ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁ ରାଜ୍ୟବାସୀଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସୋନାଲି କହିଛନ୍ତି।

ସେହିପରି ମୁଖପାତ୍ର ମଧୁସ୍ମିତା ଆଚାର୍ଯ୍ୟ, ବରିଷ୍ଠ ସଦସ୍ୟା ପ୍ରଣତି ମିଶ୍ର ଓ ଡ.ମନୀଷା ଦାସ ପଟ୍ଟନାୟକ କହିଥିଲେ, ବାଲେଶ୍ୱର ଛାତ୍ରୀଙ୍କ କ୍ଷେତ୍ରରେ ଯାହା ଘଟିଥିଲା, ସେହି ସମାନ କଥା ବଳଙ୍ଗା ଘଟଣାରେ ଦେଖିବାକୁ ମିଳିବା ରାଜ୍ୟ ପୋଲିସର ପାରିବାପଣିଆକୁ ପଦାରେ ପକାଇଛି। ମୁଖପାତ୍ର ଜୟଶ୍ରୀ ପାତ୍ର କହିଥିଲେ, ଉପମୁଖ୍ୟମନ୍ତ୍ରୀ ଯିଏ କି ଜଣେ ମହିଳା ଏବଂ ପୀଡ଼ିତା ତାଙ୍କ ନିଜ ଅଞ୍ଚଳର ହୋଇଥିଲେ ମଧ୍ୟ ତାଙ୍କ ଭୂମିକା ଅନେକ ସନ୍ଦେହଜନକ। ଉପମୁଖ୍ୟମନ୍ତ୍ରୀଙ୍କ ସାଙ୍ଗରେ ଦିଲ୍ଲୀ ଏମ୍‌ସ ଯାଇଥିବା ଏବଂ ସାମାଜିକ ଗଣମାଧ୍ୟମରେ ତାଙ୍କ ସହ ଘୂରି ବୁଲୁଥିବା ଫଟୋରେ ବାୟାବରର ଯୁବକ ଜଣକ କିଏ ଏବଂ ସିଏ କାହିଁକି ପୀଡ଼ିତାଙ୍କ ସମ୍ପର୍କୀୟଙ୍କୁ ଗଣମାଧ୍ୟମରେ ବିବୃତି ଦେବାକୁ ବାରଣ କରୁଥିଲେ? ଉପମୁଖ୍ୟମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଗଲେ ସବୁ ସ୍ପଷ୍ଟ ହୋଇଯିବ।

## ଅପରାଧୀଙ୍କୁ କ୍ଲିନ୍‌ଚିଟ୍ ସରକାରଙ୍କୁ ମହଙ୍ଗା ପଡ଼ିବ: ଅଳକା ଲାମ୍ବା

ଭୁବନେଶ୍ୱର,୩।୮ (ରବିନାରାୟଣ ଜେନା)

ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସରକାରଙ୍କୁ ଗୁହାରି କରି, ନ୍ୟାୟ ମାଗି ମାଗି ଶେଷରେ ନିରାଶ ହୋଇ ନିଜକୁ ନିଆଁ ଲଗାଇ ପୋଡ଼ିଦେଲେ। ସେହିପରି ବଳଙ୍ଗାର ନାବାଳିକା ଜଣକ ନିଆଁରେ ପୋଡ଼ି ହୋଇ ୧୫ଦିନ ପର୍ଯ୍ୟନ୍ତ ଛଟପଟ ହେବା ପରେ ମଧ୍ୟ ନ୍ୟାୟ ନ ପାଇ ହାରିଲେ। ଏଭଳି ସମ୍ବେଦନଶୀଳ ମାମଲାରେ ଅପରାଧୀଙ୍କ ପାଖରେ ପୋଲିସ ପହଞ୍ଚିପାରୁନାହିଁ ବୋଲି ଏଆଇସିସି ମହିଳା ସଭାନେତ୍ରୀ ଅଳକା ଲାମ୍ବା କହିଛନ୍ତି।

ରବିବାର ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟ କାର୍ଯ୍ୟାଳୟ ଇନ୍ଦିରା ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଓଡ଼ିଶା ଭଳି ଭାଜପା ଶାସିତ ରାଜ୍ୟରେ ମହିଳାମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ ରହିଛନ୍ତି। ବଳଙ୍ଗା ଛାତ୍ରୀ ପୋଡ଼ି ମାମଲାରେ ଏପର୍ଯ୍ୟନ୍ତ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାବେଳେ ଅପରାଧୀଙ୍କୁ ସରକାର କ୍ଲିନ୍‌ଚିଟ୍ ଦେବା ଅତ୍ୟନ୍ତ କ୍ଷୋଭର ବିଷୟ। ବାଲେଶ୍ୱର ଓ ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଓ ଦୋଷୀଙ୍କୁ ଫାଶୀ ଦଣ୍ଡ ଦେବା ଯାଏ କଂଗ୍ରେସ ଲଢ଼ିବ।

ଅଳକା କହିଥିଲେ, ଏହି ଘଟଣାରେ ପୋଲିସ ମତ ବଦଳାଉଥିବା ବେଳେ ମୁଖ୍ୟମନ୍ତ୍ରୀ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। କହୁଛନ୍ତି, ନାବାଳିକା ନିଜେ ନିଜକୁ ଜଳାଇ ଦେଲା। ମୁଖ୍ୟମନ୍ତ୍ରୀ ଏ କଥା କହି ତିନି ଅଭିଯୁକ୍ତଙ୍କୁ କ୍ଲିନ୍‌ଚିଟ୍ ଦେଇଦେଲେ। ପୀଡ଼ିତା ପରିବାରଙ୍କୁ ସୁରକ୍ଷା ସହ ଉଚିତ ସହାୟତା ତୁରନ୍ତ ପ୍ରଦାନ କରନ୍ତୁ। ସରକାର ଫାଷ୍ଟଟ୍ରାକ୍ କୋର୍ଟ ମାଧ୍ୟମରେ ଦୋଷୀଙ୍କୁ ଯଥାଶୀଘ୍ର ଦଣ୍ଡ ଦିଅନ୍ତୁ ବୋଲି ଅଳକା ଦାବି କରିଛନ୍ତି।

ସେ ଆହୁରି କହିଛନ୍ତି, ପୁରୀ ଜିଲା ବଳଙ୍ଗା ପୀଡ଼ିତାଙ୍କୁ ତିନି ଜଣ ଦୁର୍ବୃତ୍ତ ଅପହରଣ କରି ଜୀବନ୍ତ ପୋଡ଼ିଦେଲେ। ତାଙ୍କୁ ପ୍ରଥମେ ଭୁବନେଶ୍ୱର ଏମ୍‌ସ ଓ ପରେ ଦିଲ୍ଲୀ ଏମ୍‌ସ ଅଣାଯାଇଥିଲା ତା' ଜୀବନ ବଞ୍ଚାଇବା ପାଇଁ। କିନ୍ତୁ ଶନିବାର ରାତିରେ ଦିଲ୍ଲୀ ଏମ୍‌ସରେ ପୀଡ଼ିତା ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଜୁଲାଇ ୧୯ରୁ ଅଦ୍ୟାବଧି ପୋଲିସ ଅପରାଧୀଙ୍କୁ ଧରିବାରେ ସଫଳ ହୋଇପାରିନାହିଁ। ଏବେ କିନ୍ତୁ ୧୫ ବର୍ଷର ନାବାଳିକା ଉପରେ ଦୋଷ ଲଦୁଛନ୍ତି। ପରୋକ୍ଷରେ ଝିଅଟି ନିଜେ ନିଜକୁ ଜାଳିଦେଲା ବୋଲି କହୁଛନ୍ତି। ପୋଲିସ କହିଛି, ଏ ଘଟଣାରେ କୌଣସି ବ୍ୟକ୍ତି ସାମିଲ ନାହାନ୍ତି। ଆମେ ନାବାଳିକାକୁ ଭେଟିବା ପାଇଁ ଅନେକ ଉଦ୍ୟମ କଲୁ। କିନ୍ତୁ ଭେଟିବାକୁ ଦେଲେ ନାହିଁ। ଆମ ସ୍ୱରକୁ ଚାପିବାକୁ ଉଦ୍ୟମ କରାଯାଇଛି, ଯାହା କି ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ଅଳକା କହିଛନ୍ତି।

**ସମୁଦ୍ରକୁ ମାଛ ଧରିବାକୁ ଯାଇ ୩ ମତ୍ସ୍ୟଜୀବୀ ନିଖୋଜ**

ଭୋଗରାଇ(ପ୍ରଦୀପ ଦାସ)/କାଳିପଦା(ରାଜଶ୍ରୀ ପାଣିଗ୍ରାହୀ): ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ବେଳେ ନିଖୋଜ ହୋଇଯାଇଥିବା ମତ୍ସ୍ୟଜୀବୀଙ୍କ ମଧ୍ୟରୁ ରବିବାର ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ୩ ଜଣଙ୍କର ପତ୍ତା ମିଳୁନାହିଁ। ଏହି ମତ୍ସ୍ୟଜୀବୀମାନେ ବାଲିଆପାଳ ବ୍ଲକ୍ ଚଉମୁଖ ପଞ୍ଚାୟତ ଅନ୍ତର୍ଗତ କଙ୍କଡ଼ାପାଳ ଗ୍ରାମର। ଶନିବାର ପୂର୍ବାହ୍ନରେ ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଥିଲା ବେଳେ ସେମାନଙ୍କ ଡଙ୍ଗା ଓଲଟି ପଡ଼ିଥିଲା। ଉଦ୍ଧାର ମତ୍ସ୍ୟଜୀବୀ ହେଲେ ଜଗନ୍ନାଥ ପାଳ (୩୩)। ଡଙ୍ଗା ମାଲିକ ମଧୁସୂଦନ ଗିରି (୩୫), ବଡ଼ ଭାଇ ରବିନ୍ଦ୍ର ଗିରି (୩୮) ଓ ତାଙ୍କ ବାପା ଗୋପାଳ ଗିରି (୬୦)ଙ୍କ ପତ୍ତା ମିଳୁନାହିଁ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ରାଜଭବନ ନିକଟ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୯ଟା।
- ମୋବାଇଲ ମାଇଗ୍ରେଶନ ରିସୋର୍ସେସ୍ ସେଣ୍ଟର(ଭ୍ରାମ୍ୟମାଣ ଭ୍ୟାନ) ଉଦ୍‌ଘାଟନ, ସ୍ଥାନ:କୃଷିଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୋଲୋ ଆର୍ଟ ଏକ୍ସିବିଶନ୍ 'ଦେଶ୍', ସ୍ଥାନ:ଭୁବନେଶ୍ୱର କ୍ଲବ୍, ସମୟ: ପୂର୍ବାହ୍ନ ୧୧ଟା।
- ଭାରତୀୟ ମଜଦୁର ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ୟୁନିଟ୍ ୨ ବିଏମ୍‌ସି ରାଜ୍ୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଅର୍ଥୋପେଡିକ୍ ଆସୋସିଏଶନ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ୍ ପ୍ରେସିଡେଣ୍ଟ୍ସି, ଆଇଆର୍‌ସି ଭିଲେଜ୍, ସମୟ:ମଧ୍ୟାହ୍ନ ୧୨ଟା ୩୦।
- ସ୍ୱରାଞ୍ଜଳି ପକ୍ଷରୁ ମେହ୍‌ଫିଲ୍-ଏ-ଗଜଲ-୪, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଅତିବଡ଼ି ଜଗନ୍ନାଥ ଦାସଙ୍କ ପୀଠରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରାଧାବଲ୍ଲଭ ମଠରେ ଝୁଲଣ ଯାତ୍ରା, ସ୍ଥାନ: ରାଧାବଲ୍ଲଭ ମଠ, ସମୟ: ସନ୍ଧ୍ୟା ୬ଟା।
- ଝୁଲଣ ଯାତ୍ରା, ସ୍ଥାନ: ଉତ୍ତରପାର୍ଶ୍ୱ ମଠ, ସମୟ: ସନ୍ଧ୍ୟା ୬ଟା।
- ଝୁଲଣ ଯାତ୍ରା, ଶ୍ରୀଜଗନ୍ନାଥବଲ୍ଲଭ ମଠ, ସମୟ: ସନ୍ଧ୍ୟା ୭ଟା।
- ଝୁଲଣ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୌରବିହାର ଆଶ୍ରମ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଜିଲାସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା ୩୦।

## ବାଲେଶ୍ୱର

- ରକ୍ତଦାନ ଶିବିର, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ହଟକେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ହାଟଡିହୀ, ଛେନାପଦି, ସମୟ:ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ହ୍ୟାଣ୍ଡଲୁମ୍ ଫେବ୍ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟ, ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ଗଜପତି

- ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ପାରଳାଖେମୁଣ୍ଡି,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଷ୍ଟାଡିୟମ ପରିସର, ସମୟ: ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସଦର ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ଖବରଦାତା ସଂଘ ଢେଙ୍କାନାଳ ଶାଖାର ସାଧାରଣ ବୈଠକ, ସ୍ଥାନ: ନନ୍ଦିନୀ ଦେବୀ ଅନ୍ଧ,ମୂକ,ବଧୀର ବିଦ୍ୟାଳୟ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଜଗତ୍‌ସିଂହପୁର

- ଶ୍ରାବଣ ମାସର ଶେଷ ଜଳାଭିଷେକ, ସ୍ଥାନ: ପଞ୍ଚପଲ୍ଲୀ ଗ୍ରାମେଶ୍ୱର ପୀଠ, ଏରସମା, ସମୟ: ପ୍ରାତଃ ୪ଟା।
- ଜିଲାପାଳଙ୍କ ଜନ ଶୁଣାଣି ଶିବିର, ସ୍ଥାନ: ଏରସମା ବ୍ଲକ ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ସୁଶ୍ରୀଶୁଭଶ୍ରୀ ସାହିତ୍ୟ ସଂସଦ ତରଫରୁ ପରିବେଶ ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସାନମଠ, ଇନ୍‌ସିଂ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୦ଟା।
- ଜଗତ୍‌ସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ନନ୍ଦିନୀ ଶତପଥୀଙ୍କ ୧୯ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ: ଗାଦିବ୍ରହ୍ମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କାଦୁଆପଡ଼ା, ଜଗତ୍‌ସିଂହପୁର, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଯାଜପୁର ଜିଲା ପରିଷଦ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଶ୍ରାବଣ ଅଭିଷେକ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ ଗୋକୁଳାନନ୍ଦ ପୀଠ ସିଦ୍ଧାମୂଳା, ସମୟ: ସକାଳ ୭ଟା।
- ବର ଅଶ୍ୱସ୍ତ ବିବାହ ଉତ୍ସବ, ସ୍ଥାନ: ଓଡ଼ଗାଁ ତହସିଲ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷା ହାଟର ଚତୁର୍ଥ ଦିବସ, ସ୍ଥାନ: ନୟାଗଡ଼ ଜିଲା ସଂସ୍କୃତି ଭବନ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଝୁଲଣ ଯାତ୍ରା ଆରମ୍ଭ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ରାତି ୯ଟା।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରାୟଗଡା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଉପଖଣ୍ଡ ସ୍ତରୀୟ ସାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ର ସଦ୍‌ଭାବନା ଗୃହ, ଗୁଣପୁର, ସମୟ: ୧୧ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳନ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ଝରିଗାଁ ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: କୁନ୍ଦୁରା ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଗିର୍ଲା ପଞ୍ଚାୟତ ସଭାଗୃହ, କୋଟପାଡ଼ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ମସ୍ତିପୁଟ ପଞ୍ଚାୟତ କାର୍ଯ୍ୟାଳୟ, ମସ୍ତିପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ପାଡୁଆ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ରାଜପାଲମା, ସେମିଳିଗୁଡ଼ା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ସମ୍ବଲପୁରୀ ଏକତା ମଞ୍ଚର ସମ୍ବଲପୁରୀ ଦିନ୍ ସମୀକ୍ଷା ବୈଠକ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ମଧ୍ୟାହ୍ନ ୧୨ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୁଡଭେଲା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦
- ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ବ୍ୟାସ ଜୟନ୍ତୀ ଓ ଭାଗବତ ଚର୍ଚ୍ଚା, ସ୍ଥାନ: ରାଧାକୃଷ୍ଣ ମନ୍ଦିର, ବ୍ରାହ୍ମଣପଡ଼ା, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା

## ରାଉରକେଲା

- ଶ୍ରାବଣ ମାସ ଶେଷ ସୋମବାର ପାଇଁ କାଉଡ଼ିଆ ଯାତ୍ରା, ସ୍ଥାନ: ସେକ୍ଟର-୨, ସମୟ: ଭୋର ୫ଟା।
- ରୋଟାରୀ ଲିଡରଶିପ୍, ସ୍ଥାନ: ବ୍ରାହ୍ମଣୀ କ୍ଲବ, ସମୟ: ସକାଳ ୯ଟା ୩୦।
- ଆର୍‌ଏସ୍‌ପି ୟୁନାଇଟେଡ୍ କଣ୍ଟ୍ରାକ୍ଟର୍ସ ଆସୋସିଏଶନ ବୈଠକ, ସ୍ଥାନ: ସେକ୍ଟର-୪ କମ୍ୟୁନିଟି ସେଣ୍ଟର, ସମୟ: ମଧ୍ୟାହ୍ନ ୧୨ଟା।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଝାଡ଼େଶ୍ୱର ମନ୍ଦିର, ରେଙ୍ଗାଲପାଲି, ବରଗଡ଼, ସମୟ: ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଭେଡେନ, ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଇନ୍ଦ୍ରପୂଜା ଉଦ୍‌ଯାପିତ, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଶ୍ରୀଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସିଟିଜେନ କମିଟି (ଏନଏସି) ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଆଲୋଚନା, ସ୍ଥାନ: ଏନ୍‌ଏସି ସଦଭାବନା ଗୃହ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୋନପୁର ବ୍ଲକ କିର୍ତ୍ତୀପୁର ଶିବ ମନ୍ଦିରରେ ଜଳଶାୟୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ତରଭା ତେନ୍ତୁଳିଘାଟ କୁଶଳେଶ୍ୱର ମନ୍ଦିରରେ ଜଳାଭିଷେକ ଓ ଶିବ ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ସୁବର୍ଣ୍ଣପୁର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୋନପୁର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଦୁର୍ଜନତଏଲା ପଞ୍ଚାୟତ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା୩୦।
- ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନ ପକ୍ଷରୁ ଶେଷ ସୋମବାର ଶିବଙ୍କ ଉପରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଉପନୟନ ଏବଂ ବେଦାରମ୍ଭ ସଂସ୍କାର ତଥା ୧୬ତମ ଚର୍ତୁବେଦ ଯଜ୍ଞ ଦ୍ୱିତୀୟ ଦିବସ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଗୋଡ଼ଫୁଲା ପଞ୍ଚାୟତ ଗୁରୁକୁଳ ହରିପୁର ଜୁନାନୀ, ସମୟ: ପ୍ରାତଃ ୫ ଟା ୪୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସଦ୍‌ଭାବନା ସଭାଗୃହ, ନୂଆପଡ଼ା ସମୟ: ପୂର୍ବାହ୍ନ ୧୦ ଟା।
- ବାନର ସେନା ପକ୍ଷରୁ ଭଣ୍ଡାରେ କାର୍ଯ୍ୟକ୍ରମ, ସ୍ଥାନ: ପାତାଳେଶ୍ୱର ଶିବ ମନ୍ଦିର, ବୃନ୍ଦିକୋମନା, ସମୟ: ମଧ୍ୟାହ୍ନ ୧୨ଟା।
- ବୋଲବମ ସେବା ସମିତି ତରବୋଡ ପକ୍ଷରୁ ଅନ୍ନଭୋଜନ ଓ ଜଳଛତ୍ର, ସ୍ଥାନ: ନୂତନ ଗେରେଜ ବେମାଲ କମ୍ପ୍ଲେକ୍ସ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି, ସ୍ଥାନ: ନୂଆପଡା ସଦର ବ୍ଲକ ସାଲିହା ପଞ୍ଚାୟତ ଖାଲବାହାଲ ସାପ୍ତାହିକ ହାଟ ପଡ଼ିଆ, ସମୟ: ଅପରାହ୍ନ ୩ ଟା।
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ହାଟ ତୃତୀୟ ଦିବସ, ସ୍ଥାନ: ମିନି ଷ୍ଟାଡିୟମ, ନୂଆପଡ଼ା, ସମୟ ଅପରାହ୍ନ ୫ ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ପରିବାରର ଆବଶ୍ୟକତା ପୂରଣ ସକାଶେ ଧାର କରଜ କରିବାକୁ ବାଧ୍ୟ ହୋଇପାରନ୍ତି। ଯାନ୍ତ୍ରିକ ଶିଳ୍ପ, ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଅଶ୍ୱିନୀ ନକ୍ଷତ୍ର ସକାଶେ ଜମିଜମା କିଣାବିକା କ୍ଷେତ୍ରରେ ମନସ୍ତାପ କରିବାକୁ ପଡ଼ିପାରେ।

**ବୃଷ** ରୋହିଣୀ ନକ୍ଷତ୍ର ଅନ୍ୟଦ୍ୱାରା ପ୍ରଭାବିତ ହୋଇ ବନ୍ଧୁଙ୍କ ଭରସା ଆପଣଙ୍କ ଉପରୁ ତୁଟିଯାଇପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପାରିବାରିକ ସମସ୍ୟା ଭିତରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ବନ୍ଧୁଙ୍କ ପରାମର୍ଶରେ ମୂଲ୍ୟବାନ୍ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି।

**ମିଥୁନ** ସମ୍ପର୍କୀୟଙ୍କ ବିବାଦୀୟ ପରିସ୍ଥିତିରେ ମଧ୍ୟସ୍ଥତା କରି ଅଯଥା ଶିରୋନାସ୍ତି ଶିରଃପୀଡ଼ା ଅନୁଭବ କରିବେ। ବ୍ୟବସାୟରେ ସମସ୍ୟା ବଡ଼ ଆକାର ଧାରଣ କରିବାର ଆଶଙ୍କା ରହିଛି। ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ସକାଶେ ଅନ୍ୟର ପରାମର୍ଶକୁ ଗ୍ରହଣ କରିବେ। ପୁନର୍ବସୁ ନକ୍ଷତ୍ର ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**କର୍କଟ** ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଅଶ୍ଳେଷା ନକ୍ଷତ୍ର ପାରିବାରିକ କଳହକୁ କେନ୍ଦ୍ରକରି ଭାବପ୍ରବଣ ହୋଇପାରନ୍ତି। ବ୍ୟବସାୟରେ, ପରିବହନରେ କିମ୍ବା ମାଲିମକଦ୍ଦମାରେ ସଫଳତା ପାଇବେ। ଆଜିର ଯାତ୍ରା ସମୟରେ ଅତି ପ୍ରିୟ ବ୍ୟକ୍ତିଙ୍କର ସାନ୍ନିଧ୍ୟ ଲାଭ କରି ଖୁସି ହେବେ।

**ସିଂହ** ଅଟକି ରହିଥିବା କାମକୁ ଆଜି ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ। ପୂର୍ବାଫାଲଗୁନୀ ନକ୍ଷତ୍ର ସରକାରୀ କାମରେ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିପାରନ୍ତି। ଆର୍ଥିକ ଅନଟନ ଦୂରେଇବାରେ ପଡ଼ୋଶୀଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଯାନ ବାହନ, ହୋଟେଲ ଶିଳ୍ପ, କ୍ଷେଣନାରୀ ବ୍ୟବସାୟରେ ଉନ୍ନତି କରିବେ।

**କନ୍ୟା** ଆଜି ଚିତ୍ରା ନକ୍ଷତ୍ର ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଭୁଲ୍ କାମ କରିପାରନ୍ତି। ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ଦୀର୍ଘଦିନରୁ ଅପେକ୍ଷା କରିଥିବା କୌଣସି ଖବର ପାଇ ଖୁସି ହୋଇପାରନ୍ତି। ଅଫିସରୁ ଆସିବା ବେଳକୁ ନିଜ ମନପସନ୍ଦର ଜିନିଷଟି କିଣିବାରେ ସମର୍ଥ ହେବେ।

**ତୁଳା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବା ସହ ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବାରେ ସମର୍ଥ ହେବେ। ସ୍ୱାତୀ ନକ୍ଷତ୍ର ସକାଶେ ଶିଳ୍ପ, ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ। ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ସାଧାରଣ କଥାରେ ତର୍କ କାରଣରୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖା ଦେଇପାରେ।

**ବିଛା** ଅନୁରାଧା ନକ୍ଷତ୍ର କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହେବେ। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ଶତ୍ରୁ ପାଖେଇ ଆସିବେ ସିନା କୌଣସି କ୍ଷତି କରିପାରିବେ ନାହିଁ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତ୍‌ରୁ ଉପକୃତ ହେବେ।

**ଧନୁ** ପୂର୍ବାଷାଢ଼ା ନକ୍ଷତ୍ର ବନ୍ଧୁଙ୍କସହ ଆଲୋଚନା ପରିସରରେ ଅଥବା ସଭାସମିତିରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, ରଚନାତ୍ମକ କାର୍ଯ୍ୟ ତଥା ଆଲୋଚନା କ୍ଷେତ୍ରରୁ ଶୁଭଫଳ ପାଇବେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବେ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି କାମରେ ସାହାଯ୍ୟ କରିବେ।

**ମକର** ପୂର୍ବ ସ୍ଥିରୀକୃତ ଆଲୋଚନାକ୍ରମେ ଆଜି ନୂତନ କାର୍ଯ୍ୟରେ ହାତଦେବାକୁ ସ୍ଥିର କରିବେ। ଶ୍ରବଣା ନକ୍ଷତ୍ର ବିବାଦୀୟ ଘଟଣା ଅମୀମାଂସିତ ରହିବାରୁ ମାନସିକ ଯନ୍ତ୍ରଣା ପାଇବେ। ବନ୍ଧୁଙ୍କ ଆଗମନକୁ ଅପେକ୍ଷା କରିବା ହେତୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ।

**କୁମ୍ଭ** କର୍ମକ୍ଷେତ୍ରରେ ସଫଳତାର ସହ କାର୍ଯ୍ୟକରି ଏକପ୍ରକାର ଆନନ୍ଦ ଅନୁଭବ କରିପାରିବେ। ଆଜିର ଫେରିବା ବାଟରେ ହଠାତ୍ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। ଶତଭିଷା ନକ୍ଷତ୍ର କୌଣସି ଦୁଃଖାନ୍ତକ ବିଷୟରେ ପାଖ ପଡ଼ୋଶୀ ସହାନୁଭୂତି ପ୍ରଦର୍ଶନ କରିପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ** ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ପାରିବାରିକ ଜୀବନରେ ଅନାଦର ପାଇବାରୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ରେବତୀ କଠୋର ପରିଶ୍ରମ କରି ସମସ୍ୟା ସମାଧାନ କରିବାରେ ଧ୍ୟାନ ଦେବେ। ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତିରୁ ଆଶ୍ୱସ୍ତି ଲାଭକରି ପାରନ୍ତି।

ଆଜି ଅଗଷ୍ଟ ୪ ତାରିଖ, ଶ୍ରୀମନ୍ଦିରରେ ଝୁଲଣଯାତ୍ରା ବା କୁଞ୍ଜଗୃହ ମହୋତ୍ସବ ଆରମ୍ଭ, ଶ୍ରାବଣ ଶୁକ୍ଳ ଦଶମୀ ଯୁକ୍ତ ଏକାଦଶୀ ସୋମବାର। ଶ୍ରାବଣ ସୋମବାର ବ୍ରତ ଶେଷ, ରାଶିନକ୍ଷତ୍ର-ଦିବା ଘ. ୦୯.୧୧ ମି. ପର୍ଯ୍ୟନ୍ତ ଅନୁରାଧା/ବିଛା, ଏକାଦଶୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୭ ଗତେ ଘ.୦୭.୦୩ ମଧ୍ୟେ, ଘ.୧୦.୩୫ ଗତେ ଘ.୦୧.୦୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭.୦୩ ଗତେ ଘ.୦୮.୩୯ ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ଆଜିଠୁ ୩ ବର୍ଷିଆ ...

ଫର୍ମ ମାଧ୍ୟମରେ ଆବେଦନ କରିପାରିବେ। ଆବେଦନର ଶେଷ ତାରିଖ ଅଗଷ୍ଟ ୧୭ ରହିଥିବା ବେଳେ ୧୮ ତାରିଖରେ ଫର୍ମର ସଂଶୋଧନ କରିପାରିବେ। ଅଗଷ୍ଟ ୨୨ରେ ପ୍ରଥମ ରାଉଣ୍ଡ୍ ପିଲାଙ୍କୁ ସିଟ ପ୍ରଦାନ କରାଯିବ। ନାମଲେଖା ପାଇଁ ଚୟନ ହୋଇଥିବା ଛାତ୍ରୀଛାତ୍ର ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ସ୍ଲାଇଡ୍ ବା ଫ୍ରିଜ୍ ଅପ୍‌ସନ ଦେଇପାରିବେ। ଏହାସହ ଅଗଷ୍ଟ ୨୩ରୁ ୨୬ତାରିଖ ମଧ୍ୟରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନକୁ ଯାଇ ନାମଲେଖାଇ ପାରିବେ। ସେହିପରି ସେପ୍ଟେମ୍ବର ୧ରେ ଦ୍ୱିତୀୟ ରାଉଣ୍ଡ୍ ସିଟ୍ ପ୍ରଦାନ କରାଯିବା ପରେ ୪ ତାରିଖ ମଧ୍ୟରେ ସ୍ଲାଇଡ୍ ବା ଫ୍ରିଜ୍ ଅପଶନ୍ ଦେବାସହ ନାମଲେଖାଇ ପାରିବେ। ଏହାପରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ସେପ୍ଟେମ୍ବର ୮ରେ ପ୍ରକାଶ ପାଇବାକୁ ଥିବାବେଳେ ୧୩ ତାରିଖ ମଧ୍ୟରେ ନାମଲେଖା ସରିବ। ସେପ୍ଟେମ୍ବର ୮ରୁ ଇଣ୍ଟିଗ୍ରେଟେଡ୍ ବି.ଏଡ୍ ଏବଂ ଏମ୍.ଏଡ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମାଙ୍କଡ଼ ହାତେ ଶାଳଗ୍ରାମ,**
**ନଚାଇ ନଚାଇ ନିଏ ପ୍ରାଣ।**

ଅଯୋଗ୍ୟ ବ୍ୟକ୍ତି କୌଣସି କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇ ପାରି ନଥାନ୍ତି। ଗୁରୁଦାୟିତ୍ୱ ବହନ କରିବାରେ ଅକ୍ଷମତା ପ୍ରକାଶ କରିଥାନ୍ତି। ଅପାତ୍ରରେ ଦାନ ଦେଲା ଭଳି ଅଯୋଗ୍ୟ ତଥା ଅପାରଗ ବ୍ୟକ୍ତିଙ୍କ ହାତରେ କ୍ଷମତା ଦିଆଗଲେ ହୀନସ୍ତା ଭୋଗିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମୁଁ ଖାଉଥାଏ ମୋହର ଭାତ;**
**ତୋହର କିଆଁ ଗାଲରେ ହାତ ?**

କାହା ଉପରେ ନିର୍ଭର ନ କରି ନିଜ ଗୋଡ଼ରେ ନିଜେ ଠିଆ ହେବା ଶ୍ରେୟସ୍କର। ନିଜେ ପରିଶ୍ରମ କରି ପାଞ୍ଚ ଜଣରେ ଜଣେ ହେବା ଖୁସି ଓ ଆନନ୍ଦର ବିଷୟ ହୋଇଥାଏ। ଏଥିରେ ଯଶ ଓ ସମ୍ମାନ ମିଳିଥାଏ। ଯେତେବେଳେ ଜଣେ ନିଜ ଅର୍ଜନରେ ନିଜେ ପୋଷିହୁଏ, ସେତେବେଳେ ତା'ର ଭବିଷ୍ୟତ କଥା ନେଇ ଅନ୍ୟ କେହି ଚିନ୍ତା କରିବା ଅନାବଶ୍ୟକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

### ଜେଲ ଗଲେ ବୋର୍ଡ ...

ନୀହାର ଯୋଗସୂତ୍ର ରକ୍ଷା କରୁଥିଲେ। ପ୍ରଶ୍ନପତ୍ର ସେଟିଂ ଦାୟିତ୍ୱ ତାଙ୍କ ଉପରେ ଥିଲା। ସେ 'ଏନି ଡେସ୍କ' ଜରିଆରେ ଆଇଡି ଓ ପାସ୍‌ୱାର୍ଡ ବ୍ୟବହାର କରି ପ୍ରେସ୍ ସହ ପ୍ରଶ୍ନପତ୍ର ସଂକ୍ରାନ୍ତୀୟ ସମସ୍ୟାର ସମାଧାନ କରୁଥିଲେ। ପାସ୍‌ୱାର୍ଡ କେବଳ ଉପସଭାପତି ଜାଣିଥିଲେ। ପ୍ରେସ୍ ତାଙ୍କୁ ପ୍ରଶ୍ନପତ୍ର ପଠାଇବା ପରେ ସେ ତାହାକୁ ଡାଉନ୍‌ଲୋଡ୍ କରି ଆବଶ୍ୟକ ସଂଶୋଧନ କରୁଥିଲେ। ଏଥିସହିତ ସଂଶୋଧିତ ପ୍ରଶ୍ନପତ୍ର ପ୍ରେସ୍‌କୁ ପଠାଇବା ପରେ କମ୍ପ୍ୟୁଟରରୁ ଡିଲିଟ୍ କରିଦେବାର ନିୟମ ଥିଲା। କ୍ରାଇମବ୍ରାଞ୍ଚ ଜେରାବେଳେ ଉପସଭାପତି ପ୍ରଶ୍ନପତ୍ର ସଂଶୋଧନ କରିବା ପରେ ତାହାକୁ ଡିଲିଟ୍ କରିଦେଉଥିଲେ ବୋଲି ସ୍ୱୀକାର କରିଥିଲେ। ଡେସ୍କଟପ୍ ଅପେକ୍ଷା ଲାପଟପ୍ ଅପେକ୍ଷାକୃତ ନିରାପଦ, ବ୍ୟକ୍ତିଗତ ହେପାଜତରେ ରହିପାରିବ। ଏହାଦ୍ୱାରା ସେ ଯେକୌଣସି ସ୍ଥାନରେ ଥିଲେ ବି କାମ କରିପାରୁଥିଲେ ବୋଲି କହିଥିଲେ। ହେଲେ ଓଟିଇଟି ପ୍ରଶ୍ନପତ୍ର ସଂଶୋଧନ କରି ପଠାଇବା ପରେ ସେ ଲାପ୍‌ଟପ୍‌ରୁ ପାସ୍‌ୱାର୍ଡ ଡିଲିଟ କରି ନ ଥିଲେ ବୋଲି ତଦନ୍ତ ସମୟରେ ଜଣାପଡ଼ିଛି। ଦ୍ୱିତୀୟତଃ ଲାପ୍‌ଟପ୍ ଅଭିଯୁକ୍ତ ଜିତନଙ୍କୁ କାମ କରିବା ପାଇଁ ଦେଇଥିଲେ। ଜିତନଙ୍କ ପରୀକ୍ଷା ସଂକ୍ରାନ୍ତୀୟ କୌଣସି ଦାୟିତ୍ୱ ନ ଥିଲା। ପରୀକ୍ଷା ନିୟନ୍ତ୍ରକଙ୍କ ସହ ଉପସଭାପତିଙ୍କ ଯୋଗାଯୋଗ ଥିଲା। ପରୀକ୍ଷା ନିୟନ୍ତ୍ରକଙ୍କ ଅଧୀନ ଜିତନ ମହାରଣା କାମ କରୁଥିଲେ। ଅପରପକ୍ଷରେ ଜିତନଙ୍କ କାର୍ଯ୍ୟକଳାପ ପୂର୍ବରୁ ସନ୍ଦେହଜନକ ଥିଲା। ସେଥିପାଇଁ ତାଙ୍କୁ ପରୀକ୍ଷା କାର୍ଯ୍ୟରୁ ଦୂରେଇ ରଖାଯାଇଥିଲା। ବୋର୍ଡ ଅଫିସରେ କର୍ମଚାରୀମାନଙ୍କୁ ପଚରାଉଚରା ବେଳେ ଉପସଭାପତିଙ୍କ ସହ ଜିତନଙ୍କ ସମ୍ପର୍କ ଥିବା କେହି କହି ନ ଥିଲେ। କିନ୍ତୁ ବିଭିନ୍ନ ଦିଗକୁ ଖୋଳତାଡ଼ କରିବା ପରେ ମୋବାଇଲ ଫୋନ୍ କଲ୍ ରେକର୍ଡ ଯାଞ୍ଚ କରାଯାଇଥିଲା। ଗତ ୩ ମାସ ମଧ୍ୟରେ ୧୦୦ ଥର ଉପସଭାପତି ଜିତନଙ୍କ ସହ ଅଫିସ ସମୟ ବ୍ୟତୀତ ଅନ୍ୟ ସମୟରେ କଥାବାର୍ତ୍ତା ହୋଇଥିବା ଜଣାପଡ଼ିଥିଲା। ତେବେ ଜିତନଙ୍କ ସହ କୌଣସି ଅଫିସିଆଲ ଅଥବା ସୋସିଆଲ ସମ୍ପର୍କ ନ ଥିବା ବେଳେ ଏତେ ଥର କଥା ହେବାକୁ ନେଇ କ୍ରାଇମବ୍ରାଞ୍ଚ ବୋର୍ଡ ଉପସଭାପତିଙ୍କୁ ସନ୍ଦେହ ଘେରକୁ ଆଣିଥିଲେ। ଏଭଳି ସମ୍ପର୍କକୁ ନେଇ ଜିତନ କ୍ରାଇମବ୍ରାଞ୍ଚ ଜେରା ବେଳେ ସ୍ୱୀକାର କରିଛନ୍ତି। ପ୍ରଶ୍ନପତ୍ର ଛପା ଦାୟିତ୍ୱ ନେଇଥିବା ଭୋପାଳ ପ୍ରେସ୍ ସହ ପ୍ରଶ୍ନପତ୍ର ଛପା ପ୍ରୋଟୋକଲ ବିଷୟରେ ମଧ୍ୟ କ୍ରାଇମବ୍ରାଞ୍ଚ ତଦନ୍ତ କରିଥିଲା। ପରିଶେଷରେ କ୍ରାଇମବ୍ରାଞ୍ଚ ନିଶ୍ଚିତ ହୋଇଥିଲା ଯେ ଉପସଭାପତି ଜାଣିଶୁଣି ପ୍ରଶ୍ନପତ୍ର ଛପାର ସମସ୍ତ ସୁରକ୍ଷାଗତ ଦିଗ ଓ ପ୍ରୋଟୋକଲ ଉଲ୍ଲଂଘନ କରିଛନ୍ତି। ସେ ପ୍ରଶ୍ନପତ୍ର ସଂଶୋଧନ ପରେ ଲାପ୍‌ଟପ୍‌ରୁ ଡିଲିଟ୍ ନ କରି ଜାଣିଶୁଣି ରଖିଛନ୍ତି। ଏଥିସହ ଜିତନଙ୍କ ସହ ହାତ ମିଳାଇ ଉପସଭାପତି ନୀହାର ଏଭଳି କାଣ୍ଡ ଭିଆଇଛନ୍ତି। ନୀହାର ପୂର୍ବରୁ ପରୀକ୍ଷା ନିୟନ୍ତ୍ରକ ଥିଲେ, ତା'ପରେ ଉପସଭାପତି ହେଲେ। ପୂରା ପରୀକ୍ଷା ପରିଚାଳନା ସହ ସମ୍ପୃକ୍ତ ଅଛନ୍ତି। ଜିତନ ୧୧ ବର୍ଷ ହେବ ବୋର୍ଡ ମୁଖ୍ୟାଳୟରେ ଅଛନ୍ତି। ତାଙ୍କର ଚରିତ୍ର ସନ୍ଦେହଜନକ ବୋଲି ପୂର୍ବରୁ ପ୍ରମାଣିତ ହୋଇଛି। ସେଥିପାଇଁ ତାଙ୍କୁ ପରୀକ୍ଷା କାର୍ଯ୍ୟରୁ ଅଲଗା କରାଯାଇଥିଲା। ଉପସଭାପତି ଏସବୁ ଭଲ ଭାବେ ଜାଣିବା ପରେ ବି ତାଙ୍କୁ ପୁଣି ଆଣି ସାମିଲ କରିଥିଲେ। ତେବେ ଉପସଭାପତି ଓ ଜିତନଙ୍କ ମଧ୍ୟରେ ଶତପ୍ରତିଶତ ନିବିଡ଼ ସମ୍ପର୍କ ଓ ସହଯୋଗ ରହିଥିବା ତଦନ୍ତରୁ ସ୍ପଷ୍ଟ ହେବା ପରେ ତାଙ୍କୁ ଗିରଫ କରିଥିବା କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

**ଲେଡି ଡାଟା ଅପରେଟରଙ୍କ ଉପରେ ନଜର**

ବୋର୍ଡର ଲେଡି ଡାଟା ଏଣ୍ଟ୍ରି ଅପରେଟରଙ୍କ ଉପରେ କ୍ରାଇମବ୍ରାଞ୍ଚ ନଜର ରଖିଛି। ତାଙ୍କ ବିଷୟରେ ଠୋସ୍ ପ୍ରମାଣ ମିଳିବା ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ଅପେକ୍ଷା କରିଛି।

**ଆରମ୍ଭ ହେବ ଆର୍ଥିକ ତଦନ୍ତ**

କ୍ରାଇମବ୍ରାଞ୍ଚ ଏବେ ଆର୍ଥିକ ଦିଗ ଉପରେ ତଦନ୍ତ କରିବ। ବ୍ୟାଙ୍କକୁ ଆର୍ଥିକ କାରବାର ସଂକ୍ରାନ୍ତରେ ତଦନ୍ତ ପାଇଁ ଚିଠି କରାଯିବ। ସେସବୁ ସମୟସାପେକ୍ଷ।

**ମାଲକାନଗିରିରେ ଆନ୍ସର କି' ଲିକ୍ ହୋଇଥିଲା**

ପୂର୍ବରୁ ମାଲକାନଗିରିରେ ଆନ୍ସର କି' ଲିକ୍ ହୋଇଥିଲା। ପ୍ରତି ସେଟ୍‌ର ଆନ୍ସର କି' ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ର ଯିବା ବେଳେ ସାଙ୍ଗରେ ନେଇ ଯାଇଥିଲେ। ଏ କଥା ଜଣାଯିବା ପରେ ପରୀକ୍ଷା ବାତିଲ କରାଯାଇଥିଲା। ସେତେବେଳେ ଯଦି ଏଫ୍‌ଆଇଆର୍ ଦିଆଯାଇଥାନ୍ତା ଏସବୁ କାରନାମା ବାହାରି ଥାନ୍ତା। ପ୍ରଥମ ଥର ପୋଲିସକୁ ମାମଲା ଆସିଛି। ପୂର୍ବରୁ ଯାହାସବୁ ହେଉଥିଲା ତାହାକୁ ସେମାନେ ସମାଧାନ କରିଦେଉଥିଲେ ବୋଲି ଡିଜି ମିଶ୍ର କହିଛନ୍ତି।

### ଆନ୍ଧ୍ର ପଥର ଖଣି ...

ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ସେହିପରି ଶ୍ରମିକଙ୍କ ମୃତଦେହ ଜନ୍ମମାଟିକୁ ଅଣାଯିବାକୁ ସବୁ ପ୍ରକାର ବ୍ୟବସ୍ଥା କରାଯିବ ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶକ୍ରମେ ସନ୍ଧ୍ୟାରେ ଦିଗପହଣ୍ଡି ଅତିରିକ୍ତ ତହସିଲଦାର ଆଶିଷ କୁମାର ନାଏକ, ସହକାରୀ ଶ୍ରମ ଅଧିକାରୀ ପ୍ରକାଶ କୁମାର ପରିଡ଼ା ଓ ଦିଗପହଣ୍ଡି ରାଜସ୍ୱ ନିରୀକ୍ଷକ ଉପେନ୍ଦ୍ର ବେହେରା ଆନ୍ଧ୍ରର ବାଲିକୁରାଭା ଯାଇଥିବା ସୂଚନା ମିଳିଛି।

ଆନ୍ଧ୍ରପ୍ରଦେଶର ବାପତଲା ଜିଲାର ବାଲିକୁରାଭା ନିକଟରେ ଏକ ଘରୋଇ ଗ୍ରାନାଇଟ ଖଣିରେ ସବୁଦିନ ଭଳି ରବିବାର ମଧ୍ୟ କାର୍ଯ୍ୟ ଚାଲିଥିଲା। ସକାଳ ୯ଟାରେ ଶ୍ରମିକମାନେ କାମକୁ ଆସିଥିଲେ। ମାତ୍ର କିଛି ମିନିଟ ପରେ ପଥର ଫୁଟାଇବା ଆରମ୍ଭ ହୋଇଥିଲା। ଖଣିର କଡ଼ ଭୁଶୁଡ଼ି ପଡ଼ିବା ସମୟରେ ସେଠାରେ ୧୫ରୁ ୨୦ଜଣ ଶ୍ରମିକ ଥିଲେ। ସେମାନଙ୍କ ଉପରେ ବଡ଼ ବଡ଼ ପଥର ସବୁ ପଡ଼ିଥିଲା। ସେଠାକାର ପୋଲିସ ଘଟଣାସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଗୁରୁତରମାନଙ୍କୁ ନନରସରାଓପେଟାର ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବରପାଇ ବାପତଲା ଏସ୍‌ପି ତୁଷାର ଡୁଡ଼ି ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ସେହିପରି ଜିଲାପାଳ ଜେ. ଭେଙ୍କଟ ମୁରଲୀ ରାଜସ୍ୱ ବିଭାଗର କର୍ମଚାରୀମାନଙ୍କୁ ଉଦ୍ଧାର କାର୍ଯ୍ୟରେ ପୋଲିସକୁ ସହାୟତା କରିବାକୁ କହିଥିଲେ। ସାଇଣ୍ଟିଫିକ ଟିମ ମଧ୍ୟ ସେଠାରେ ତନାଘନା କରୁଛନ୍ତି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏହି ଦୁର୍ଘଟଣା ନେଇ ମର୍ମାହତ ବୋଲି ପ୍ରକାଶ କରିଛନ୍ତି। ସେ ବରିଷ୍ଠ ଅଧିକାରୀଙ୍କ ସହ କଥା ହୋଇ ତୁରନ୍ତ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ମୋହନା ଥାନା ଅଲରା ଗାଁର ଭାସ୍କର, ଟୁକୁନା ଓ ଅନ୍ୟ ଜଣେ ଯୁବକ ମାସକ ତଳେ ଦାଦନ ଖଟିବା ପାଇଁ ଆନ୍ଧ୍ରପ୍ରଦେଶ ଯାଇଥିଲେ। ପଥର ଖଣିରେ କାମ କରୁଥିବା ବେଳେ ଟୁକୁନା ଓ ଭାସ୍କରଙ୍କ ମୃତ୍ୟୁ ହୋଇଛି। ଟୁକୁନାଙ୍କ ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଥିବାବେଳେ ଭାସ୍କରଙ୍କ ୩ ମାସର ଏକ ଝିଅ ଅଛି। ମୃତକଙ୍କ ଗାଁ କାନ୍ଦ ବୋବାଳିରେ ଫାଟିପଡୁଛି।

### ୩ ଜିଲାରେ ପ୍ରବଳ ...

ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ଢେଙ୍କାନାଳ, ସୁନ୍ଦରଗଡ଼ ଓ ମୟୂରଭଞ୍ଜରେ ବଜ୍ରପାତ ସହ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ଏହି ୩ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହା ସହ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନର ଆଶଙ୍କା ରହିଛି। ଅନ୍ୟପଟେ ବଜ୍ରପାତ ଭୟ ଥିବା ୧୭ ଜିଲାକୁ ମଧ୍ୟ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାଗୁଡ଼ିକ ହେଉଛି - ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି।

# 'କୁଜିବର ପତ୍ର'ରୁ ଓଡ଼ିଆ ସାମ୍ବାଦିକତାର ଯାତ୍ରା

'କୁଜିବର ପତ୍ର'ରୁ ଆରମ୍ଭ ହୋଇଥିଲା ଓଡ଼ିଆ ସାମ୍ବାଦିକତାର ଯାତ୍ରା। କଟକ ଚୌଦ୍ୱାର ନିକଟ କୁଜିବର ମଠର ମହନ୍ତ ସାଧୁସୁନ୍ଦର ଦାସ ୧୭୬୯ରେ 'କୁଜିବର ପତ୍ର' ନାମରେ ଏକ ହାତଲେଖା ପତ୍ରିକା ଆରମ୍ଭ କରିଥିଲେ। ସେତେବେଳେ ସାଧାରଣ ଲୋକଙ୍କୁ ସାମ୍ପ୍ରତିକ ସାମାଜିକ ଅବସ୍ଥା ଏବଂ ଓଡ଼ିଆ ଭାଷା ସମ୍ପର୍କରେ ଅବଗତ କରିବା ଥିଲା ମୁଖ୍ୟ ଉଦ୍ଦେଶ୍ୟ। ସମୟ ସହିତ ତାଳଦେଇ ସାମ୍ବାଦିକତା ଧାରା ଏବେ ଡିଜିଟାଲରେ ପହଞ୍ଚିଛି ସତ, ମାତ୍ର କୁଜିବର ପତ୍ର ତା'ର ସ୍ୱର୍ଣ୍ଣିମ ଇତିହାସ ବହନ କରି ଚାଲିଛି। ତେବେ କୁଜିବର ପତ୍ର ପରେ ପ୍ରଥମ ଛାପା ପତ୍ରିକା ଭାବେ ୧୮୪୯ରେ 'ଜ୍ଞାନାରୁଣ' ପତ୍ରିକା ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ୧୮୫୬ରେ 'ପ୍ରବୋଧ ଚନ୍ଦ୍ରିକା' ଏବଂ ୧୮୬୧ରେ 'ଅରୁଣୋଦୟ' ନାମରେ ଆଉଏକ ପତ୍ରିକା ପ୍ରକାଶିତ ହୋଇଥିଲା। ହେଲେ ମାତ୍ର ୩ବର୍ଷ ମଧ୍ୟରେ ବିଭିନ୍ନ କାରଣରୁ ଉକ୍ତ ୩ଟି ପତ୍ରିକା ପ୍ରକାଶନ ବନ୍ଦ ହୋଇଯାଇଥିଲା। ତା'ପରେ ୧୮୭୩ରେ 'ଉତ୍କଳ ଦର୍ପଣ' ନାମରେ ମାସିକ ପତ୍ରିକା ବାଲେଶ୍ୱରରୁ ପ୍ରକାଶିତ ହୋଇଥିଲା। ଓଡ଼ିଆ ଭାଷାରେ ଏହା ହେଉଛି ପ୍ରଥମ ସାହିତ୍ୟ ମାଗାଜିନ୍। ଏହାପରେ ୧୮୭୮ରେ 'ଉତ୍କଳ ମଧୁପ', ୧୮୮୫ରେ 'ପ୍ରଦୀପ' ପତ୍ରିକା ଖୁବ୍ କମ୍ ଦିନ ପାଇଁ ପ୍ରକାଶ ପାଇଥିଲା। ତେବେ ୧୮୯୭ରେ ପ୍ରକାଶିତ 'ଉତ୍କଳ ସାହିତ୍ୟ ପତ୍ରିକା' ଓଡ଼ିଆ ସାହିତ୍ୟରେ ଏକ ନୂଆ ଯୁଗ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ପ୍ରକାଶ ପାଇଥିବା ଏକାଧିକ ପତ୍ରିକା ୧୯୦୬ରେ 'ମୁକୁର', ୧୯୧୫ରେ 'ସତ୍ୟବାଦୀ', ୧୯୨୦ରେ 'ଆହାକାର', ୧୯୩୪ରେ 'ନବଭାରତ' ଆଦି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ସହ ସାମ୍ବାଦିକତା କ୍ଷେତ୍ରକୁ ବୁଦ୍ଧିମନ୍ତ କରିବାରେ ବେଶ୍ ସହାୟକ ହୋଇଥିଲା।

### ପ୍ରଥମ ଓଡ଼ିଆ ଖବର କାଗଜ

୧୮୬୬ ଅଗଷ୍ଟ ୪ ଓଡ଼ିଆ ସାମ୍ବାଦିକତା ପାଇଁ ଗୌରବର ଦିନ ଭାବେ ଉଭା ହୋଇଥିଲା। ଏହିଦିନ ଓଡ଼ିଶାର ପ୍ରଥମ ଓଡ଼ିଆ ଖବରକାଗଜ ଭାବେ 'ଉତ୍କଳ ଦୀପିକା' ଆତ୍ମପ୍ରକାଶ କରିଥିଲା। ଗୌରୀଶଙ୍କର ରାୟ ଏହାର ପ୍ରଥମ ସମ୍ପାଦକ ଥିଲେ। ପ୍ରଥମେ ଏହା ସାପ୍ତାହିକ ଏବଂ ପରେ ଦୈନିକ ଭାବେ ପ୍ରକାଶିତ ହୋଇଥିଲା, ଯାହା ଓଡ଼ିଆ ସାମ୍ବାଦିକତା ଓ ଖବରକାଗଜ ପ୍ରକାଶନର ନୂଆ ଯୁଗ ଆରମ୍ଭ କରିଥିଲା। ତେଣୁ ପ୍ରତିବର୍ଷ ଅଗଷ୍ଟ ୪କୁ ଓଡ଼ିଆ ସାମ୍ବାଦିକତା ଦିବସ ଭାବେ ପାଳନ କରାଯାଉଛି।

**- ପ୍ରସ୍ତୁତି: ବନ୍ଦନା ସେଠୀ, ଭୁବନେଶ୍ୱର**

### ସତ୍ୟ, ନିରପେକ୍ଷ, ସମାଜ କଲ୍ୟାଣ ପାଇଁ ସାମ୍ବାଦିକ କଲମ ଚାଳନା କରନ୍ତୁ



ପୂର୍ବରୁ ଓଡ଼ିଆ ସାମ୍ବାଦିକତା ସମାଜର ଦର୍ପଣ ସାଜିବା ସହିତ ଶିକ୍ଷା, ସଂସ୍କାର ଓ ଜାଗରଣର ବାହକ ଥିଲା। ମାତ୍ର ଏବେ ସୋସିଆଲ ମିଡିଆ ଯୁଗରେ ଅନେକ ସମୟରେ ଖବର ଶସ୍ତା ମନୋରଞ୍ଜନ ଓ ନାଟକୀୟତାରେ ସୀମିତ ହୋଇପଡୁଛି। ଗଣମାଧ୍ୟମ ଅନେକ ସମୟରେ ଦର୍ଶକ ଓ ପାଠକଙ୍କ ସଂଖ୍ୟା ଏବଂ ବ୍ୟବସାୟ ଚାପରେ ଭାଷାର ଶାଳୀନତା ତଥା ନୈତିକତା ହରାଉଛି। ରାଜନୈତିକ ଖବରକୁ ପ୍ରାଧାନ୍ୟ ଦିଆଯାଉଥିବାବେଳେ ଓଡ଼ିଶାର ଗାଁ, କ୍ଷେତ, ସ୍କୁଲ ଆଦି ସମସ୍ୟାଗୁଡ଼ିକର ଖବର କେଉଁଠି ହଜିଯାଉଛି। ସେହିପରି ଓଡ଼ିଆ ସାମ୍ବାଦିକତା ଏବେ ସଙ୍କଟ ମୁଖରେ। କିନ୍ତୁ ଏହା ହେଉଛି ଏକ ନୂଆ ଆରମ୍ଭର ସମୟ। ସାମ୍ବାଦିକଙ୍କ କଲମରେ ସମାଜକୁ ଆଲୋକିତ କରିବାର ଶକ୍ତି ଅଛି। ତେଣୁ ସତ୍ୟ, ନିରପେକ୍ଷ ଓ ସାମାଜିକ କଲ୍ୟାଣ ପାଇଁ ଏହାକୁ ଚାଳନା କରିବା ଦରକାର।

**- ସୁରଜ କୁମାର ବେହେରା, ସାମ୍ବାଦିକତା ଛାତ୍ର, ମାଲକାନଗିରି**

### ସୋସିଆଲ ମିଡିଆ ପାଇଁ ସାମ୍ବାଦିକଙ୍କ ବିଶ୍ୱସନୀୟତା ପ୍ରତି ପ୍ରଶ୍ନ ଉଠୁଛି



ପ୍ରଥମ ଭାଷାଭିତ୍ତିକ ରାଜ୍ୟ ହେଉ ବା ଭାରତର ସ୍ୱାଧୀନତା ପାଇଁ ଲୋକଙ୍କୁ ଜାଗ୍ରତ କରିବା ଆଦି ସବୁ କ୍ଷେତ୍ରରେ ଓଡ଼ିଶାର ସାମ୍ବାଦିକଙ୍କ ପ୍ରମୁଖ ଭୂମିକା ରହିଛି। ଭାରତର ମହାନ ସ୍ୱାଧୀନତା ସଂଗ୍ରାମୀ ନିଜ ଲେଖନୀ ମାଧ୍ୟମରେ ଲୋକଙ୍କ ମନରେ ସ୍ୱାଭିମାନ ଚିନ୍ତାଧାରା ପାଇଁ ଆନ୍ଦୋଳନ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ନେଉଥିଲେ। ସମୟକ୍ରମେ ତାହା ପେସା ଅର୍ଥାତ୍ ସାମ୍ବାଦିକତାରେ ପରିଣତ ହେଲା। ମାତ୍ର ଏବେ ସୋସିଆଲ ମିଡିଆ ପାଇଁ ସାଧାରଣ ଲୋକଟିଏ ନିଜକୁ ଜଣେ ଜଣେ ସାମ୍ବାଦିକ ଭଳି ମନେ କରୁଛନ୍ତି। ଏହାଦ୍ୱାରା ଧୀରେ ଧୀରେ ସାମ୍ବାଦିକଙ୍କ ବିଶ୍ୱାସନୀୟତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେଲାଣି।

**- ଭୁବନେଶ୍ୱରୀ ତ୍ରିପାଠୀ, ସାମ୍ବାଦିକତା ଛାତ୍ରୀ, ଭୁବନେଶ୍ୱର**

### ଓଡ଼ିଆ ସାମ୍ବାଦିକତା ବିଶ୍ୱ ମଞ୍ଚରେ ଓଡ଼ିଆ ଭାଷାକୁ ପ୍ରତିନିଧିତ୍ୱ କରାଉଛି



ଓଡ଼ିଆ ସାମ୍ବାଦିକତା ଦିବସ ଆମକୁ ଗର୍ବିତ କରିବା ସହ ସାମ୍ବାଦିକତା ପ୍ରତି ଦାୟିତ୍ୱବୋଧ ବୃଦ୍ଧି କରାଏ। ଓଡ଼ିଆ ସାମ୍ବାଦିକତାର ଇତିହାସ ବହୁତ ପ୍ରାଚୀନ ଏବଂ ଗୌରବମୟ। ଓଡ଼ିଆ ସାମ୍ବାଦିକତା ବର୍ତ୍ତମାନ ବିଶ୍ୱ ମଞ୍ଚରେ ଓଡ଼ିଆ ଭାଷାକୁ ପ୍ରତିନିଧିତ୍ୱ କରାଉଛି। ଆଧୁନିକ ଯୁଗରେ ଯେଉଁଠି ତଥ୍ୟ ଓ ଖବର ଅଗଣିତ ଭାବରେ ଚାଲୁଛି, ସେଠାରେ ଠିକ୍, ନିରପେକ୍ଷ ଓ ସତ୍ୟ ଖବର ପ୍ରଦାନ କରିବା ଜଣେ ସାମ୍ବାଦିକର ଦାୟିତ୍ୱ ହୋଇଯାଇଛି। ଏବେ ଓଡ଼ିଆ ସାମ୍ବାଦିକତାର ମୂଲ୍ୟ ବୁଝିବା ଏବଂ ସେଥିରେ ସହଭାଗୀ ହେବା ପାଇଁ ନୂଆ ପିଢ଼ିଙ୍କୁ ପ୍ରେରିତ କରାଯିବା ଆବଶ୍ୟକ।

**- ମେଘା ରାଣୀ ଦେବତା, ସାମ୍ବାଦିକତା ଛାତ୍ରୀ, ଭୁବନେଶ୍ୱର**

### ଓଡ଼ିଆ ସାମ୍ବାଦିକତାର ଭବିଷ୍ୟତ ଉଜ୍ଜ୍ୱଳମୟ



ଦିନକୁ ଦିନ ଖବରକାଗଜର ପାଠକ ସଂଖ୍ୟା ବଢ଼ିବା ସହ ସାମ୍ବାଦିକତା ପାଇଁ ଯୁବପିଢ଼ିଙ୍କ ମଧ୍ୟରେ ଆଗ୍ରହ ବଢୁଛି। ଓଡ଼ିଆ ସାମ୍ବାଦିକତାର ପରିସୀମା ବଢୁଥିବାରୁ ଏହାର ଭବିଷ୍ୟତ ଉଜ୍ଜ୍ୱଳମୟ ରହିଛି। ସାମ୍ବାଦିକତା ଏକ ପେସା ନୁହେଁ, ଏହା ଏକ ନିଶା। ଏହା ଅନେକ ଲୋକଙ୍କୁ ପ୍ରେରଣା ଯୋଗାଏ ଏବଂ ସମାଜରେ କିଛି ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିଥାଏ। କମ୍ ଶବ୍ଦରେ ଅଧିକ କଥା କୁହାଯିବା ସାମ୍ବାଦିକଙ୍କ ଲକ୍ଷ୍ୟ ହେବା ଜରୁରୀ।

**- ଦୀପ୍ତିମୟୀ ନାୟକ, ସାମ୍ବାଦିକତା ଛାତ୍ରୀ, ଭୁବନେଶ୍ୱର**

### ସାମ୍ବାଦିକତାରେ କ୍ୟାରିୟର ପାଇଁ ଭଲ ସୁଯୋଗ ରହିଛି



୧୮୬୬ ଅଗଷ୍ଟ ୪ରେ 'ଉତ୍କଳ ଦୀପିକା'ର ପ୍ରକାଶନ ଓଡ଼ିଆ ଅସ୍ମିତାର ଏକ ନୂଆ ଅଧ୍ୟାୟ ରଚିଥିଲା। ଏହା ଓଡ଼ିଆ ଭାଷା ଓ ଜାତି ଚେତନାକୁ ଉଜ୍ଜୀବିତ କରିଛି। ସାମ୍ବାଦିକତା କେବଳ ଖବର ନୁହେଁ, ଓଡ଼ିଆ ଅସ୍ମିତାକୁ ସମୃଦ୍ଧ କରି ଜନସ୍ୱରକୁ ଶକ୍ତି ଦେବାର ଦାୟିତ୍ୱ। ପୂର୍ବରୁ ଓଡ଼ିଆ ସାମ୍ବାଦିକତାରେ ଏତେ ସୁଯୋଗ ନ ଥିଲା। ମାତ୍ର ଏବେ ଖବରକାଗଜଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍, ୱେବ୍ ମିଡିଆ ରହିଛି। ସେହିପରି ଏ କ୍ଷେତ୍ରରେ ଚାକିରିର ମଧ୍ୟ ଭଲ ସୁଯୋଗ ରହିଛି। କେବଳ ତାହାର ସଦୁପଯୋଗ କରିବାର କୌଶଳ ଆବଶ୍ୟକ।

**- ଆଲିୟା ବଗର୍ତ୍ତି, ସାମ୍ବାଦିକତା ଛାତ୍ରୀ, କୋରାପୁଟ**

### ରାଜ୍ୟ ସରକାର ସ୍ୱତନ୍ତ୍ର ପରିଚୟ ଦିଅନ୍ତୁ



ସାମ୍ବାଦିକତା କରିବା ବହୁତ ସହଜ, ମାତ୍ର ଠିକ୍ ଦାୟିତ୍ୱ ତୁଲାଇବା ଚ୍ୟାଲେଞ୍ଜପୂର୍ଣ୍ଣ। ସାମ୍ବାଦିକତା କରି ନିଜ ଭବିଷ୍ୟତ ଗଢ଼ିବା ପାଇଁ ଯୁବପିଢ଼ିଙ୍କ ମଧ୍ୟରେ ସ୍ୱତନ୍ତ୍ର ରୁଚି ରହୁଛି। ଓଡ଼ିଶାର ଗାଁଠାରୁ ସହର ସବୁଠି ସାମ୍ବାଦିକମାନେ ବେଶ୍ ସକ୍ରିୟ ରହୁଛନ୍ତି। ହେଲେ ସମାଜ ପାଇଁ କାମ କରୁଥିବା ସାମ୍ବାଦିକଙ୍କୁ ସ୍ୱତନ୍ତ୍ର ସମ୍ମାନ ମିଳିବା ଦରକାର। ଓଡ଼ିଆ ସାମ୍ବାଦିକତାକୁ ସ୍ୱତନ୍ତ୍ର ପରିଚୟ ମିଳିବାର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଏହି କ୍ଷେତ୍ର ପ୍ରତି ଗୁରୁତ୍ୱ ଦେଇ ନୂଆ ଯୋଜନା କରିବା ଦରକାର।

**- ସରୋଜ କୁମାର ବାରିକ, ସାମ୍ବାଦିକତା ଛାତ୍ର, ଯାଜପୁର**

# ପ୍ରଥମ ଓଡ଼ିଆ ସମ୍ବାଦପତ୍ର ଉତ୍କଳ ଦୀପିକା ଓ ଓଡ଼ିଆ ସାମ୍ବାଦିକତାର ଐତିହ୍ୟ

**କେଦାର ମିଶ୍ର**

ସମ୍ବାଦପତ୍ର ଓ ଗଣମାଧ୍ୟମ ଶିଳ୍ପର ଚରମ ପ୍ରଗତି ସମୟରେ ଏହାର ଇତିହାସ ଯଦି ପଢ଼ାଯାଏ, ଆମକୁ ଚକିତ ହେବାକୁ ପଡ଼ିବ। ବିକାଶର କୌଣସି ସମ୍ଭାବନା ନ ଥିବା ସମୟରେ ନୂଆ ଇତିହାସ ତିଆରି କରିବାର ସାହସ ମଣିଷ ଜାତି ସଞ୍ଚୟ କରିଥାଏ, ସେଥିଲାଗି ସବୁ ବଡ଼ ସଫଳତାର ଆରମ୍ଭ ସବୁଠୁ ଭୟଙ୍କର ବିଫଳତାରୁ ହିଁ ହୋଇଥାଏ। ଯେଉଁ ସମୟରେ ଓଡ଼ିଶାର ରାଜନୈତିକ ଅସ୍ତିତ୍ୱ ନାହିଁ, ଭାଷା ଓ ସଂସ୍କୃତିର ସ୍ୱୀକୃତି ନାହିଁ ଓ ଅର୍ଥନୈତିକ ମେରୁଦଣ୍ଡ ଏକପ୍ରକାର ଶକ୍ତିହୀନ, ସେତେବେଳେ ଓଡ଼ିଆମାନେ ପ୍ରଥମ କରିଗୋଟେ ସମ୍ବାଦପତ୍ର ପ୍ରତିଷ୍ଠା କରିବାର ସ୍ୱପ୍ନ ଦେଖୁଛନ୍ତି ଓ ସଫଳ ହେଉଛନ୍ତି। ୧୮୬୬ ମସିହାର କରାଳ ନଅଙ୍କ ଦୁର୍ଭିକ୍ଷର ହାହାକାର ଭିତରୁ ଓଡ଼ିଶାର ପ୍ରଥମ ସମ୍ବାଦ ଓ ସମ୍ବାଦପତ୍ର ଜନ୍ମ ନେଇଛି। ଯଦିଓ ୧୮୫୬ ମସିହାରେ ଖ୍ରୀଷ୍ଟିଆନ ପାଦ୍ରୀ ଉଇଲିୟମ୍ ଲେସୀ ସାହେବଙ୍କ ସମ୍ପାଦନାରେ ପ୍ରଥମ ଓଡ଼ିଆ ସମାଚାର ପତ୍ର ପ୍ରବୋଧ ଚନ୍ଦ୍ରିକା ପ୍ରକାଶିତ ହୋଇଛି, ତଥାପି ତାକୁ ପୂର୍ଣ୍ଣାଙ୍ଗ ଓଡ଼ିଆ ସମ୍ବାଦପତ୍ର ବୋଲି କୁହାଯାଇପାରିବ ନାହିଁ। ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ସମ୍ବାଦପତ୍ର ରୂପେ ୦୪-୧୧, ଅଗଷ୍ଟ ୧୮୬୬ ଦିନ ପ୍ରଥମ ସାପ୍ତାହିକ ଓଡ଼ିଆ ସମ୍ବାଦପତ୍ର 'ଉତ୍କଳ ଦୀପିକା' ପ୍ରକାଶ ପାଇଥିଲା। ଓଡ଼ିଶାର ପରିଚୟ ଓ ଓଡ଼ିଆ ଜାତିର ଅସ୍ତିତ୍ୱରେ ଦୀପିକା ନୂଆ ପ୍ରାଣ ସଞ୍ଚାର କରିଥିଲା। ୧୮୬୬ ରୁ ୨୦୧୮, ଶହେ ବାବନ ବର୍ଷ ଭିତରେ ଦୀପିକା ଆଜି କେବଳ ସ୍ମୃତି। ଓଡ଼ିଆ ଗଣମାଧ୍ୟମର ପ୍ରଥମ ସମ୍ପତ୍ତିକୁ ଆମେ ସାଇତି ରଖିଲୁ ନାହିଁ କି ତାକୁ ବଞ୍ଚେଇ ରଖିବାର ସାହସ ଆମର ଆସିଲା ନାହିଁ। ଓଡ଼ିଶାର ଏହି ଐତିହାସିକ ଖବରକାଗଜ ସମ୍ପର୍କରେ କେତୋଟି ପ୍ରମୁଖ ତଥ୍ୟର ଆଲୋଚନା କରାଯାଉ-

❖ କଟକସ୍ଥ ସାହାଯ୍ୟ କୁମେଟୀ ଶୀର୍ଷକରେ ୧୧, ଅଗଷ୍ଟ ୧୮୬୬ ଦିନ ଉତ୍କଳ ଦୀପିକା ନାମକ ଖବରକାଗଜର ପ୍ରଥମ ପୃଷ୍ଠାର ପ୍ରଥମ ସମ୍ବାଦ ପ୍ରକାଶ ପାଇଲା। ଛାପା ଅକ୍ଷରରେ ଓଡ଼ିଆ ସମ୍ବାଦ ପଢ଼ିବାର ସେ ଥିଲା ଐତିହାସିକ ଦିନ। ଖବରଟି ଥିଲା ଏମିତି- 'ସହର ମଝିରେ ଯେତେ ଅରକ୍ଷିତ ପିଲା ସରକାରୀ ସଡ଼କ ଉପରେ ବୁଲୁଥିବାର ଦେଖାଯିବେ ସେମାନଙ୍କୁ ସାହାଯ୍ୟ ମହକୁମାରୁ ନିଯୁକ୍ତ ଥିବା ଓଭରସିୟର ଆପଣା ଜିମା ନେଇ ତାହାଙ୍କର ଭରଣପୋଷଣ ଆଦି କରିବେ।.........

❖ ଦୁର୍ଭିକ୍ଷ, ଅନ୍ନର ଅଭାବ ଓ ଏ ପ୍ରକାର ମାନବୀୟ ସଙ୍କଟକୁ ମୁକାବିଲା କରିବାରେ ସରକାର ତଥା ଧନୀ ଓଡ଼ିଆମାନେ ବିଫଳ ହେଉଥିବାର ସ୍ପଷ୍ଟ ଚିତ୍ର ଦୀପିକାରେ ପ୍ରକାଶ ପାଇଛି। ଦୀପିକାର ପ୍ରଥମ ପ୍ରକାଶକ ଓ ସମ୍ପାଦକ ଗୌରୀଶଙ୍କର ରାୟ ବୃତ୍ତିରେ ବ୍ରିଟିଶ୍ ସରକାରର କର୍ମଚାରୀ ହୋଇଥିଲେ ମଧ୍ୟ ତାଙ୍କ କାଗଜରେ ସରକାରକୁ କଟୁ ସମାଲୋଚନା କରାଯାଇଛି।

❖ ନୂଆ କରି ଓଡ଼ିଶାରେ ଗଢ଼ି ଉଠୁଥିବା ମୁଦ୍ରଣ ଶିଳ୍ପର ବିକାଶ ପାଇଁ ୧୮୬୪ରେ କଟକର ଦରଘା ବଜାରରେ କଟକ ପ୍ରିଣ୍ଟିଂ କମ୍ପାନୀ ନାମକ ଏକ କମ୍ପାନୀ ଗଠିତ ହୋଇଛି। ଏହାର ନିର୍ଦ୍ଦେଶକ ଭାବରେ ବିଚିତ୍ରାନନ୍ଦ ଦାସ, ଲକ୍ଷ୍ମୀ ନାରାୟଣ ଚୌଧୁରୀ, ମଧୁସୂଦନ ଦାସ, ବିହାରିଲାଲ ପଣ୍ଡିତ, ଗୋପୀମୋହନ ସେନ, ବନମାଳୀ ସିଂ ପ୍ରମୁଖ ରହିଥିବା ବେଳେ ଏହାର ସମ୍ପାଦକ ଭାବରେ ଗୌରୀଶଙ୍କର ରାୟ ଦାୟିତ୍ୱ ନିର୍ବାହ କରିଛନ୍ତି।

❖ ଗୌରୀଶଙ୍କର ରାୟ (୧୩।୦୭।୧୮୩୮-୦୭।୦୩।୧୯୧୭), ଉତ୍କଳ ଦୀପିକାର ପ୍ରତିଷ୍ଠାତା ସମ୍ପାଦକ। ତାଙ୍କ ନେତୃତ୍ୱରେ ଦୀପିକା ନିରନ୍ତର ପ୍ରକାଶ ପାଇଛି।


ଉତ୍କଳଦୀପିକା

୧୮୬୬ରୁ ୧୯୧୫, ଦୀର୍ଘ ୪୯ ବର୍ଷ ଧରି ଦୀପିକାର ପରିଚାଳନା ଓ ସମ୍ପାଦନା ଦାୟିତ୍ୱ ସେ ତୁଲାଇଥିଲେ।

❖ ମୃତ୍ୟୁର ଦୁଇ ବର୍ଷ ଆଗରୁ ଗୌରୀଶଙ୍କର ତାଙ୍କର ଉତ୍ତରାଧିକାରୀ ଭାବରେ ସୁଦାମ ଚରଣ ନାୟକଙ୍କୁ ସମ୍ପାଦକ ଦାୟିତ୍ୱ ସମର୍ପି ଦେଇଥିଲେ। ଗୌରୀଶଙ୍କର ଜୀବିତ ଥିବାବେଳେ ଦୀପିକା ବନ୍ଦ ହୋଇନାହିଁ, ବରଂ ଏହା ଓଡ଼ିଆ ଭାଷା, ସଂସ୍କୃତି, ରାଜନୀତି, ଅର୍ଥନୀତି ଓ ସାମାଜିକ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରୁଛି।

❖ ଗୌରୀଶଙ୍କର ମୃତ୍ୟୁବରଣ କରିବାର ମାତ୍ର ୧୭ ବର୍ଷ ପରେ କଟକ ପ୍ରିଣ୍ଟିଂ କମ୍ପାନୀ ଭାଙ୍ଗିଗଲା ଓ ସବୁଦିନ ପାଇଁ ଓଡ଼ିଶାର ଗୌରବମୟ ଇତିହାସ ନିର୍ମାଣ କରିଥିବା ସମ୍ବାଦପତ୍ର ଦୀପିକା ବନ୍ଦ ହୋଇଗଲା। ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଅଗ୍ରଣୀ ଭୂମିକା ନେଇଥିବା ଦୀପିକାରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ଖବର ପ୍ରକାଶ ପାଇପାରିଲା ନାହିଁ।

❖ ଦୀପିକାର ସମ୍ପାଦକୀୟ ମାନଦଣ୍ଡ ଓଡ଼ିଶାର ଗଣମାଧ୍ୟମର ଇତିହାସରେ ବିରଳ। ସବୁ ପ୍ରକାର ପକ୍ଷ ରଖିବାର ସୁଯୋଗ ଓ ସବୁ ମତକୁ ସମାନ ଭାବରେ ସମ୍ମାନ ଦେବାର ନୀତି ଦୀପିକାର ରହିଥିଲା। ଏହାର ସମ୍ପାଦକ ଭାବରେ ଗୌରୀଶଙ୍କର ଥିଲେ ଯୋଗଜନ୍ମା। ତାଙ୍କ ପରେ ସୁଦାମ ଚରଣ ନାୟକ, ଭିକାରୀ ପଟ୍ଟନାୟକ ଓ ନୀଳମଣି ବିଦ୍ୟାରତ୍ନ ପ୍ରମୁଖ ସମ୍ପାଦକ ଭାବରେ ନିଜ ସିଦ୍ଧିର ସ୍ୱାକ୍ଷର ଛାଡ଼ି ଯାଇଛନ୍ତି।

ସମୟକ୍ରମେ ଦୀପିକାର ସମ୍ବାଦ ପରିବେଷଣ ଶୈଳୀରେ ବ୍ୟାପକ ପରିବର୍ତ୍ତନ ଆସିଛି। ୧୮୬୬ ବେଳର ଦୀପିକାର ଭାଷାରେ ଯେଉଁ ଜଟିଳତା ଓ ପୁରୁଣାକାଳିଆ ଢଙ୍ଗ ଥିଲା ତାହା ସମୟକ୍ରମେ ଯୁକ୍ତିନିଷ୍ଠ, ସରଳ, ସୁଗମ ଓ ପ୍ରାସଙ୍ଗିକ ହୋଇଛି। ତେବେ ପ୍ରତ୍ୟେକ ସମ୍ବାଦ ସହିତ ଟେରଛା ସମାଲୋଚନା କରିବାର ଏକ ସୁନ୍ଦର ଶୈଳୀ ଦୀପିକାରେ ରହିଥିଲା, ଯାହା କି ଆଜିର ସମ୍ବାଦପତ୍ରଗୁଡ଼ିକରେ ଏକ ପ୍ରକାର ଦେଖିବାକୁ ମିଳିନାହିଁ।

❖ ସମାଜ ସଂସ୍କାର ଓ ଲୋକ ବିକାଶର କଥା ଦୀପିକାରେ ପ୍ରମୁଖ ସ୍ଥାନ ପାଉଥିଲା। ସ୍ୱାଧୀନତା ଆନ୍ଦୋଳନ ପ୍ରତି ଦୀପିକାର ଆଗ୍ରହ ବିଶେଷ ନ ଥିବା ଏହାର ଏକ ବଡ଼ ଦୁର୍ବଳତା। ଓଡ଼ିଆ ଜାତୀୟତା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିବା ଦୀପିକା ସ୍ୱାଧୀନତା ଆନ୍ଦୋଳନ ପ୍ରତି ପ୍ରାୟ ଉଦାସୀନ ରହି ଆସିଥିଲା।

❖ ଦୀପିକାର ବିଜ୍ଞାପନ ନୀତି ଥିଲା ବେଶ୍ ରୋଚକ। ବିଭିନ୍ନ ଆୟୁର୍ବେଦିକ ଔଷଧର ବିଜ୍ଞାପନ ସହିତ ନୂଆ ବହିର ବିଜ୍ଞାପନ ଓ ସୂଚନା ଏଥିରେ ନିୟମିତ ପ୍ରକାଶ ପାଉଥିଲା। ୬ ଜାନୁଆରୀ ୧୯୦୬ରେ ପ୍ରକାଶିତ w Major & Co ର Electro Salsa ଏକ ଅଧ ପୃଷ୍ଠାର ବିଜ୍ଞାପନ ବାହାରିଥିଲା; ଯାହାକୁ ଦେବଗଡ଼, ରେଢ଼ାଖୋଲ ଓ ଖଲ୍ଲିକୋଟ ରାଜା ପ୍ରୋତ୍ସାହିତ କରିଥିଲେ।

ଆମ ସମ୍ବାଦପତ୍ର ଇତିହାସର ଏହି ସର୍ବଶ୍ରେଷ୍ଠ ଐତିହ୍ୟକୁ ଆମେ ବଞ୍ଚାଇ ରଖିପାରିଲେ ନାହିଁ, ତାହା ଆମର ଦୁର୍ଭାଗ୍ୟ।

## ରାଜ୍ୟ ଖବର

# ରାତିରେ ମହିଳାଙ୍କୁ କାର୍ଯ୍ୟ ଅନୁମତି

### ସୁରକ୍ଷା, ସ୍ୱାର୍ଥକୁ ଶ୍ରମ ବିଭାଗର ଗୁରୁତ୍ୱ

**ଭୁବନେଶ୍ୱର,୩।୮ (ରବିନାରାୟଣ ଜେନା)**

ଦୀର୍ଘଦିନ ଧରି ଘରୋଇ ପ୍ରତିଷ୍ଠାନରେ ମହିଳାମାନେ ରାତିରେ କାର୍ଯ୍ୟ କରିବା ନେଇ ଥିବା ସରକାରୀ ବାଧ୍ୟବାଧକତାକୁ ଏବେ କୋହଳ କରାଯାଇଛି। ରାଜ୍ୟରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶ୍ରମ ବିଭାଗ ପକ୍ଷରୁ ଓଡ଼ିଶା ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ଆଇନ-୧୯୫୬ରେ କେତେକ ପରିବର୍ତ୍ତନ କରାଯାଇଛି। ଏଣିକି ମହିଳାମାନେ ରାତିରେ ବିଭିନ୍ନ ଘରୋଇ ପ୍ରତିଷ୍ଠାନ କିମ୍ବା ବ୍ୟବସାୟିକ କେନ୍ଦ୍ରରେ କାର୍ଯ୍ୟ କରିପାରିବେ। ମାତ୍ର ନାବାଳିକାମାନଙ୍କୁ ଏହି ଅନୁମତି ଦିଆଯିବ ନାହିଁ। ତେବେ ରାତିରେ ମହିଳାମାନେ କାର୍ଯ୍ୟସ୍ଥଳୀରେ କାମ କରିବା ସମୟରେ କି ପ୍ରକାର ସତର୍କତା ଅବଲମ୍ବନ କରାଯିବ ସେନେଇ ଶନିବାର ଶ୍ରମବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରାଯାଇଛି।

ବିଜ୍ଞପ୍ତିରେ ଶ୍ରମବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍ ଦର୍ଶାଇଛନ୍ତି, ରାଜ୍ୟ ସରକାର ସମସ୍ତ ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନକୁ ଲାଗୁ ହୋଇଥିବା ଧାରା-୨୩କୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯାହାଦ୍ୱାରା ଘରୋଇ ପ୍ରତିଷ୍ଠାନରେ ମହିଳାମାନଙ୍କ ପାଇଁ ରାତିରେ କାମ କରିବାର ସୁଯୋଗ ସୃଷ୍ଟି ହୋଇପାରିବ। ଏହାସହିତ 'ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍'କୁ ଆଧାର କରି ସେମାନଙ୍କ ନିରାପତ୍ତା ଓ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇପାରିବ।

ରାତିରେ ମହିଳାମାନେ କାର୍ଯ୍ୟ କରିବାକୁ ଚାହିଁଲେ ତାଙ୍କର ସ୍ୱୀକୃତି ଦେବାକୁ ପଡ଼ିବ। ମହିଳାମାନେ ଯେଉଁଠାରେ କାମ କରିବାକୁ ଚାହିଁବେ ସେଠାରେ ଅତି କମ୍‌ରେ ୩ ଜଣ ମହିଳା କର୍ମଚାରୀ କାର୍ଯ୍ୟ କରୁଥିବେ ଏବଂ କାର୍ଯ୍ୟସ୍ଥଳୀରେ ନାରୀ ନିଯୁକ୍ତି କର୍ତ୍ତା ରହୁଥିବେ। ରାତିରେ ମହିଳା କର୍ମଚାରୀଙ୍କୁ ତାଙ୍କ ଘରୁ ଆଣିବା କିମ୍ବା ଛାଡ଼ିବା ପାଇଁ ଜିପିଏସ୍ ଟ୍ରାକିଂ ବ୍ୟବସ୍ଥା ଥିବା ଗାଡ଼ି ବ୍ୟବହାର ହେବ, ନଚେତ୍ କାର୍ଯ୍ୟକ୍ଷେତ୍ର ନିକଟରେ ତାଙ୍କ ପାଇଁ ରହିବାର ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯିବା ଆବଶ୍ୟକ। ରାତିରେ ଯେଉଁ ଗାଡ଼ି ମହିଳା କର୍ମଚାରୀଙ୍କୁ ନେବା ଆଣିବା କରିବ ସମ୍ପୃକ୍ତ ଯାନ ଚାଳକଙ୍କର (ଯେଉଁମାନେ ପ୍ରତିଷ୍ଠାନ ଦ୍ୱାରା ପ୍ରତ୍ୟକ୍ଷ କିମ୍ବା ଜଣେ ସେବା ପ୍ରଦାନକାରୀ ମାଧ୍ୟମରେ ନିଯୁକ୍ତ) ବ୍ୟକ୍ତିଗତ ତଥ୍ୟ ପୋଲିସ୍ ଯାଞ୍ଚ କରିବାର ଆବଶ୍ୟକତା ରହିଛି। ଯେଉଁ ଘରୋଇ ପ୍ରତିଷ୍ଠାନରେ ମହିଳା କର୍ମଚାରୀ ନିଯୁକ୍ତ ହୋଇଛନ୍ତି, ସେଠାରେ ଶୌଚାଳୟ, ପାନୀୟ ଜଳ ସୁବିଧା ସହିତ ଯଥେଷ୍ଟ ପରିମାଣର ଆଲୋକ ସୁବିଧା ସାଙ୍ଗକୁ ସମ୍ପୂର୍ଣ୍ଣ ପରିସରଟି ସିସିଟିଭି ନିୟନ୍ତ୍ରଣରେ ରହିବା ଆବଶ୍ୟକ। ଏହାସହିତ ସେମାନଙ୍କ ପାଇଁ ସମର୍ପିତ ଟେଲିଫୋନ୍ ନମ୍ବର, ରାଜ୍ୟ ସରକାରଙ୍କ ହେଲ୍‌ପ ଲାଇନ ନମ୍ବର-୧୮୧ ଏବଂ ଶ୍ରମ ବିଭାଗର ହେଲ୍‌ପ ଲାଇନ ନମ୍ବର-୧୮୦୦୩୪୫୬୭୦୩ ଭଲ ଭାବେ ପ୍ରଦର୍ଶିତ ହେବା ସହିତ ମହିଳା କର୍ମଚାରଙ୍କୁ ନେବା ଆଣିବା ଗାଡ଼ିରେ ମଧ୍ୟ ଲଗାଯିବା ଦରକାର। ସେହିପରି ମହିଳା କର୍ମଚାରୀଙ୍କ ଡ୍ୟୁଟି ସମୟ ଯେପରି ଲଗାତର ଭାବେ ନ ହୁଏ, ଦିନ ଓ ରାତି କାର୍ଯ୍ୟ ମଧ୍ୟରେ ଅତି କମ୍‌ରେ ୮ଘଣ୍ଟା ବ୍ୟବଧାନ ରହିବା ଆବଶ୍ୟକ।

ପ୍ରମୁଖ ସଚିବ ଅରୁମୁଗମ୍ ଆହୁରି ଦର୍ଶାଇଛନ୍ତି, କାର୍ଯ୍ୟକ୍ଷେତ୍ରରେ ଯେଭଳି ମହିଳାମାନେ ଯୌନ ନିର୍ଯାତନାର ଶିକାର ନ ହୁଅନ୍ତି ତାକୁ ଦୃଷ୍ଟିରେ ରଖି ମହିଳା ଯୌନ ନିର୍ଯାତନା ଆଇନ-୨୦୧୩କୁ କଡ଼ାକଡ଼ି ଭାବେ ପାଳନ କରିବାକୁ ହେବ। ଏହାବାଦ୍ କାର୍ଯ୍ୟକ୍ଷେତ୍ରରେ ମହିଳା କର୍ମଚାରୀମାନେ କାମ କରିବା ପୂର୍ବରୁ ନିର୍ଦ୍ଦିଷ୍ଟ ଫର୍ମାଟରେ ପ୍ରତିଷ୍ଠାନର କର୍ତ୍ତୃପକ୍ଷ ଏକ ସ୍ୱୀକାରପତ୍ର ଶ୍ରମବିଭାଗ ପୋର୍ଟାଲରେ ଅପଲୋଡ୍ କରିବାକୁ ପଡ଼ିବ। ଯଦି କୌଣସି ପରିସ୍ଥିତିରେ ଶ୍ରମ ଆଇନର ଉଲ୍ଲଂଘନ ହେବା ଦୃଷ୍ଟିକୁ ଆସେ ତେବେ ସେ କ୍ଷେତ୍ରରେ ଅନୁଚ୍ଛେଦ-୩୫ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରମୁଖ ସଚିବ ଦର୍ଶାଇଛନ୍ତି।

# ଚାଷୀଙ୍କୁ ଦଳିଦେଲା ଦନ୍ତା

### ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ବିଷ ପିଇଦେଲେ ସ୍ତ୍ରୀ

**କେନ୍ଦୁଝର,୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ବନଖଣ୍ଡରେ ଶନିବାର ରାତିରେ ଭୂୟାଁ ଜୁଆଙ୍ଗପୀଢ଼ ରେଞ୍ଜ ସୁଆକାଟି ସେକ୍ସନ ଅନ୍ତର୍ଗତ ତରମାକାନ୍ତ ବିଟ୍ ନିକଟସ୍ଥ ଗୋବିନ୍ଦପୁର ଗାଁରେ ଜଣେ ଚାଷୀଙ୍କୁ ହାତୀ ଦଳିଦେଇଛି। ମୃତକ ହେଲେ ଦେବାଧି ବାରିକ (୪୮)। ଦେବାଧିଙ୍କ ମୃତ୍ୟୁ ଖବର ଶୁଣି ତାଙ୍କ ସ୍ତ୍ରୀ ରୁକ୍ମିଣୀ ବିଷ ପିଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ଏକ ୬ ଟିକିଆ ହାତୀପଲ ଗୋବିନ୍ଦପୁରରେ ପଶିଫସଲ ନଷ୍ଟ କରୁଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ଘଉଡ଼ାଉଥିଲେ। ଏହି ସମୟରେ ଦେବାଧିଙ୍କୁ ଶୁଣ୍ଢରେ ଧରି ହାତୀ କଚାଡ଼ି ଦେଇଥିଲା। ପରେ ଦାନ୍ତରେ ଭୁସି ଦେଇଥିଲା। ବନ କର୍ମଚାରୀ ତାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ଖବର ପାଇବା ପରେ ଦେବାଧିଙ୍କ ସ୍ତ୍ରୀ ରୁକ୍ମିଣୀ ରବିବାର ସକାଳେ ବିଷ ପିଇଥିଲେ। ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଅଧିକାରୀଙ୍କ ପାଇଁ ବଢ଼ିଲା 'ଇ-ପାର୍' ଅବଧି

**ଭୁବନେଶ୍ୱର,୩।୮ (ରବିନାରାୟଣ ଜେନା)**

ରାଜ୍ୟ ସରକାରରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଏବେ ଘାରିଛି ପରଫର୍ମାନ୍ସ ଆପ୍ରାଇଜଲ ରିପୋର୍ଟ (ପିଏଆର୍) ଭୟ। ସରକାରଙ୍କ ନିୟମ ଅନୁଯାୟୀ, ପ୍ରତିବର୍ଷ ମାର୍ଚ୍ଚ ସୁଦ୍ଧା କର୍ମଚାରୀମାନେ ସେମାନଙ୍କ ପରଫର୍ମାନ୍ସ ରିପୋର୍ଟ ବିଧି ମୁତାବକ ଦେଲେ ତାକୁ ପର୍ଯ୍ୟାୟକ୍ରମେ ଯାଞ୍ଚ କରାଯାଇ କାହାକୁ ପଦୋନ୍ନତି କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଭଳି ପଦକ୍ଷେପ ଗ୍ରହଣ କରାଯାଇ ପାରନ୍ତା। ହେଲେ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ କର୍ମଚାରୀମାନେ ତଥ୍ୟ ଦେଉ ନ ଥିବାରୁ ତା'ର ମୂଲ୍ୟାୟନ ହୋଇପାରୁନାହିଁ। ଏହି ପରିପ୍ରେକ୍ଷୀରେ ଶନିବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ 'ଇ-ପାର୍' ଯାଞ୍ଚ ପ୍ରକ୍ରିୟା ଅବଧି ବୃଦ୍ଧି କରାଯାଇଛି। ଏସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ସଚିବ ଶଶାଙ୍କ ଶେଖର ଦାଶ ସମସ୍ତ ବିଭାଗ ସଚିବଙ୍କୁ ପତ୍ର ଲେଖି ଏହାର ଅବଧି ବୃଦ୍ଧି କରାଯାଇଥିବା ନେଇ ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି, ମେ' ୩୧ ସୁଦ୍ଧା କର୍ମଚାରୀମାନେ ସେମାନଙ୍କ ଇ-ପାର୍ ଦେବାକୁ ନିର୍ଦ୍ଦେଶ ରହିଥିବାବେଳେ ଜୁଲାଇ ସୁଦ୍ଧା ରିପୋର୍ଟିଂ ଅଥରିଟି ଏହାର ମୂଲ୍ୟାୟନ କରିବାକୁ ରହିଥିଲା। ସେହିପରି ସେପ୍ଟେମ୍ବର ସୁଦ୍ଧା କର୍ତ୍ତୃପକ୍ଷ ଏହାର ସମୀକ୍ଷା କରି ସରକାରଙ୍କୁ ଅବଗତ କରାଇବାକୁ ଥିବାବେଳେ ଡିସେମ୍ବର ସୁଦ୍ଧା ଉଚ୍ଚକର୍ତ୍ତୃପକ୍ଷ (ଆସେପ୍ଟିଂ ଅଥରିଟି)ଙ୍କ ମୂଲ୍ୟାୟନ ପ୍ରକ୍ରିୟା ଶେଷ ହେବାକୁ ରହିଥିଲା। ହେଲେ ସରକାରଙ୍କ ପକ୍ଷରୁ ଏହାର ଅବଧି ବୃଦ୍ଧି କରାଯାଇଛି। ରିପୋର୍ଟିଂ ଅଥରିଟି ଜୁଲାଇ ୩୧ ପରିବର୍ତ୍ତେ ଅଗଷ୍ଟ ୩୧, ସମୀକ୍ଷା କର୍ତ୍ତୃପକ୍ଷ ସେପ୍ଟେମ୍ବର ୩୦ ପରିବର୍ତ୍ତେ ଅକ୍ଟୋବର ଶେଷ ସୁଦ୍ଧା ପ୍ରକ୍ରିୟା ଶେଷ କରିବେ ଏବଂ ଆସେପ୍ଟିଂ ଅଥରିଟି ଡିସେମ୍ବର ସୁଦ୍ଧା ତାଙ୍କର ପ୍ରକ୍ରିୟା ଶେଷ କରିବାକୁ ଅତିରିକ୍ତ ସଚିବ ପତ୍ରରେ ଦର୍ଶାଇଛନ୍ତି।

# ଟ୍ରାକ୍‌ରେ ବିସ୍ଫୋରଣ କଲେ ମାଓବାଦୀ, ରେଳ କର୍ମଚାରୀ ମୃତ

**ବଣାଇଁ,୩।୮ (ପ୍ରଦୀପ ତ୍ରିପାଠୀ)**

ଶହୀଦ ସପ୍ତାହର ଶେଷ ଦିନରେ ମାଓବାଦୀମାନେ ବଡ଼ଧରଣର ହିଂସା ଘଟାଇଛନ୍ତି। ଚକ୍ରଧରପୁର ରେଳ ଡିଭିଜନ ଅଧୀନ ବିମଳାଗଡ଼-କିରିବୁରୁ ସେକ୍ସନର ରାଞ୍ଜଡା ରେଳ ଷ୍ଟେଶନରୁ ୩ କିଲୋମିଟର ଦୂର ଏବଂ କେ. ବଲାଙ୍ଗ ଥାନାଠାରୁ ୨୭ କିଲୋମିଟର ଦୂରରେ ଥିବା ରେଳଧାରଣା ନିକଟରେ ଖଞ୍ଜାଯାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ରେଲୱେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏତୁଆ ଓରାମ। ଏହି ବିସ୍ଫୋରଣରେ ଆଉ ଜଣେ ରେଳ କର୍ମଚାରୀ ବୁଦ୍ଧୁରାମ ମୁଣ୍ଡା ଗୁରୁତର ହୋଇଛନ୍ତି। ତାଙ୍କୁ ରାଉରକେଲା ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ରାଉରକେଲା ରେଲୱେ ଏସ୍‌ପି, ସିଆର୍‌ପିଏଫ୍ ଯବାନ, କେ. ବଲାଙ୍ଗ ପୋଲିସ ଓ ରେଳ ବିଭାଗ କର୍ମଚାରୀ ଉପସ୍ଥିତ ରହି ତଦନ୍ତ ଆରମ୍ଭ କରିଛନ୍ତି। ବମ୍ ନିଷ୍କ୍ରିୟକାରୀ ଦଳ ଓ ବମ୍ ଠାବ ସ୍କ୍ୱାଡ୍‌ର ସହାୟତା ଲୋଡ଼ାଯାଇଛି। ଅପରପକ୍ଷେ ଗ୍ୟାଙ୍ଗ ମ୍ୟାନ୍ ଓ ଟ୍ରାକ୍ ମରାମତି କର୍ମଚାରୀ ସୁରକ୍ଷା କ୍ଲିନ ଚିଟ୍ ନ ପାଇବା ପର୍ଯ୍ୟନ୍ତ ଟ୍ରାକ୍‌କୁ ଯିବେ ନାହିଁ ବୋଲି କହୁଥିବାରୁ ରେଳ ଚଳାଚଳ ସ୍ୱାଭାବିକ ହେବାକୁ ଆହୁରି ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିପାରେ ବୋଲି ରେଲୱେ ପୋଲିସ ପକ୍ଷରୁ ସୂଚନା ମିଳିଛି। ସମ୍ପୃକ୍ତ ଟ୍ରାକରେ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି।



■ ଶହୀଦ ସପ୍ତାହର ଶେଷ ଦିନରେ ବଡ଼ଧରଣର ହିଂସା
■ ଓଡ଼ିଆରେ ବ୍ୟାନର ଲଗାଇ ସତର୍କ ଚେତାବନୀ ଦେଇଥିଲେ

ସୂଚନା ଅନୁଯାୟୀ, ବିମଳାଗଡ଼-କିରିବୁରୁ ସେକ୍ସନର ରାଞ୍ଜଡା ରେଳ ଷ୍ଟେଶନରୁ ୩ କିଲୋମିଟର ଦୂରରେ ଥିବା ରେଳଧାରଣା ପିଲର ନଂ. ୪୭୮/୧ରେ ମାଓବାଦୀମାନେ ଲ୍ୟାଣ୍ଡମାଇନ ଖଞ୍ଜିଥିଲେ। ଶନିବାର ରାତିରେ ବୁଦ୍ଧୁରାମ ସେଠାରେ ଡ୍ୟୁଟି କରୁଥିଲେ। ରାତି ପ୍ରାୟ ୧୧ଟା ୩୩ରେ ହଠାତ୍ ବିସ୍ଫୋରଣ ଘଟିଥିଲା। ଫଳରେ ବୁଦ୍ଧୁରାମ ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରି ରେଲୱେ ପୋଲିସ ଚିକିତ୍ସା ପାଇଁ ଆଇଜିଏଚ୍‌ରେ ଭର୍ତ୍ତି କରିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା, କେହି ସଜାଗ ନ ହେବା କାରଣରୁ ରବିବାର ସକାଳ ପ୍ରାୟ ୯ଟା ୧୧ରେ ପିଲର ନଂ.୪୭୭/୩୪-୩୫ ନିକଟରେ ପୁଣି ବିସ୍ଫୋରଣ ଘଟି କାର୍ଯ୍ୟରତ ରେଲୱେ କର୍ମଚାରୀ ଏତୁଆଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

### ମୁଖ୍ୟମନ୍ତ୍ରୀଙ୍କ ଶୋକ: ଆତ୍ମୀୟଙ୍କୁ ୧୦ଲକ୍ଷ ଟଙ୍କାର ସହାୟତା ଘୋଷଣା

**ଭୁବନେଶ୍ୱର,୩।୮ (ରବିନାରାୟଣ ଜେନା)**

ଓଡ଼ିଶା ଝାଡ଼ଖଣ୍ଡ ସୀମାରେ ଏକ ଅପ୍ରତ୍ୟାଶିତ ଆଇଇଡି ବିସ୍ଫୋରଣରେ ଭାରତୀୟ ରେଳରେ କାର୍ଯ୍ୟରତ କି-ମ୍ୟାନ୍ ଏତୁଆ ଓରାମଙ୍କ ଦୁଃଖଦ ପ୍ରାଣହାନିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏହାସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

> ଭଗବାନ ବଳବାନ ମଣିଷ ଚାହାନ୍ତି– ଭାବପ୍ରବଣ ଶିଶୁମାନଙ୍କୁ ନୁହଁ। ପ୍ରଭୁ ଚାହାନ୍ତି ଆମଠାରୁ ଅଟଳ ସହିଷ୍ଣୁତା– ଦୃଢତା ଓ ବୀରତ୍ୱ– ଯଥାର୍ଥ ଆଧ୍ୟାତ୍ମିକ ବୀରତ୍ୱ। ସେ ମଧ୍ୟ ଆମଠାରୁ ଚାହାନ୍ତି ପୌରୁଷ ଏବଂ ଦିବ୍ୟ ପୌରୁଷ। –ଶ୍ରୀଅରବିନ୍ଦ



# ଶିକ୍ଷାରେ ଚୋର

ଓଡ଼ିଶାରେ ପ୍ରଶ୍ନପତ୍ର ପ୍ରଘଟ ଓ ଖାତା ମୂଲ୍ୟାୟନରେ ହେରଫେର ନେଇ ଅତୀତରୁ ଅନେକ ଘଟଣା ଦେଖିଆସୁଛୁ। ଏହା ଦେହସୁହା ହୋଇଗଲା ଭଳି ମନେହେଉଛି। ଅଥଚ ଏହିଭଳି କାର୍ଯ୍ୟ ଘଟାଉଥିବା ବ୍ୟକ୍ତିବିଶେଷମାନେ ନିଜେ ପ୍ରବଳ ମାତ୍ରାର ଅର୍ଥ ଅର୍ଜନ କରିବା ସହିତ ଏହି ରାଜ୍ୟର ଯୁବପିଢ଼ିର ଭବିଷ୍ୟତକୁ ଜାଣିଶୁଣି ଅନ୍ଧକାର ମଧ୍ୟକୁ ଠେଲି ଦେଉଛନ୍ତି। ମାଟ୍ରିକ୍ ବୋର୍ଡଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପରୀକ୍ଷା, ଚାକିରି ପାଇଁ ହେଉଥିବା ଟେଷ୍ଟ ଅନେକ ସମୟରେ ଏଭଳି ପ୍ରଶ୍ନପତ୍ର ଲିକ୍ ଯୋଗୁ ବାରମ୍ବାର ବାତିଲ ମଧ୍ୟ କରାଯାଇଛି। ଯଦି ନଗଦ ଘଟଣାକୁ ଦେଖିବା ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଲାଗି ସ୍ୱତନ୍ତ୍ର ଭାବେ କରାଯିବାକୁ ଥିବା ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ବିଷୟ ସପ୍ତାହେ ହେବ ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଛି। ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶାରେ ଶିକ୍ଷକ ବୃତ୍ତିରେ ପ୍ରବେଶ କରିବା ଲାଗି ଓଟିଇଟି ୨୦୧୨ରେ ବାଧ୍ୟତାମୂଳକ କରାଯାଇଥିଲା। ହେଲେ ତା' ପୂର୍ବରୁ ଯେଉଁମାନେ ଶିକ୍ଷୟିତ୍ରୀଶିକ୍ଷକ ହୋଇଛନ୍ତି, ଯେହେତୁ ସେମାନେ ଏହି ଯୋଗ୍ୟତା ପରୀକ୍ଷାରେ ଉନ୍ନୀତ ହୋଇ ନ ଥିଲେ ସେମାନଙ୍କ ପଦୋନ୍ନତି ଲାଗି ଚଳିତ ବର୍ଷ ସ୍ୱତନ୍ତ୍ର ଓଟିଇଟି ପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ) ନିଷ୍ପତ୍ତି ନେଇଛି। ନିଶ୍ଚିତ ଭାବେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସେହି ଅନୁଯାୟୀ ଜୁଲାଇ ୨୦ରେ ଏହି ପରୀକ୍ଷା ହେବାର ଥିଲା। ପ୍ରଶ୍ନପତ୍ର ପ୍ରଘଟ ହେବା ଯୋଗୁ ତାହା ଆସନ୍ତା ୩୧ରେ ଅନୁଷ୍ଠିତ ହେବ ବୋଲି ବୋର୍ଡ ଘୋଷଣା କରିଛି।

ଉଚ୍ଚପଦାଧିକାରୀଙ୍କଠାରୁ ଆରମ୍ଭ କରି କିରାଣିଙ୍କ ପର୍ଯ୍ୟନ୍ତ ଫାଇଲ ଗତି କରୁଥିବାରୁ ସବୁ ସ୍ତରରେ ଅର୍ଥ କାରବାରର ପର୍ଯ୍ୟାପ୍ତ ସୁଯୋଗ ରହିଛି। ତେଣୁ ସବୁକିଛି ସମ୍ପାଦନ କରୁଥିବା ବ୍ୟକ୍ତିଙ୍କ କାର୍ଯ୍ୟକଳାପ ସନ୍ଦେହର ଊର୍ଦ୍ଧ୍ୱରେ ରହିବା ଦରକାର। ତାହା ହୋଇପାରୁ ନ ଥିବାରୁ ଦୁର୍ନୀତି, ସ୍କାମ୍, ପ୍ରଶ୍ନପତ୍ର ପ୍ରଘଟ ଭଳି ଯାବତୀୟ ଧରଣର ଅସଙ୍ଗତି ବଢ଼ିଚାଲିଛି। ଫଳରେ ଦେଶର ମୌଳିକ ଭିତ୍ତିଭୂମିର ସର୍ବାଗ୍ରେ ଥିବା ଶିକ୍ଷା ବ୍ୟବସ୍ଥା ଆଜି ବିପର୍ଯ୍ୟସ୍ତ। ଯେଉଁ ଜାତିର ଶିକ୍ଷା ଅଧୋଗତି ଦେଇ ଗତିକରିବ ସେହି ଜାତି ଧ୍ୱଂସ ପାଇଯିବ।

ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହେବାରୁ ରାଜ୍ୟର ପ୍ରାୟ ୭୫ ହଜାର ଶିକ୍ଷୟିତ୍ରୀଶିକ୍ଷକଙ୍କ ପଦୋନ୍ନତି ବାଧାପ୍ରାପ୍ତ ହୋଇଛି। ଏହି ଘଟଣାକୁ କ୍ରାଇମବ୍ରାଞ୍ଚ ତଦନ୍ତ କରୁଥିବା ବେଳେ ଦିନକୁ ଦିନ ନୂଆ ବିଷୟ ପଦାକୁ ଆସିବାରେ ଲାଗିଛି। ଏ ନେଇ ବହୁ ଖୋଲତାଡ଼ ଓ ସବୁଆଡୁ ସମାଲୋଚନା ହେବା ପରେ ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କୁ ୩ ଅଗଷ୍ଟରେ ଗିରଫ କରାଯାଇଛି। ଅନ୍ୟତମ ବଡ଼ ମାଛ ଭାବେ ଉପସଭାପତିଙ୍କୁ ଧରାଯାଇଥିବା ବେଳେ ସୁପରମାଛଙ୍କୁ ଧରାଯିବା ଦରକାର ବୋଲି ସୋସିଆଲ ମିଡିଆରେ ହୁରିପଡ଼ିଛି। ଅଦ୍ୟାବଧି ଏହି ଘଟଣାରେ ଗିରଫ ବ୍ୟକ୍ତିଙ୍କ ସଂଖ୍ୟା ୮ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରେ ଡେଟା ଏଣ୍ଟ୍ରି ଅପରେଟର ଓ କେତେ ଜଣ ଶିକ୍ଷକ ରହିଛନ୍ତି। ଯେମିତି କୌଣସି ଅଘଟଣ, ଦୁର୍ଘଟଣା ବା ଦୁର୍ନୀତି ଭଳି ଅସ୍ୱାଭାବିକ ସ୍ଥିତି ଉପୁଜିଲେ ଦେଶରେ ପ୍ରଥମେ ତଳିଆ କର୍ମଚାରୀଙ୍କୁ ଧରାଯାଇ ସେମାନଙ୍କୁ ନିଲମ୍ବିତ କିମ୍ବା ସ୍ଥଳବିଶେଷରେ ଗିରଫ କରାଯାଏ, ତାହାର ପ୍ରତିଫଳନ ଓଡ଼ିଶାରେ ଦେଖିବାକୁ ମିଳିଥାଏ। ଗଣମାଧ୍ୟମ କିମ୍ବା କୌଣସି ଚାପ ଗୋଷ୍ଠୀର ପ୍ରଭାବ ନ ପଡ଼ିବା ଯାଏ ଦୁର୍ନୀତିକୁ ଚାପି ଦେବାର ଗୋଟେ ବିଭାଗୀୟ ଷଡ଼ଯନ୍ତ୍ର ସବୁବେଳେ ରହିଆସିଛି। ଏଭଳି କ୍ଷେତ୍ରରେ ଭାଇ ବିରାଦରି କାମ ଦେଖାଇଥାଏ। ଯଦି ଉପରୋକ୍ତ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ବିଭ୍ରାଟକୁ ଦେଖିବା, ତେବେ ପ୍ରଥମେ ଡେଟା ଏଣ୍ଟ୍ରି ଅପରେଟରଙ୍କୁ ନେଇ ଘମାଘୋଟ ଆଲୋଚନା ହେଲା। ଉପସଭାପତିଙ୍କ ଲାପ୍‌ଟପ୍‌ରୁ ପ୍ରଶ୍ନପତ୍ରକୁ ହାତେଇ ସେ ଅନ୍ୟ ଶିକ୍ଷକମାନଙ୍କୁ ତାହା ବିକ୍ରି କରିଥିଲେ ବୋଲି କୁହାଗଲା। ହେଲେ ସବୁଆଡ଼େ ଗୋଟେ କଥା ଗୁଞ୍ଜରିତ ହେଉଛି ଯେ, ଉପସଭାପତିଙ୍କ ଲାପ୍‌ଟପ୍‌କୁ ପ୍ରଶ୍ନପତ୍ର କିଭଳି ଆସିଲା ଓ ସେହି ଲାପ୍‌ଟପ୍‌ର ପାସ୍‌ୱାର୍ଡ ଡେଟା ଏଣ୍ଟ୍ରି ଅପରେଟର ପାଇଲେ କେମିତି। କିନ୍ତୁ ତା' ଠାରୁ ଗର୍ହିତ ବ୍ୟାପାରଟିକୁ ଅନିଶା କଲେ ବୋର୍ଡର ନିୟମ ଉପରକୁ ଦୃଷ୍ଟି ପକାଇବାକୁ ହେବ। ବାସ୍ତବରେ ପ୍ରଶ୍ନପତ୍ର ପ୍ରସ୍ତୁତି, ଗୋପନୀୟ ମୁଦ୍ରଣ ଓ ପ୍ରଶ୍ନପତ୍ର ବିତରଣ ବୋର୍ଡ ସମ୍ପାଦକ ଓ ପରୀକ୍ଷା ନିୟନ୍ତ୍ରକଙ୍କ ଦାୟିତ୍ୱ। ହେଲେ କେଉଁ ଆଧାରରେ ଉପସଭାପତିଙ୍କ ଲାପ୍‌ଟପ୍‌ରେ ପ୍ରଶ୍ନପତ୍ରର ସଫ୍ଟ କପି ରହିଥିଲା, ତାହା ବହୁ ଅସମାହିତ ପ୍ରଶ୍ନ ସୃଷ୍ଟି କରିବା ସ୍ୱାଭାବିକ।

ଆନୁଆଲ ଷ୍ଟାଟସ ଅଫ୍ ଏଜୁକେଶନ ରିପୋର୍ଟ (ଅସର) ପ୍ରତିବର୍ଷ ପ୍ରାଥମିକ ଶିକ୍ଷା ଉପରେ ସର୍ଭେ କରିଥାଏ। କେଉଁବର୍ଷ ଏହା କହିଥାଏ ଯେ ସପ୍ତମ ଶ୍ରେଣୀର କେତେକ ପିଲା ତୃତୀୟ ଶ୍ରେଣୀର ଗଣିତ କରିବାରେ ଅକ୍ଷମ କିମ୍ବା ୫ମ ଶ୍ରେଣୀ ପିଲା ନିଜ ମାତୃଭାଷାର ବର୍ଣ୍ଣମାଳା ମଧ୍ୟ ଠିକ୍ ଭାବେ ଜାଣି ନ ଥାଅନ୍ତି। ଅର୍ଥାତ୍ ପ୍ରାଥମିକ ଶିକ୍ଷା କେଉଁ ଅବସ୍ଥାରେ ରହିଛି ସେହି ବିଷୟରେ ଏଠାରେ ବେଶି ଆଲୋଚନା କରିବା ଦରକାର ନାହିଁ। କାରଣ ଯେଉଁ ଶିକ୍ଷକ ପଦୋନ୍ନତି ପାଇବା ପାଇଁ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ଅସଦ୍‌ଉପାୟ ଅବଲମ୍ବନ କରିବାକୁ ଇଚ୍ଛୁକ ଓ ବୋର୍ଡର ଅଧିକାରୀ ଓ କର୍ମଚାରୀ ସେଥିରେ ପୂର୍ଣ୍ଣ ସହଯୋଗ କରିବାକୁ ଆଗେଇ ଆସୁଛନ୍ତି, ତାହାଠାରୁ ନିନ୍ଦନୀୟ କଥା କିଛି ହୋଇ ନ ପାରେ। ଖବର ମିଳିଛି ଯେ ବୋର୍ଡ ଉପସଭାପତି ଓ ଡେଟା ଏଣ୍ଟ୍ରି ଅପରେଟରଙ୍କ ମଧ୍ୟରେ ଦୁଇ ତିନି ମାସ ମଧ୍ୟରେ ଫୋନ୍ ଯୋଗେ ୧୦୦ ଥର କଥାବାର୍ତ୍ତା ହୋଇଛି। ଏହି ସଂଖ୍ୟା ଆଶ୍ଚର୍ଯ୍ୟଜନକ ନୁହେଁ। କିନ୍ତୁ ଉଚ୍ଚପଦସ୍ଥ ଉପସଭାପତିଙ୍କ ସହିତ ଜଣେ ତଳତଳିଆ ଡେଟା ଏଣ୍ଟ୍ରି ଅପରେଟରଙ୍କ ବାରମ୍ବାର କଥା ହେବାର କୌଣସି ସ୍ୱାଭାବିକ କାରଣ ନ ଥାଏ। ଅର୍ଥାତ୍ ଏତେ ଥର କଥା ହେବା ଏକ ଅସ୍ୱାଭାବିକ କାର୍ଯ୍ୟ ବୋଲି ଚିନ୍ତା କରାଯାଉଛି। ତେଣୁ ଏଥିରୁ ଦୁର୍ନୀତିର ଗନ୍ଧ ବାରି ହୋଇପଡୁଛି। ଗୋଟେ ଧାରଣା ରହିଆସିଛି ଯେ, ରାଜନୈତିକ ବ୍ୟକ୍ତିମାନେ ଅଧିକ ଦୁର୍ନୀତିଗ୍ରସ୍ତ। କିନ୍ତୁ ସବୁ କ୍ଷେତ୍ରରେ ବାସ୍ତବ ଶାସନ ଅମଲାଙ୍କ ହାତରେ ଥାଏ। ଉଚ୍ଚପଦାଧିକାରୀଙ୍କଠାରୁ ଆରମ୍ଭ କରି କିରାଣିଙ୍କ ପର୍ଯ୍ୟନ୍ତ ଫାଇଲ ଗତି କରୁଥିବାରୁ ସବୁ ସ୍ତରରେ ଅର୍ଥ କାରବାରର ପର୍ଯ୍ୟାପ୍ତ ସୁଯୋଗ ରହିଛି। ତେଣୁ ସବୁକିଛି ସମ୍ପାଦନ କରୁଥିବା ବ୍ୟକ୍ତିଙ୍କ କାର୍ଯ୍ୟକଳାପ ସନ୍ଦେହର ଊର୍ଦ୍ଧ୍ୱରେ ରହିବା ଦରକାର। ତାହା ହୋଇପାରୁ ନ ଥିବାରୁ ଦୁର୍ନୀତି, ସ୍କାମ୍, ପ୍ରଶ୍ନପତ୍ର ପ୍ରଘଟ ଭଳି ଯାବତୀୟ ଧରଣର ଅସଙ୍ଗତି ବଢ଼ିଚାଲିଛି। ଫଳରେ ଦେଶର ମୌଳିକ ଭିତ୍ତିଭୂମିର ସର୍ବାଗ୍ରେ ଥିବା ଶିକ୍ଷା ବ୍ୟବସ୍ଥା ଆଜି ବିପର୍ଯ୍ୟସ୍ତ। ଯେଉଁ ଜାତିର ଶିକ୍ଷା ଅଧୋଗତି ଦେଇ ଗତିକରିବ ସେହି ଜାତି ଧ୍ୱଂସ ପାଇଯିବ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | 3 | |
| 9 | 4 | | | | | 8 | | |
| | | 8 | | 2 | 3 | | 1 | |
| 1 | | | | | | 9 | | |
| | | | | 3 | | | | |
| | | 5 | 6 | | 9 | 7 | | |
| | 5 | | 4 | | | | | |
| | | | | 5 | | | 8 | |
| 3 | | | 2 | | 8 | 5 | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 9 | 4 | 5 | 6 | 8 | 1 | 2 |
| 4 | 8 | 1 | 3 | 2 | 7 | 6 | 5 | 9 |
| 2 | 6 | 5 | 1 | 8 | 9 | 7 | 4 | 3 |
| 1 | 5 | 3 | 7 | 4 | 8 | 9 | 2 | 6 |
| 8 | 9 | 4 | 2 | 6 | 3 | 5 | 7 | 1 |
| 6 | 7 | 2 | 9 | 1 | 5 | 3 | 8 | 4 |
| 9 | 4 | 7 | 5 | 3 | 1 | 2 | 6 | 8 |
| 5 | 2 | 8 | 6 | 9 | 4 | 1 | 3 | 7 |
| 3 | 1 | 6 | 8 | 7 | 2 | 4 | 9 | 5 |

ଗତକାଲିର ଉତ୍ତର

# ନନ୍ଦିନୀଙ୍କ ଓଡ଼ିଶା



ଡ. ପ୍ରଫୁଲ୍ଲ କୁମାର ସାହୁ

ନାରୀ ଅସ୍ମିତାର ତେଜୋଦୀପ୍ତ ସ୍ୱର ନନ୍ଦିନୀ ଶତପଥୀ। ସମାଜର ଅବହେଳିତ ଓ ନିଷ୍ପେଷିତ ମଣିଷର ବ୍ୟଥା ଓ ବେଦନାକୁ ଦୂର କରିବାର ସଙ୍କଳ୍ପ ନେଇ ସେ ରାଜନୀତିରେ ପ୍ରବେଶ କରିଥିଲେ ଏବଂ ସ୍କୁଲ ଜୀବନରୁ ତାଙ୍କ ଭିତରେ ଚମକୁଥିଲା ଅନ୍ୟାୟ ଅନୀତି ବିରୋଧରେ ଲଢ଼େଇ କରି ଆଗକୁ ବଢ଼ିବାର ଆଗ୍ନେୟ ଆଭା। ୧୯୬୨ ମସିହାରେ ନନ୍ଦିନୀଦେବୀ ରାଜ୍ୟ ସଭାକୁ ନିର୍ବାଚିତ ହେଲେ ଏବଂ ଏଇଠୁ ବିଧିବଦ୍ଧ ଭାବରେ ଆରମ୍ଭ ହେଲା ତାଙ୍କର ରାଜନୈତିକ ଜୀବନ। ୧୯୬୬ରେ ସେ କେନ୍ଦ୍ର ତଥ୍ୟ ଓ ବେତାର ମନ୍ତ୍ରୀ ହେବା ପରେ ନିଜର ରାଜନୈତିକ ପାରଦର୍ଶିତା ବଳରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ଖୁବ୍ ଘନିଷ୍ଠ ହୋଇଗଲେ ଏବଂ ମିନିଷ୍ଟର ଆଟାଚ ଟୁ ପ୍ରାଇମିନିଷ୍ଟର ଭାବରେ ନିର୍ବାହ କଲେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ୧୯୭୨ ମସିହାର ରାଜନୈତିକ ଘଟଣାଚକ୍ର ତାଙ୍କୁ ବାଧ୍ୟ କରିଥିଲା ଓଡ଼ିଶା ରାଜନୀତିର ମଞ୍ଚ ଧରିବା ପାଇଁ। ବିଶ୍ୱନାଥ ଦାସଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ କ୍ଷମତା କନ୍ଦଳ ଏକ ରୋଚକ ମୋଡ଼ ନେଉଥିବା ବେଳେ ଶାସକ କଂଗ୍ରେସ ସହିତ ମିଶିଗଲା ଉତ୍କଳ କଂଗ୍ରେସ। ଏହା ଦ୍ୱାରା ବିଶ୍ୱନାଥ ଦାସଙ୍କ ସରକାର ଭାଙ୍ଗିଲା ଏବଂ ଶାସକ କଂଗ୍ରେସ ନେତୃତ୍ୱରେ ଗଠନ ହେଲା ସରକାର। ଦଳର ନିଷ୍ପତ୍ତି କ୍ରମେ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଲେ (୧୪।୬।୧୯୭୨) ନନ୍ଦିନୀଦେବୀ। ଶପଥ ନେବାର ୬ ମାସ ମଧ୍ୟରେ ବିଧାନସଭାକୁ ନିର୍ବାଚିତ ହେବାର ସାମ୍ବିଧାନିକ ବ୍ୟବସ୍ଥା ଥିବାରୁ ଆରମ୍ଭ ହେଲା ଉପନିର୍ବାଚନ ପ୍ରକ୍ରିୟା। କଟକ ବିଧାନସଭା ଆସନରେ ସେ ପ୍ରାର୍ଥୀ ହେଲେ ଏବଂ ତାଙ୍କ ବିରୋଧରେ ଲଢ଼ିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ର। ୧୧ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ଜୟଯୁକ୍ତ ହେଲେ ନନ୍ଦିନୀ ଦେବୀ। ଉପନିର୍ବାଚନ ଜିତିବା ପରେ ତାଙ୍କର ପ୍ରଥମ ପଦକ୍ଷେପ ଥିଲା ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରୁ ଅଟକିଥିବା ଭୂସଂସ୍କାର ଆଇନର ସଂଶୋଧନ ଓ ତା'ର ବ୍ୟାପକ ଓ ସଘନ କାର୍ଯ୍ୟାନ୍ୱୟନ। ତତ୍କାଳ ଆରମ୍ଭ ହେଲା ଚିଠା ପ୍ରସ୍ତାବ ପ୍ରସ୍ତୁତି। ପୂର୍ଣ୍ଣ ସହଯୋଗ କଲେ ରାଜସ୍ୱ ମନ୍ତ୍ରୀ ବ୍ରଜମୋହନ ମହାନ୍ତି, ଅର୍ଥମନ୍ତ୍ରୀ ବାଙ୍କବିହାରୀ ଦାସ, ଲୋକନାଥ ଚୌଧୁରୀ ଓ ଭାଗବତ ପ୍ରସାଦ ମହାନ୍ତି ପ୍ରମୁଖ ସମାଜବାଦୀ ଚିନ୍ତାଧାରାର ନେତୃମଣ୍ଡଳୀ। ୧୯୭୩ ଫେବୃଆରୀ ଶେଷ ସପ୍ତାହରେ ଚିଠା ପ୍ରସ୍ତାବ ଉପରେ ଆଲୋଚନା ପାଇଁ ଧାର୍ଯ୍ୟ ହେଲା ସମୟ। ଅନ୍ୟପକ୍ଷରେ ଏହାକୁ ଭଣ୍ଡୁର କରିବା ପାଇଁ ଚାଲିଲା ଷଡ଼ଯନ୍ତ୍ର। ସରକାରରୁ ସମର୍ଥନ ପ୍ରତ୍ୟାହାର ପାଇଁ ନୀଳମଣି ରାଉତରାୟଙ୍କ ଉପରେ ପଡ଼ିଲା ଚାପ। ସରକାର ଭାଙ୍ଗିଗଲେ ସେ ହେବେ ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ–ଏଭଳି ଏକ ଲୋଭନୀୟ ପ୍ରସ୍ତାବକୁ ଏଡି ନ ପାରି ନିଜ ସମର୍ଥକଙ୍କ ସହ ସରକାରରୁ ଓହରିଗଲେ ନୀଳମଣି ରାଉତରାୟ। ଏତିକିବେଳେ ତାଙ୍କୁ ଧୋକା ଦେଇ ନିଜେ ମୁଖ୍ୟମନ୍ତ୍ରୀ ହେବା ପାଇଁ ସମର୍ଥନ ଯୋଗାଡ଼ କଲେ ବିଜୁ ପଟ୍ଟନାୟକ। ବିରୋଧୀଙ୍କ ଚକ୍ରାନ୍ତର ମୁକାବିଲା କରିବାକୁ ଯାଇ ନନ୍ଦିନୀ ଦେବୀ ତୁରନ୍ତ ମନ୍ତ୍ରିମଣ୍ଡଳ ବୈଠକ ଡାକିଲେ ଏବଂ ମନ୍ତ୍ରିମଣ୍ଡଳର ପ୍ରସ୍ତାବ କ୍ରମେ ରାଜ୍ୟରେ ଜାରି ହେଲା (୩।୩।୧୯୭୩) ରାଷ୍ଟ୍ରପତି ଶାସନ। ୧୯୭୪ ଫେବୃଆରୀରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ହେଲା, ଏଥିରେ ୬୯ଟି ଆସନ ପାଇଥିବା ଶାସକ କଂଗ୍ରେସ ଦଳ କମ୍ୟୁନିଷ୍ଟ ଦଳ ସମର୍ଥନରେ ସରକାର ଗଠନ କଲା ଏବଂ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଲେ (୬।୩।୧୯୭୪) ନନ୍ଦିନୀ ଶତପଥୀ। ଦ୍ୱିତୀୟ ପାଳି ଶପଥ ନେବାର ମାସକ ମଧ୍ୟରେ କାର୍ଯ୍ୟକାରୀ କଲେ ଭୂମିହୀନ ଲୋକଙ୍କୁ ସରକାରୀ ଜମି ବଣ୍ଟନ ଯୋଜନା। ସାମାଜିକ ନ୍ୟାୟ ପ୍ରତିଷ୍ଠା ନିମନ୍ତେ ଉଦ୍ଦିଷ୍ଟ ଏହି ଯୋଜନାରେ ୨ ଲକ୍ଷ ୨୩ ହଜାର ଏକର ଜମି ବଣ୍ଟନ ହେଲା ଏବଂ ଏଥିରେ ଉପକୃତ ହେଲେ ୧ଲକ୍ଷ ୩୯ ହଜାର ୨୯୪ ଜଣ ଭୂମିହୀନ ବ୍ୟକ୍ତି। ନନ୍ଦିନୀଦେବୀଙ୍କର ଅଧିକାଂଶ କାର୍ଯ୍ୟକ୍ରମ ଥିଲା ଗ୍ରାମାଭିମୁଖୀ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗଙ୍କ ନିମନ୍ତେ ଉଦ୍ଦିଷ୍ଟ। ଲଙ୍ଗଳ ଯାହାର ଜମି ତାହାର– ଏହାକୁ ଦୃଷ୍ଟିରେ ରଖି ସେ ସଂଶୋଧିତ ଭୂସଂସ୍କାର ଆଇନ କାର୍ଯ୍ୟକାରୀ କଲେ, ଯାହା ଫଳରେ ନିର୍ଦ୍ଧାରଣ ହେଲା ପରିବାର ପିଛା ସର୍ବୋଚ୍ଚ ଜମି ରଖିବାର ସୀମା। ଏହି ଆଇନ ବଳରେ ପ୍ରଚୁର ଭୂସମ୍ପତ୍ତି ରଖିଥିବା ଲୋକଙ୍କ ପାଖରୁ ସିଲିଂ ବହିର୍ଭୂତ ଜମି କାଢ଼ିଆଣି ବାଣ୍ଟି ଦିଆଗଲା ଭୂମିହୀନ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଭିତରେ। ତାଙ୍କ ସାହସିକ ପଦକ୍ଷେପ ଯୋଗୁ ରାଜ୍ୟର ୧୩ ହଜାର ମଠ ଓ ମନ୍ଦିରର ଟ୍ରଷ୍ଟ ଇଷ୍ଟେଟକୁ ଉଚ୍ଛେଦ କରାଗଲା ଏବଂ ସମସ୍ତ ଟ୍ରଷ୍ଟବୋର୍ଡ ରହିଲା ସରକାରଙ୍କ ହାତରେ। ବାସହୀନ ଲୋକଙ୍କ ପାଇଁ ସେ ଆରମ୍ଭ କରିଥିଲେ କଳିଙ୍ଗ କୁଟିର ଯୋଜନା। ବିଶେଷକରି ଯେଉଁ ଦୁଇଟି କ୍ଷେତ୍ର ଉପରେ ସେ ସର୍ବାଧିକ ଗୁରୁତ୍ୱ ଦେଇଥିଲେ ତାହା ହେଲା କୃଷି ଓ ଶିକ୍ଷା। ଜମିରେ ଜଳସେଚନ ପାଇଁ ତାଙ୍କ ସମୟରେ ଆରମ୍ଭ ହୋଇଥିଲା ଅପର କୋଲାବ ଓ ରେଙ୍ଗାଲି ଆଦି ଜଳସେଚନ ପ୍ରକଳ୍ପ ଓ ଉଠା ଜଳସେଚନ ଯୋଜନା। ପ୍ରାଥମିକ ଶିକ୍ଷକଙ୍କ ପାଇଁ ସେ ହିଁ ପ୍ରଥମେ ବିଧିବଦ୍ଧ ଭାବରେ ଦରମା ବ୍ୟବସ୍ଥା କଲେ ଏବଂ ବେସରକାରୀ ସ୍କୁଲ ଓ କଲେଜର ଶିକ୍ଷକ ଓ କର୍ମଚାରୀଙ୍କ ପାଇଁ ପ୍ରଣୟନ କଲେ ପ୍ରତ୍ୟକ୍ଷ ଅନୁଦାନ ନୀତି। ଦୃଷ୍ଟିହୀନ, ମୂକ ଓ ବଧିର ପିଲାମାନଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ଲକ୍ଷ୍ୟରେ ସେମାନଙ୍କ ପାଇଁ ପ୍ରତି ଜିଲାରେ ଖୋଲିଲେ ସ୍ୱତନ୍ତ୍ର ବିଦ୍ୟାଳୟ। ବୟସ୍କମାନଙ୍କ ପାଇଁ ରହିଲା ବାର୍ଦ୍ଧକ୍ୟ ବ୍ୟବସ୍ଥା। ନାରୀ ନିର୍ଯାତନା ରୋକିବା ପାଇଁ ଆଣିଲେ ଯୌତୁକ ନିରୋଧ ଆଇନ। ନାରୀଙ୍କ ପ୍ରତି ଅସଦାଚରଣ କ୍ଷେତ୍ରରେ ସେ ଖୁବ୍ କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି, ଯା'ର ଦୃଷ୍ଟାନ୍ତ ଅନେକ। ଏକଦା କଲିକତାର ଏକ ଖବରକାଗଜରେ ଓଡ଼ିଆଙ୍କ ସମ୍ପର୍କରେ ପ୍ରକାଶ ପାଇଥିବା କିଛି ଅରୁଚିକର ମନ୍ତବ୍ୟକୁ ନେଇ ସେଠାରେ ଓଡ଼ିଆ ଓ ବଙ୍ଗାଳୀଙ୍କ ଭିତରେ ଆରମ୍ଭ ହେଲା ବିବାଦ। ତା'ର ପ୍ରତିକ୍ରିୟା ସ୍ୱରୂପ ଖୋର୍ଦ୍ଧା ଷ୍ଟେଶନରେ କିଛି ଲୋକ ରେଳ ଭିତରେ ପଶି ବଙ୍ଗୀୟ ମହିଳାମାନଙ୍କୁ ଆକ୍ରମଣ କଲେ, ଯାହାକୁ ପ୍ରତିରୋଧ କରିବାକୁ ଯାଇ ନାକେଦମ୍ ହେଲା ପୋଲିସ। ଘଟଣା ଏତେ ଉଗ୍ରରୂପ ନେଲା ଯେ ପୋଲିସକୁ ଗୁଳି ଚାଳନା କରିବାକୁ ପଡ଼ିଲା ଏବଂ ପୋଲିସ ଗୁଳିରେ ଚାଲିଗଲା ତିନିଜଣ ଓଡ଼ିଆଙ୍କ ପ୍ରାଣ। ପ୍ରତିବାଦ ସ୍ୱରୂପ ଉତ୍ତ୍ୟକ୍ତ ଲୋକେ ମୁଖ୍ୟମନ୍ତ୍ରୀଙ୍କ ଘର ଆଗରେ ରୁଣ୍ଡ ହେଲେ ଏବଂ ଚାଲିଲା ବିକ୍ଷୋଭ ଓ ନାରାବାଜି। ସେମାନଙ୍କୁ ସାମ୍ନା କରିବା ପାଇଁ ଏକା ଏକା ଘରୁ ବାହାରି ଆସିଲେ ମୁଖ୍ୟମନ୍ତ୍ରୀ। ଲୋକେ ତାଙ୍କୁ ଘେରିଯାଇ ପଚାରିଲେ ଯେଉଁ ତିନିଜଣ ଲୋକ ମଲେ ସେଥିପାଇଁ ଦାୟୀ କିଏ ? ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ଥିଲା– ସେହି ତିନିଜଣ ଲୋକଙ୍କ ଜୀବନଠାରୁ ଜଣେ ମହିଳାର ଇଜ୍ଜତ୍ ରକ୍ଷା ମୋ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ। ବିକ୍ଷୋଭକାରୀଙ୍କ ପରବର୍ତ୍ତୀ ପ୍ରଶ୍ନ ଥିଲା– ତେବେ ପଡ଼ୋଶୀ ରାଜ୍ୟରେ ଓଡ଼ିଆଙ୍କ ଉପରେ ହେଉଥିବା ଆକ୍ରମଣ କ'ଣ ଯଥାର୍ଥ ? ତାଙ୍କର ଉତ୍ତର ଥିଲା– ପଡ଼ୋଶୀ ରାଜ୍ୟର ଶାସନ ବ୍ୟବସ୍ଥା ବିଗିଡି ଯିବାର ଅର୍ଥ ନୁହେଁ ଯେ ତା'ର ପ୍ରତିବାଦରେ ନିଜ ରାଜ୍ୟରେ ଅରାଜକତା ସୃଷ୍ଟି କରିବା। ଏଭଳି ଉତ୍ତର ଶୁଣି ଚୁପ ହୋଇଗଲେ ଲୋକେ। ତାଙ୍କ ନିର୍ଭୀକତା, ସାହସିକତା ଓ ବେସାଲିସପଣକୁ ନେଇ ଏମିତି ଅନେକ ଘଟଣା ଅଛି। ସପ୍ତମ ଦଶକରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା ଓ ଓଡ଼ିଶାର କୋରାପୁଟ ଜିଲାରେ ବଢ଼ି ଚାଲିଥାଏ ମାଓବାଦୀଙ୍କ ପ୍ରାଦୁର୍ଭାବ। ଦୃଢ଼ ହସ୍ତରେ ମାଓବାଦୀ ଦମନ ପାଇଁ ସବୁଆଡୁ ଉଠୁଥାଏ ଦାବି। ମାଓବାଦୀ ସମସ୍ୟାର ସମାଧାନ ନିମନ୍ତେ ଏମିତି ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ନେଇ ସେ ଚାହିଁଥିଲେ ସେମାନଙ୍କ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା। ସେ ଜାଣିଥିଲେ ମାଓବାଦୀ ନେତାମାନଙ୍କୁ ଡାକିଲେ ବି ସେମାନେ ସରକାରଙ୍କ ଉପରେ ଆସ୍ଥା ସ୍ଥାପନ କରି ଆସିବେନି କି ପୋଲିସ ଫୋର୍ସ ନେଇ ତାଙ୍କ ପାଖକୁ ଗଲେ ସେମାନେ କେବେ ରାଜି ହେବେନି ଆଲୋଚନା ପାଇଁ। ସେଥିପାଇଁ ବିନା ପୋଲିସ ଫୋର୍ସରେ ସେ ଏକୁଟିଆ ମାଓବାଦୀଙ୍କ ଆଡ୍ଡାକୁ ଯିବା ପାଇଁ ସ୍ଥିର କଲେ, ଯାହା ଶୁଣି ପୋଲିସ ପ୍ରଶାସନ ଓ ସୁରକ୍ଷା ଅଧିକାରୀଙ୍କ ଆଖିରୁ ହଜିଗଲା ନିଦ। ଏଭଳି ବିପଜ୍ଜନକ ନିଷ୍ପତ୍ତିରୁ ଓହରି ଆସିବା ପାଇଁ ସୁରକ୍ଷା ଅଧିକାରୀମାନେ ଯେତେ ଅନୁରୋଧ କଲେ ବି ପାହାଡ଼ ଭଳି ଦୃଢ଼ ଓ ତୁଙ୍ଗ ମନୋବଳକୁ ଟଳାଇବା କ'ଣ ସହଜ। ଶେଷରେ ସେ ସୁରକ୍ଷା ବାହିନୀକୁ ଅନତି ଦୂରରେ ଛାଡ଼ି ଏକା ଏକା ମାଓବାଦୀ ଆଡ୍ଡାରେ ପ୍ରବେଶ କରିଥିଲେ ସେମାନଙ୍କୁ ବସେଇ ସଭା କରିଥିଲେ ସେହି ଘଞ୍ଚ ଜଙ୍ଗଲ ଭିତରେ। ବେଠିପ୍ରଥା ଓ ମହାଜନି କାରବାର ଉଚ୍ଛେଦ ଆଦି ଥିଲା ସେମାନଙ୍କ ଦାବି। ସେମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ମୁତାବକ ବେଠି ପ୍ରଥା ଉଚ୍ଛେଦ ଓ ମହାଜନି କାରବାର ଉପରେ ଅଙ୍କୁଶ ଥିଲା ତାଙ୍କର ଆଉ ଏକ ସାହସିକ ପଦକ୍ଷେପ। ସେତେବେଳେ ଗ୍ରାମାଞ୍ଚଳରେ ସୁଧଖୋର ମହାଜନମାନେ ଗରିବ ଲୋକଙ୍କୁ ଟଙ୍କା ଲଗାଣ କରି ଉଚ୍ଚ ହାରରେ ସୁଧ ଆଦାୟ କରୁଥିଲେ ଏବଂ କେହି ଋଣ ଶୁଝି ନ ପାରିଲେ ନିଲାମ ଆକାରରେ ନେଇଯାଉଥିଲେ ଗୋରୁ, ଜମିବାଡ଼ି ଓ ଘରର ଆସବାବପତ୍ର। ମହାଜନଙ୍କ ଶୋଷଣରୁ ଗରିବ ଲୋକଙ୍କୁ ରକ୍ଷା କରିବା ପାଇଁ ସେ ଦୃଢ଼ ପଦକ୍ଷେପ ନେଲେ, ଯାହା ଫଳରେ ତାଙ୍କ ଉପରେ କ୍ଷୁବ୍ଧ ହେଲେ ସମାଜର ଧନୀ ଶ୍ରେଣୀର ଲୋକେ। କେନ୍ଦୁପତ୍ର ଜାତୀୟକରଣଠାରୁ 'ଓଡ଼ିଶା ଦିବସ'କୁ ସରକାରୀ ସ୍ତରରେ ପାଳନ କରିବା ନିମନ୍ତେ ପ୍ରଥମେ ପଦକ୍ଷେପ ନେବା ପର୍ଯ୍ୟନ୍ତ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବରେ ସେ ଯେଉଁ ଲୋକାଭିମୁଖୀ କାର୍ଯ୍ୟ କରିଯାଇଛନ୍ତି, ତାହା ତାଙ୍କୁ ଜନମାନସରେ ଅମରକରି ରଖିବ କାଳକାଳ ପାଇଁ।

### ପୁଣ୍ୟତିଥି ଅବସରରେ



ଅବସରପ୍ରାପ୍ତଅଧ୍ୟକ୍ଷ, ବିଜୁପଟ୍ଟନାୟକନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ବୁଢ଼ା ବରଗଛ ଛାଇ



ପ୍ରଣତି ଆଚାର୍ଯ୍ୟ ମିଶ୍ର

କିଛି ଦିନ ତଳେ ଜଣେ ହ୍ୱାଟ୍ସଆପ୍‌ରେ ଏକ ରିଲ୍ (ଭିଡିଓ) ପଠାଇଥିଲେ। ଏଥିରେ ଗ୍ରୀଷ୍ମଋତୁର ପ୍ରାତଃକାଳରେ ଜଣେ ବୃଦ୍ଧ ଜେଜେବାପା ଗାଁର କଚ୍ଚା ରାସ୍ତାରେ ସାଇକେଲରେ ନାତୁଣୀକୁ ସ୍କୁଲକୁ ଛାଡ଼ିବାକୁ ଯାଉଥିଲେ। ନାତୁଣୀ ସାଇକେଲ ପଛ କ୍ୟାରିଅରରେ ବସି ଜେଜେଙ୍କୁ ଜାବୁଡ଼ି ଧରିଥିଲା। ଏହା ଦେଖି ଅନୁଭବ କରିହୁଏ ନାତି ନାତୁଣୀଙ୍କ ପାଇଁ ଜେଜେବାପା ସୁପର ହିରୋ। ଏହା ବି ଅନୁମେୟ ପରବର୍ତ୍ତୀ ପିଢ଼ିପାଇଁ ବୃଦ୍ଧଙ୍କ ସାନିଧ୍ୟ କେତେ ମୂଲ୍ୟବାନ୍। କୁହାଯାଏ ଦୁଇଟି ଜିନିଷ ଜଣେ ବ୍ୟକ୍ତିକୁ ଜ୍ଞାନୀ କରିଥାଏ। ଗୋଟିଏ ହେଲା ପୁସ୍ତକ, ଦ୍ୱିତୀୟଟି ବୃଦ୍ଧ ବ୍ୟକ୍ତିଙ୍କ ସାନିଧ୍ୟ। ପ୍ରତ୍ୟେକ ବୃଦ୍ଧ ବ୍ୟକ୍ତି ତାଙ୍କ ନାତିନାତୁଣୀଙ୍କ ଯତ୍ନ ନେଇ, ସ୍ନେହ ଦେଇ, ସେମାନଙ୍କୁ ଜୀବନ କୌଶଳ ଶିଖାଇବାରେ ଅପାର ଆନନ୍ଦ ପାଆନ୍ତି। ଘରେ ବୃଦ୍ଧ ବ୍ୟକ୍ତି ଥିଲେ ଅନେକ ସମସ୍ୟାର ସମାଧାନ ଆପେ ଆପେ ହୋଇଯାଏ। ମନସ୍ତତ୍ତ୍ୱବିତ୍ ଆଡ୍‌ଲର କୁହନ୍ତି, ବୟସ୍କଙ୍କ ଆଲୋଚନାରେ ଔଷଧୀୟ ଗୁଣ ରହିଛି, ଯାହା ଅନେକ ମାନସିକ ଏବଂ ଶାରୀରିକ ରୋଗରୁ ଉପଶମ ଦେଇପାରେ। ବେଳେବେଳେ ବୃଦ୍ଧମାନେ ପାଖରେ ଥାଆନ୍ତି, ହେଲେ ସେମାନଙ୍କର ଗୁରୁତ୍ୱକୁ ଅଣଦେଖା କରାଯାଏ। ପରେ ଅନେକ ଛୋଟ ବଡ଼ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ। ହିନ୍ଦୀ ଚଳଚ୍ଚିତ୍ର 'ଅତିଥି ତୁମ କବ ଜାଓଗେ'ରେ ଏହା ବହୁତ ଭଲ ଭାବରେ ଦର୍ଶାଯାଇଛି।

ଥରେ ଏକ ଟ୍ରେନର କମ୍ପାର୍ଟମେଣ୍ଟରେ କେବଳ ଜଣେ ବୃଦ୍ଧ ବସିଥିଲେ। ପରବର୍ତ୍ତୀ ଷ୍ଟେଶନରେ ସାତ–ଆଠ ଜଣ ଯୁବକ ସେଥିରେ ଚଢ଼ିଲେ। ସମାନ ବୟସର ପୁଅମାନଙ୍କ ମଧ୍ୟରେ ଝଗଡ଼ା ଏବଂ ଦୁଷ୍ଟାମି ଏକ ଅଭ୍ୟାସ ବୋଲି ଧରାଯାଏ। ସେମାନଙ୍କ ମଧ୍ୟରୁ ଜଣେ କହିଲା, ବସି ବସି ବିରକ୍ତ ଲାଗିଲାଣି; କିଛି ଗୋଟେ ମଜା ମସ୍ତି କରିବା। ଚାଲ ସମସ୍ତେ ମିଶି ଏଇ ଟ୍ରେନ୍ ଚେନ୍ ଟାଣିବା। ସେ ତାଙ୍କ କଥା କହିବା ମଝିରେ ଅନ୍ୟ ଜଣେ ତାଙ୍କୁ ବାଧା ଦେଇ କହିଲା, ଚେନ୍ ଟାଣିଲେ ଟ୍ରେନ ବନ୍ଦ ହୋଇଯିବ। ଟିଟି ଆସିବାମାତ୍ରେ ଆମେ ଅସୁବିଧାରେ ପଡ଼ିବା। ଅଯଥାରେ ଜରିମାନା ହେବ ନଚେତ୍ ଜେଲ୍ ଯିବା। ତୃତୀୟ ପୁଅଟି କହିଲା, ଏପରି କରିବା ପୂର୍ବରୁ ଆମ ପକେଟରେ କେତେ ଟଙ୍କା ଅଛି ତାହା ଆଗ ଦେଖ ପରେ ମସ୍ତି କରିବ। ସମସ୍ତେ ନିଜ ନିଜ ପକେଟ ଖୋଜିବା ଆରମ୍ଭ କଲେ। କାହା ପକେଟରେ ଶହେ ଟଙ୍କା ଥିଲା ତ କାହା ପାଖରେ ଦୁଇଶହ। ସର୍ବମୋଟ ପନ୍ଦର ଶହ ଟଙ୍କା ହେବ। ନିରବରେ ବସିଥିବା ବୃଦ୍ଧ ବ୍ୟକ୍ତି ପୁଅମାନଙ୍କ କଥାବାର୍ତ୍ତା ଧ୍ୟାନର ସହିତ ଶୁଣୁଥିଲେ। ଏହି ସମୟରେ ପୁଅମାନଙ୍କ ମଧ୍ୟରୁ ଜଣଙ୍କ ମୁଣ୍ଡରେ ଏକ ଧାରଣା ଆସିଲା। ସେ କହିଲା, ଆମେ ଚେନ୍ ଟାଣିଦେବା, ଟିଟି ଆସିଲେ ଏହି ବୃଦ୍ଧଙ୍କ ନାମ ଦେବା। ଏଥିରେ ମସ୍ତିକୁ ମସ୍ତି, ଆମର ଟଙ୍କା ମଧ୍ୟ ରହିଯିବ। ସମସ୍ତେ ରାଜି ହୋଇ ହସି ହସି ଚେନ୍ ଟାଣିଲେ। ବ୍ରେକ ଶବ୍ଦ ସହିତ ଟ୍ରେନ୍ ଚକ ବନ୍ଦ ହୋଇଗଲା। ଦୁଇ–ଚାରି ମିନିଟ ପରେ ଟିଟି ଆସି ପଚାରିଲେ– ଭାଇ, ଚେନ୍ କିଏ ଟାଣିଛି ? ପୁଅମାନେ ବୃଦ୍ଧଙ୍କ ଆଡ଼କୁ ଇଙ୍ଗିତ କରି କହିଲେ ସେ... ! ଟିଟି ବୃଦ୍ଧଙ୍କୁ ପଚାରିଲେ ତୁମେ ଏହାକୁ ଟାଣିଲ କି ? ବୃଦ୍ଧଙ୍କ ପାଖରେ ଖସିଯିବାର କୌଣସି ଉପାୟ ନଥିଲା। ତେଣୁ ସେ ସ୍ୱୀକାର କରି କହିଲେ ହଁ, ମୁଁ ଚେନ୍ ଟାଣିଥିଲି।



ଆଉ କ'ଣ କରିଥାନ୍ତି ? ମୋ ପାଖରେ ପନ୍ଦର ଶହ ଟଙ୍କା ଥିଲା। ଏହି ପିଲାମାନେ ବଳପୂର୍ବକ ମୋ'ଠାରୁ ଛଡ଼ାଇ ନେଇଗଲେ। ଦୟାକରି ମୋ ଟଙ୍କା ଫେରାଇ ଆଣନ୍ତୁ। ତୁମର ବଡ଼ ଉପକାର ହେବ। ଟିଟି ରେଳବାଇ ପୋଲିସକୁ ଫୋନ୍ କଲେ। ପୁଅମାନଙ୍କ ପକେଟ ଖୋଜିବା ପରେ ପନ୍ଦର ଶହ ଟଙ୍କା ମିଳିଲା। ପୋଲିସ ବୃଦ୍ଧଙ୍କୁ ଟଙ୍କା ଦେଇ ପୁଅମାନଙ୍କୁ ନେଇଗଲେ। ବୃଦ୍ଧ ଜଣକ ଧୀର ସ୍ୱରରେ କହିଲେ, ମୋର ଚୁଟି ଏମିତି ଧଳା ହୋଇନି। ବୟସ୍କମାନେ ସମୟ ଆଧାରରେ ସମସ୍ୟାର ଉପଯୁକ୍ତ ସମାଧାନ ପରିପ୍ରେକ୍ଷୀରେ ବୁଝାଯାଇପାରିବ। ଆଚରଣ ଦୃଷ୍ଟିରୁ ଯୁବପିଢ଼ିଙ୍କ ମଧ୍ୟରେ ପ୍ରାୟତଃ ଦେଖାଯାଉଥିବା ଅପରିପକ୍ୱତାରେ ଏହାକୁ ଏକ ଶିକ୍ଷା ଭାବରେ ଦେଖାଯାଇପାରେ। ସତ୍ୟ ହେଉଛି ବୟସ୍କମାନେ ସେମାନଙ୍କ ଅଭିଜ୍ଞତା ମାଧ୍ୟମରେ ଯୁବପିଢ଼ିକୁ ଠିକ୍ ଏବଂ ଭୁଲ୍ ମଧ୍ୟରେ ପାର୍ଥକ୍ୟ ବୁଝାଇ ପାରନ୍ତି ଏବଂ କଷ୍ଟକର ପରିସ୍ଥିତିରେ ମୁକାବିଲା କରିବାର ଉପାୟ କହିପାରନ୍ତି। ବୁଢ଼ା ହୋଇଥିବା ବୃକ୍ଷ ଫଳ ନଦେଲେ ବି ସେମାନଙ୍କର ଛାଇ ବହୁତ ସାନ୍ତ୍ୱନାଦାୟକ। ସେଥିପାଇଁ ପରିବାରର ବୟସ୍କମାନଙ୍କ ସେବା କରିବା ସର୍ବଦା ଈଶ୍ୱରଙ୍କ ପୂଜା ବୋଲି ବିବେଚନା କରାଯାଏ। ଏହା ନିଶ୍ଚିତ ଯେ ବୃଦ୍ଧମାନେ ସେମାନଙ୍କର ଅଭିଜ୍ଞତା, ଜ୍ଞାନ ଏବଂ ମାର୍ଗଦର୍ଶନ ଦ୍ୱାରା ପରବର୍ତ୍ତୀ ପିଢ଼ିକୁ ଶିକ୍ଷା ଦେଇପାରିବେ। ପରିବାରକୁ ମଜଭୁତ କରିପାରିବେ। ଘରର ଚାରିକାନ୍ଥ ମଧ୍ୟରେ ପାରିବାରିକ ବିବାଦର ସମାଧାନ କରିବାର ଶକ୍ତି ତାଙ୍କ ପାଖରେ ଅଛି।

ବୃଦ୍ଧମାନେ ପରିବାରର ସଦସ୍ୟମାନଙ୍କୁ ଏକାଠି କରନ୍ତି। ସାମାଜିକ ମୂଲ୍ୟବୋଧ ବୃଦ୍ଧି ଏବଂ ସୁଦୃଢ଼ କରିବାରେ ସାହାଯ୍ୟ କରନ୍ତି। ସେମାନେ ପରିବାରର ରୀତିକୁ ପରବର୍ତ୍ତୀ ପିଢ଼ିକୁ ହସ୍ତାନ୍ତର କରନ୍ତି। ଘରେ ନିଜ ମାତୃଭାଷାରେ କଥା ହେବା ଦ୍ୱାରା ପରବର୍ତ୍ତୀ ପିଢ଼ି ସେମାନଙ୍କଠାରୁ ବହୁତ କିଛି ଶିଖନ୍ତି। କଥାରେ ପ୍ରବାଦ ମିଶ୍ରଣ କରି ପିଲାମାନଙ୍କ ହୃଦୟ ଏବଂ ମନ ଉପରେ ଏପରି ପ୍ରଭାବ ପକାଇଥାନ୍ତି, ଯାହାକୁ ପିଲାମାନେ ସାରାଜୀବନ ମନେରଖନ୍ତି। ସେମାନଙ୍କ ଉପସ୍ଥିତି ଘରେ ସୁରକ୍ଷାର ଭାବନା ପ୍ରଦାନ କରେ। ପ୍ରତ୍ୟେକ ବୃଦ୍ଧ ହେଉଛନ୍ତି ସମାଜର ସେହି ପ୍ରଦୀପ, ଯେଉଁମାନେ ଅନ୍ଧାରରେ ମଧ୍ୟ ଆଲୋକ ବିସ୍ତାର କରନ୍ତି। ସେମାନଙ୍କ ଆଖିରେ ଲୁଚି ରହିଥିବା କାହାଣୀ, ସେମାନଙ୍କ କଥାରେ ଥିବା ଜ୍ଞାନ ଆମକୁ ଶିକ୍ଷାଦିଏ ଯେ ଜୀବନର ପ୍ରକୃତ ଅର୍ଥ ବଞ୍ଚିବାରେ ନୁହେଁ ବରଂ ଏହାକୁ ବୁଝିବାରେ ନିହିତ। ସେମାନଙ୍କ କାହାଣୀଗୁଡ଼ିକ କୁହେ ଜୀବନର ପ୍ରତ୍ୟେକ ଭୁଲ୍ ପ୍ରତ୍ୟେକ ଦୁଃଖ ଏକ ଶିକ୍ଷା। ଏହା ଏକ ଐତିହ୍ୟ, ଯାହା ପିଢ଼ି ପିଢ଼ିକୁ ସଂଯୋଗ କରେ। ବୃଦ୍ଧ ହେଉଛନ୍ତି ସେହି ପୁସ୍ତକ, ଯାହାର ପୃଷ୍ଠାରେ ଜୀବନର ପ୍ରତ୍ୟେକ ରଙ୍ଗ ଲେଖା ହୋଇଥାଏ। ସେଗୁଡ଼ିକୁ ପାଠ କଲେ, ସେମାନଙ୍କ ଅଭିଜ୍ଞତାକୁ ବୁଝିଲେ, ଜୀବନର ପ୍ରକୃତ ଅର୍ଥମିଳେ। ବୃଦ୍ଧଙ୍କ ମଧ୍ୟରେ ଲୁଚି ରହିଥିବା ଶକ୍ତି ଶିଖାଏ ଯେ ପ୍ରେମ, କରୁଣା ଏବଂ କ୍ଷମା ହେଉଛି ଜୀବନର ମୂଳ। ସମୟର ଜ୍ଞାନ ସେମାନଙ୍କ କୁଞ୍ଚନରେ ଲୁଚି ରହିଛି। ଏପରି କୁହାଯାଇପାରେ ଯେତେବେଳେ ପାଚିଲା ଅଙ୍ଗୁର କିସମିସରେ ପରିଣତ ହୁଏ ତାର ମୂଲ୍ୟ ଚାରିଗୁଣ ବଢ଼ିଯାଏ। ଜୀବନର ସୁଖ ଏବଂ ଦୁଃଖର ସୂର୍ଯ୍ୟ କିରଣରେ ସେକିହୋଇଥିବା ବୟସ୍କ ଲୋକଙ୍କ ଜ୍ଞାନ, ବୁଝାମଣା ଏବଂ ଅଭିଜ୍ଞତା ଠିକ୍ ଏହି କିସମିସ ପରି।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ଏଇ ଭାରତରେ

ଜଳ ପ୍ରଦୂଷଣ ଓ ସଙ୍କଟ ଏବେଠୁ ବିଷମ ସ୍ଥିତି ଉପୁଜାଇଲାଣି। ଦେଶର ଅନେକ ଭାଗରେ ପାନୀୟ ଜଳ ଅଭାବ ମଧ୍ୟ ଦେଖାଗଲାଣି। ତେବେ ଏସବୁକୁ ଲକ୍ଷ୍ୟକରି ଉତ୍ତରପ୍ରଦେଶ ବୁନ୍ଦେଲଖଣ୍ଡର ୩୦ ବର୍ଷୀୟ ରାମବାବୁ ତିୱାରୀ ନିଜ ଅଞ୍ଚଳରେ ପୋଖରୀ ପୁନରୁଦ୍ଧାର କରିବାରେ ଲାଗିଛନ୍ତି। ସେ ରହୁଛନ୍ତି ନିଜ ଅଧୱାନ ଗାଁରେ। ଗ୍ରାମବାସୀଙ୍କୁ ଏକାଠି କରି ଲୋକଙ୍କ ସହାୟତାରେ ପୋଖରୀ ପୁନରୁଦ୍ଧାର କରୁଛନ୍ତି। ପୋଖରୀରୁ ପଙ୍କ ଓ ଦଳ ବାହାରକରି ତାହାର ପାଣିକୁ ବ୍ୟବହାର ଉପଯୋଗୀ କରିପାରିଛନ୍ତି। ଏବେ ସୁଦ୍ଧା ସେମାନେ ବୁନ୍ଦେଲଖଣ୍ଡର ୭୫ଟି ପୋଖରୀର ପୁନରୁଦ୍ଧାର କରିସାରିଲେଣି। ବଡ଼ କଥା ହେଉଛି ରାମବାବୁଙ୍କୁ ଯେତେବେଳେ ୧୭ ବର୍ଷ ହୋଇଥିଲା ସେ ଦଶମ ଶ୍ରେଣୀରେ ପଢୁଥିଲେ ଓ ସେତେବେଳେ ସେ ଏହି କାମ ଆରମ୍ଭ କରିଥିଲେ। ସେ ପ୍ରଥମେ ନିଜ ଗାଁ ପୋଖରୀ ପୁନରୁଦ୍ଧାରରୁ କାର୍ଯ୍ୟ ଆରମ୍ଭ କରିଥିଲେ। ତା' ପରଠାରୁ ସେ କେବେ ବି ଅଟକି ନାହାନ୍ତି, ଗୋଟିଏ ପରେ ଗୋଟିଏ ପୁଷ୍କରିଣୀ ପୁନରୁଦ୍ଧାର କରି ନିଜ ଅଞ୍ଚଳରେ ଜଳସଙ୍କଟ ଦୂର କରିପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୪ ଅଗଷ୍ଟ ୧୯୭୬

- ତ୍ରିନିଦାଦ ଏବଂ ଟୋବାଗୋର କରିବେଆନା ରାଜ୍ୟ ଦୀର୍ଘ ୧୭୯ ବର୍ଷର ବ୍ରିଟିଶ ରାଜତନ୍ତ୍ର ଶାସନରୁ ମୁକ୍ତ ହୋଇ ଏକ ସାଧାରଣତନ୍ତ୍ର ରାଷ୍ଟ୍ରରେ ପରିଣତ ହୋଇଛି।
- ବମ୍ବେହାଇ ଓ ବାସେଇନ୍ ମଧ୍ୟରେ ଏକ ନୂତନ କୂପରୁ ତୈଳର ସନ୍ଧାନ ମିଳିଥିବା ପେଟ୍ରୋଲିୟମ ବିଭାଗ ମନ୍ତ୍ରୀ ଶ୍ରୀ କେ.ଡି. ମାଲବୀୟଙ୍କ ଘୋଷଣା।

## ଚିରନ୍ତନୀ

କାକଳି ତୋଳି କରଇ କେଳି
ସରସୀ ଜଳେ ହଂସ
ପକ୍ଷେ ତାର ଲାକ୍ଷା ଲାଗେ
ତୁମରି ରାଗ ଅଂଶ
ମୁଗ୍ଧ ଲୀଟ କୁସୁମେ କରେ
ଗୁଞ୍ଜନ ହେ ଗୁଞ୍ଜନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ !

–(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରାଫିକ୍ ସମସ୍ୟା...

ମହାଶୟ,

ପ୍ରଥମ କରୋନା ସମୟରେ ବାଲେଶ୍ୱର ମୋତିଗଞ୍ଜ ମାଛ ବଜାରରୁ କିଛି ମାଛ ବ୍ୟବସାୟୀ ଆସି ହେମକାପଦା ଛକରେ ବ୍ୟବସାୟ ଆରମ୍ଭ କରିଥିଲେ। ମାତ୍ର କରୋନା ଛାଡ଼ିଯିବା ପରେ ସେମାନେ ଏଠାରୁ ଆଉ ଗଲେନାହିଁ। ଏବେ ଏହି ଛକରେ ପ୍ରବଳ ଭିଡ଼ ହେଉଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି। ଛୋଟ ଛୋଟ ଦୁର୍ଘଟଣା ଘଟୁଛି। ସକାଳଠାରୁ ଦିନ ୧୨ଟା ପର୍ଯ୍ୟନ୍ତ ପ୍ରବଳ ଗହଳି ହେତୁ ଚାରିଚକିଆ ଯାନ ମଧ୍ୟ ଯିବାରେ ଅସୁବିଧା ସୃଷ୍ଟି ହେଉଛି। ଏଣୁ ଅନୁରୋଧ, ନିକଟରେ ଥିବା କୈବର୍ତ୍ତମାନଙ୍କର ଠାକୁରବାଡ଼ି ଭାବେ ପରିଚିତ ଜାଗାରେ ସେମାନଙ୍କ ବସିବାର ସୁବିଧା କରିଦେଲେ କାହାର କିଛି ଅଭିଯୋଗ ହୁଅନ୍ତା ନାହିଁ। ଏଥିପ୍ରତି ବାଲେଶ୍ୱର ପୌର କର୍ତ୍ତୃପକ୍ଷ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ।

– ସୁରଜ କୁମାର ଦାସ, ମୋତିଗଞ୍ଜ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଇନ୍‌ଷ୍ଟାଗ୍ରାମ୍‌ରେ ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ, ୨ ଗିରଫ**

**କୋରୁକୋଣ୍ଡା,(ଶିବଦତ୍ତ ସାହୁ):** ଇନ୍‌ଷ୍ଟାଗ୍ରାମ୍‌ରେ ଫେକ୍ ଆଇଡି ଖୋଲି ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଅଭିଯୋଗରେ ମାଲକାନଗିରି ଜିଲା ଓର୍କେଲ ପୋଲିସ ଶନିବାର ୨ ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ମୋଟୁ ଥାନା ଅନ୍ତର୍ଗତ ଏମ୍‌ପିଭି-୪୧ ଗ୍ରାମର ସଞ୍ଜିତ ହାଲଦାର(୨୨) ଏବଂ ଅନ୍ୟ ଜଣେ ଓର୍କେଲ ଥାନା ଅଧୀନ ଏମ୍‌ଭି -୩୬ ଗ୍ରାମର ସୁଜନ ମଜୁମ୍‌ଦାର। ସେମାନଙ୍କ ନିକଟରୁ ଦୁଇଟି ମୋବାଇଲ ଫୋନ୍ ପୋଲିସ ଜବତ କରିଛି।

ଗୁଣିଗାରେଡ଼ି ସନ୍ଦେହ

# ଯୌନାଙ୍ଗ କାଟି ଯୁବକଙ୍କୁ ହତ୍ୟା


ଗିରଫ ଅଭିଯୁକ୍ତ।

**ପାରଳାଖେମୁଣ୍ଡି/ମୋହନା, ୩।୮ (ଗିରିଧାରୀ ପରିଚ୍ଛା/ମନ୍ମଥ ମିଶ୍ର)**

ଗଜପତି ଜିଲା ମୋହନା ଥାନା ରାଚାଗୁଡ଼ା ଗାଁରେ ଗୁଣିଗାରେଡି ସନ୍ଦେହରେ ଶନିବାର ରାତିରେ ଜଣେ ଯୁବକଙ୍କ ଯୌନାଙ୍ଗ କାଟି ତାଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଗୋପାଳ ମଳିକ (୪୦)। ଏନେଇ ମୋହନା ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଏଥିରେ ସମ୍ପୃକ୍ତ ୧୪ଜଣଙ୍କୁ ଗିରଫ କରିଛି। ସେମାନେ ରଚାଗୁଡ଼ା ଗ୍ରାମର ସୁବାସ ମଳିକ(୪୦), ଅଜୟ ମଳିକ(୨୨), ସୀମାଞ୍ଚଳ ମଳିକ(୩୫), କୁମାର ମଳିକ(୨୮), ଗୌର ମଳିକ(୨୫), ପ୍ରଫୁଲ୍ଲ ମଳିକ(୨୪), ପ୍ରଶାନ୍ତ ମଳିକ(୨୦), ଶିବାନନ୍ଦ ମଳିକ(୨୬), ଚନ୍ଦ୍ର ମଳିକ(୧୭) ଓ ଗୁଞ୍ଜିମା ଗାଁର ଘାସିରାମ ମଳିକ(୨୬), ସୁଣ୍ଢିଆ ମଳିକ (୨୧), ଶିବ ମଳିକ(୧୮), ରମାକାନ୍ତ ମଳିକ(୩୦) ଓ ମରା ମଳିକ(୫୮) ବୋଲି ଖବରଦାତା ସମ୍ମିଳନୀରେ ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି।

ଗତ ୧୫ ଦିନ ତଳେ ରାଚାଗୁଡ଼ା ଗାଁର ସୁବାସ ମଳିକଙ୍କ ସ୍ତ୍ରୀ ଝୁନୁଙ୍କ କୌଣସି କାରଣରୁ ମୃତ୍ୟୁ ଘଟିଥିଲା। ଏନେଇ ଗ୍ରାମବାସୀ ଗାଁର ଗୋପାଳ ମଳିକ(୪୦)ଙ୍କୁ ଗୁଣିଗାରେଡ଼ି କରିଥିବା ସନ୍ଦେହ କରିଥିଲେ। ତାଙ୍କୁ ମାରିବା ପାଇଁ ସୁବାସ ଓ ତାଙ୍କ ସହଯୋଗୀମାନେ ଯୋଜନା କରିଥିଲେ। ଏହା ଜାଣିବା ପରେ ଗୋପାଳ ଭୟରେ ଗାଁ ଛାଡ଼ି ତାଙ୍କ ଶ୍ୱଶୁର ଘର ଗଞ୍ଜାମ ଜିଲା ବଡ଼ଗଡ଼ ଥାନା ଅନ୍ତର୍ଗତ ଖଣ୍ଡି ଗାଁକୁ ଚାଲିଯାଇଥିଲେ। ତେବେ ଶନିବାର ଅପରାହ୍ଣରେ ଗୋପାଳ ନିଜ ଜୀବିକା ପାଇଁ ପାଳିଥିବା ଗୋରୁ, ମେଣ୍ଢା, ଛେଳି ନେବାକୁ ଗାଁକୁ ଆସିଥିଲେ। ଏହା ପୂର୍ବରୁ ସେ ତାଙ୍କ ଗୋରୁ, ଛେଳି, ମେଣ୍ଢା ଗାଁଠାରୁ ଟିକେ ଦୂରକୁ ନେଇ ଆସିବା ପାଇଁ ଭାଉଜ ସୀତା ମଳିକଙ୍କୁ କହିଥିଲେ। ସେହି ଅନୁସାରେ ଗୋପାଳ ଓ ତାଙ୍କ ଶଳା ଗାଁଠାରୁ କିଛି ଦୂର ପଳାଶପଦର ନିକଟରେ ଅପେକ୍ଷା କରିଥିଲେ। ଭାଉଜ ଗୋରୁ, ମେଣ୍ଢା, ଛେଳି ଅଡ଼ାଇ ପଳାଶପଦର ଯାଇ ତାଙ୍କୁ ଦେଇଥିଲେ। ଏସବୁ ଧରି ଗୋପାଳ ସେଠାରୁ ଚାଲିଯିବାକୁ ଉଦ୍ୟମ କରୁଥିବାବେଳେ ଖବର ପାଇ ଗୁଞ୍ଜିମା ଓ ରାଚାଗୁଡ଼ାର କେତେଜଣ ଲୋକ ସେଠାରେ ପହଞ୍ଚି ଗୋପାଳଙ୍କୁ କାବୁକରି ଗାଁକୁ ଟାଣି ନେଇଥିଲେ। ତାଙ୍କୁ କୋଠ ଘରେ ରଖି ମାରପିଟ କରି ନିର୍ଯାତନା ଦେଇଥିଲେ। ପରେ ଗୋପାଳଙ୍କୁ ହରଭଙ୍ଗୀ ଡ୍ୟାମ୍ ନିକଟକୁ ନେଇ ସେଠାରେ ହାତଗୋଡ଼ ବାନ୍ଧି ଯୌନାଙ୍ଗ କାଟି ହତ୍ୟାକରି ଡ୍ୟାମରେ ଫିଙ୍ଗି ଦେଇଥିଲେ। ଖବର ପାଇ ଗୋପାଳଙ୍କ ଭାଉଜ ସୀତା ରାତିରେ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ମୋହନା ପୋଲିସ ୧୧୩/୨୫ ନମ୍ବରରେ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଧରିବାକୁ ୨ଟି ଟିମ୍ ଗଠନ କରିଥିଲା। ଉକ୍ତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ଅଭିଯୁକ୍ତମାନେ ୩ଟି ଅଟୋ (ଓଡ଼ି୦୭ଏକ୍ସ-୭୦୩୬, ଓଡ଼ି୦୨ସି-୫୧୮୮ ଏବଂ ଓଡ଼ି୦୭କେ-୫୯୯୨) ଯୋଗେ ଫେରାର ହୋଇଯାଇଥିଲେ। ସମସ୍ତେ କର୍ଦ୍ଦବାଡ଼ି ପଞ୍ଚାୟତର ଶୁଖିଲାଆମ୍ବ ଛକ ଦେଇ କୌଣସି ଏକ ଅଜ୍ଞାତ ସ୍ଥାନକୁ ଚାଲିଯାଉଥିବାବେଳେ ପିଛା କରୁଥିବା ପୋଲିସ ଚନ୍ଦ୍ରଗିରି ନିକଟରେ ସମସ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲା। ସେମାନଙ୍କୁ ଅଟକ ରଖି ପଚରାଉରା କରି ଗିରଫ କରାଯାଇଥିଲା। ମୃତଦେହ, ହତ୍ୟାରେ ବ୍ୟବହୃତ ପଥର, ଦଉଡି ଓ ୩ଟି ଅଟୋକୁ ଜବତ କରାଯାଇଛି। ଅଭିଯୁକ୍ତମାନେ ପଚରାଉଚରା ବେଳେ ଗୋପାଳଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ଏସ୍‌ପି ପଣ୍ଡା କହିଛନ୍ତି।

ଆର. ଉଦୟଗିରି ଏସ୍‌ଡିପିଓ ଶୁରେଶ କୁମାର ତ୍ରିପାଠୀ କହିଛନ୍ତି, ରବିବାର ସକାଳୁ ମୋହନା, ଅଡ଼ବା ପୋଲିସ ଏବଂ ଅଗ୍ନିଶମବାହିନୀ ସହାୟତାରେ ହତ୍ୟା ଅଭିଯୁକ୍ତମାନଙ୍କୁ ଡ୍ୟାମ ନିକଟକୁ ନେଇ ଘଟଣାସ୍ଥଳ ଚିହ୍ନଟ କରାଯିବା ସହ ଡ୍ୟାମ ଭିତରୁ ଗୋପାଳଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସାଇଣ୍ଟିଫିକ ଟିମ୍ ପହଞ୍ଚି ଅନୁଧ୍ୟାନ କରିଛି। ଆଉ ଯେଉଁମାନେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଏସ୍‌ଡିପିଓ ତ୍ରିପାଠୀ ପ୍ରକାଶ କରିଛନ୍ତି।

**୧୪ ଗିରଫ**

### ୩୦ ତେନ୍ତୁଳି ଗଛ ପାଇଁ ଶତ୍ରୁତା

ମୃତକ ଗୋପାଳ ମଳିକଙ୍କ ପରିବାର ଲୋକେ କହିଛନ୍ତି ଯେ, ସେମାନଙ୍କର ପ୍ରାୟ ୩୦ଟି ତେନ୍ତୁଳି ଗଛ ଥିଲା। ଗାଁ ଲୋକେ ସେହି ତେନ୍ତୁଳି ଗଛଗୁଡ଼ିକୁ କୋଠକୁ ଦେବାକୁ ଦାବି କରିଥିଲେ। ସେମାନେ ମନା କରିବାରୁ ଗାଁ ଲୋକଙ୍କ ସହିତ ଗୋପାଳଙ୍କ ଶତ୍ରୁତା ବଢ଼ିଥିଲା। କୌଣସି କାରଣରୁ ଗାଁର ଝୁନୁ ମଳିକଙ୍କ ମୃତ୍ୟୁହେବାରୁ ଏହାକୁ ଆଳ କରି ସମ୍ପୃକ୍ତ ବ୍ୟକ୍ତିମାନେ ଏପରି କାଣ୍ଡ ଘଟାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ଧାର ଟଙ୍କାକୁ ନେଇ ଯୁବକଙ୍କୁ ହତ୍ୟା, ୨ ଗିରଫ

**କାଲିମେଳା, ୩।୮ (ଜୀବନ କୃଷ୍ଣ ଦାସ)**

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଗୁମୁକା ପଞ୍ଚାୟତ ଏମ୍‌ପିଭି ୧୦ ଗ୍ରାମର ଜଣେ ଯୁବକ ଧାର ଟଙ୍କା ନ ଫେରାଇବାରୁ ତାଙ୍କୁ ପ୍ରଥମେ ଅପହରଣ କରାଯିବା ସହିତ ମୋଟୁ ଥାନା ଅନ୍ତର୍ଗତ ଏମ୍‌ପିଭି- ୮୧ ଗ୍ରାମରେ ହତ୍ୟା କରାଯାଇଛି। ମୃତକ ଏମ୍‌ପିଭି ୧୦ ଗ୍ରାମର ବାପି ମଣ୍ଡଳ (୨୨)। ଏଥିରେ ଏମ୍‌ପିଭି ୮୧ ଗ୍ରାମର ଠିକାଦାର ଅନନ୍ତ ହାଲଦାର ଏବଂ ତାଙ୍କର ଅନ୍ୟ ଜଣେ ବନ୍ଧୁ ସୁଜିତ ରୟଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ମୋଟୁ ଥାନାରେ ନଂ.୮୬/୨୫ରେ ଏକ ମାମଲା ରୁଜୁ କରାଯାଇଛି।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ଅପରାହ୍ଣ ପ୍ରାୟ ସାଢ଼େ ୪ ଟାରେ ଠିକାଦାର ଅନନ୍ତ ଏବଂ ସେହି ଗ୍ରାମର ସୁଜିତ ଏମ୍‌ପିଭି ୧୦ ଗ୍ରାମରେ ପହଞ୍ଚି ବାପିଙ୍କ ହାତକୁ ଏକ ଗାମୁଛାରେ ବାନ୍ଧି ଉଠାଇ ନେବାକୁ ଚେଷ୍ଟା କରୁଥିବାବେଳେ ପରିବାର ଲୋକେ ପ୍ରତିବାଦ କରିଥିଲେ। ଏ ନେଇ ଠିକାଦାର ଜଣକ କହିଥିଲେ, ବାପି କାମ କରିବାକୁ କହି ତାଙ୍କ ପାଖରୁ ୩୦ ହଜାର ଟଙ୍କା ନେଇଛନ୍ତି, ମାଗିଲେ ଫେରାଉ ନାହାନ୍ତି। ତେଣୁ ତାଙ୍କୁ ସାଙ୍ଗରେ ନେଇଯାଉଛି, ଟଙ୍କା ଶୁଝିବା ପରେ ଛାଡିଦେବି କହି ବାଇକ୍‌ରେ ବସାଇ ନେଇ ଯାଇଥିବା ବାପିଙ୍କ ଜେଜେବାପା ଚାଣକ୍ୟ ମଣ୍ଡଳ କହିଛନ୍ତି।

ଶନିବାର ପୂର୍ବାହ୍ଣ ପ୍ରାୟ ୧୧ଟାରେ ଠିକାଦାର ଅନନ୍ତ ପୁଣି ଥରେ ଏମ୍‌ପିଭି ୧୦ ଗ୍ରାମକୁ ଆସି ଗାଁ ସଭାପତି ବିକାଶ ମଣ୍ଡଳଙ୍କୁ ସାକ୍ଷାତ କରି ବାପିଙ୍କ ଦେହ ବହୁତ ଅସୁସ୍ଥ ଅଛି, ସେ ଗୁରୁତର ହୋଇପଡିଛନ୍ତି, ତାଙ୍କ ଘର ଲୋକଙ୍କୁ ଜଣାଇ ଦେବାପାଇଁ କହିଥିଲେ। ଏହାର ପ୍ରାୟ ୧ ଘଣ୍ଟା ପରେ ବାପିଙ୍କର ମୃତ୍ୟୁ ହୋଇଥିବା ଅନନ୍ତ ଫୋନ କରି ସଭାପତିଙ୍କୁ ଜଣାଇବା ପରେ ଘଟଣା ପଦାକୁ ଆସିଥିଲା। ଠିକାଦାର ଏବଂ ତାଙ୍କ ସହଯୋଗୀ ବାପିଙ୍କୁ ମାଡ଼ମାରି ହତ୍ୟା କରିଥିବା ପରିବାର ଲୋକେ ମୋଟୁ ଥାନାରେ ଅଭିଯୋଗ କରିଛନ୍ତି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିବା ବେଳେ ବାପିଙ୍କର କିଭଳି ମୃତ୍ୟୁ ହୋଇଛି ତାହା ଜଣାପଡ଼ିନାହିଁ। ଏମ୍‌ପିଭି – ୮୧ ଅଞ୍ଚଳର ଜଣେ କ୍ୱାକ୍ ବାପିଙ୍କର ଚିକିତ୍ସା କରିଥିବା ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବାପି ଦେଢ଼ ବର୍ଷ ତଳେ ବିବାହ କରିଥିବା ବେଳେ ତାଙ୍କ ସ୍ତ୍ରୀ ବର୍ତ୍ତମାନ ଗର୍ଭବତୀ ଅଛନ୍ତି।

# ଯୁବତୀଙ୍କୁ ହତ୍ୟା ଅଭିଯୋଗ, ୨ ଯୁବକ ଅଟକ

**କୋଷାଗୁମୁଡା,୩।୮ (ପ୍ରସାଦ ବିଶୋୟୀ)**


ଅସ୍ତମା ଗୌଡ଼

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ସଦର ମହକୁମାର କୁମ୍ଭାର ସାହି ନିକଟରେ ଥିବା ଏକ ଆମ୍ବଗଛ ମୂଳରୁ ଜଣେ ଯୁବତୀଙ୍କ ମୃତଦେହକୁ ପୋଲିସ ରବିବାର ସକାଳୁ ଜବତ କରିଛି। ସେ ହେଲେ କୁମ୍ଭାର ସାହିର ପର୍ଶୁ ଗୌଡ଼ଙ୍କ ଝିଅ ଅସ୍ତମା ଗୌଡ଼ (୨୩)। ଅସ୍ତମାଙ୍କୁ ଜବରଦସ୍ତି ବିଷ ପିଆଇ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ କୋଷାଗୁମୁଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଉକ୍ତ ସ୍ଥାନକୁ ସିଲ୍ କରିବା ସହ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ଯାଞ୍ଚ କରିଛି। ଏ ନେଇ ଥାନାରେ ୧୫୪/୨୫ ନମ୍ବର ରେ ମାମଲା ରୁଜୁ କରାଯାଇଛି। ୨ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଉମେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଅସ୍ତମା ଶୌଚ ହେବା ପାଇଁ ଶନିବାର ରାତିରେ ଗାଁ ନିକଟସ୍ଥ ପଡ଼ିଆକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ଘର ଲୋକେ ବହୁ ଖୋଜାଖୋଜି କରିଥିଲେ। କିଛି ସମୟ ପରେ ପଡ଼ୋଶୀ ଘରର ଝିଅ ଆସି ଏକ ଆମ୍ବ ଗଛମୂଳେ ଅସ୍ତମା ପଡ଼ିଥିବା ନେଇ ତାଙ୍କ ଘର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ବିଜେଡି ନେତା ପ୍ରଦୀପ ମାଝୀ ମେଡିକାଲରେ ପହଞ୍ଚି ଯୁବତୀଙ୍କୁ ଜୋର ଜବରଦସ୍ତି ବିଷ ପିଆଇ ତଣ୍ଟି ଚିପି ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ସରକାର ଓ ଶାସନ ବ୍ୟବସ୍ଥା ପ୍ରତି ଅପରାଧୀଙ୍କ ଭୟ ନ ଥିବା ଏବଂ ସରକାର ନାରୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ମାଝୀ ଅଭିଯୋଗ କରିଛନ୍ତି। ଯୁବତୀଙ୍କୁ ଉପଯୁକ୍ତ ନ୍ୟାୟ ନ ମିଳିବା ଯାଏ ଲଢ଼େଇ ଜାରି ରହିବ ବୋଲି ସେ କହିଛନ୍ତି। ପୀଡ଼ିତାଙ୍କ ମୃତ୍ୟୁ ପାଇଁ ଦାୟୀ ଥିବା ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରି କଠୋର ଦଣ୍ଡ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ୩ କି.ଗ୍ରା.ର ହାତୀଦାନ୍ତ ଜବତ, ୨ ଗିରଫ

**କେନ୍ଦୁଝର,୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ପାଟଣା ପୋଲିସ ଓ ବନ ବିଭାଗ ମିଳିତ ଭାବେ ଚଢ଼ାଉ କରି ୩ ଖଣ୍ଡ ହାତୀଦାନ୍ତ ଜବତ କରିଛି। ହାତୀଦାନ୍ତ ଅବୈଧ ଭାବେ ରଖିବା, ଏହି ବ୍ୟବସାୟରେ ଜଡ଼ିତ ଥିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପାଟଣା ଥାନା ଅଧୀନ ଏରେଣ୍ଡେଇ ଗ୍ରାମର ମଦନ ମୋହନ ତାମୁଡ଼ିଆ ଓ ସୋସୋ ଥାନା ଅଧୀନ ରଥ ସୋରେନ। ଜବତ ହାତୀଦାନ୍ତର ଓଜନ ୩ କିଲୋ ୨୮୦ ଗ୍ରାମ୍ ହେବ। ଏ ନେଇ କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟରେ ରବିବାର ରାତି ୯ଟା ୩୦ରେ ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ବନ୍ୟପ୍ରାଣୀ ଅପରାଧ ରୋକିବା ପାଇଁ କେନ୍ଦୁଝର ଏସ୍‌ପି ନୀତିନ କୁଶଲକରଙ୍କ ନିର୍ଦ୍ଦେଶରେ ପାଟଣା ବନ ବିଭାଗ ଏବଂ ପୋଲିସ ଶନିବାର ରାତିରେ ପାଟଣା ରେଞ୍ଜର ମଳିପୋଷି ବିଟ୍ ଅନ୍ତର୍ଗତ ଏରେଣ୍ଡେଇ ଓ ଆଖପାଖରେ ଚଢ଼ାଉ କରିଥିଲା। ରାତି ପ୍ରାୟ ୧୦ଟାରେ ପାଟ୍ରୋଲିଂ ଦଳ ଧଳାବ୍ୟାଗ୍ ଧରିଥିବା ମଦନ ମୋହନଙ୍କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା। ତାଙ୍କ ନିକଟରୁ ୨ଟି ହାତୀ ଦାନ୍ତ ଖଣ୍ଡ ଏବଂ ପରେ ଗୋଟିଏ ଖଣ୍ଡ ଜବତ କରିଥିଲା। ସେ ଚଳିତ ବର୍ଷ ରଜ ସମୟରେ ସୋରେନଙ୍କ ନିକଟରୁ ଦାନ୍ତ ନେଇଥିବା କହିଥିଲେ। ଅଭିଯୁକ୍ତଙ୍କ ବୟାନ ଆଧାରରେ ମିଳିତ ଟିମ୍ ସୋରେନ୍‌ଙ୍କୁ ଗିରଫ କରିଥିଲା। ପୋଲିସ ଏକ ମାମଲା (ନଂ. ୪୦/୨୫) ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରିଛି। ଖବରଦାତା ସମ୍ମିଳନୀରେ ସହକାରୀ ବନ ସଂରକ୍ଷକ ଅଶୋକ ଦାସ, ସୁଦୀପ୍ତ ପଣ୍ଡା ଓ ଆଇପିଏସ୍ ପ୍ରୋବେଶନର ସୌରଭ ପ୍ରଧାନ ଉପସ୍ଥିତ ଥିଲେ।


ଜବତ ୩ ଖଣ୍ଡ ହାତୀଦାନ୍ତ, ପୋଲିସ ଓ ବନ ଅଧିକାରୀ।

# ଏମ୍‌ଭିଆଇଙ୍କ ୪୪ ପ୍ଲଟ୍

ଘରୁ ମିଳିଲା କେଜିଏ ସୁନା, ୨କେଜି ରୁପା


ଗୋଲାପ ଚନ୍ଦ୍ର ହାଂସଦା


ଠାବ ଟଙ୍କା, ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ।

**ଭୁବନେଶ୍ୱର/ବୌଦ୍ଧ/ ବାରିପଦା,୩।୮ (ସତ୍ୟଜିତ୍ ରାଉତ/ ଅଜିତ କୁମାର ବାରିକ/ ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଭିଜିଲାନ୍ସ ଜାଲରେ ଫସିଛନ୍ତି ଆଉ ଜଣେ କୋଟିପତି ଅଧିକାରୀ। ସେ ହେଲେ ବୌଦ୍ଧ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ର ମୋଟର ଭେଇକିଲ୍ ଇନ୍ସପେକ୍ଟର (ଏମ୍‌ଭିଆଇ) ଗୋଲାପ ଚନ୍ଦ୍ର ହାଂସଦା। ରବିବାର ଗୋଟିଏ ଦିନର ଯାଞ୍ଚରେ ଗୋଲାପଚନ୍ଦ୍ରଙ୍କର ୪୪ ପ୍ଲଟ୍ ଥିବା ଜଣାପଡ଼ିଥିବାବେଳେ ଘରୁ କେଜିଏ ସୁନା ଓ ୨ କେଜି ରୁପା ଅଳଙ୍କାର ମିଳିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଗୋଲାପଚନ୍ଦ୍ରଙ୍କ ବାରିପଦା, ବୌଦ୍ଧ ଓ ଭୁବନେଶ୍ୱରରେ ୬ ସ୍ଥାନରେ ଚଢ଼ାଉ କରାଯାଇ ଯାଞ୍ଚ ଚାଲିଛି। ଯାଞ୍ଚ ଚାଲିଥିବା ସ୍ଥାନ ବୌଦ୍ଧରେ ଥିବା ଭଡ଼ାଘର, ବୌଦ୍ଧ ଆର୍‌ଟିଓ ଅଫିସସ୍ଥିତ ଚାମ୍ବର, ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅନ୍ତର୍ଗତ ଗୁଡିଡିହ ଗ୍ରାମସ୍ଥିତ ପୈତୃକ ଘର, ଭୁବନେଶ୍ୱର ପାଣ୍ଡରାସ୍ଥିତ ଝିଅ ରହୁଥିବା ଭଡ଼ା ଫ୍ଲାଟ୍, ବାରିପଦା ୱାର୍ଡ ନଂ.୨୮ ଅନ୍ତର୍ଗତ ବାଘଡ଼ିହସ୍ଥିତ ଘନିଷ୍ଠ ସହଯୋଗୀଙ୍କ ଘର ଆଦି ରହିଛି।

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଗୋଲାପଚନ୍ଦ୍ରଙ୍କ ବାରିପଦା ପ୍ରଫୁଲ୍ଲ ନଗରସ୍ଥିତ ପ୍ଲଟ୍ ନଂ.୪୫୭, ଖାତା ନଂ.୨୦୫/୭୩୦ରେ ୩୩୦୦ ବର୍ଗଫୁଟରେ ନିର୍ମିତ ଦୁଇମହଲା କୋଠା ରହିଛି। ବାରିପଦାରେ ୪୩ ପ୍ଲଟ୍ ଓ ବାଲେଶ୍ୱର ଟାଉନ ଉପକଣ୍ଠରେ ଗୋଟିଏ ପ୍ଲଟ୍ ଠାବ ହୋଇଛି। ସେଲ୍ ଡିଡ୍ ଅନୁଯାୟୀ ପ୍ଲଟଗୁଡ଼ିକର ମୂଲ୍ୟ ୧.୪୯ କୋଟି ଥିବାବେଳେ ପ୍ରକୃତ ମୂଲ୍ୟ ଏହାଠାରୁ ଢେର୍ ଅଧିକ ହେବ ବୋଲି ଭିଜିଲାନ୍ସ ଅନୁମାନ କରୁଛି। କୋଠା ଓ ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ୱିଙ୍ଗ୍ ଛାନ୍‌ଭିନ୍ ଚଳାଇଛି। ଏହାବ୍ୟତୀତ ଗୋଲାପଚନ୍ଦ୍ରଙ୍କ ଘରୁ ନଗଦ ୨ ଲକ୍ଷ ୩୮ ହଜାର ୭୨୫ ଟଙ୍କା ମିଳିଥିବା ବେଳେ ଏକ କେଜି ସୁନା ଓ ୨.୧୨୬ କେଜି ରୁପା ଅଳଙ୍କାର ମିଳିଛି। ସୁନା ମଧ୍ୟରେ ୫୦ ଗ୍ରାମ୍ ଲେଖାଏ ଦୁଇଟି ସୁନା ବିସ୍କୁଟ୍ ରହିଛି। ସେହିପରି ଗୋଲାପଚନ୍ଦ୍ର ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମାରେ ୧ କୋଟି ୩୪ ଲକ୍ଷ ୯ ହଜାର ୧୯୩ ଟଙ୍କା ରଖିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସେ ତାଙ୍କ ଝିଅର ଡାକ୍ତରୀ ପଢ଼ା ବାବଦକୁ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ପ୍ରମାଣ ପାଇଛି। ଏଥିସହ ଗୋଲାପଚନ୍ଦ୍ରଙ୍କ ଘରୁ ଏକ ଡାଏରୀ ଜବତ ହୋଇଛି, ଯେଉଁଥିରେ ବେନାମୀ ଟଙ୍କା କାରବାର ତଥ୍ୟ ରହିଥିବା ବେଳେ ଏହାକୁ ଯାଞ୍ଚ କରାଯାଉଛି। ଏମ୍‌ଭିଆଇଙ୍କଠାରୁ ଗୋଟିଏ କାର୍ (ହୁଣ୍ଡାଇ କ୍ରେଟା), ୩ଟି ଦୁଇଚକିଆ ଯାନ ଓ ୧୬.୬ ଲକ୍ଷ ଟଙ୍କାର ଘରୋଇ ଉପକରଣ ଠାବ ହୋଇଛି। ଚଢ଼ାଉ ଜାରି ରହିଥିବାରୁ ଗୋଲାପଚନ୍ଦ୍ରଙ୍କ ସମ୍ପତ୍ତି ପରିମାଣ ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ତେଣେ ତାଙ୍କୁ ଭିଜିଲାନ୍ସ ଅଟକ ରଖି ବେଆଇନ ସମ୍ପତ୍ତି ବିଷୟରେ ପଚରାଉଚରା କରୁଛି। ସୂଚନାଯୋଗ୍ୟ, ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ଚାଲିଥିବାବେଳେ ଏଥିରେ ଭିଜିଲାନ୍ସର ୪ ଜଣ ଡିଏସ୍‌ପି, ୭ ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ନିୟୋଜିତ ହୋଇଛନ୍ତି।

### ୩ ଦଶନ୍ଧିର ଚାକିରି, ଆଇପିଓରୁ ଏମ୍‌ଭିଆଇ

୩୪ ବର୍ଷ ୩ ମାସର ଚାକିରି କାଳ ମଧ୍ୟରେ ଗୋଲାପଚନ୍ଦ୍ର ଇଣ୍ଡଷ୍ଟ୍ରିଜ୍ ପ୍ରମୋଶନ ଅଫିସର (ଆଇପିଓ)ରୁ ଏମ୍‌ଭିଆଇ ହୋଇଥିଲେ। ୧୯୯୧ ଏପ୍ରିଲ ୮ରେ ସେ ଆଇପିଓ ଭାବେ ସରକାରୀ ଚାକିରିରେ ଯୋଗଦେଇ ସମ୍ବଲପୁର ଓ ଦେବଗଡ଼ର ଜିଲା ଶିଳ୍ପ କେନ୍ଦ୍ର (ଡିଆଇସି)ରେ କାମ କରିଥିଲେ। ୨୦୦୩ରେ ସେ ଜୁନିଅର୍ ଏମ୍‌ଭିଆଇ ଭାବେ ପଦୋନ୍ନତି ପାଇ ସୁନ୍ଦରଗଡ଼ର ତାପରିଆ ଚେକ୍ ଗେଟ୍, ସମ୍ବଲପୁରର ଲକ୍ଷ୍ମୀଡୁଙ୍ଗୁରି ଚେକ୍ ଗେଟ୍ ଏବଂ ମୟୂରଭଞ୍ଜ ଓ ବାରିପଦାର ଆର୍‌ଟିଓ ଅଫିସରେ କାମ କରିଥିଲେ। ୨୦୨୦ରେ ଗୋଲାପଚନ୍ଦ୍ର ଏମ୍‌ଭିଆଇ ଭାବେ ପଦୋନ୍ନତି ପାଇ ବୌଦ୍ଧ ଆର୍‌ଟିଓ ଅଫିସରେ ଅବସ୍ଥାପିତ ହୋଇଥିଲେ। ତାଙ୍କର ବର୍ତ୍ତମାନ ଦରମା ୧ ଲକ୍ଷ ୮ ହଜାର ଟଙ୍କା ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ

ପ୍ଲଟ୍ ଦେବା ଆଳରେ ୭୨ ଲକ୍ଷ ଠକେଇ

**ଭୁବନେଶ୍ୱର,୩।୮ (ସତ୍ୟଜିତ୍ ରାଉତ)**


ସାଇପ୍ରତୀକ ଦାସ

ଭୁବନେଶ୍ୱରରେ ପ୍ଲଟ୍ ଦେବା ଆଳରେ ସହକର୍ମୀଙ୍କୁ ୭୨ ଲକ୍ଷ ଠକେଇ ଅଭିଯୋଗରେ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ସାଇପ୍ରତୀକ ଦାସଙ୍କୁ ଶ୍ରୀଲିଙ୍ଗରାଜ ଥାନା ପୋଲିସ ରବିବାର ଗିରଫ କରିଛି। ସାଇପ୍ରତୀକଙ୍କ ଘର ଯାଜପୁର ଟାଉନ୍‌ରେ। ତାଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅଭିଯୋଗକାରିଣୀ ହେଲେ ଶ୍ରୀଲିଙ୍ଗରାଜ ଥାନା ଅନ୍ତର୍ଗତ ସାମନ୍ତରାପୁରର ସଂସ୍କୃତି ପ୍ରିୟଦର୍ଶିନୀ। ସେ ମଧ୍ୟ ଜଳ ସମ୍ପଦ ବିଭାଗର ଏଇଇ ଭାବେ କାର୍ଯ୍ୟ କରୁଛନ୍ତି। ୨୦୨୧ରେ ଯାଜପୁର ଜିଲାରେ ପ୍ରିୟଦର୍ଶିନୀ କାର୍ଯ୍ୟ କରୁଥିବା ବେଳେ ଯାଜପୁର ଟାଉନରେ କାର୍ଯ୍ୟରତ ସାଇପ୍ରତୀକଙ୍କ ସହ ପରିଚିତ ହୋଇଥିଲେ। ଭୁବନେଶ୍ୱରରେ ବିଲ୍ଡରଙ୍କ ସହ ଯୋଗାଯୋଗ କରି ୭୫ ଲକ୍ଷରୁ କୋଟିଏ ଟଙ୍କା ଭିତରେ ଏକ ପ୍ଲଟ୍ ଯୋଗାଇଦେବେ ବୋଲି ସାଇପ୍ରତୀକ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ବିଭିନ୍ନ ପର୍ଯ୍ୟାୟରେ ସଂସ୍କୃତି ୭୨ ଲକ୍ଷ ଟଙ୍କା ପଠାଇଥିଲେ। ହେଲେ ଟଙ୍କା ନେବା ପରେ ସାଇପ୍ରତୀକ ଧରାଛୁଆଁ ଦେଇ ନ ଥିଲେ। ପୂର୍ବରୁ ଯାଜପୁର କଳିଙ୍ଗନଗର ଥାନା ପୋଲିସ ସଂସ୍କୃତିଙ୍କ ଏତଲା ଆଧାରେ ତଦନ୍ତ କରିଥିଲା। ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ଦିନ ଗଡ଼ାଇ ଚାଲିଥିଲେ। ପରେ ସଂସ୍କୃତି ଶ୍ରୀଲିଙ୍ଗରାଜ ଥାନାରେ ଏତଲା ଦେବା ପରେ ଜୁଲାଇ ୨୯ରେ ପୋଲିସ ଏକ ମାମଲା (ନଂ.୨୨୨/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# କୁଜଙ୍ଗରୁ ୩ ଜଣଙ୍କୁ ଗିରଫ କଲା ପଶ୍ଚିମବଙ୍ଗ ପୋଲିସ

**୧.୯ କୋଟି ଟଙ୍କାର ସାଇବର ଠକେଇ**

**କୁଜଙ୍ଗ,୩।୮ (ମନୋଜ ପ୍ରଧାନ)**

କୋଲକାତାର ଏକ ସାଇବର ଠକେଇରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳର ୩ ଜଣଙ୍କର ସମ୍ପୃକ୍ତି ଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗ ପୋଲିସ ସେମାନଙ୍କୁ ଗିରଫ କରି ରବିବାର ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଛି। ସେମାନେ ହେଲେ ଆକାଶ ନାଥ, ନୀଳକଣ୍ଠ ନାୟକ, ମନୋରଞ୍ଜନ ପରିଡ଼ା ଓରଫ ମୁନା। ଅଭିଯୁକ୍ତମାନଙ୍କୁ ୩ ଦିନ ପାଇଁ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରାଯାଇଥିଲା। କିନ୍ତୁ କୋର୍ଟ ୨ଦିନ ପାଇଁ ମଞ୍ଜୁରି ଦେଇଥିବା ସରକାରୀ ଓକିଲ ନଳିନୀ ରଞ୍ଜନ ଦାସ ପ୍ରକାଶ କରିଛନ୍ତି।

କୋଲକାତା ଡୁମ୍‌ଡୁମା ଅଞ୍ଚଳର ଅବସରପ୍ରାପ୍ତ କର୍ମଚାରୀ ଶୁଭେନ୍ଦୁ ଦୋଶେବାମଙ୍କୁ ୨୦୨୫ ଜୁଲାଇ ୭ରେ ଏକ ଫୋନ କଲ୍ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ଜଣକ ତାଙ୍କୁ ଟେଲିକମ ବିଭାଗରୁ ଫୋନ କରୁଥିବା କହିଥିଲେ। ପରେ କେତେଜଣ ବ୍ୟକ୍ତି ପୁଣି କଲ୍ କରି ମୁମ୍ବାଇ ପୋଲିସ, ସିବିଆଇ ଓ ଏନ୍‌ଫୋର୍ସମେଣ୍ଟ ବିଭାଗରୁ କହୁଥିବା କହିଥିଲେ। ନରେଶ ଗୋଏଲ୍ ମନି ଲଣ୍ଡରିଂ ମାମଲାରେ ସାମିଲ ଥିବାରୁ ଶୁଭେନ୍ଦୁଙ୍କ ନାଁରେ ସୁପ୍ରିମ କୋର୍ଟରେ ମାମଲା ଚାଲୁଥିବା ଦର୍ଶାଯାଇଥିଲା। ଏ ସମ୍ପର୍କିତ କିଛି ନକଲି କାଗଜପତ୍ର ମଧ୍ୟ ତାଙ୍କୁ ସେମାନେ ଦେଖାଇଥିଲେ। ଏଥିସହ ଗିରଫ ଧମକ ଦେଇ ଅର୍ଥ ଦାବି କରିଥିଲେ। ଏନେଇ ଶୁଭେନ୍ଦୁ ଜୁଲାଇ ୧୦ରୁ ୧୬ ମଧ୍ୟରେ ୧ କୋଟି ୯ ଲକ୍ଷ ଟଙ୍କା ସେମାନଙ୍କ ଆକାଉଣ୍ଟକୁ ଆରଟିଜିଏସ୍ ଜରିଆରେ ପଇଠ କରିଥିଲେ। ଏହାସତ୍ତ୍ୱେ ସେମାନେ ଆହୁରି ଟଙ୍କା ମାଗିଥିଲେ। ଶୁଭେନ୍ଦୁ ଅକ୍ଷମତା ପ୍ରକାଶ କରିବାରୁ ସୁନା ଋଣ କରି ଟଙ୍କା ଦେବାକୁ ଠକମାନେ କହିଥିଲେ। ଏବିଷୟରେ ଶୁଭେନ୍ଦୁ ତାଙ୍କ ସ୍ତ୍ରୀଙ୍କୁ ଜଣାଇବାପରେ ସେ ଟଙ୍କା ଦେବାକୁ ମନା କରିଥିଲେ। ଏହାପରେ କୋଲକାତାସ୍ଥିତ ବିଧାନନଗର ସାଇବର ଥାନାରେ ଜୁଲାଇ ୧୮ରେ ଶୁଭେନ୍ଦୁ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଏକ ମାମଲା (ନଂ.୮୦/୨୫) ରୁଜୁ ହୋଇଛି। ସାଇବର ପୋଲିସର ତଦନ୍ତ ବେଳେ କୁଜଙ୍ଗ ଥାନା ଅଞ୍ଚଳର ଆକାଶ, ନୀଳକଣ୍ଠ ଓ ମନୋରଞ୍ଜନଙ୍କ ସମ୍ପୃକ୍ତି ବିଷୟରେ ଜଣାପଡ଼ିଥିଲା। ସେମାନଙ୍କୁ ଧରିବା ପାଇଁ ପଶ୍ଚିମବଙ୍ଗ ପୋଲିସ ଶନିବାରଠାରୁ କୁଜଙ୍ଗରେ ଡେରା ପକାଇଥିଲା।

**PANCHAYAT SAMITI,CHHENDIPADA**
**INVITATION FOR BIDS (IFB)**
**IDENTIFICATION No: - CHHB- 01/2025-26**
E-mail address: - ori-chendipada@nic.in

The Block Development Officer, Chhendipada on behalf of the Governor of Orissa invites Percentage rate bid in single cover system for the Const. of Govt. Upper Primary School at Para GP,. “C” & “D” contractors accordingly, registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD P-I form, for execution of Building .The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the Buildings. The details of the Eligibility criteria, enclosures etc. along with the project and date and time of receipt and opening of bid documents can be viewed & downloaded from the District website i.e www.angul.odisha.gov.in.

**Sd./- Block Development Officer, Chhendipada**

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
**AT/PO : BARINIPUT, DIST. : KORAPUT - 764006 (ODISHA)**
**PHONE : (06854)242001, Fax : (06854)242093, e-mail : sgmel.ukhep@gmail.com**
**CIN : U40101OR1995SGC003963**
**TENDER CALL NOTICE NO UKHEP - 20/2025-26, DATED. 30/07/2025**

**No.CAD-1373** : Sealed tenders are invited in TWO PART i.e (i) Techno Commercial Bid & (ii) Price Bid in separate sealed envelopes from Registered Manufacturers/Authorized dealers / Reputed Channel Partners for **“Supply of Fully finished Thordon SXL Bushes for UKHEP, Bariniput”**.

| Sl. No. | Description of works | Cost of tender paper in Rs. (Non-Refundable) | EMD in Rs. (Refundable) |
|---|---|---|---|
| 1 | Supply of Fully finished Thordon SXL Bushes for UKHEP, Bariniput. | 7080/- (Rs.6000/- + 18% GST) | 1% of quoted value |

The sale of Tender Paper will be from : **From Dt.07.08.2025 to 11:00 Hrs of Dt.25.08.2025.**
The last date & time of receipt of Tender : **Up to 12:00 Hrs of Dt.25.08.2025**
The date and time of opening of Tender : **At 12:30 Hrs of Dt.25.08.2025**
For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.

**OIPR-04002/11/0111/2526**
**Sd./- C & P Head, Upper Kolab H.E. Project, Bariniput**

**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**
PIN : 751012, Tel No.(0674) 2562020, e-Mail : theoccltd@odishaconstruction.com
**GSTIN-21AAACO2571K2ZM**
**No.CAD-1361**
**“e-Procurement Notice No-32/OCCL/2025-26 (On-line)**
On-line percentage rate tenders are invited for the following works ;

| Sl. No. | Name of Work | Name of Division | Bid Identification No. | Approx value of work | Bid Security (through on-line transfer / as per DTCN) (in Rs.) | Period of Completion | Availability & Submission of tender (on-line) |
|---|---|---|---|---|---|---|---|
| 01 | Improvement to Canal Service Road from RD 1500 M to RD 4000 M of Lastala Distributary for the year 2024-25 | Burla Irrigation Division | OCCL-SMP /05/2025-26 | Rs.2.23 Crore | Rs.2,23,000/- | 6 (Six) calendar Months | From 08.08.2025. 3.30 P.M. to 28.08.2025 5.30 P.M. |
| 02 | Improvement to Canal Service Road of Left bank of Larasara Minor in between RD 00 M to RD 3800 M for the year 2024-25 | | OCCL-SMP /06/2025-26 | Rs.2.30 Crore | Rs.2,30,000/- | 6 (Six) calendar Months | |
| 03 | Improvement to Canal Service Road of Right bank of Lahanda Minor in between RD 3600 M to RD 7300 M for the year 2024-25 | | OCCL-SMP /07/2025-26 | Rs.2.30 Crore | Rs.2,30,000/- | 6 (Six) calendar Months | |
| 04 | Improvement to C.S.R. Of Behera Distributary from RD 1 KM to RD 1.10 KM & RD 3.50 KM to RD 5.50 KM 1600.00+B17M of Pattamundai Canal | Baragarh Irrigation Division | OCCL-SMP /08/2025-26 | Rs.2.28 Crore | Rs.2,28,000/- | 6 (Six) calendar Months | |
| 05 | Improvement to C.S.R. of Pradhanpali Minor from RD 2.36 KM to RD 4.51 KM | | OCCL-SMP /09/2025-26 | Rs.2.28 Crore | Rs.2,28,000/- | 6 (Six) calendar Months | |
| 06 | Improvement to Canal Service Road in between RD 54.70 KM to RD 58.45 KM of Huma Tail Distributary for 2024-25 | Sambalpur Irrigation Division | OCCL-SMP /10/2025-26 | Rs.2.27 Crore | Rs.2,27,000/- | 6 (Six) calendar Months | |
| 07 | Improvement to Canal Service Road in between RD 43.84 KM to RD 47.14 KM of Huma Tail Distributary for 2024-25 | | OCCL-SMP /11/2025-26 | Rs.2.27 Crore | Rs.2,27,000/- | 6 (Six) calendar Months | |

Procurement Officer : Managing Director, OCCL
Date of Opening of the Tender : **29.08.2025, 12.00 Noon onwards**
Further details can be seen from the e-Procurement portal : https://www.tendersodisha.gov.in

**OIPR-34120/11/0054/2526**
**Sd./- MANAGING DIRECTOR**

## ଜିଏସ୍‌ଟି ଅଧିକାରୀଙ୍କ ଘରୁ ଚୋରି ଘଟଣା

# ଦିଲ୍ଲୀରୁ ଦୁଇ ଆନ୍ତଃରାଜ୍ୟ ଚୋର ଗିରଫ

ଭୁବନେଶ୍ୱର,୩।୮ (ସତ୍ୟଜିତ୍ ରାଉତ)

କଟକ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର (ସିଟି ଆଣ୍ଡ ଜିଏସ୍‌ଟି) ଆସିଷ୍ଟାଣ୍ଟ କମିଶନର ଭାବଶ୍ରୀ ଭବେଶ ବଳଙ୍କ ଘରୁ ଚୋରି ଘଟଣାରେ ଶହୀଦନଗର ଥାନା ପୋଲିସ ଦିଲ୍ଲୀରୁ ଦୁଇ ଆନ୍ତଃରାଜ୍ୟ ଚୋରଙ୍କୁ ଗିରଫ କରିଛି। ସେମାନେ ହେଲେ ଦିଲ୍ଲୀ ସୁନ୍ଦରନଗରୀ ଅଞ୍ଚଳରେ ରହୁଥିବା ହରିୟାଣା ଫରିଦାବାଦର ଖୁର୍ସିଦ୍ ଖାନ୍ (୪୮) ଓ ଦିଲ୍ଲୀ ସୀମାପୁରିରେ ରହୁଥିବା ଉତ୍ତରପ୍ରଦେଶ ମୁଜାଫରନଗରର ମହମ୍ମଦ ଆରିଫ୍ (୨୮)। ଉଭୟଙ୍କୁ ରବିବାର କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନେ ଚୋରି ସୁନାକୁ ବିକ୍ରି କରି ରଖିଥିବା ୧୮ ଲକ୍ଷ ଟଙ୍କା ସମେତ ତାଲା ଭଙ୍ଗା ଯନ୍ତ୍ରାଂଶ ଆଦି ଜବତ ହୋଇଛି।




ଗିରଫ ଦୁଇ ଅଭିଯୁକ୍ତ, ଜବତ ଟଙ୍କା ଓ ଯନ୍ତ୍ରାଂଶ।

ସୂଚନା ଅନୁଯାୟୀ, ଶହୀଦନଗର ଥାନା ଅନ୍ତର୍ଗତ ୟୁନିଟ-୯ସ୍ଥିତ ଭାବଶ୍ରୀଙ୍କ କ୍ୱାର୍ଟର ନଂ. ଡି୭/୨କୁ ଅଭିଯୁକ୍ତଦ୍ୱୟ ଟାର୍ଗେଟ୍ କରିଥିଲେ। ଭାବଶ୍ରୀ ତାଙ୍କ ପରିବାର ସଦସ୍ୟଙ୍କ ସହ ଜୁଲାଇ ୨୧ ପୂର୍ବାହ୍ନ ୧୦ଟା ୩୦ରେ ମେଡିକାଲ ଯାଇଥିଲେ। ୧୧ଟା ୩୦ରେ ସେ ଘରକୁ ଫେରିବା ପରେ ତାଙ୍କ ଗ୍ରିଲ୍ ତାଲା ଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। ଘର ଆଲମିରାରୁ ୨୩୦ ଗ୍ରାମର ସୁନା ଅଳଙ୍କାର ଓ କିଛି ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଭାବଶ୍ରୀଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୩୪୧/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ଅଭିଯୁକ୍ତଦ୍ୱୟ ଦିଲ୍ଲୀ ଯାଇ ସେଠାରେ ସୁନାକୁ ବିକ୍ରି କରିବା ପରେ ପୁଣି କିଛିଦିନ ହେଲା ଓଡ଼ିଶା ଫେରିଥିଲେ। ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ଚୋରଦ୍ୱୟଙ୍କୁ ଠାବ କରିବା ପରେ ଧରିବାକୁ ଯୋଜନା କରିଥିଲା।

### ବିମାନ, ଟ୍ରେନ୍‌ରେ ରାଜ୍ୟରୁ ରାଜ୍ୟ ବୁଲି ଚୋରି କରୁଥିଲେ

ପୋଲିସ କହିଛି, ଅଭିଯୁକ୍ତଦ୍ୱୟ ଟ୍ରେନ୍ କିମ୍ବା ବିମାନରେ ରାଜ୍ୟରୁ ରାଜ୍ୟ ବୁଲୁଥିଲେ। ବିଶେଷକରି ସେମାନେ ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଦିଲ୍ଲୀରେ ସକ୍ରିୟ ଥିବାବେଳେ ବହୁତଳ କୋଠାର ବନ୍ଦ ପଡ଼ିଥିବା ଘରକୁ ଟାର୍ଗେଟ୍ କରୁଥିଲେ। ରେଳ ଷ୍ଟେଶନ ନିକଟ ହୋଟେଲରେ ରହୁଥିଲେ। ଅପରାଧ ଘଟାଇବା ପରେ ତୁରନ୍ତ ଫେରାର ହୋଇଯାଉଥିଲେ। ଚୋରି ସାମଗ୍ରୀକୁ ଦିଲ୍ଲୀରେ ଅତି କମ୍ ମୂଲ୍ୟରେ ବିକ୍ରି କରିଦେଉଥିଲେ। ତେବେ ଅଭିଯୁକ୍ତଦ୍ୱୟଙ୍କ ସଂକ୍ରାନ୍ତରେ ଅନ୍ୟ ରାଜ୍ୟ ପୋଲିସକୁ ସୂଚନା ଦିଆଯିବ ବୋଲି ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।



ଏମ୍‌ଡି କ୍ରିଏଶନ୍ ଆଣ୍ଡ ଗ୍ରୁପ୍ ଭୁବନେଶ୍ୱର ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ରବିବାର ଆୟୋଜିତ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ 'ଫିର୍ ଭି ଦିଲ୍ ହେ ହିନ୍ଦୁସ୍ତାନୀ'।

# ଶିକ୍ଷକ ନିଯୁକ୍ତିରେ ଥିବା ସମସ୍ୟା ଦୂର କରାଯିବ

ଭୁବନେଶ୍ୱର,୩।୮ (ସୁଚିସ୍ମିତା ସାହୁ)

ଓଡିଆ ସମ୍ମାନ ଛାତ୍ର ସଂସଦ ପକ୍ଷରୁ 'ଉଚ୍ଚ ବିଦ୍ୟାଳୟରେ ଓଡିଆ ଶିକ୍ଷକ ନିଯୁକ୍ତି -ଏକ ମରୀଚିକା' ଶୀର୍ଷକ ଏକ ଅଧିବେଶନ ରବିବାର ଅନ୍‌ଲାଇନ ମାଧ୍ୟମରେ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ତଥା ସରକାରଙ୍କ ଶିକ୍ଷା-ସଂସ୍କୃତି ସମ୍ପର୍କିତ ପରାମର୍ଶଦାତା ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ କହିଲେ, ସଦସ୍ୟଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ସମାଧାନ ପାଇଁ ପଦକ୍ଷେପ ନିଆଯିବ। ଖୁବ୍‌ଶୀଘ୍ର ଶିକ୍ଷକ ନିଯୁକ୍ତିରେ ଦେଖାଦେଇଥିବା ସମସ୍ୟା ଦୂର କରାଯିବାକୁ ସେ ପ୍ରତିଶ୍ରୁତି ଦେବା ସହିତ ଉଚ୍ଚ ବିଦ୍ୟାଳୟରେ ଶାସ୍ତ୍ରୀୟ ଓଡିଆ ଶିକ୍ଷକ ପଦବୀ ସୃଷ୍ଟିରେ ପ୍ରତିବଦ୍ଧ ଓ ନିକଟ ଭବିଷ୍ୟତରେ ଶିକ୍ଷାନୁଷ୍ଠାନରେ ଖାଲିଥିବା ସମସ୍ତ ଶିକ୍ଷକ ପଦବୀ ପୂରଣ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ ସମ୍ମାନିତ ବକ୍ତା ଭାବେ ପବିତ୍ର ମହାରଥା ଓଡିଶା ଉଚ୍ଚ ବିଦ୍ୟାଳୟରେ ଅନ୍ୟାନ୍ୟ ଭାଷା ବିଷୟର ଶିକ୍ଷକଙ୍କ ସହ ସ୍ୱତନ୍ତ୍ର ଶାସ୍ତ୍ରୀୟ ଶିକ୍ଷକ ନିଯୁକ୍ତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଆଲୋଚିକା ଡ. ସୁନୀତା ଦାସ ଆଇନଗତ ସଂଗ୍ରାମର କାରଣ ଓ ବିବରଣ ପ୍ରଦାନ କରିଥିଲେ। ଓଡିଆ ଭାଷା ପ୍ରତି ସରକାରୀ କଳର ଉଦାସୀନତା ଓ ପାତରଅନ୍ତର ମନୋବୃତ୍ତି ସମସ୍ୟାକୁ ଜଟିଳ କରୁଛି ବୋଲି ସେ ବକ୍ତବ୍ୟ ରଖିଥିଲେ। ସଂସଦ ସଭାପତି ଡ. ଗିତାଞ୍ଜଳୀ ସାହୁ ସ୍ୱାଗତ ଭାଷଣ ଏବଂ ସମ୍ପାଦକ ଡ. ସୁମନ୍ତ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଇନ୍ଦ୍ରମଣି ସାହୁଙ୍କ ସଂଯୋଜନା କରିଥିଲେ।

# ଜେ.ପି. ଦାସଙ୍କ ଜୀବନୀ ଆଧାରିତ ପ୍ରାମାଣିକ ଚଳଚ୍ଚିତ୍ର 'ହୃଦୟର ମଣିଷ' ଲୋକାର୍ପିତ

ଭୁବନେଶ୍ୱର, ୩।୮ (ଅନୁରାଧା ମହାରଣା)

ପ୍ରଖ୍ୟାତ ହୃଦ୍‌ରୋଗ ବିଶେଷଜ୍ଞ ତଥା ଚିତ୍ରଶିଳ୍ପୀ ଯଦୁନାଥ ପ୍ରସାଦ ଦାସଙ୍କ ୯୨ତମ ଜନ୍ମଦିବସ ଉପଲକ୍ଷେ କେତକୀ ଫାଉଣ୍ଡେଶନ ଟ୍ରଷ୍ଟ ଦ୍ୱାରା ଏକ ବିଶେଷ ପ୍ରାମାଣିକ ଚଳଚ୍ଚିତ୍ର 'ହୃଦୟର ମଣିଷ - ଲାଇଫ୍ ଆଣ୍ଡ ୱାର୍କ୍ସ ଅଫ୍ ଡକ୍ଟର ଜେ.ପି.ଦାସ' ଲୋକାର୍ପିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଆରମ୍ଭରେ ଚିତ୍ରଶିଳ୍ପୀ ରାମହରି ଜେନାଙ୍କ ସଂଯୋଜନାରେ ଏକ ମନୋରମ ବାତାବରଣ ସୃଷ୍ଟି ହୋଇଥିଲା। ଏଥିରେ ଅନିନ୍ଦିତା ରାୟଙ୍କ ଦ୍ୱାରା 'ଜୀବନ ପାତ୍ର' ଗାନ କରାଯାଇଥିଲା। ତେବେ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ପ୍ରାମାଣିକ ଚଳଚ୍ଚିତ୍ର, ଯାହା ଦାସଙ୍କ ଜୀବନଯାତ୍ରା, ଉପଲବ୍ଧି ଏବଂ ସ୍ୱାସ୍ଥ୍ୟସେବା ସହ ଚିତ୍ରକଳାରେ ତାଙ୍କର ଅବଦାନକୁ ଅତ୍ୟନ୍ତ ସୁନ୍ଦର ଭାବେ ଚିତ୍ରଣ କରିଯାଇଥିଲା। ପରଦାରେ ତାଙ୍କ ଜୀବନ କାହାଣୀ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ଦାସଙ୍କ ପତ୍ନୀ ଗାୟତ୍ରୀ ଦାସ ଜେ.ପି.ଙ୍କ କବିତା ପାଠ କରି ତାଙ୍କ କାବ୍ୟସୃଷ୍ଟିକୁ ଜୀବନ୍ତ କରି ତୋଳିଥିଲେ। ନିରଞ୍ଜନ ତ୍ରିପାଠୀ ତାଙ୍କ ଡାକ୍ତରୀ ଜୀବନ ଓ ଚିତ୍ରାଙ୍କନରେ ଥିବା ପ୍ରଭାବ ଉପରେ ଏକ ପ୍ରେରଣାଦାୟୀ ଆଲୋଚନା ପ୍ରସ୍ତୁତ କରିଥିଲେ। ତା'ପରେ କର୍ମଦେବ ମହାରଣା ଏହି ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ସହିତ ବିତାଇଥିବା କିଛି ସ୍ମରଣୀୟ ମୁହୂର୍ତ୍ତକୁ ବଖାଣିଥିଲେ। ଜେ.ପି.ଙ୍କ ସୁପୁତ୍ର ଦେବବ୍ରତ ଦାସ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟ ଅତିଥିମାନେ ଜେ.ପି.ଙ୍କ ଅମର ସ୍ମୃତିଚାରଣ କରିଥିଲେ।



ପ୍ରାମାଣିକ ଚଳଚ୍ଚିତ୍ର 'ହୃଦୟର ମଣିଷ - ଲାଇଫ୍ ଆଣ୍ଡ ୱାର୍କ୍ସ ଅଫ୍ ଡକ୍ଟର ଜେ.ପି.ଦାସ' ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥିମାନେ।

# ତଦନ୍ତ ଆରମ୍ଭ କଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ

## ଏସ୍‌ପିସିବି ପୂର୍ବତନ ମୁଖ୍ୟ ଯନ୍ତ୍ରୀଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠାବ ମାମଲା

ଭୁବନେଶ୍ୱର,୩।୮ (ସତ୍ୟଜିତ୍ ରାଉତ)

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ପୂର୍ବତନ ମୁଖ୍ୟଯନ୍ତ୍ରୀ ରବି ନାରାୟଣ ପୃଷ୍ଟିଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଖୋଳତାଡ ଆରମ୍ଭ କରିଛି। ବେଆଇନ ଆର୍ଥିକ କାରବାର ଦିଗକୁ ନେଇ ଭିଜିଲାନ୍ସଠାରୁ ତଥ୍ୟ ନେଇ ଇଡି ମାମଲା ରୁଜୁ କରି ତଦନ୍ତ କରୁଛି। ଏନେଇ ରବିଙ୍କୁ ଶୀଘ୍ର ଇଡି ନୋଟିସ୍ କରି ପଚରାଉଚରା କରିବ ବୋଲି ଜଣେ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୨୦୨୨ ଫେବୃଆରୀ ୩ରେ ଭିଜିଲାନ୍ସ ପକ୍ଷରୁ ରବିଙ୍କ ଘର ସମେତ ୭ଟି ସ୍ଥାନରେ ଚଢ଼ାଉ କରି ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ ହୋଇଥିଲା। ତାଙ୍କର ବିଭିନ୍ନ ଆପାର୍ଟମେଣ୍ଟରେ ୩ଟି ଫ୍ଲାଟ୍, ଖଣ୍ଡଗିରିରେ ଗୋଟିଏ ଶପ୍, ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ୩ଟି ବହୁମୂଲ୍ୟ ପ୍ଲଟ୍ ଥିବା ଜଣାପଡ଼ିଥିଲା। ଏଥିସହ ରବି ନାରାୟଣଙ୍କ ବ୍ୟାଙ୍କ ଓ ଜୀବନ ବୀମାରେ ୮୯.୪୬ ଲକ୍ଷ ଜମା ରାଶି ଥିବାବେଳେ ତାଙ୍କ ଘରୁ ୩୫୫ ଗ୍ରାମର ସୁନା ଅଳଙ୍କାର, ୬୯୨ ରୁପା ଅଳଙ୍କାର, ଗୋଟିଏ କାର୍ ଓ ୩ଟି ଦୁଇ ଚକିଆ ଯାନ ମଧ୍ୟ ଠାବ ହୋଇଥିଲା। ଏନେଇ ଭିଜିଲାନ୍ସ ସେଲ୍ ଥାନା ପକ୍ଷରୁ ମାମଲା (ନଂ.୧/୨୦୨୨) ରୁଜୁ କରାଯାଇ ରବିଙ୍କୁ ଗିରଫ କରାଯାଇଥିଲା। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ତେବେ କିଛିଦିନ ତଳେ ରବି ଅବସର ନେଇଥିବା ସୂଚନା ମିଳିଛି।

## ଧାର ଟଙ୍କା ମାଗିବାରୁ ଆକ୍ରମଣ ଘଟଣା

# ୮ବର୍ଷ ପରେ ଅଭିଯୁକ୍ତ ବୃଦ୍ଧ ଗିରଫ

ଭୁବନେଶ୍ୱର,୩।୮ (ସତ୍ୟଜିତ୍ ରାଉତ)

ଧାର ଟଙ୍କା ମାଗିବାରୁ ଆକ୍ରମଣ ଘଟଣାରେ ନୟାପଲ୍ଲୀ ଥାନା ପୋଲିସ ୮ବର୍ଷ ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ମୁନା ରାଣାସିଂ (୬୦)। ମୁନାଙ୍କ ଘର ନିକଟରେ ଥିବା ଏକ ଚଷମା ଦୋକାନରେ ଅଭିଯୋଗକାରୀ ରମେଶ କାମ କରନ୍ତି। ମୁନା ଜରୁରୀ କାମ ଥିବା କହି ରମେଶଙ୍କଠାରୁ ୬୦ ହଜାର ଟଙ୍କା ଧାର୍ ସୂତ୍ରରେ ନେଇଥିଲେ। ଏକ ମାସ ମଧ୍ୟରେ ଟଙ୍କା ଫେରାଇବାର ପ୍ରତିଶ୍ରୁତି ଦେଇ ସମୟ ଗଡାଇଥିଲେ। ୨୦୧୬ ଅଗଷ୍ଟ ୧୭ରେ ମୁନାଙ୍କୁ ଫାୟାର ଷ୍ଟେଶନ ନିକଟରେ ଦେଖି ଟଙ୍କା ଫେରାଇବା ଲାଗି ରମେଶ କହିଥିଲେ। ଏଥିରେ ଉତ୍ତେଜିତ ହୋଇ ମୁନା ଗାଳିଗୁଲଜ କରିବା ସହ ବୋତଲରେ ଆକ୍ରମଣ କରିଥିଲେ। ପୋଲିସ ମାମଲା (ନଂ.୨୭୧/୨୦୧୬) ରୁଜୁ କରି ତଦନ୍ତ କରିଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମିଟୁ



@ ଜୟଦେବ



@ ରୋହିତ



@ ସତ୍ୟବ୍ରତ



@ ପ୍ରିୟଙ୍କା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ହସ୍ପିଟାଲ ମାଲିକଙ୍କୁ ୧.୯୩ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

## ଅଘୋରୀ ମାତାଙ୍କ ଆଶିଷ ପାଇବାକୁ କହି ଫସାଇଥିଲେ

ଭୁବନେଶ୍ୱର,୩।୮ (ସତ୍ୟଜିତ୍ ରାଉତ)

ନିଜକୁ ମନ୍ତ୍ରୀ ପରିଚୟ ଦେଇ ଅଘୋରୀ ମାତାଙ୍କ ଆଶିଷ ଲାଭ ପାଇବାକୁ କହି ଢେଙ୍କାନାଳସ୍ଥିତ କଳିଙ୍ଗ ଚକ୍ଷୁ ହସ୍ପିଟାଲର ମାଲିକ ସାରଙ୍ଗଧର ସାମଲଙ୍କଠାରୁ ୧.୯୩ ଲକ୍ଷ ଟଙ୍କା ଠକି ନେଇଛନ୍ତି ଅଭିଯୁକ୍ତ। ଏନେଇ ଅଭିଯୋଗ ପରେ ନୟାପଲ୍ଲୀ ଥାନା ପୋଲିସ ତଦନ୍ତ କରି ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ସେ ହେଲେ ଭରତପୁର ଥାନା ତାରିଣୀ ବସ୍ତିରେ ରହୁଥିବା କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ଦୁର୍ଗାପୁର ଗ୍ରାମର ସୌମ୍ୟ ରଞ୍ଜନ ପ୍ରଧାନ ଓରଫ ବାପି (୩୪)। ସୌମ୍ୟରଞ୍ଜନଙ୍କୁ କୋର୍ଟଚାଲାଣ ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଗ୍ୟାଙ୍ଗରେ ଜଣେ ମହିଳାଙ୍କ ସମେତ ଏକାଧିକ ସଦସ୍ୟ ଥିବା ବେଳେ ସେମାନଙ୍କୁ ଧରିବାକୁ ପୋଲିସ ଅଧିକ ଖୋଳତାଡ଼ କରୁଛି।



ଗିରଫ ଅଭିଯୁକ୍ତ ସୌମ୍ୟରଞ୍ଜନ ପ୍ରଧାନ।

ପୋଲିସ ସୂଚନା ଅନୁଯାୟୀ, ଜଣେ ଅଭିଯୁକ୍ତ କିଛିଦିନ ତଳେ କଳିଙ୍ଗ ଚକ୍ଷୁ ହସ୍ପିଟାଲର କର୍ମଚାରୀଙ୍କୁ କଲ୍ କରି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ବ୍ୟକ୍ତିଗତ ସଚିବ ବୋଲି ପରିଚୟ ଦେଇଥିଲେ। ସେ ହସ୍ପିଟାଲ ମାଲିକ ସାରଙ୍ଗଧରଙ୍କ ନମ୍ବର ମାଗିନେଇଥିଲେ। ପରେ ଏହି ଗ୍ୟାଙ୍ଗ ସାରଙ୍ଗଧରଙ୍କୁ ଜାଲରେ ଫସାଇବାକୁ ଅଭିନୟ କରିଥିଲେ। ଜଣେ ଅଭିଯୁକ୍ତ ନିଜକୁ ମନ୍ତ୍ରୀ ପୃଥ୍ୱୀରାଜଙ୍କ ପରିଚୟ ଦେଇ ସାରଙ୍ଗଧରଙ୍କ ସହ କଥା ହୋଇଥିଲେ। ସେ ତାଙ୍କ ଗୁରୁ କାମାକ୍ଷାଦେବୀଙ୍କ ଅଘୋରୀ ମାତାଙ୍କ କୃପାରୁ ମନ୍ତ୍ରୀପଦ ପାଇଥିଲେ ବୋଲି କହିଥିଲେ। ଏପରିକି ଅଘୋରୀ ମାତା ହସ୍ପିଟାଲ ପରିଦର୍ଶନରେ ଆସିବା ଲାଗି ଚାହୁଁଥିବା ସେମାନେ କହିଥିଲେ। ମାତାଙ୍କ ଆଶୀର୍ବାଦ ଲାଭ କଲେ ସେ ଖୁବ୍‌ଶୀଘ୍ର ଫୁଲବାଣୀରେ ଏକ ନୂଆ ଚକ୍ଷୁ ଡାକ୍ତରଖାନା ଖୋଲିପାରିବେ ବୋଲି ସାରଙ୍ଗଧରଙ୍କୁ କହିଥିଲେ। ଏପରିକି ସେହି ସମୟରେ ଅଘୋରୀ ମାତା ପରିଚୟରେ ଅନ୍ୟ ଜଣେ ମହିଳା ମଧ୍ୟ ତାଙ୍କ ସହ କଥା ହୋଇଥିଲେ। ଅଘୋରୀ ମାତାଙ୍କ ନିକଟରେ ଘିଅଦୀପ ପ୍ରଜ୍ୱଳନ ତଥା ପୂଜାବିଧି ଲାଗି କିଛି ଟଙ୍କା ପଠାଇବା ଲାଗି ଅଭିଯୁକ୍ତମାନେ ସାରଙ୍ଗଧରଙ୍କୁ କହିଥିଲେ। ସେମାନଙ୍କ କଥାରେ ବିଶ୍ୱାସ କରି ସାରଙ୍ଗଧର ମୋଟ ୧,୯୩,୧୦୧ ଟଙ୍କା ବିଭିନ୍ନ କିସ୍ତିରେ ଦୁଇଟି ମୋବାଇଲ ନମ୍ବରକୁ ପଠାଇଥିଲେ। ପରେ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସାରଙ୍ଗଧରଙ୍କ ସ୍ତ୍ରୀ ସବିତା ସ୍ୱାଇଁ ନୟାପଲ୍ଲୀ ଥାନାରେ ଏତଲା ଦେଇଥିଲେ। ପୋଲିସ ଜୁଲାଇ ୧୨ରେ ଏକ ମାମଲା (ନଂ.୩୪୯/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ସପ୍ତାହରେ ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ କରିବେ କନିଷ୍ଠ ଶିକ୍ଷକ

ଭୁବନେଶ୍ୱର,୩।୮ (ସୁଚିସ୍ମିତା ସାହୁ)

ଓଡ଼ିଶା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗଠିତ କମିଟି ଦ୍ୱାରା କରାଯାଇଥିବା ସୁଚିନ୍ତିତ ସୁପାରିସ୍‌ଗୁଡ଼ିକ ତୁରନ୍ତ ସରକାରୀ ଆଇନରେ ପରିଣତ କରାଯାଉ। ଶିକ୍ଷୟିତ୍ରୀଙ୍କୁ ମାସିକ ଋତୁସ୍ରାବ ଜନିତ ଛୁଟି ଦେବା ପାଇଁ ନିୟମ କରାଯାଉ। ସେହିପରି କନିଷ୍ଠ ଶିକ୍ଷକଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ଆଗାମୀ ୭ ଦିନ ମଧ୍ୟରେ ଏନ୍‌ଓସି ଦେବା ନିୟମ କରାଯାଉ। ନଚେତ ଆଗାମୀ ସପ୍ତାହରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ନିଷ୍ପତ୍ତି ନେବ ବୋଲି ରବିବାର ଶ୍ରମିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି।

ସଂଘ କର୍ମକର୍ତ୍ତାଙ୍କ କହିବା ଅନୁସାରେ, ପ୍ରାଥମିକ ଶିକ୍ଷା ହେଉଛି ଶିକ୍ଷାର ଅନ୍ତୁଡ଼ିଶାଳ। ପ୍ରାଥମିକ ଶିକ୍ଷକ ଏହାର ମେରୁଦଣ୍ଡ। ହେଲେ ରାଜ୍ୟରେ ପ୍ରାଥମିକ ଶିକ୍ଷକମାନେ ଉପଯୁକ୍ତ ମର୍ଯ୍ୟାଦା ପାଇବାରୁ ବଞ୍ଚିତ ହେଉଛନ୍ତି। ଗତ ଶନିବାର ସରକାରଙ୍କ ଦ୍ୱାରା ଗଠିତ କମିଟି ପକ୍ଷରୁ ଓଡ଼ିଶାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି। ଏହି ଅନୁମୋଦନକୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ ବୋଲି ଦାବି ହେଉଛି।



ଖବରଦାତା ସମ୍ମିଳନୀରେ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ଆନ୍ଦୋଳନ ନେଇ ସୂଚନା ଦେଉଛନ୍ତି।

# ‘ଦିବ୍ୟାଙ୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ ପାଇଁ ଗୁରୁତ୍ୱ ଦିଅ’

■ ଚକ୍ଷୁ ପରୀକ୍ଷା ସହ କୃତ୍ରିମ ଅଙ୍ଗ ପ୍ରଦାନ

■ ଛାତ୍ରୀଛାତ୍ରଙ୍କ ପୁସ୍ତିକା, କଳାକୃତି ଉନ୍ମୋଚିତ

ଖୋର୍ଦ୍ଧା,୩।୮ (ପ୍ରଭାତ ପାଣିଗ୍ରାହୀ)



ଡିଆଇଇଟିରେ ଆୟୋଜିତ ଜିଲାସ୍ତରୀୟ ଉତ୍ସବରେ ମଞ୍ଚାସୀନ ଅତିଥି।

ଜାତୀୟ ଶିକ୍ଷାନୀତି-୨୦୨୦ର ୫ମ ବର୍ଷ ପୂର୍ତ୍ତି ଉପଲକ୍ଷେ ଏବଂ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ସାରା ଦେଶରେ ଅଖିଳ ଭାରତୀୟ ଶିକ୍ଷା ସମାଗମ ସମାରୋହ ଅନୁଷ୍ଠିତ ହେଉଛି। ଏହି କ୍ରମରେ ଖୋର୍ଦ୍ଧା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ଏବଂ ସମଗ୍ର ଶିକ୍ଷାର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଉତ୍ସବ ରବିବାର ଡିଆଇଇଟି ପରିସରରେ ଆୟୋଜିତ ହୋଇଯାଇଛି। ଏହି ଉତ୍ସବର ବିଷୟବସ୍ତୁ ଥିଲା ସମତା ଓ ଅନ୍ତର୍ନିବେଶ ଶିକ୍ଷା।

ଡିଆଇଇଟି ଅଧ୍ୟକ୍ଷ ଡ. ତାପସ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବହୁବିଧ ଯୋଜନା ସମ୍ପର୍କରେ କହିଥିଲେ। ଜିଲା ଶିକ୍ଷାଧିକାରୀ ସୋନାମିକା ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଦିବ୍ୟାଙ୍ଗ ଶିକ୍ଷାର୍ଥୀମାନେ ସମାଜର ଏକ ପ୍ରମୁଖ ଅଙ୍ଗ। ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ପାଇଁ ମାତାପିତା, ଶିକ୍ଷକମାନଙ୍କର ପ୍ରମୁଖ ଭୂମିକା ରହିଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରଜ୍ଞାପାରମିତା ଜେନା, ଜିଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜିକା ପୁଷ୍ପଲତା ମିଶ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।

ଏହି ସମାରୋହରେ ୨୫ଜଣ ଆଂଶିକ ଦୃଷ୍ଟିବାଧିତ ଶିକ୍ଷାର୍ଥୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୨୫ଜଣ ଶିକ୍ଷାର୍ଥୀଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇ ତାହାର ବ୍ୟବହାର ଉପରେ ମାତାପିତାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ୨୨ଜଣ ସମ୍ବଳ ଶିକ୍ଷକ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିଆଇଇଟି ଛାତ୍ରୀଛାତ୍ରଙ୍କ ଦ୍ୱାରା ଜାତୀୟ ଶିକ୍ଷାନୀତି ସମ୍ପର୍କିତ ପୁସ୍ତିକା, ଅନ୍ତର୍ନିବେଶୀ ପ୍ରାଚୀରପତ୍ର, କଳାକୃତି ଗ୍ୟାଲେରିକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ବୀଣାପାଣି ପାଢ଼ୀ, ସୌମ୍ୟା ଦାସ, ମହେଶ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସଫଳତା ଶୀର୍ଷରେ ପହଞ୍ଚାଏ କଠିନ ପରିଶ୍ରମ


ଉତ୍ସବରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ସମେତ ଅନ୍ୟ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କୃତୀ ଛାତ୍ରୀଛାତ୍ର।

## ମାଟ୍ରିକ ମେଧା ସମ୍ବର୍ଦ୍ଧନା ଉତ୍ସବ

ବେଗୁନିଆ,୩।୮ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ବିଶ୍ୱରଞ୍ଜନ ସ୍ମାରକ ନିଧି ଟ୍ରଷ୍ଟର ସମ୍ପାଦକ ବିଷ୍ଣୁପ୍ରସାଦ ପଟ୍ଟନାୟକଙ୍କ ଆବାହକତ୍ୱରେ ମାଟ୍ରିକ୍ ମେଧା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସାହୁଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟବକ୍ତା, ଅବସରପ୍ରାପ୍ତ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମଚରଣ ବେହେରା, ଜିଲା ଓଷ୍ଟା ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ଡ. ହରିପ୍ରସାଦ ଦାସ, ବ୍ଲକ ଓଷ୍ଟା ସଭାପତି ଗଣେଶ୍ୱର ମିଶ୍ର, ପରିଚାଳନା କମିଟି ସଭାପତି ଶିବ କୁମାର ମୁନି ଏବଂ ପଞ୍ଚସଖା ଶିକ୍ଷା ସେତୁ ସମ୍ପାଦକ ଦେବାଶିଷ ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ କଠିନ ପରିଶ୍ରମ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ ବୋଲି କହିଥିଲେ। ସଭା ପ୍ରାରମ୍ଭରେ ସ୍ୱର୍ଗତ ବିଶ୍ୱରଞ୍ଜନଙ୍କ ଆତ୍ମାର ସଦ୍‌ଗତି ନିମିତ୍ତ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚଳିତ ବର୍ଷ ମାଟ୍ରିକ୍(ବୋର୍ଡ) ପରୀକ୍ଷାରେ ବେଗୁନିଆ ବ୍ଲକର ୩୦ଟି ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ସର୍ବାଧିକ ନମ୍ବର ରଖିଥିବା ୩୦ ବିଦ୍ୟାର୍ଥୀ ଏବଂ ଏ -୧ ଗ୍ରେଡ୍ ପ୍ରାପ୍ତ ହୋଇଥବା ୪ ଜଣଙ୍କୁ ପୁଷ୍ପଗୁଚ୍ଛ ଓ ମୋମେଣ୍ଟୋ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନା କରିଥିବା ବେଳେ ଶିକ୍ଷକ ଅଜିତ କୁମାର ପୁରୀ ଧନ୍ୟବାଦ ଦେଇଥିଲେ।

# ଧରିତ୍ରୀ ଖବରଦାତାଙ୍କୁ ଆକ୍ରମଣ ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା,୩।୮ (ପ୍ରଭାତ ପାଣିଗ୍ରାହୀ)

ଜଣେ ନାବାଳିକଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଓ ବାଣପୁର ବ୍ଲକ ଗମ୍ଭାରିମୁଣ୍ଡା ଖଜୁରିଆ ଗ୍ରାମର ୩ ଯୁବକଙ୍କୁ ଆକ୍ରମଣ ଘଟଣା ସଂକ୍ରାନ୍ତ ଖବର ପରିବେଷଣକୁ ନେଇ ବାଣପୁର ବ୍ଲକ ଧରିତ୍ରୀ ପ୍ରତିନିଧି ଦିଲ୍ଲୀପ ସ୍ୱାଇଁଙ୍କୁ ଶୁକ୍ରବାର ରାତିରେ ଗମ୍ଭାରିମୁଣ୍ଡା ଛକରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଖଜୁରିଆ ଗ୍ରାମର ସୌମ୍ୟରଞ୍ଜନ ସାମନ୍ତରାୟ ଓରଫ ଟୁଟୁଙ୍କୁ ପୋଲିସ ରବିବାର ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଗାଣ୍ଡୁ ପାଇକରାୟ, ବାପି ପାଇକରାୟ, ପାରୁନି ଦାଶ ଏବଂ ପଠାଣି ପ୍ରଧାନଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ଶୁକ୍ରବାର ରାତିରେ ଗମ୍ଭାରିମୁଣ୍ଡା ଛକରେ ଅଭିଯୁକ୍ତଙ୍କ ସମ୍ପର୍କୀୟ ଏବଂ ସହଯୋଗୀମାନେ ସଂଘବଦ୍ଧ ଭାବେ ଦିଲ୍ଲୀପଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଦିଲୀପଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାଣପୁର ଏବଂ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ଦିଲୀପ ଏନେଇ ନାଚୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଏକ ମାମଲା (ନଂ. ୨୨୯/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହିପରି ଏନେଇ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଜିଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ପୃଥକ ଭାବେ ଦାବିପତ୍ର ଦେଇଥିଲେ।

# ଆଇନ ସଚେତନତା ଶିବିର

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ

ବୋଲଗଡ଼,୩।୮ (ଦେବବ୍ରତ ହୋତା)

ଭାରତୀୟ ଅପରାଧ ନ୍ୟାୟ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସିଥିବାବେଳେ ଏ ନେଇ ଏକ ସଚେତନତା ଶିବିର ରବିବାର ବୋଲଗଡ଼ ଥାନା ପରିସରରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବୋଲଗଡ଼ ବ୍ଲକ ଅଞ୍ଚଳର ୪୦ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ଗୋପୀନାଥ ଖାଡଙ୍ଗାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଥାନାଧିକାରିଣୀ ସ୍ନିଗ୍ଧାମୟୀ ବରାଳ ଯୋଗଦେଇ କହିଥିଲେ, ବ୍ରିଟିଶ ଶାସନ କାଳରୁ ପ୍ରଚଳିତ ଭାରତୀୟ ପିଙ୍ଗଳ କୋଡ୍, ଫୌଜଦାରି ଦଣ୍ଡବିଧି ଆଇନ ଏବଂ ଭାରତୀୟ ସାକ୍ଷ୍ୟ ଆଇନ ସ୍ଥାନରେ ଭାରତୀୟ ନ୍ୟାୟସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଆଦି ୩ଟି ନୂଆ ଆଇନ ପ୍ରଚଳିତ କରାଯାଇଛି। ଆଗରୁ କାର୍ଯ୍ୟକାରୀ ହେଉଥିବା ଦଣ୍ଡବିଧାନ ବଦଳରେ ନୂଆ ଆଇନରେ ନ୍ୟାୟ ପ୍ରଦାନକୁ ପ୍ରାଥମିକତା ଦିଆଯାଇଥିବା ନେଇ ସେ ସୂଚନା ପ୍ରଦାନ କରିଥିଲେ। ଏସ୍‌ଆଇ ଲିଲି ପାଢୀ ଏହି ଆଇନ ଲାଗୁ ହେବା ଦ୍ୱାରା ନ୍ୟାୟ ବ୍ୟବସ୍ଥା ପ୍ରତି ସାଧାରଣ ଜନତାଙ୍କ ଆସ୍ଥା ବୃଦ୍ଧି ସହ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇ ପାରିବ ବୋଲି କହିଥିଲେ। ଏଏସ୍‌ଆଇ ଯଶୋଦା ଦେବୀ ଓ ଉମାଶଙ୍କର ନାୟକ, ମଞ୍ଚ ଉପସଭାପତି ରାଧେଶ୍ୟାମ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲାବେଳେ ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ବ୍ୟବସାୟୀ, ସାମାଜିକକର୍ମୀ ଓ ଖବରଦାତା ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏଏସ୍‌ଆଇ ପ୍ରସନ୍ନ ଦଳାଇ ଏବଂ ଅନ୍ୟ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ରଘୁନାଥ ଦଳବେହେରା ଧନ୍ୟବାଦ ଦେଇଥିଲେ।

# ଯୁବତୀଙ୍କୁ ପ୍ରେମ ପ୍ରତାରଣା: ବିଟେକ୍ ଛାତ୍ର ଗିରଫ

ଯାଁଳା,୩।୮ (ବୁଲା ବାରିକ)

ଜଣେ ଯୁବତୀଙ୍କ ସହ ପ୍ରଥମେ ସମ୍ପର୍କ ରଖି ପ୍ରେମ ଓ ଗର୍ଭବତୀ କରିବା ପରେ ପ୍ରତାରଣା କରିବା ଅଭିଯୋଗରେ ଜଣେ ବିଟେକ୍ ଛାତ୍ରଙ୍କୁ ରବିବାର ଇନ୍‌ଫୋଭ୍ୟାଲି ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କଟକ ଜିଲା ଆଠଗଡ ଥାନା କରକମଳ ଗ୍ରାମର ଉତ୍ପଳ ଦାସ। ସୂଚନା ଅନୁଯାୟୀ, ଉତ୍ପଳ ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଗଙ୍ଗପଡ଼ା ମାମୁଁଘରେ ରହି ପାଠ ପଢୁଥିଲେ। ପାଠ ପଢିବା ସମୟରେ ଗତ ୨୦୨୧ ମସିହାରେ ଜଣେ ଯୁବତୀଙ୍କ ସହ ଦେଖାହୋଇ ଚିହ୍ନା ପରିଚୟ ହୋଇଥିଲେ। ପରେ ଫୋନ ନମ୍ବର ଦିଆନିଆ ହୋଇ ସମ୍ପର୍କ ବଢିଥିଲା। ଦୁଇ ଜଣଙ୍କ ଭିତରେ ପ୍ରେମ ସମ୍ପର୍କ ବଢିଥିଲା। ଉତ୍ପଳ ଯୁବତୀ ଜଣକୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ଯୁବତୀ ଜଣକ ଗର୍ଭବତୀ ହୋଇଥିଲେ। ଯୁବତୀ ଜଣକ ବିବାହ କରିବା ପାଇଁ ବାରମ୍ବାର କହିଥିଲେ ଉତ୍ପଳ ଆଉ ଧରାଛୁଆଁ ଦେଇ ନ ଥିଲେ ବୋଲି ଯୁବତୀ ଜଣକ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଶେଷରେ ଏ ନେଇ ଯୁବତୀ ଜଣକ ଇନ୍‌ଫୋଭ୍ୟାଲି ଥାନାର ଦ୍ୱାରସ୍ଥ ହୋଇଥିଲେ।

# ‘ରକ୍ତ ଅଭାବରୁ କାହାର ଜୀବନ ନ ଯାଉ’


ଶିବିରରେ ଜଣେ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ୬୦ ୟୁନିଟ୍ ରକ୍ତ ସଂଗ୍ରହ

ଜଟଣୀ,୩।୮ (ରବୀନ୍ଦ୍ରନାଥ ମହାକୁଡ଼)

ବନ୍ଧୁତା ଦିବସ ଅବସରରେ ରବିବାର ‘ଜଟଣୀ ୟୁଥ୍ ଫେଡେରେଶନ’ ଏବଂ ମା’ ଖଣ୍ଡୁଆଳି ଯୋଗସମିତି ଜଟଣୀ ପକ୍ଷରୁ ସ୍ଥାନୀୟ ଅଗ୍ରୱାଲ ଚାରିଟେବଲ ଟ୍ରଷ୍ଟ ପରିସରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ରକ୍ତ ଅଭାବରୁ କାହାର ଜୀବନ ନ ଯାଉ ବୋଲି ସେ କହିବା ସହ ରକ୍ତର ଆବଶ୍ୟକତା ପୂରଣ ପାଇଁ ଆୟୋଜକ ଅନୁଷ୍ଠାନର ଉଦ୍ୟମକୁ ପ୍ରଶଂସା କରିଥିଲେ। ଶିବିରରୁ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କଟକ ରେଡ୍‌କ୍ରସ୍ ବ୍ଲଡ୍ ବ୍ୟାଙ୍କ ପକ୍ଷରୁ ନିର୍ଦ୍ଦେଶକ ଡା. ଚନ୍ଦ୍ରିକା ପ୍ରସାଦ ଦାସଙ୍କ ସହିତ ବ୍ଲଡ୍‌ବ୍ୟାଙ୍କ କର୍ମଚାରୀ ସହଯୋଗ କରିଥିଲେ। ଥାଲାସେମିଆ ୱେଲ୍‌ଫାୟାର ଫୋରମ୍ ଓଡ଼ିଶା, ମା’ ଜଟିଆଣୀ ଟ୍ରକ୍ ମାଲିକ ମହାସଂଘ, ମା’ ଖଣ୍ଡୁଆଳି ଯୋଗ ଶିବିର, ଜଟଣୀ ସୁରକ୍ଷା ମଞ୍ଚ ଅନୁଷ୍ଠାନର ସଦସ୍ୟମାନେ ସହଯୋଗ କରିଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି ଅନନ୍ତ ଶତପଥୀ, ସମ୍ପାଦକ ମନମୋହନ ରାଉତରାୟ, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ରନାଥ ମହାକୁଡ଼, ଆଇନ ପରାମର୍ଶଦାତା ଦୀପକ ମହାକୁଡ଼, ଜଟଣୀ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦୀପକ କୁମାର ଜେନା, ସୁଧାଂଶୁ ଶେଖର ସାହୁ, ଶିବପ୍ରସାଦ ମହାପାତ୍ର, ସଂଗଠକ ପ୍ରମୋଦ ହରିଚନ୍ଦନ, ସନ୍ତୋଷ ପାଇକରାୟ, ତନ୍ମୟ ରଣା, ଚିତ୍ତ ପ୍ରଧାନ, ବିଟୁ ମହେଶ, ମିହିରକାନ୍ତ କୋଠାରୀ, ଦିଲୀପ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମିଟୁ


@ ପ୍ରିୟଙ୍କା


@ ରୋହିତ


@ ସତ୍ୟବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ‘ଠିକା ନିଯୁକ୍ତି ଦ୍ୱାରା ଶିକ୍ଷାର ଅଧୋପତନ ହେବ’

## ‘ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷକ’ ଶୀର୍ଷକ ଆଲୋଚନାଚକ୍ର

ଖୋର୍ଦ୍ଧା,୩।୮ (ପ୍ରଭାତ ପାଣିଗ୍ରାହୀ)

ପ୍ରାଥମିକ ଶିକ୍ଷକ ସଂଘ, ଓଡ଼ିଶାର ତ୍ରୈବାର୍ଷିକ ସମ୍ମିଳନୀ ଅବସରରେ ‘ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷକ’ ଶୀର୍ଷକ ଆଲୋଚନାଚକ୍ର ରବିବାର ସ୍ଥାନୀୟ ଶ୍ୟାମା ମାଧବ ବାସନ୍ତୀ ଦେବୀ ମେମୋରିଆଲ ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଶିକ୍ଷକ ବ୍ରହ୍ମାନନ୍ଦ ମହାରଣା ସଭାପତିତ୍ୱ କରିଥିଲେ।

ସର୍ବଭାରତୀୟ ଶିକ୍ଷକ ସଂଘ କୋଷାଧ୍ୟକ୍ଷ ପ୍ରକାଶ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଠିକା ଓ ଚୁକ୍ତିଭିତ୍ତିକ ଶିକ୍ଷକ ନିଯୁକ୍ତ କଲେ ଶିକ୍ଷାର ବିକାଶ ପରିବର୍ତ୍ତେ ଅଧୋପତନ ହେବ। ପ୍ରଗତିଶୀଳ ରାଷ୍ଟ୍ର ନିର୍ମାଣ ପାଇଁ ଶିକ୍ଷା ଜରୁରୀ। ଶିକ୍ଷା ଓ ଶିକ୍ଷକ ଉଭୟ ପରିପୂରକ। ଆଦର୍ଶ ସମାଜ ଗଠନ କ୍ଷେତ୍ରରେ ଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହେବା ଜରୁରୀ। ବିଦ୍ୟାଳୟ ଭିତ୍ତିଭୂମି ବିକାଶ ବିନା ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ କଲେ, ଶିକ୍ଷାର କୌଣସି ଉନ୍ନତି ହେବ ନାହିଁ। ଏଥିଲାଗି ରାଜନୀତିଠାରୁ ଊର୍ଦ୍ଧ୍ୱକୁ ଉଠି ବିଚାର କରିବା ଜରୁରୀ ବୋଲି ସେ କହିଥିଲେ। ପୂର୍ବତନ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ ଯୋଗଦେଇ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ଅଛି ବୋଲି କହିଥିଲେ। ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ୍ ନିଯୁକ୍ତି ଉଠାଇ ନିୟମିତ ଶିକ୍ଷକ ନିଯୁକ୍ତି, କେନ୍ଦ୍ରୀୟ ହାରରେ ଦରମା, ୬ବର୍ଷର ଚୁକ୍ତି କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା, ପୁରୁଣା ପେନସନ ପୁନଃ ପ୍ରଚଳନ ପାଇଁ ସଂଘ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି। ଓଷ୍ଟା ସମ୍ପାଦକ ସୁଧାକର ମହାପାତ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଶିକ୍ଷକ ବ୍ରହ୍ମାନନ୍ଦ ମହାରଣା ରାଜ୍ୟ ସଭାପତି, କୃଷ୍ଣଚନ୍ଦ୍ର ବେହେରା, ଧରଣୀଧର ମଲ୍ଲିକ, ଟୁଲୁ ଦେଈ, ସୁଧାଂଶୁ ମଣ୍ଡଳ ପ୍ରମୁଖ କାର୍ଯ୍ୟକାରୀ ସଭାପତି, ଦାମୋଦର ପଣ୍ଡା, ସନ୍ତୋଷ ଦୁବେ, ଚିନ୍ତାମଣି ପାଢୀ ଉପସଭାପତି, ବିଭୁପ୍ରସାଦ ସାହୁ ଏବଂ ଅଗାଧୁ ସେଠୀ ଯୁଗ୍ମସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଅନ୍ୟ ବିଭାଗରେ ମଧ୍ୟ ନୂତନ କର୍ମକର୍ତ୍ତାଙ୍କୁ ମନୋନୟନ କରାଯାଇଛି।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଏବଂ ଶିକ୍ଷକ ସଂଘର କର୍ମକର୍ତ୍ତା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୮।୨୦୨୫

| | |
|---|---|
| ୭,୩୪,୨୧୧ ଟଙ୍କା | |
| ସୁନା | ୧.୪୨୦ ଗ୍ରାମ୍ |
| ରୁପା | ୯୨.୧୦୦ ଗ୍ରାମ୍ |

# ସରଳ ହେଉନି ଚାଷୀ ପଞ୍ଜୀକରଣ ବ୍ୟବସ୍ଥା

## ଘୋଷଣାରେ ଅଟକିଛି 'ସ୍ୱଘୋଷଣା ପତ୍ର' ନିୟମ

ଅସ୍ତରଙ୍ଗ, ୩।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଚାଷୀ ପଞ୍ଜୀକରଣ ଜଟିଳ ବ୍ୟବସ୍ଥାକୁ ସରଳ କରିବାକୁ ଉତ୍ତରାଧିକାରୀ ଭାବେ ବଂଶାନୁକ୍ରମ ପ୍ରମାଣପତ୍ର ଲୋଡ଼ାନାହିଁ। କେବଳ ସ୍ୱଘୋଷଣା ପତ୍ର ଦେଇ ପଞ୍ଜୀକରଣ କରିହେବ ବୋଲି ସରକାର ଘୋଷଣା କରିଛନ୍ତି। ବିଭାଗୀୟ ଚିଠି ହୋଇ ନ ଥିବାରୁ ଯେଉଁଭଳି ସମସ୍ୟା ଲାଗି ରହିଥିଲା ସେଥିରେ ସୁଧାର ଆସିପାରି ନାହିଁ। ଓଲଟା ଘୋଷଣା ଓ ବାସ୍ତବତା ଭିତରେ ଚାଷୀଙ୍କଠାରୁ ଅଧିକାରୀ ଦହଗଞ୍ଜ ହେଉଛନ୍ତି। ଏବେ ବି ବଂଶାନୁକ୍ରମ ପ୍ରମାଣପତ୍ର ଲୋଡ଼ା ପଡୁଛି। ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ଏହା ଶୀଘ୍ର ଦେଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ତଥ୍ୟ ଅନୁଯାୟୀ, ୧୨୯ଜଣ ଚାଷୀଙ୍କ ପଞ୍ଜୀକରଣ ହୋଇପାରିଛି। ସ୍ୱଘୋଷଣା ପତ୍ର ନିୟମ କେବେ ଲାଗୁହେବ ସେନେଇ ଚାଷୀ ଅପେକ୍ଷାରେ ରହିଛନ୍ତି।

ଚଳିତ ବର୍ଷ ଜମିର ଉତ୍ତରାଧିକାରୀ ଭାବେ ବଂଶାନୁକ୍ରମ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯାଇଛି। ଯେଉଁ ପ୍ଲଟ୍ ବାପା, ଜେଜେବାପାଙ୍କ ନାମରେ ରହିଛି, ଉତ୍ତରାଧିକାରୀ କେଉଁମାନେ ରହିଛନ୍ତି, ତାହାର ବଂଶାନୁକ୍ରମ ପ୍ରମାଣପତ୍ର ପ୍ରଥମେ ଆର୍‌ଆଇଙ୍କ ନିକଟରୁ ଆଣିବାକୁ ପଡୁଛି। ସେଥିରେ ଥିବା ଅନ୍ୟ ଉତ୍ତରାଧିକାରୀଠାରୁ ଅନୁମତି ଆଣିଲେ ପଞ୍ଜୀକରଣ କରାଯାଉଛି। ଫଳରେ ଭାଇ ଭାଇ ବିବାଦ ଓ ଭଉଣୀଙ୍କ ଅନୁମତି ପାଇଁ ଚାଷୀ ନାକେଦମ ହେଉଛନ୍ତି। ଏ ସମ୍ପର୍କରେ ପୂର୍ବରୁ ଖବର ପ୍ରକାଶ ପାଇବା ପରେ ସରକାର ଏହାକୁ ସରଳୀକରଣ କରିଥିବା ଘୋଷଣା କରିଛନ୍ତି। ଚାଷୀ କେବଳ ସ୍ୱଘୋଷଣା ପତ୍ର ଦେଇ ପଞ୍ଜୀକରଣ କରିବେ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। ହେଲେ ଏପର୍ଯ୍ୟନ୍ତ ବିଭାଗ ପକ୍ଷରୁ ଚିଠି କରାଯାଇନାହିଁ। ସ୍ୱଘୋଷଣା ପତ୍ର ଫର୍ମ ମିଳିବ ବୋଲି କୁହାଯାଉଥିବା ବେଳେ ଏ ପର୍ଯ୍ୟନ୍ତ ପଞ୍ଜୀକରଣ ପୋର୍ଟାଲରେ ଉକ୍ତ ଫର୍ମ ଉପଲବ୍ଧ ହୋଇନାହିଁ। ଜମି ରେକର୍ଡ ଧାରକଙ୍କ ଦ୍ୱାରା ଧାନ ବିକ୍ରି ପାଇଁ ସମ୍ମତିପତ୍ର ଓ ଭାଗଚାଷ ନିମନ୍ତେ ପ୍ରକୃତ ରେକର୍ଡଧାରୀଙ୍କ ଦ୍ୱାରା ଧାନ ବିକ୍ରି ପାଇଁ ସମ୍ମତି ପତ୍ରର ଫର୍ମ ଉପଲବ୍ଧ ରହିଛି। ସ୍ୱଘୋଷଣା ପତ୍ର ସମ୍ପର୍କରେ ସରକାର ଘୋଷଣା କରିଥିବାରୁ ଚାଷୀ ସମିତିରେ ପହଞ୍ଚି ପ୍ରଶ୍ନ କରୁଛନ୍ତି। ହେଲେ ଚିଠି ହୋଇ ନ ଥିବାରୁ ପୂର୍ବଭଳି ବଂଶାନୁକ୍ରମ ପ୍ରମାଣପତ୍ର ଓ ଅନୁମତିପତ୍ର ଦେଲେ ହିଁ ପଞ୍ଜୀକରଣ କରାଯାଉଛି। ଅନ୍ୟପକ୍ଷରେ ବଂଶାନୁକ୍ରମ ପ୍ରମାଣପତ୍ର ଦେବାରେ ଅନେକ ସ୍ଥାନରେ ଆର୍‌ଆଇମାନେ ବିଳମ୍ବ କରୁଛନ୍ତି। ଏଥିପ୍ରତି ପୁରୀ ଜିଲାପାଳ ଦୃଷ୍ଟିଦେବାକୁ ଦାବି ହୋଇଛି।



ଶ୍ରାବଣ ଶେଷ ସୋମବାରରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା ।

## ଶ୍ରୀଲୋକନାଥଙ୍କ ପୀଠରେ ଜଳଲାଗି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

### ଆଜି ଶ୍ରାବଣ ଶେଷ ସୋମବାର

ପୁରୀ, ୩।୮ (ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ଶେଷ ସୋମବାରରେ ଶ୍ରୀଲୋକନାଥ ପୀଠରେ ଜଳଲାଗି ପାଇଁ ପୋଲିସ ଓ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଚଳିତ ବର୍ଷ ଭକ୍ତମାନେ ୩୦ ଟଙ୍କାର ଟିକେଟ କାଟି ଶୃଙ୍ଖଳିତ ଭାବେ ଶ୍ରୀଲୋକନାଥଙ୍କ ନିକଟରେ ଜଳଲାଗି ଓ ଦର୍ଶନ କରିବାର ବ୍ୟବସ୍ଥା କରାଯାଇଛି। ଜଳଲାଗି ନିମନ୍ତେ ଶ୍ରୀଲୋକନାଥ ପୀଠରେ ବିଶେଷ ନୀତିକାନ୍ତି କରାଯାଇଥିଲା। ରବିବାର ମଧ୍ୟରାତ୍ରରୁ ଦ୍ୱାର ଖୋଲାଯାଇ ନୀତିକାନ୍ତି ଆରମ୍ଭ ହେବ। ନୀତିକାନ୍ତି ସମୟକୁ ବାଦ୍ ଦେଇ ସାରାଦିନ ଭକ୍ତମାନେ ଜଳଲାଗି କରିବେ। ହଜାର ହଜାର କାଉଡିଆଙ୍କ ଆଗମନକୁ ଦୃଷ୍ଟିରେ ରଖି ଲୋକନାଥ ମନ୍ଦିର ନିକଟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରାୟ ୫ ହଜାର ଲୋକଙ୍କ ପାଇଁ ଅସ୍ଥାୟୀ ଶେଡ୍, ଆଶ୍ରୟସ୍ଥଳ, ପାନୀୟ ଜଳ, ଆଲୋକୀକରଣ ଆଦି ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇଛି।

## ସଂକ୍ଷେପରେ

### ବିଡିଓଙ୍କ ସ୍ୱାମୀଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

ନିମାପଡ଼ା,୩।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା-ପିପିଲି ରାସ୍ତାର ହରିପୁର ଛକ ନିକଟରେ କାର୍ ସହ ବାଇକ ଘଷି ହୋଇଯିବାରୁ ଘଟଣାକୁ କେନ୍ଦ୍ର କରି ଏକ ଅଭାବନୀୟ ଘଟଣା ଘଟିଛି। ଗୋପ ବ୍ଲକ ବିଡିଓ ଛବିରାଣୀ ସାହୁଙ୍କ ସ୍ୱାମୀ ଅବନୀ ରଞ୍ଜନ ପଟ୍ଟନାୟକ ଶନିବାର ସନ୍ଧ୍ୟାରେ କାର୍ ଯୋଗେ ଆସୁଥିବା ବେଳେ ହରିପୁର ଛକ ଠାରେ ନିମାପଡ଼ାରୁ ଆସୁଥିବା ୨ଜଣ ଯୁବକଙ୍କ ବାଇକ ଅବନୀ ରଞ୍ଜନଙ୍କ କାର୍ ସହ ଘଷି ହୋଇଥିଲା। ଏଥିରେ କ୍ଷୁବ୍ଧ ହୋଇ ବାଇକ ଚାଳକ ଦ୍ୱୟ ଅବନୀ ରଞ୍ଜନଙ୍କୁ ପିଛାକରି ଆସି ନିମାପଡ଼ା ତଳଅଣ୍ଡିଆ ଛକଠାରେ କାର୍‌କୁ ଅଟକାଇ ମାଡ଼ ମାରିଥିଲେ। ବିଭିନ୍ନ ଧମକ ଚମକ ଦେଇଥିବାବେଳେ ତାଙ୍କଠାରୁ ମୋବାଇଲ ଫୋନ, ମନି ପର୍ସ, ସୁନାଚେନ ଭିଡ଼ାଭିଡ଼ି କରିଥିବା ସମ୍ପର୍କରେ ନିମାପଡ଼ାର ସନ୍ତୋଷ ପରିଡ଼ା ଓ ଆଶିଷ ଲେଙ୍କାଙ୍କ ସମେତ ଅନ୍ୟ କେତେଜଣଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ କେସ୍ ନଂ. ୨୪୦/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏହି ମାମଲାରେ ପୋଲିସ ନିମାପଡ଼ାର ଦୁଇଜଣ ଆଶିଷ ଲେଙ୍କା ଓ ସନ୍ତୋଷ ପରିଡ଼ାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଆକ୍ରମଣରେ ଗୋପ ବ୍ଲକ ବିଡିଓଙ୍କ ସ୍ୱାମୀ ଅବନୀ ରଞ୍ଜନ ପଟ୍ଟନାୟକ ଆହତ ହୋଇଛନ୍ତି।

### ଅଯୋଧ୍ୟାରେ ବଉଳ ବୃକ୍ଷରୋପଣ

ପୁରୀ,୩।୮ (ଅଜିତ୍ କୁମାର ମହାନ୍ତି)

ବିଶ୍ୱ ବନ୍ଧୁତ୍ୱ ଦିବସ ଅବସରରେ ଅଯୋଧ୍ୟା ରାମମନ୍ଦିର, ଡାକ୍ତର ରାମ ମନୋହର ଲୋହିଆ ବିଶ୍ୱବିଦ୍ୟାଳୟ ଓ ଶ୍ୟାମାସଦନ ଆଶ୍ରମ ପରିସରରେ ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ବଉଳ ବୃକ୍ଷରୋପଣ କରାଯାଇଛି। ଅନୁଷ୍ଠାନର ରାଜ୍ୟ ସଭାପତି ବଦ୍ରୀ ମିଶ୍ରଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ରାମନାରାୟଣ ପାଣ୍ଡେ, ଅଧ୍ୟାପକ ମନସା ମିଶ୍ରା, ପ୍ରୀତମ ମିଶ୍ର, ସୁଲୋଚନା ମିଶ୍ର, ପ୍ରିୟଙ୍କା ପ୍ରିୟଦର୍ଶିନୀ ମିଶ୍ର, ପ୍ରତ୍ୟୁଷ ଷଡ଼ଙ୍ଗୀ, ମୋନାଲିସା ରଥ ଓ ପ୍ରିୟାଂଶୀ ମିଶ୍ର ପମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଟ୍ରଷ୍ଟ ପ୍ରମୁଖ ଶ୍ରୀଧର ଦାସ ମହାରାଜା କହିଛନ୍ତି, ଶ୍ରୀଜଗନ୍ନାଥ ଧାମରେ ଜନ୍ମିତ ବୃକ୍ଷମାନେ, ରାମଲାଲାଙ୍କ ପୀଠ ଅଯୋଧ୍ୟାରେ ବଡ଼ ହୋଇ ରାମଭକ୍ତଙ୍କୁ ଯେ ଛାଇ ଦେବ।

## ଜନତାଙ୍କ ସେବା, ତ୍ୟାଗ ଅନୁଷ୍ଠାନର ମୂଳମନ୍ତ୍ର

ନିମାପଡ଼ା, ୩।୮ (ବିଚିତ୍ରାନନ୍ଦ ସାହୁ)

ମାନବ ସେବା ହିଁ ମାଧବ ସେବା। ସାଧାରଣ ଜନତାଙ୍କ ସେବା କରିବା ଓ ତ୍ୟାଗ ଆମ ଅନୁଷ୍ଠାନର ମୂଳମନ୍ତ୍ର। ଏକ ସ୍ୱାଭିମାନ ସବୁଜ ଓ ସ୍ୱଚ୍ଛ ନିର୍ମଳ, ବିକଶିତ ନିମାପଡ଼ା ଗଠନ ଆମର ସ୍ୱପ୍ନ ଓ ପରିକଳ୍ପନା ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ନିମାପଡ଼ା ସେଲ୍ଫ ଏମ୍ପାୱାରମେଣ୍ଟ ଅର୍ଗାନାଇଜେଶନ ପକ୍ଷରୁ ନିମାପଡ଼ା ବିଷ୍ଣୁପୁରସ୍ଥିତ ସିଦ୍ଧେଶ୍ୱର ମହାଦେବଙ୍କ ପୀଠରେ ଆୟୋଜିତ ଚତୁର୍ଥ ବାର୍ଷିକ ଉତ୍ସବ ଓ ବନ୍ଧୁତ୍ୱ ଦିବସ ସମାରୋହରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉତ୍ସବରେ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସୁଧୀର ମହାନ୍ତି, ଖବରଦାତା ପ୍ରଶାନ୍ତ ସାହୁ, ନିମାପଡ଼ା ପ୍ରେସ୍ କ୍ଲବ ସଭାପତି ଅକ୍ଷୟ ବେହେରା, ହେଲ୍ପ ଲାଇନର ସଭାପତି ଅକ୍ଷୟ କୁମାର ସାହୁ, ଶିକ୍ଷାବିତ୍ ସୌଦାମିନୀ ଦାଶ, ବିପିନ ମହାନ୍ତି, ଅନୁଷ୍ଠାନର ସଭାପତି ଦୀପକ କୁମାର ସାହୁ, ସମ୍ପାଦକ ଜୟକୃଷ୍ଣ ପାତ୍ର ପ୍ରମୁଖ ଯୋଗଦେଇ ସେଲ୍ଫ ଏମ୍ପାୱାରମେଣ୍ଟ ଅର୍ଗାନାଇଜେଶନର ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ସମାରୋହରେ ବିଭିନ୍ନ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ନିମାପଡ଼ା ପ୍ରେସ୍ କ୍ଲବ, ହେଲ୍ପଲାଇନ, ବରିଷ୍ଠ ନାଗରିକ ମଞ୍ଚ, ସାଇ ସନ୍ତୋଷୀ, ହେଲ୍ପ ଫାଉଣ୍ଡେଶନ, ଆଇନଜୀବୀ ଭାସ୍କର ଦାଶ, ସାମାଜିକ କର୍ମୀ ଶାଶ୍ୱତ ଧଳ, ଦଣ୍ଡପାଣି ସାହୁଙ୍କ ସମେତ ୧୨ଜଣ ବରିଷ୍ଠ ଖବରଦାତା, କବି ସୁଧାଂଶୁବାଳା ମିଶ୍ର, ସାମାଜିକ କର୍ମୀ ଆଦର୍ଶ ଦାଶ ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉତ୍ସବରେ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, କବି, ସାହିତ୍ୟିକ, ପରିବେଶବିତ୍, ସାମାଜିକ କର୍ମୀ, ଯୁବ ଛାତ୍ର, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ନାଟ୍ୟ ନିର୍ଦ୍ଦେଶକ ନିରଞ୍ଜନ ପଲତା ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ।


ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

## ପୂର୍ବ ଶତ୍ରୁତାରୁ ଘର ଭଙ୍ଗାଯାଇଛି

### ପୋଲିସ ତଦନ୍ତକୁ ନେଇ ଉଠୁଛି ପ୍ରଶ୍ନ

କାକଟପୁର/ଅସ୍ତରଙ୍ଗ,୩।୮
(ଶୁଭ ଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ଥାନା ଅନ୍ତର୍ଗତ ଶୁକପୋଖରୀ ଅଞ୍ଚଳର ପ୍ରଭାତ ବିଶ୍ୱାଳ ନବରଙ୍ଗପୁରରେ ରୁହନ୍ତି। କେତେଜଣ ବ୍ୟକ୍ତି ଆକ୍ରୋଶମୂଳକ ଭାବେ ସେ ଘରେ ନ ଥିବା ବେଳେ ଶୁକପୋଖରୀରେ ଥିବା ପୈତୃକ ଘରକୁ ଭଙ୍ଗାରୁଜା କରୁଛନ୍ତି। ଏ ସମ୍ପର୍କରେ ପ୍ରଭାତ ପଚାରିବାରୁ ତାଙ୍କୁ ହତ୍ୟା ଧମକ ଦିଆଯାଇଛି। ଏ ନେଇ କାକଟପୁର ଥାନାରେ ପ୍ରଭାତ ବିଶ୍ୱାଳ କିଛି ବ୍ୟକ୍ତିଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ସହ ଭଡ଼ା ରହୁଥିବା ବ୍ୟକ୍ତିଙ୍କ କାଗଜପତ୍ର ନେଇ ଯାଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। କିନ୍ତୁ କାକଟପୁର ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ଏହା ସହ କାର୍ଯ୍ୟାନୁଷ୍ଠାନ ନ ନେବାରୁ ପ୍ରଭାତ ବିଶ୍ୱାଳ ଖୁବ୍‌ଶୀଘ୍ର ପୁରୀ ଏସ୍‌ପିଙ୍କୁ ଭେଟିବେ ବୋଲି ସୂଚନା ଦେଇଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମିଟୁ


@ ପ୍ରିୟଙ୍କା


@ ରୋହିତ


@ ସତ୍ୟବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସାମ୍ବାଦିକ ବିକ୍ରମଙ୍କ ସ୍ମୃତିରେ ବନ୍ଧୁତା ଦିବସ

ପୁରୀ,୩।୮ (ଅଜିତ୍ କୁମାର ମହାନ୍ତି)

ସ୍ଥାନୀୟ କୁଳମଣି ଭବନଠାରେ ଅନୁଷ୍ଠାନ ଦି ମୋମେଣ୍ଟ ପକ୍ଷରୁ ରବିବାର ବନ୍ଧୁତା ଦିବସ ପାଳନ କରାଯାଇଛି। ଯୁବ ସାମ୍ବାଦିକ ସ୍ୱର୍ଗତ ବିକ୍ରମ କେଶରୀ ଆଚାର୍ଯ୍ୟଙ୍କ ସ୍ମୃତିରେ ବନ୍ଧୁତା ଦିବସ ପାଳନ କରାଯାଇଥିଲା। ସ୍ୱର୍ଗତ ଆଚାର୍ଯ୍ୟଙ୍କ ବନ୍ଧୁବତ୍ସଳ ସ୍ୱଭାବ, ନିର୍ଭୀକ ସାମ୍ବାଦିକତା ଓ ପରୋପକାର ପ୍ରତି ଏକାଗ୍ରତା ନେଇ ଅତିଥିଗଣ ନିଜସ୍ୱ ଅଭିଜ୍ଞତା ବଖାଣିଥିଲେ। ଖୁବ୍ କମ୍ ଦିନ ମଧ୍ୟରେ ସେ ପେସାଗତ ଜୀବନରେ ନିଜକୁ ପ୍ରତିଷ୍ଠିତ କରିପାରିବା ସହ ଅନେକଙ୍କ ହୃଦୟରେ ଏକ ସ୍ଥାନ ସୃଷ୍ଟି କରିପାରିଥିଲେ। ତାଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜଣେ ଯୁବ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରିବାକୁ 'ଦି ମୋମେଣ୍ଟ' ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ସଭାରେ ମତ ପ୍ରକାଶ ପାଇଥିଲା। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ କୁମାର ଚକ୍ରଧର ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ବ୍ୟାଙ୍କ ଅଧିକାରୀ କୈଳାସ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ କାର୍ତ୍ତିକ କୁମାର ଦାସ, ଡ. ଦିଲୀପ ସେନାପତି, ଶିକ୍ଷାବିତ୍ କାଶୀନାଥ ଖୁଣ୍ଟିଆ ଯୋଗଦାନ କରିଥିଲେ। ଶିକ୍ଷାବିତ୍ କବି ଶିବସୁନ୍ଦର ମିଶ୍ର ସଞ୍ଚାଳନ କରିଥିଲେ। ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶିକ୍ଷାବିତ୍ ପ୍ରଦୀପ୍ତ ରାୟ, ସର୍ବାଣୀ ଦାସ, ସୁରେଶ କୁମାର ପଟ୍ଟନାୟକ, ଯୋଗେନ୍ଦ୍ର ନାଥ ସାହୁ, ହରେକୃଷ୍ଣ ସାହୁ ସାମ୍ବାଦିକ ଜିତେନ୍ଦ୍ର ନାରାୟଣ ମିଶ୍ର, ସତ୍ୟନାରାୟଣ ରାଉତରାୟ, କଳ୍ପତରୁ ମିଶ୍ର, ସୁରେଶ ସାହୁ, ଶୁଭେନ୍ଦୁ ଦାସ, ଯୋଗେଶ୍ୱର ପ୍ରହରାଜ, ଚନ୍ଦ୍ରଶେଖର ମହାରଣା, ଅଧିବକ୍ତା ବିଶ୍ୱବନ୍ଧୁ ଦାଶ ଆଦି ଆଲୋଚକମାନେ ଯୁବ ସାମ୍ବାଦିକ ସ୍ୱର୍ଗତ ବିକ୍ରମ କେଶରୀ ଆଚାର୍ଯ୍ୟଙ୍କର ସ୍ମୃତି ଅନୁଭୂତି ମାର୍ମିକ ଭାବେ ବର୍ଣ୍ଣନା କରିଥିଲେ। ଏହି ଅବସରରେ କମଳିନୀ ପାଣିଗ୍ରାହୀ, ରୋଜାଲିନ ପଣ୍ଡାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ପ୍ରଦୀପ କୁମାର ନାୟକ, ସହସମ୍ପାଦକ ପ୍ରସାଦ ସିଂହ, ଇଂ. ଜଗନ୍ନାଥ ରାଓ, ଧିରେନ କୁମାର ପାଢ଼ୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

## ଭକ୍ତି ଓ ସେବାର ଅନନ୍ୟ ପ୍ରତୀକ ଦାନବୀର

### ବଡ଼େ ହରିହର ଗୁରୁଙ୍କ ପୁଣ୍ୟତିଥି ସ୍ମୃତି ସମାରୋହ

ପୁରୀ,୩।୮ (ଅଜିତ୍ କୁମାର ମହାନ୍ତି)

ଭକ୍ତି ଓ ସେବାର ଅନନ୍ୟ ପ୍ରତୀକ ଦାନବୀର ବଡ଼େ ହରିହର ଗୁରୁଙ୍କ ୧୦୧ତମ ପୁଣ୍ୟତିଥି ସ୍ମୃତି ସମାରୋହ ବଡ଼ଦାଣ୍ଡସ୍ଥିତ ଗୁରୁ ଇଷ୍ଟେଟ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଶିକ୍ଷାବିତ୍ ସତ୍ୟବାଦୀ ଦାଶ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନ ସଭାପତି ରବିନାରାୟଣ ଗୁରୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରୀ ସଭାପତି ଡ. କୈଳାସ ଚନ୍ଦ୍ର ଟିକାୟତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଚକ୍ରଧର ମହାପାତ୍ର ବିବରଣୀ ପାଠ କରିଥିଲେ। ଶ୍ରୀଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନ ସଦସ୍ୟମାନଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ସେବାୟତ ଗୋବିନ୍ଦ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ବରିଷ୍ଠ ସେବାୟତ ନିରଞ୍ଜନ ସିଂହାରୀ, ବରିଷ୍ଠ ସେବାୟତ ଜଗନ୍ନାଥ ପ୍ରତିହାରୀ, କ୍ରୀଡ଼ାବିତ୍(ସୁନ୍ଦର ସ୍ୱାସ୍ଥ୍ୟ) ବିଶ୍ୱଜିତ ପ୍ରତିହାରୀ, ଚିତ୍ରଶିଳ୍ପୀ ଡ. ଦୁର୍ଗାମାଧବ କର, ଶାସ୍ତ୍ରୀୟ ସଙ୍ଗୀତଜ୍ଞ ପ୍ରିୟବ୍ରତ ରାୟ, ଶାସ୍ତ୍ରୀୟ ସଙ୍ଗୀତଜ୍ଞ ସିପ୍ରା ମହାନ୍ତି, ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଅନ୍ନପୂର୍ଣ୍ଣା ତ୍ରିପାଠୀ, ଶ୍ରେଷ୍ଠ ଛାତ୍ର (ସଂସ୍କୃତ ଭାଷା ଅଧ୍ୟୟନ) ସ୍ୱୟମ୍ଭୁ ପ୍ରସାଦ କରଙ୍କୁ ପ୍ରତିଭା ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ। ସମବେତ କଣ୍ଠରେ ଶ୍ରୀଗୀତଗୋବିନ୍ଦ, ମାଳଶ୍ରୀ, ବାଦ୍ୟ ବିଚିତ୍ରା, ପାରମ୍ପରିକ ସଙ୍ଗୀତ ପରିବେଷଣ କରାଯାଇଥିଲା। ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ମହାପ୍ରସାଦ କର ଏବଂ ସୌରଭ ନାୟକ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜମେଶ୍ୱର ପୂଜାପଣ୍ଡା, ପ୍ରସନ୍ନ କୁମାର ମିଶ୍ର, ସୋମନାଥ ଗୁରୁ, ସତ୍ୟନାରାୟଣ ଗୁରୁ, ବିମଳେନ୍ଦୁ ଦାଶ, ପ୍ରେମନାଥ ଗୁରୁ, ଅମରନାଥ ଗୁରୁ, ହରିହର ଗୁରୁ, ରମେଶ ଚନ୍ଦ୍ର ସାହୁ, ପ୍ରଭାତ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।


ବଡ଼େ ହରିହର ଗୁରୁଙ୍କ ପୁଣ୍ୟତିଥି ସ୍ମୃତି ସମାରୋହରେ ଭଜନ ପରିବେଷଣ କରାଯାଉଛି ।

## ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ରାଜହଂସ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ଜେନାଙ୍କୁ ରବିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସଞ୍ଜୁ ବାଲା ମିଶ୍ର, ସରପଞ୍ଚ ତ୍ରିଲୋଚନ ପାତ୍ର, ସୁବୋଧ ବେହେରା, ସିଆର୍‌ସିସି ସୁମିତା ପଣ୍ଡା, ଗୀତା ରାଣୀ ମଲ୍ଲିକ, ପ୍ରଭାତ ଷଡ଼ଙ୍ଗୀ, ଉମାକାନ୍ତ ବେହେରା ଚାକିରି ଜୀବନରେ ଜେନାଙ୍କ ଶିକ୍ଷାଦାନ କ୍ଷେତ୍ରରେ ନିଷ୍ଠାପର ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିବା ସହ ଦୀର୍ଘ ଜୀବନ କାମନା କରିଥିଲେ। କାର୍ଯ୍ୟକ୍ରମ ବାସୁଦେବ ନାୟକ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବ୍ୟବସାୟୀଙ୍କଠାରୁ ସୁନାରୁପା ଲୁଟ୍

କଣ୍ଟାପଡା,୩।୮(ସୁରନାରାୟଣ ସାହୁ)

ଗୋବିନ୍ଦପୁର ଥାନାଠାରୁମାତ୍ର ୫୦୦ ମିଟର ଦୂରରେ ଜଣେ ବ୍ୟବସାୟୀଙ୍କଠାରୁ ଶୁକ୍ରବାର ରାତିରେ ଲକ୍ଷାଧିକ ଟଙ୍କାର ସୁନାରୁପା ଲୁଟ ହୋଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୮୯/୨୫) ରୁଜୁ ହୋଇଛି। ଏହାର ପ୍ରତିବାଦରେ ଗୋବିନ୍ଦପୁର ବ୍ୟବସାୟୀ ସଂଘ ପକ୍ଷରୁ ବଜାର ବନ୍ଦ ରହିବା ସହ ବ୍ୟବସାୟୀ ଓ ଗ୍ରାମବାସୀ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ପାଇଁ ଦାବି କରାଯାଇଛି। ଶନିବାର ଗୋବିନ୍ଦପୁର ବଜାର ବ୍ୟବସାୟୀ ସ୍ୱୟଂସହାୟକ ଗୋଷ୍ଠି ଓ ଗ୍ରାମବାସୀ ଥାନାରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ପାଇଁ ଦାବିପତ୍ର ଦେଇଥିଲେ। ଖବରରୁ ପ୍ରକାଶ ଗୋବିନ୍ଦପୁର ବଜାରର ଗହଣା ବ୍ୟବସାୟୀ ସୁନୀଲ କୁମାର ସାହୁ ଶୁକ୍ରବାର ରାତି ୮ଟାବେଳେ ଦୋକାନ ବନ୍ଦକରି ଏକ ବ୍ୟାଗରେ ୨୫୦ ଗ୍ରାମର ସୁନା ଓ ୫ କେଜି ଓଜନର ରୁପାଗହଣା ନେଇ ଘରକୁ ଚାଲି ଚାଲି ଯାଉଥିଲେ। ଦେବୀନଦୀର ଦକ୍ଷିଣପାର୍ଶ୍ୱ ବନ୍ଧର ଗୋବିନ୍ଦପୁର-ପାର୍ବତୀପୁର ସେତୁ ନିକଟରେ ୩ଜଣ ଦୁର୍ବୃତ୍ତ ହଠାତ ପହଞ୍ଚି ବ୍ୟାଗ ଛଡାଇନେଇ ସେଠାରୁ ଫେରାର ହୋଇଯାଇଥିଲେ। ସୁନୀଲ ଏ ସମ୍ପର୍କରେ ଗୋବିନ୍ଦପୁର ଥାନାକୁ ଜଣାଇଥିଲେ। ପୋଲିସ ଦୁର୍ବୃତ୍ତଙ୍କ ସମ୍ପର୍କରେ କୌଣସି ଟେର ପାଇ ନ ଥିଲା।

# ଆସୁଛି ରାଖୀ ପୂର୍ଣ୍ଣିମା: ଜମୁଛି ବେପାର

କଟକ,୩।୮(ଶିଳ୍ପା ପ୍ରିୟଦର୍ଶିନୀ)

■ନୂଆ କରି ଭାଇ-ଭଉଣୀ ଓ ଭାଇ-ଭାଉଜ ରାଖୀର ଡିମାଣ୍ଡ

■ରାଖୀ ବିକ୍ରି ଟଙ୍କାରେ ବୁଲା ପଶୁପକ୍ଷୀଙ୍କୁ ଖାଦ୍ୟ ଯୋଗାଉଛନ୍ତି ସବିହା ସୁମ୍ବୁଲ





ଦିନ କେଇଟା ପରେ ରାଖୀ ପୂର୍ଣ୍ଣିମା। ରାଖୀ ବାନ୍ଧି ଭଉଣୀ ନିଜର ସୁରକ୍ଷା ଭାଇଠୁ ଲୋଡିଥିବେଳେ ଭାଇ ତା'ର ଭଉଣୀଙ୍କୁ ସୁରକ୍ଷା ଦେବାକୁ ପ୍ରତିଶ୍ରୁତି ଦେଇଥାଏ। ରାଖୀ ପୂର୍ଣ୍ଣିମା ପାଇଁ ଏବେ ଚଳଚଞ୍ଚଳ ହୋଇଉଠିଲାଣି କଟକ ସହର। ରାଣୀହାଟ, ଦୋଳମୁଣ୍ଡାଇ, କଲେଜ ଛକ, ବାଦାମବାଡ଼ି, ଚୌଧୁରୀ ବଜାର ଏବଂ ନଦୀସାହି ଆଦି ଅଞ୍ଚଳରେ ରାଖୀର ପସରା ଖୋଲିଲାଣି। ଚଳିତବର୍ଷ ୧ ମାସ ପୂର୍ବରୁ ରାଖୀ ବ୍ୟବସାୟ ଆରମ୍ଭ ହୋଇଥିବାବେଳେ ବ୍ୟବସାୟୀମାନେ ମଧ୍ୟ ଅଧିକ ଲାଭ ଆଶା ରଖିଛନ୍ତି। କଟକର ବ୍ୟବସାୟୀମାନେ ବିଶେଷକରି କୋଲକାତା, ଦିଲ୍ଲୀ, ଅହମଦାବାଦ, ମୁମ୍ବାଇ ଏବଂ ଗୁଜରାଟରୁ ରାଖୀ ଆଣି ବେପାର ଆରମ୍ଭ କରିଛନ୍ତି। ହୋଲସେଲରେ ରାଖୀ ଡଜନର ମୂଲ୍ୟ ୨.୫ ଟଙ୍କାରୁ ଆରମ୍ଭ ହୋଇ ୨୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଛୋଟ ପିଲାଙ୍କ ପାଇଁ କାର୍ଟୁନ, ଲାଇଟ୍, ମୁଭି, ସ୍ପାଇଡର ମ୍ୟାନ, ସିଣ୍ଡ୍ରେଲା ଏବଂ ଡୋରେମନ୍, ଛୋଟା ଭିମ୍ ଭଳି ବହୁ ଡିଜାଇନର ରାଖୀ ବଜାରକୁ ଆସିଛି। ସେହିପରି ଯୁବବର୍ଗ ମଧ୍ୟରେ ଷ୍ଟୋନ ଏବଂ ରୁପା ରାଖୀର ଚାହିଦା ସବୁଠୁ ଅଧିକ ରହିଥିବାବେଳେ ଏବେ ଭାଇ-ଭାଉଜ ରାଖିର ଚାହିଦା ଅଧିକ ରହିଛି। ଏହା ୮୦ ଟଙ୍କାରୁ ଆରମ୍ଭ ହୋଇ ୩୦୦ ଟଙ୍କା ଯାଏ ରହିଛି। ସେହିପରି ଚଳିତବର୍ଷ ଆଉ ଏକ ନୂଆ କରି ଭାଇ-ଭଉଣୀ ରାଖୀ ଆସିଛି। ଅର୍ଥାତ ଗୋଟିଏ ପ୍ୟାକେଟ୍‌ରେ ଝିଅ ଏବଂ ପୁଅଙ୍କ ପାଇଁ ରାଖୀ ରହିଛି, ଯାହାର ଦାମ ୧୦୦ ଟଙ୍କାରୁ ଆରମ୍ଭ ହୋଇଛି। ଅନ୍ୟପଟେ କଟକ ଷ୍ଟେଶନ ବଜାର ଅଞ୍ଚଳର ଝିଅ ସବିହା ସୁମ୍ବୁଲ ତିଆରି କରୁଛନ୍ତି ରାଖୀ। କଟକସ୍ଥିତ ଷ୍ଟେଶନ ବଜାର ମଠସାହି ଅଞ୍ଚଳର ଅସ୍‌ଫାକ୍ ଅଲି ଖାନ୍ ଓ ତବସୁମ ନାଜ୍‌ଙ୍କ ଝିଅ ସବିହା । ସଂସ୍କୃତି ଭିତ୍ତିକ ବିଭିନ୍ନ ଡିଜାଇନର ରାଖୀ ତିଆରି କରିବା ସହ ଏହାକୁ ଅନଲାଇନ ମାଧ୍ୟମରେ ବିକ୍ରି କରୁଛନ୍ତି। ଏଥିରୁ ଯାହା ଟଙ୍କା ଆସିଥାଏ ସବିହା ତାହା ବୁଲା ଗାଈ, କୁକୁରଙ୍କୁ ଖାଦ୍ୟ ଦେବାରେ ଖର୍ଚ୍ଚ କରିଥାନ୍ତି। ଏଭଳି ନିଆରା ପ୍ରୟାସ ଯୋଗୁ ଏବେ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ପାଲଟିଛନ୍ତି ସବିହା। ବାଣିଜ୍ୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ଏବେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ସେ ନିଜକୁ ପ୍ରସ୍ତୁତ କରୁଛନ୍ତି। ରାଖୀ ମଧ୍ୟରେ ଡିଜିଟାଲ ରାଖୀ, ଫଟୋ ରାଖୀ, ରେଜିନ ରାଖୀ, ରେଡିୟମ ରାଖୀ ଇତ୍ୟାଦି ରହିଛି। ଏହାସହ ରାଖୀ କମ୍ବୋ ସେଟ ମଧ୍ୟ କରିଛନ୍ତି, ଯେଉଁଥିରେ ରାଖୀ ସମେତ ସିନ୍ଦୂର, ଚନ୍ଦନ, ଚାଉଳ, ଚକୋଲେଟ ଇତ୍ୟାଦି ରହୁଛି। ଏହି ସମସ୍ତ ରାଖୀର ମୂଲ୍ୟ ୩୫ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହାସହ ଯଦିଓ କୌଣସି ସ୍ୱତନ୍ତ୍ର ବା କଷ୍ଟମାଇଜ ଅର୍ଡର ଆସେ ତେବେ ସେ ଅନୁଯାୟୀ ଦର ରହିଥାଏ।

### ପୁରୁଣା ଏକାଧିକ କର୍ମୀଙ୍କୁ କଂଗ୍ରେସ ନେତାଙ୍କ ସହାୟତା

ମଙ୍ଗୁଳି-ଜଗତପୁର,୩।୮(ମାନସ ସାମଲ)

ଟାଙ୍ଗୀ ସାଲେପୁର ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ହରିବନ୍ଧୁ ଶତପଥୀ ଟାଙ୍ଗୀର ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରି ଏକାଧିକ ପୁରୁଣା କଂଗ୍ରେସ କର୍ମୀଙ୍କ ଦୁଃଖସୁଖ ବୁଝି ସେମାନଙ୍କୁ ସହାୟତା ଯୋଗାଇ ଦେଇଛନ୍ତି। ଶତାଧିକ କଂଗ୍ରେସ କର୍ମୀ ଟାଙ୍ଗୀ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ହନୁମାନ ମନ୍ଦିରରୁ ବାହାରି ଗରୁଡ଼ଗାଁ ପଞ୍ଚାୟତ ଚନ୍ଦନପୁର, କାନପୁର, ମାଗୁରା ଧାନମଣ୍ଡଳ ଓ ବରହମ୍ପୁର ପଞ୍ଚାୟତର ବିଭିନ୍ନ ଗ୍ରାମର ବହୁ କଂଗ୍ରେସ କର୍ମୀଙ୍କ ଘରକୁ ଯାଇ କଂଗ୍ରେସକୁ ସୁଦୃଢ଼ କରିବା ପାଇଁ ଏକ ନିଆରା ପ୍ରୟାସ ଆରମ୍ଭ କରିଛନ୍ତି। ହରିବନ୍ଧୁଙ୍କ ଟାଙ୍ଗୀ ଗସ୍ତ ପରେ ଅଞ୍ଚଳରେ ଥିବା ବହୁ କଂଗ୍ରେସ କର୍ମୀଙ୍କ ଦଳ ପ୍ରତି ଉତ୍ସାହ ଦେଖିବାକୁ ମିଳିଛି। ଏହି ଗସ୍ତ ସମୟରେ ବରିଷ୍ଠ କଂଗ୍ରେସ ଯୁବ ନେତା ମନୋଜ ଖୁଲାର, ଚତୁର୍ଭୁଜ ସ୍ୱାଇଁ, ଭୁବନାନନ୍ଦ ରାଉତ, ସୁବାସ ବେହେରା, ନଳିନୀକାନ୍ତ ବେହେରା, ନିରଞ୍ଜନ ରାଉତ, ସେକ ସଲିମ, ଶିବପ୍ରସାଦ ବେହେରା ଓ ବିଜ୍ଞାନ ଭୂୟାଁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଜେପି ଦାସଙ୍କ ଜୀବନୀ ଆଧାରିତ ପ୍ରାମାଣିକ ଚଳଚ୍ଚିତ୍ର 'ହୃଦୟର ମଣିଷ' ଲୋକାର୍ପିତ



ପ୍ରାମାଣିକ ଚଳଚ୍ଚିତ୍ର 'ହୃଦୟର ମଣିଷ – ଲାଇଫ୍ ଆଣ୍ଡ୍ ୱାର୍କ୍ସ ଅଫ୍ ଡକ୍ଟର ଜେ.ପି.ଦାସ' ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥିମାନେ।

ଭୁବନେଶ୍ୱର,୩।୮(ଅନୁରାଧା ମହାରଣା)

ପ୍ରଖ୍ୟାତ ହୃଦ୍‌ରୋଗ ବିଶେଷଜ୍ଞ ତଥା ଚିତ୍ରଶିଳ୍ପୀ ଯଦୁନାଥ ପ୍ରସାଦ ଦାସଙ୍କ ୯୨ତମ ଜନ୍ମଦିବସ ଉପଲକ୍ଷେ କେତକୀ ଫାଉଣ୍ଡେଶନ ଟ୍ରଷ୍ଟ ଦ୍ୱାରା ଏକ ବିଶେଷ ପ୍ରାମାଣିକ ଚଳଚ୍ଚିତ୍ର 'ହୃଦୟର ମଣିଷ – ଲାଇଫ୍ ଆଣ୍ଡ୍ ୱାର୍କ୍ସ ଅଫ୍ ଡକ୍ଟର ଜେ.ପି.ଦାସ' ଲୋକାର୍ପିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଆରମ୍ଭରେ ଚିତ୍ରଶିଳ୍ପୀ ରାମହରି ଜେନାଙ୍କ ସଂଯୋଜନାରେ ଏକ ମନୋରମ ବାତାବରଣ ସୃଷ୍ଟି ହୋଇଥିଲା। ଏଥିରେ ଅନିନ୍ଦିତା ରାୟଙ୍କ ଦ୍ୱାରା 'ଜୀବନ ପାତ୍ର' ଗାନ କରାଯାଇଥିଲା। ତେବେ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ପ୍ରାମାଣିକ ଚଳଚ୍ଚିତ୍ର, ଯାହା ଦାସଙ୍କ ଜୀବନଯାତ୍ରା, ଉପଲବ୍ଧି ଏବଂ ସ୍ୱାସ୍ଥ୍ୟସେବା ସହ ଚିତ୍ରକଳାରେ ତାଙ୍କର ଅବଦାନକୁ ଅତ୍ୟନ୍ତ ସୁନ୍ଦର ଭାବେ ଚିତ୍ରଣ କରିଯାଇଥିଲା । ପରଦାରେ ତାଙ୍କ ଜୀବନ କାହାଣୀ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା । ଦାସଙ୍କ ପତ୍ନୀ ଗାୟତ୍ରୀ ଦାସ ଜେ.ପି.ଙ୍କ କବିତା ପାଠ କରି ତାଙ୍କ କାବ୍ୟସୃଷ୍ଟିକୁ ଜୀବନ୍ତ କରି ତୋଳିଥିଲେ । ନିରଞ୍ଜନ ତ୍ରିପାଠୀ ତାଙ୍କ ଡାକ୍ତରୀ ଜୀବନ ଓ ଚିତ୍ରାଙ୍କନରେ ଥିବା ପ୍ରଭାବ ଉପରେ ଏକ ପ୍ରେରଣାଦାୟୀ ଆଲୋଚନା ପ୍ରସ୍ତୁତ କରିଥିଲେ। ତା'ପରେ କର୍ମଦେବ ମହାରଣା ଏହି ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ସହିତ ବିତାଇଥିବା କିଛି ସ୍ମରଣୀୟ ମୁହୂର୍ତ୍ତକୁ ବଖାଣିଥିଲେ । ଜେ.ପି.ଙ୍କ ସୁପୁତ୍ର ଦେବବ୍ରତ ଦାସ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟ ଅତିଥିମାନେ ଜେ.ପି.ଙ୍କ ଅମର ସ୍ମୃତିଚାରଣ କରିଥିଲେ ।

### ଡେଙ୍ଗୁ, ଡାଇରିଆ ସଚେତନତା କାର୍ଯ୍ୟକ୍ରମ

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୩।୮ (ଆଶୁତୋଷ ଦାସ/ମାନସ ସାମଲ)

ଆର୍‌ସିସି ବିବେକାନନ୍ଦ ଏବଂ ରୋଟାରୀ କ୍ଲବ ଅଫ୍ କଟକ ଅଭିନବ ପକ୍ଷରୁ ଡେଙ୍ଗୁ ଏବଂ ଡାଇରିଆ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଆର୍‌ସିସି ବିବେକାନନ୍ଦ ସଭାପତି ମାନସ କୁମାର ସାହୁଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ଅଫ୍ କଟକ ଅଭିନବ ସମ୍ପାଦିକା ମନୋରମା ଜେନା, ସୁଧାଂଶୁ ଶେଖର ଜେନା, ବିଶନାଥ ପଣ୍ଡା, ମୀନା ପଟ୍ଟନାୟକ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଆମ ପରିବେଶ ଆମ ହାତରେ ବାର୍ତ୍ତା ସହ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଛାତ୍ରୀଛାତ୍ର ଏବଂ ସ୍ଥାନୀୟ ଅଞ୍ଚଳର ନାଗରିକମାନଙ୍କ ସହାୟତାରେ ଚୌଦ୍ୱାର ଅଞ୍ଚଳରେ ଲୋକମାନଙ୍କୁ ଡେଙ୍ଗୁ ଏବଂ ଡାଇରିଆ ରୋଗର ନିରାକରଣ ସମ୍ପର୍କରେ ସଚେତନ କରାଇବା ସହ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆର୍‌ସିସି ବିବେକାନନ୍ଦ ସଭ୍ୟ ଅକ୍ଷୟ ନାୟକ, ଭାରତୀ ନାୟକ, ଗଣେଶ ହେମ୍ବ୍ରମ, ରାଜେଶ ସାହୁ, ପ୍ରଭାସ ଚୌଧୁରୀ, ଗୌରବ ସାହୁ, ଦିପ୍ତିରଞ୍ଜନ ସାହୁ, ଲକ୍ଷ୍ମୀ ନାଟିଆ, ଅଭିଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପରିଚାଳକ ରାଜେଶ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମିଟୁ



@ ପ୍ରିୟଙ୍କା



@ ରୋହିତ



@ ସତ୍ୟବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ଶତାଧିକ ବ୍ୟକ୍ତି

କଟକ,୩।୮(ଶିଳ୍ପା ପ୍ରିୟଦର୍ଶିନୀ): ମୋକିମ ଫାଉଣ୍ଡେଶନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଓଡିଆ ବଜାରସ୍ଥିତ ଉର୍ଦ୍ଦୁ ମହିଳା ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କଂଗ୍ରେସ ବରିଷ୍ଠ ନେତା ତଥା ଫାଉଣ୍ଡେଶନର ପ୍ରତିଷ୍ଠାତା ଇଂ. ମହମ୍ମଦ ମୋକିମ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ସମ୍ମାନିତ ଅତିଥି ଭାବେ ଆଫରୋଜ ବେଗମ, ସରୱାର ହସିବ ଯୋଗଦେଇଥିଲେ। କେୟାର ହସ୍ପିଟାଲର ହୃଦ୍‌ରୋଗ ବିଭାଗ ଡା. ଦେବାଶିଷ ମହାପାତ୍ର, ଡା. ଶ୍ୱାତୀମୟୀ ମହାନ୍ତି, ଶିଶୁରୋଗ ବିଭାଗ ଡା. ଶୁଭ ମହାନ୍ତି ଓ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ ଡା. ନୟୀମା ତାଜେନ ଶତାଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ଡିପିଏସ୍ କଳିଙ୍ଗରେ ମୁନ୍-୨୦୨୫



ୟୁନାଇଟେଡ ନେଶନ କାର୍ଯ୍ୟକ୍ରମରେ ପୁରସ୍କୃତ ଛାତ୍ରୀଛାତ୍ରମାନେ।

ଫୁଲନଖରା,୩।୮(ସତ୍ୟରଞ୍ଜନ ଦାସମହାପାତ୍ର)

ଫୁଲନଖରା ଅଢାଳିଆସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ କଳିଙ୍ଗରେ ମଡେଲ ୟୁନାଇଟେଡ ନେଶନ (ମୁନ-୨୦୨୫) ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। କ୍ରମାଗତ ଚତୁର୍ଥବର୍ଷ ପାଇଁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚଳିତବର୍ଷ ୪୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜେଣ୍ଟ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ କମ୍ୟୁନିକେସନ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡ. ଆଶିଷ କୁମାର ଦିବେଦି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀରେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରଶଂସା ପ୍ରମାଣପତ୍ର ଓ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶୁଭବ୍ରତ ମୁଖାର୍ଜୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉପାଧ୍ୟକ୍ଷ ସଞ୍ଜୟ କୁମାର ଜେନା, ଉପାଧ୍ୟକ୍ଷା ସ୍ୱାତୀ ନାଥ ଏବଂ ପ୍ରଧାନଶିକ୍ଷକ ମୁସ୍ତାକ ଅହମ୍ମଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରୋ-ଭାଇସ ଚେୟାରପର୍ସନ ମାଲା ମିଶ୍ର, କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ସୁନୟନା ପାତ୍ରୋ, ଆୟୋଜକ କମିଟି ସଦସ୍ୟଙ୍କୁ ଉଚ୍ଚ ପ୍ରଶଂସା କରିବା ସହିତ ଛାତ୍ରୀଛାତ୍ରମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଅଂଶଗ୍ରହଣକାରୀ ଛାତ୍ରୀଛାତ୍ର ମାନେ 'ଆନ୍ତର୍ଜାତିକ ଗଣମାଧ୍ୟମ, ସାଇବର ଅପରାଧ ଦମନ, କ୍ରୀଡ଼ା କ୍ଷେତ୍ରରେ ଲିଙ୍ଗ ସମତା, ସାଧୀନ ଭାରତ ପାଇଁ ଏକ ସମ୍ବିଧାନ, ଅବୈଧ ମାଦକ ଦ୍ରବ୍ୟ ବ୍ୟବସାୟ ନିୟନ୍ତ୍ରଣ ତଥା ଘାତକ ସାୟତ୍ତ ହତିଆର ମତବ୍ୟକ୍ତ କରି ନିଜର ନେତୃତ୍ୱ ଦକ୍ଷତା ଆଦି ୬ଟି କମିଟିରେ ବିଭକ୍ତ ହୋଇ ବିଭିନ୍ନ ବିଷୟରେ ପାରଦର୍ଶିତା ଏବଂ ତର୍କ ଯୋଗ୍ୟତା ପ୍ରଦର୍ଶନ କରିଥିଲେ।

# 'ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ଅନେକ କୃତିତ୍ୱର ମୂକସାକ୍ଷୀ'

କଟକ,୩।୮(ଶିଳ୍ପା ପ୍ରିୟଦର୍ଶିନୀ)



ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ସ୍ୱନକ୍ଷତ୍ର ଉତ୍ସବରେ ମଞ୍ଚାସୀନ ଅତିଥି।

ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ସ୍ୱନକ୍ଷତ୍ର ଉତ୍ସବ ରବିବାର ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଶୋକ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ କହିଛନ୍ତି, ଏହି ବିଦ୍ୟାଳୟ ଅନେକ କୃତିତ୍ୱର ମୂକସାକ୍ଷୀ ଏବଂ ଏକ ପ୍ରଜ୍ଞାକ୍ଷେତ୍ର। ବିଦ୍ୟାଳୟର ସମସ୍ତ ସୁବିଧା ଅସୁବିଧାକୁ ଖୁବଶୀଘ୍ର ପୂରଣ ହେବ ସେ ପ୍ରତିଶ୍ରୁତି ଦେଇଛନ୍ତି। ଉତ୍ସବରେ ସମ୍ମାନିତ ଅତିଥି ଭାବେ କଟକ ଜିଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ସ୍ଥାନୀୟ କର୍ପୋରେଟର ପ୍ରଦୀପ ସାହୁ, ବିଦ୍ୟାଳୟ ପ୍ରାକ୍ତନ ଛାତ୍ର ସଂସଦ ସଭାପତି ନିଶିକାନ୍ତ ମିଶ୍ର, କାନାରା ବ୍ୟାଙ୍କ ଏଜିଏମ୍ ଟି. ଅଖିଳା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚିନ୍ମୟ ଦାସ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଆଶାଲତା ବେହେରା ପୁଷ୍ପିତା ନାୟକ, ସୌଭାଗ୍ୟ ମଞ୍ଜରୀ ମହାପାତ୍ର, ପ୍ରମିଳା ଜେନା ଉତ୍ସବରେ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଶିଶୁଲେଖିକା ତଥା ଦଶମଶ୍ରେଣୀ ଛାତ୍ରୀ ସାମ୍ବିକା ଶତପଥୀଙ୍କ ଲିଖିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଦ୍ୟାଳୟ, ପ୍ରାକ୍ତନ ଛାତ୍ର ସଂସଦ ଓ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ଅର୍ଥରାଶି ସମେତ ଫଳକ ଓ ସାର୍ଟିଫିକେଟ୍ ଦେଇ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଜାତୀୟ ବିଜ୍ଞାନ ହାକାଥନ୍ ବେଙ୍ଗାଲୁରୁରେ ଚାମ୍ପିୟନ ହୋଇଥିବା ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଗାଇଡ ଶିକ୍ଷୟିତ୍ରୀ ପୁଷ୍ପିତା ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପ୍ରଭାସିନୀ ଦତ୍ତ, ସସ୍ମିତା ବେହେରା, ସାଗରୀକା ଲେଙ୍କା, ଜ୍ୟୋତିର୍ମୟୀ ସାହୁ ଓ ସୁଦେଷ୍ଣା ଭୂୟାଁ ପରିଚାଳନା କରିଥିଲେ। ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସବୁ ସମୟରେ ସାହାଯ୍ୟ ସହଯୋଗ ଯୋଗାଇ ଦେଉଥିବା ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା କର୍ତ୍ତୃପକ୍ଷ ଓ ବିଦ୍ୟାଳୟ ପରିଚାଳନା କମିଟିକୁ ପ୍ରଧାନଶିକ୍ଷକ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ। ୧୯୭୪ରେ କଟକ କ୍ରିକେଟ୍ ଚାମ୍ପିୟନ୍ ହୋଇଥିବା ବିଦ୍ୟାଳୟ ଦଳକୁ ଏହି ଅବସରରେ ବିଦ୍ୟାଳୟ ଓ ପ୍ରାକ୍ତନ ଛାତ୍ର ସଂସଦ ତରଫରୁ ଶାଲ୍, ମେଡ଼ାଲ୍, ଫଳକ ଓ ପୁଷ୍ପକୁଣ୍ଡ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ଆଶାଲତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଜୟନ୍ତୀ ମାଝି, ଅବସରପ୍ରାପ୍ତ ଶିକ୍ଷକ ଅମ୍ବିକା ପୃଷ୍ଟି ତଥା ଶିକ୍ଷିକା ଅଞ୍ଜନା ବୋଷ, ବିଣାପାଣି ସାହୁ, ସାଗରୀକା ମହାନ୍ତି ଓ ସୌଭାଗ୍ୟବତୀ ନାୟକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ରାଜକିଶୋର ଚୌଧୁରୀ, ମଦନମୋହନ ବେହେରା, ପ୍ରମୋଦ କୁମାର ପାଲ୍, ଚୈତନ୍ୟ ନାୟକ, କାର୍ତ୍ତିକ ଚନ୍ଦ୍ର ଦାସ, କର୍ମଚାରୀ ରବୀନ୍ଦ୍ର ବେହେରା, ଅମର ମହାନ୍ତି, ପ୍ରଦୀପ ସାମନ୍ତରାୟ, ଗଣେଶ ନାୟକ, ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଖୋର୍ଦ୍ଧା ଜିଲାପାଳଙ୍କ ଫେସ୍‌ବୁକ୍ ଆକାଉଣ୍ଟ ହ୍ୟାକ୍

ଖୋର୍ଦ୍ଧା,(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ଜିଲାପାଳ ଅମ୍ରିତ ଋତୁରାଜଙ୍କ ଫେସ୍‌ବୁକ୍ ଆକାଉଣ୍ଟକୁ ହ୍ୟାକ୍ କରାଯାଇଛି। କେହି ଜଣେ ବ୍ୟକ୍ତି ଜିଲାପାଳଙ୍କ ଫେସ୍‌ବୁକ ଆକାଉଣ୍ଟ ହ୍ୟାକ କରି ଅଭିନବ ଉପାୟରେ ଟଙ୍କା ହଡ଼ପ ଯୋଜନା କରୁଥିବା ଜଣାପଡ଼ିଛି। ମେସେଞ୍ଜର ଜରିଆରେ କେତେଜଣ ବ୍ୟକ୍ତିଙ୍କ ସହ କଥାବାର୍ତ୍ତା ଆଳରେ ନମ୍ବର ସଂଗ୍ରହ କରି ସେମାନଙ୍କଠାରୁ ଟଙ୍କା ଲୁଟିବା ଯୋଜନା ଧରାପଡ଼ିବା ପରେ ହ୍ୟାକ୍ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ରବିବାର ଏହି ଘଟଣା ସାମ୍ନାକୁ ଆସିଛି।

## ସଂକ୍ଷେପରେ

### ଯୁବତୀଙ୍କୁ ପ୍ରେମ ପ୍ରତାରଣା: ବିଟେକ୍ ଛାତ୍ର ଗିରଫ

ଯାଁଳା,୩।୮(ବୁଲା ବାରିକ): ଜଣେ ଯୁବତୀଙ୍କ ସହ ପ୍ରଥମେ ସମ୍ପର୍କ ରଖି ପ୍ରେମ ଓ ଗର୍ଭବତୀ କରିବା ପରେ ପ୍ରତାରଣା କରିବା ଅଭିଯୋଗରେ ଜଣେ ବିଟେକ୍ ଛାତ୍ରଙ୍କୁ ରବିବାର ଇନ୍‌ଫୋସିଟି ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କଟକ ଜିଲା ଆଠଗଡ ଥାନା କରକମଳ ଗ୍ରାମର ଉତ୍ପଳ ଦାସ। ସୂଚନା ଅନୁଯାୟୀ, ଉତ୍ପଳ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଗଙ୍ଗପଡ଼ା ମାମୁଁଘରେ ରହି ପାଠ ପଢୁଥିଲେ। ପାଠ ପଢିବା ସମୟରେ ଗତ ୨୦୨୧ ମସିହାରେ ଜଣେ ଯୁବତୀଙ୍କ ସହ ଦେଖାହୋଇ ଚିହ୍ନା ପରିଚୟ ହୋଇଥିଲେ। ପରେ ଫୋନ ନମ୍ବର ଦିଆନିଆ ହୋଇ ସମ୍ପର୍କ ବଢିଥିଲା। ଦୁଇ ଜଣଙ୍କ ଭିତରେ ପ୍ରେମ ସମ୍ପର୍କ ବଢିଥିଲା। ଉତ୍ପଳ ଯୁବତୀ ଜଣକୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ଯୁବତୀ ଜଣକ ଗର୍ଭବତୀ ହୋଇଥିଲେ। ଯୁବତୀ ଜଣକ ବିବାହ କରିବା ପାଇଁ ବାରମ୍ବାର କହିଥିଲେ ଉତ୍ପଳ ଆଉ ଧରାଛୁଆଁ ଦେଇ ନ ଥିଲେ ବୋଲି ଯୁବତୀ ଜଣକ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଶେଷରେ ଏ ନେଇ ଯୁବତୀ ଜଣକ ଇନ୍‌ଫୋସିଟି ଥାନାର ଦ୍ୱାରସ୍ଥ ହୋଇଥିଲେ।

### ଓଡ଼ିଶା ଯାତ୍ରା କମିଟି ସୁରକ୍ଷା ମଞ୍ଚର ବୈଠକ

ଭୁବନେଶ୍ୱର,୩।୮(ଅନୁରାଧା ମହାରଣା)– ଓଡ଼ିଶା ଯାତ୍ରା କମିଟି ସୁରକ୍ଷା ମଞ୍ଚ ପକ୍ଷରୁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲାର ସମସ୍ତ ଅପେରା କମିଟିର ବୈଠକ ଖଣ୍ଡଗିରି ମହତାବ ପେଣ୍ଡାଲରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥିରେ ଅପେରା ସମ୍ବନ୍ଧୀୟ ସମସ୍ତ ସମସ୍ୟା ଏବଂ ଅନ୍ୟ ବିଷୟରେ ଆଲୋଚନା କରାଯିବ। ଏହାସହ ୨୦୨୬-୨୭ରେ ଯାତ୍ରା ବୁକିଂ କରିବାକୁ ଥିବା ଦୋଳପୂର୍ଣ୍ଣିମା କମିଟି, ଗ୍ରାମ୍ୟ କମିଟି, ମନ୍ଦିର କମିଟି ଓ ମେଳା କମିଟିଗୁଡ଼ିକ ଅଂଶଗ୍ରହଣ କରି ନିଜ ମତ ରଖିବେ ବୋଲି ମଞ୍ଚର ସମ୍ପାଦକ ନୃସିଂହ ପ୍ରସାଦ ସୁନ୍ଦରାୟ ସୂଚନା ଦେଇଛନ୍ତି।

### ଶ୍ରୀକ୍ଷେତ୍ର ଦୟଣା ସେବା ମଣ୍ଡଳୀ ପକ୍ଷରୁ ଚାରା ରୋପଣ

ବାଲିପାଟଣା ୩।୮(ଅଭିମନ୍ୟୁ ନାୟକ): ବାଲିପାଟଣାସ୍ଥିତ ୩୦୦ତମ ଶିଶୁ ଅନନ୍ତ ପୀଠରେ ରବିବାର ଶ୍ରୀକ୍ଷେତ୍ର ଦୟଣା ସେବା ମଣ୍ଡଳୀ ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁଅନନ୍ତ ସ୍ମୃତି ସଂସଦ ସମ୍ପାଦକ ତନୟା ଦାସ ଗୋସ୍ୱାମୀ ବୃକ୍ଷ ହିଁ ବିଶ୍ୱ ସୁରକ୍ଷାର ମୁଖ୍ୟ ସେନାପତି ବୋଲି କହିଛନ୍ତି। ସଂଗଠନ ବରିଷ୍ଠ ସେବକ ସୁଜିତ ଦାସଙ୍କ ନେତୃତ୍ୱରେ ବଉଳ, ଫାଶୀ ଚାରା ରୋପଣ କରାଯାଇଛି। ଅବିଭକ୍ତ ପୁରୀ ଜିଲାର ବିଭିନ୍ନ ମଠ, ମନ୍ଦିର, ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ କରାଯିବ। ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥିଭାବେ ଚିତ୍ତରଞ୍ଜନ ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସଂସଦ ସଭାପତି ଅଭିମନ୍ୟୁ ନାୟକ, ଦୁର୍ଯ୍ୟୋଧନ ରାଉତରାୟ, ଦେବ ପ୍ରସାଦ ଜେନା, ଜଗନାଥ ସାହୁ ଓ ନିରଞ୍ଜନ ହୋତା ଯୋଗଦେଇ ନିଜର ରଖିଥିଲେ।

### ରାଜଯୋଗ ଶିକ୍ଷା ହୃଦୟରୁ ନକାରାତ୍ମକ ଶକ୍ତିକୁ ଅପସାରଣ କରେ

ବାଲିପାଟଣା, ୩।୮(ଅଭିମନ୍ୟୁ ନାୟକ) ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବାଲିପାଟଣା ଶିକ୍ଷାକେନ୍ଦ୍ର ତରଫରୁ ରବିବାର ଅପରାହ୍ନରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ରଶ୍ମି ଭଉଣୀ ଯୋଗଦେଇ ରାଜଯୋଗ ଶିକ୍ଷା ମଣିଷ ହୃଦୟରୁ ନକାରାତ୍ମକ ଶକ୍ତିକୁ ଅପସାରଣ କରେ ବୋଲି କହିଛନ୍ତି। ଅନ୍ୟତମ ଅତିଥିଭାବେ ସୀତା ଭଉଣୀ, ଗୋଲାପ ଭଉଣୀ, ବୀଣା ଭଉଣୀ, ନିରଞ୍ଜନ ଭାଇ, ରମେଶ ସାହୁ, ଦିଲୀପ କୁମାର ଓଝା, ସୁରେନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ରହି ପରମ ପୂଜନୀୟ ଶିବ ବାବାଙ୍କ ଆଶୀର୍ବାଦ ଲାଭ କରି ଜଗତର ମଙ୍ଗଳ ପାଇଁ କାର୍ଯ୍ୟ କଲେ ଜୀବନର ସାର୍ଥକତା ପ୍ରାପ୍ତି ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଶତାଧିକ ଭଉଣୀଭାଇ ରକ୍ଷାବନ୍ଧନର ପବିତ୍ର ସୂତା ବାନ୍ଧି ଶିବ ବାବାଙ୍କ ସହ ପବିତ୍ର ସମ୍ପର୍କକୁ ସ୍ମରଣୀୟ କରିଛନ୍ତି।

# ରାସ୍ତା ଉପରେ ମାଂସକଟାକୁ ତୀବ୍ର ବିରୋଧ

## ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦର ବାର୍ଷିକ ଅଧିବେଶନ

ଭୁବନେଶ୍ୱର, ୩।୮(ବନ୍ଦନା ସେଠୀ)

ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦର ବାର୍ଷିକ ସାଧାରଣ ଅଧିବେଶନ ରବିବାର ଭୁବନେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି କୃପାସିନ୍ଧୁ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମନୋଜ କୁମାର ସାହୁଙ୍କୁ 'ବୀର ସୁରେନ୍ଦ୍ର ସାଏ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହିତ ଉନ୍ନୟନ ପରିଷଦର ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚନ ହୋଇଥିଲା। ବୈଠକରେ ରାସ୍ତା ଉପରେ ମାଂସ କଟାଯାଉଥିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା।



ଅଧିବେଶନରେ ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ ସଭାପତି କୃପାସିନ୍ଧୁ ସାହୁ, ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମାଙ୍କ ସହ ଅନ୍ୟମାନେ।

ଏଥିସହ ପାଣି ବିଲ୍‌ରେ ମାସକୁ ୫୦ ଟଙ୍କା ମିଟର ଭଡ଼ାକୁ ତୀବ୍ର ବିରୋଧ କରାଯାଇଥିଲା। ସେହିଭଳି ଭିଏସ୍‌ଏସ୍ ନଗରକୁ ରାଜସ୍ୱ ଗ୍ରାମ କରିବା, ସୈନିକ ସ୍କୁଲ ପାଖରୁ ଅଳିଆଗଦା ହଟାଇବା, ଭିଏସ୍‌ଏସ୍ ନଗର ପାର୍ଶ୍ୱ ବାଣୀବିହାର ଗେଟ୍ ଖୋଲିବା, ଲକ୍ଷ୍ମୀବିହାର-ଭିଏସ୍‌ଏସ୍ ନଗର ରାସ୍ତା ନିର୍ମାଣ କରିବା, ଜବରଦଖଲ ହଟାଇବା, ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି, ପାର୍କଗୁଡ଼ିକୁ ଉନ୍ନୟନ ପରିଷଦ ହାତକୁ ନେବା ଆଦି ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ପରିଷଦର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ବୈଠକରେ ବିବରଣୀ ପାଠ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। କୋଷାଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ ଆର୍ଥିକ ବିବରଣୀ ପାଠ କରିଥିଲେ। ସ୍ଥାନୀୟ କର୍ପୋରେଟର ପ୍ରଭାସିନୀ ମହାନ୍ତି, ପରିଷଦର ଯୁଗ୍ମ ସମ୍ପାଦକ ପ୍ରତାପ କୁମାର ନନ୍ଦ, ଧରଣୀଧର ରାଉତ, ନିମାଇଁ ଚରଣ ଦାସ, ଶୀତଳ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ଡ. ଜୟନ୍ତ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।




ବଳଙ୍ଗା ପୀଡିତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଛାତ୍ର କଂଗ୍ରେସ ପକ୍ଷରୁ ରବିବାର ମାଷ୍ଟରକ୍ୟାଣ୍ଟିନ ଛକରେ ଅନୁଷ୍ଠିତ ମହମବତି ଶୋଭାଯାତ୍ରା।

# ବଳଙ୍ଗା ପୀଡ଼ିତାଙ୍କ ପାଇଁ ଛାତ୍ର କଂଗ୍ରେସର ମହମବତି ଶୋଭାଯାତ୍ରା

ଭୁବନେଶ୍ୱର,୩।୮(ରବିନାରାୟଣ ଜେନା)

ବଳଙ୍ଗା ପୀଡ଼ିତାଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଭୁବନେଶ୍ୱର ଜିଲା ଛାତ୍ର କଂଗ୍ରେସ ସଭାପତି ଶାହାରୁଖ ଖାନ୍‌ଙ୍କ ନେତୃତ୍ୱରେ ଏକ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ଛାତ୍ର କଂଗ୍ରେସର କର୍ମୀମାନେ କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକରେ ଏକତ୍ରିତ ହୋଇ ବଳଙ୍ଗା ପୀଡ଼ିତାଙ୍କ ଉଦ୍ଦେଶ୍ୟରେ ମହମବତି ଶୋଭାଯାତ୍ରା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ସଭାପତି ଶାହାରୁଖ କହିଛନ୍ତି, ରାଜ୍ୟ ସରକାର ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ନ ଦେବା ପାଇଁ ଷଡ଼ଯନ୍ତ୍ର କରିଛନ୍ତି। ଘଟଣାକୁ ଚପାଇଦେବା ପାଇଁ ପୋଲିସ ମାଧ୍ୟମରେ ମିଛ କାହାଣୀ ରଚନା କରାଯାଇଛି।

ସେହିପରି ଛାତ୍ର କଂଗ୍ରେସର ଉପସଭାପତି ସାଗର ପଟ୍ଟନାୟକ ଏବଂ ଛାତ୍ର କଂଗ୍ରେସ ନେତା ଦେବୀ ପ୍ରସାଦ ଜେନା (ବୁବୁ) ଏହି ଘଟଣାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଦାୟୀ କରିବା ସହ ତାଙ୍କ ବହିଷ୍କାର ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଛାତ୍ର କଂଗ୍ରେସର ରାଜେଶ ବେହେରା, ଦେବାଶିଷ ମଙ୍ଗରାଜ ପ୍ରମୁଖ ଅଂଶଗ୍ରହଣ କରିଥିଲେ।




ବରିଷ୍ଠ ଭାଜପା ନେତା ତଥା ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଜୟନ୍ତୀ ପାଳନ ଅବସରରେ ବିଧାୟକ ବାବୁ ସିଂଙ୍କ ସମେତ ବିଭିନ୍ନ ଦଳର ନେତା ଓ ଅନ୍ୟମାନେ।

# ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାରେ ୨ ଗିରଫ

ବାଲେଶ୍ୱର, ୩।୮ (ବାଞ୍ଛାନିଧି ଦେ)

ବହୁଚର୍ଚ୍ଚିତ ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣାରେ କ୍ରାଇମବ୍ରାଞ୍ଚ ରବିବାର ବିଳମ୍ବିତ ରାତିରେ ୨ ଜଣ ଛାତ୍ରଙ୍କୁ ଗିରଫ କରିଛି। ସେମାନେ ହେଲେ ଜ୍ୟୋତିପ୍ରକାଶ ବିଶ୍ୱାଳ ଏବଂ ଶୁଭ୍ରସମ୍ବିତ୍ ନାୟକ। ଉଭୟଙ୍କୁ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୌମ୍ୟାଶ୍ରୀଙ୍କୁ ଆତ୍ମାହୁତି କରିବାକୁ ଉଭୟେ ପ୍ରବର୍ତ୍ତାଇଥିଲେ ବୋଲି ଅଭିଯୋଗ ହୋଇଥିଲା। ସୂଚନାଥାଉକି, ଜୁଲାଇ ୧୨ ତାରିଖରେ ସୌମ୍ୟାଶ୍ରୀ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ପୋଡ଼ିଯାଉଥିବାବେଳେ ଜ୍ୟୋତିପ୍ରକାଶ ତାଙ୍କୁ ଉଦ୍ଧାର କରି ଆହତ ହୋଇଥିଲେ। କଟକ ଏସ୍‌ସିବି ମେଡିକାଲରେ ସେ ଚିକିତ୍ସିତ ହୋଇ ଗତ ସପ୍ତାହରେ ଡିସ୍‌ଚାର୍ଜ ହୋଇଥିଲେ।

# ମହିଳା ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ କରାଯାଉ

## ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କଲା ସିପିଆଇ(ଏମ୍)

ଭୁବନେଶ୍ୱର, ୩।୮(ବନ୍ଦନା ସେଠୀ)

ପୁରୀ ଜିଲା ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁକୁ ନେଇ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ଏଥିସହ ମୃତ୍ୟୁର ନ୍ୟାୟ ଦାବି କରାଯାଇଛି। ଦିଲ୍ଲୀ ଏମ୍ସରେ ୧୫ ଦିନ ଧରି ସଂଘର୍ଷ ପରେ ୧୫ ବର୍ଷୀୟା ଝିଅଟି ଶେଷରେ ଆଖି ବୁଜିଛନ୍ତି। ଏହା ଓଡ଼ିଶାରେ ମହିଳାଙ୍କ ସୁରକ୍ଷା, ସରକାରୀ ବ୍ୟବସ୍ଥା ଓ ନ୍ୟାୟ ପ୍ରକ୍ରିୟାର ଦୁର୍ବଳତାକୁ ପ୍ରକାଶ କରୁଛି ବୋଲି କମିଟି ସମ୍ପାଦକ ମଣ୍ଡଳୀ ପକ୍ଷରୁ କୁହାଯାଇଛି। ଏଥିସହ ଜଣେ ଅବସରପ୍ରାପ୍ତ ମହିଳା ବିଚାରପତିଙ୍କ ନେତୃତ୍ୱରେ ବଳଙ୍ଗା ଏବଂ ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ କରିବା, ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତଦନ୍ତ ସାରିବା, ଏହି ଅପରାଧରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା, ପୀଡ଼ିତାଙ୍କ ପରିବାରକୁ ଅତି କମ୍‌ରେ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ଦେବା, ସରକାର ନିର୍ଭୟା ପାଣ୍ଠି ପୁନଃସଂଗଠିତ କରିବା, ମହିଳାଙ୍କ ବିରୋଧରେ ହେଉଥିବା ଅପରାଧର ବିଚାର ପାଇଁ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରିବା ଏବଂ ପୋଲିସ ବ୍ୟବସ୍ଥାର ନିୟମିତ ଅଡିଟ୍ ଆଦି ଦାବି ଉପସ୍ଥାପନ କରାଯାଇଛି। ଏହି ଅବସରରେ ସିପିଆଇ(ଏମ୍) ଓ ମହିଳା ସଂଗଠନଗୁଡ଼ିକର ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ସାକ୍ଷାତ୍ କରିବାକୁ ନିଷ୍ପତ୍ତି ହୋଇଛି। ସାକ୍ଷୀ ଏବଂ ପଡ଼ୋଶୀଙ୍କ ସହ କଥା ହୋଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସମ୍ପାଦକ ମଣ୍ଡଳୀ ପକ୍ଷରୁ ସୂଚନା ଦିଆଯାଇଛି।

# ଆନ୍ଦୋଳନକୁ ଓହ୍ଲାଇବ ଓଡ଼ିଶା ଶିଳ୍ପୀ ମହାସଂଘ

ଭୁବନେଶ୍ୱର,୩।୮(ଅନୁରାଧା ମହାରଣା)– ଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ଅବିଚାର ହେଉଥିବା ଓଡ଼ିଶା ଶିଳ୍ପୀ ମହାସଂଘ ଅଭିଯୋଗ କରିଛି। ପ୍ରତିବାଦରେ ଅଗଷ୍ଟ ୬ରୁ ୧୪ ପର୍ଯ୍ୟନ୍ତ କାରିଗରବହୁଳ ଜିଲାଗୁଡ଼ିକରେ ଆନ୍ଦୋଳନକୁ ଓହ୍ଲାଇବାକୁ ମହାସଂଘ ନିଷ୍ପତ୍ତି ନେଇଛି। ପ୍ରଥମ ପର୍ଯ୍ୟାୟରେ ୧୦ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଖୋର୍ଦ୍ଧା ଓ ଯାଜପୁର ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯିବ। ପଶ୍ଚିମ ଓଡ଼ିଶା ତଥା ଅନ୍ୟ ଜିଲାଗୁଡ଼ିକରେ ୧୧ରୁ ଏହି ପ୍ରତିବାଦ କାର୍ଯ୍ୟକ୍ରମ ଆରମ୍ଭ ହେବ। ସ୍ମାରକପତ୍ରରେ ୨ଟି ଦାବି ରହିବ। ପୂର୍ବ ସରକାର ସମୟରୁ ଲାଗୁ କରାଯାଇଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ମାସିକ ଆର୍ଥିକ ସହାୟତା ଯୋଜନାର ନିୟମାନୁଯାୟୀ ଯୋଗ୍ୟ ଶିଳ୍ପୀ ଓ ବୁଣାକାରଙ୍କୁ ଯଥାଶୀଘ୍ର ସହାୟତା ପ୍ରଦାନ କରିବା ମହାସଂଘର ମୁଖ୍ୟ ଦାବି ରହିଛି। ଏହି ଯୋଜନା ଅଧୀନରେ ରାଜ୍ୟର ୧୫୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ବୁଣାକାର ମାସିକ ୨ ହଜାର ଟଙ୍କା ପାଉଛନ୍ତି। ମାତ୍ର କୌଣସି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇ ନ ଥିବା ମହାସଂଘ ଦର୍ଶାଇଛି। ୪୦ ବର୍ଷର ମହିଳା ଓ ୫୦ ବର୍ଷର ପୁରୁଷ ବୁଣାକାର ଏବଂ ହସ୍ତଶିଳ୍ପୀ ଏହି ଯୋଜନାର ଲାଭାର୍ଥୀ ହୋଇପାରିବେ ବୋଲି ନିୟମ ରହିଛି। ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ସଂଘ କହିଛି। ଅନ୍ୟପଟେ ଓଡ଼ିଶା ଶିଳ୍ପୀ ମହାସଂଘର ଉଦ୍ୟମ ବଳରେ ଗଠିତ ହୋଇଥିବା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଏବଂ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ରାଜ୍ୟ ସରକାର ଗଠନ କରୁ ନ ଥିବାରୁ ମହାସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି।

# ତଦନ୍ତ ରିପୋର୍ଟ ସାର୍ବଜନୀନ, ଦୋଷୀଙ୍କୁ କଠୋର ଦଣ୍ଡ ମିଳୁ




## ଏଆଇଏମ୍‌ଏସ୍‌ଏସ୍‌ର ବିକ୍ଷୋଭ

ଭୁବନେଶ୍ୱର,୩।୮(ସୁଚିସ୍ମିତା ସାହୁ)

ଦୀର୍ଘ ୧୫ ଦିନର ସଂଘର୍ଷ ପରେ ଶେଷରେ ଆଖିବୁଜିଲେ ବଳଙ୍ଗା ପୀଡ଼ିତା। ଏହି ଘଟଣାରେ ସାମିଲ ଥିବା ସମସ୍ତ ଅପରାଧୀଙ୍କୁ ଗିରଫ କରିବା ସହିତ ଦୃଷ୍ଟାନ୍ତମୂଳକ ଶାସ୍ତି ଦାବିରେ ରବିବାର ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ(ଏଆଇଏମ୍‌ଏସ୍‌ଏସ୍) ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଙ୍ଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି ଏବଂ ଓଡ଼ିଶା ରାଜ୍ୟ ସଭାନେତ୍ରୀ ସ୍ୱୟଂପ୍ରଭା ନାୟକ ଏହି ଘଟଣାର ତଦନ୍ତ ରିପୋର୍ଟ ସାର୍ବଜନୀନ କରିବା ସହ ମହିଳାଙ୍କ ନିରାପତ୍ତା ସୁନିଶ୍ଚିତ କରିବା, ମଦ ମାଦକ ଦ୍ରବ୍ୟ ସମ୍ପୂର୍ଣ୍ଣ ନିଷିଦ୍ଧ ଓ ଇଣ୍ଟରନେଟ୍‌ରେ ଅଶ୍ଳୀଳତା-ଯୌନତାର ପ୍ରସାର ବନ୍ଦ ପାଇଁ ସରକାରଙ୍କ ନିକଟରେ ଦାବି କରିଥିଲେ। ଭୁବନେଶ୍ୱର ଜିଲା ସାଙ୍ଗଠନିକ କମିଟି ସଭାନେତ୍ରୀ ବିଜୟା ଲକ୍ଷ୍ମୀ ପାତ୍ର, ଉପସଭାନେତ୍ରୀ ନିୟତି ଜାନା, ଶୁଭ୍ରାଶ୍ରୀ ଦାସ, ସମ୍ପାଦିକା ପ୍ରଭାମଞ୍ଜୁଳା ବ୍ରହ୍ମ, ସରସୀ ଦାସ, ସୁନିତା ପାଣିଗ୍ରାହୀ, ସଞ୍ଜୁକ୍ତା ସାମଲ, ଭାରତୀ ନାୟକ, ରେଖା ଦଣ୍ଡପାଟ ପ୍ରମୁଖ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ।

# ତଦନ୍ତ ବାଟବଣା ନ ହେଉ

ଭୁବନେଶ୍ୱର,୩।୮(ସୁଚିସ୍ମିତା ସାହୁ)

ବଳଙ୍ଗା ପୀଡ଼ିତାଙ୍କ ଅତ୍ୟନ୍ତ ବେଦନାଦାୟକ ମୃତ୍ୟୁ ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲେ ସୁଦ୍ଧା ଏଯାଏ ସମ୍ପୃକ୍ତ ଅପରାଧୀଙ୍କୁ ଧରାଯାଇନାହିଁ। ଏହି ତଦନ୍ତ ମଧ୍ୟ ବାଟବଣା ହେବାର ଆଶଙ୍କା ରହିଛି ବୋଲି ଏଆଇଡିଏସ୍‌ଓ ଓଡ଼ିଶା ରାଜ୍ୟ ପରିଷଦ ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ କହିଛନ୍ତି। ଦିନକୁ ଦିନ ଶିକ୍ଷାନୁଷ୍ଠାନ ଭିତରେ,ବାହାରେ ଛାତ୍ରୀ ଓ ମହିଳାମାନେ ନିର୍ଯାତନା, ବଳାତ୍କାର, ଅସଦାଚରଣର ସମ୍ମୁଖୀନ ହେଉଛନ୍ତି। ଯେଉଁଠି ଏଭଳି ହୃଦୟ ବିଦାରକ ଘଟଣା ଘଟୁଛି, ସରକାର ଦୋଷୀକୁ ଚିହ୍ନଟ କରି କଠୋର ଦଣ୍ଡ ଦେବା ପରିବର୍ତ୍ତେ ଚଞ୍ଚକତା କରି ତଦନ୍ତ ପ୍ରକ୍ରିୟାକୁ ବାଟବଣା କରୁଛନ୍ତି। ପୀଡ଼ିତାଙ୍କ ପରିବାରକୁ କିଛି ଆର୍ଥିକ ଅନୁକମ୍ପା ରାଶି ଦେଇ ଦୋଷୀଙ୍କୁ ଘଣ୍ଟ ଘୋଡ଼େଇବାରେ ଲାଗିଛନ୍ତି। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବା, ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା, ଅଶ୍ଳୀଳତା, ନଗ୍ନତା - ମାଦକ ଦ୍ରବ୍ୟର ପ୍ରଚାର ପ୍ରସାର ବନ୍ଦ, ଅପସଂସ୍କୃତିର ପ୍ରସାର ବନ୍ଦ କରିବା ଦାବିରେ ଚାଲିଥିବା ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ପାଇଁ ସେ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଶିକ୍ଷକ, ଅଭିଭାବକ, ମହିଳା ତଥା ଯୁବକଙ୍କ ସମେତ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

# ଧରିତ୍ରୀ ଖବରଦାତାଙ୍କୁ ଆକ୍ରମଣ ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା,୩।୮(ପ୍ରଭାତ ପାଣିଗ୍ରାହୀ)

ଜଣେ ନାବାଳିକଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଓ ବାଣପୁର ବ୍ଲକ ଗମ୍ଭାରିମୁଣ୍ଡା ଖଜୁରିଆ ଗ୍ରାମର ୩ ଯୁବକଙ୍କୁ ଆକ୍ରମଣ ଘଟଣା ସଂକ୍ରାନ୍ତ ଖବର ପରିବେଷଣକୁ ନେଇ ବାଣପୁର ବ୍ଲକ ଧରିତ୍ରୀ ପ୍ରତିନିଧି ଦିଲ୍ଲୀପ ସ୍ୱାଇଁଙ୍କୁ ଶୁକ୍ରବାର ରାତିରେ ଗମ୍ଭାରିମୁଣ୍ଡା ଛକରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଖଜୁରିଆ ଗ୍ରାମର ସୌମ୍ୟରଞ୍ଜନ ସାମନ୍ତରାୟ ଓରଫ ଟୁଟୁଙ୍କୁ ପୋଲିସ ରବିବାର ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଗାଣ୍ଟୁ ପାଇକରାୟ, ବାପି ପାଇକରାୟ, ପାରୁନି ଦାଶ ଏବଂ ପଠାଣି ପ୍ରଧାନଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ଶୁକ୍ରବାର ରାତିରେ ଗମ୍ଭାରିମୁଣ୍ଡା ଛକରେ ଅଭିଯୁକ୍ତଙ୍କ ସମ୍ପର୍କୀୟ ଏବଂ ସହଯୋଗୀମାନେ ସଂଘବଦ୍ଧ ଭାବେ ଦିଲ୍ଲୀପଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଦିଲୀପଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାଣପୁର ଏବଂ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ଦିଲୀପ ଏନେଇ ନାଚୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଏକ ମାମଲା (ନଂ. ୨୨୯/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହିପରି ଏନେଇ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଜିଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ପୃଥକ ଭାବେ ଦାବିପତ୍ର ଦେଇଥିଲେ।

# ବନ୍ଧ୍ୟାତ୍ୱର କାରଣ ହୋଇପାରେ ଅଟୋଇମ୍ୟୁନ ରୋଗ

ଭୁବନେଶ୍ୱର, ୩।୮
(ବନ୍ଦନା ସେଠୀ)

ଅନେକ ସମୟରେ ବନ୍ଧ୍ୟାତ୍ୱର କାରଣ ଅଟୋଇମ୍ୟୁନ ରୋଗ ହୋଇପାରେ। ରବିବାର ଓଡ଼ିଶା ଆର୍ଥ୍ରାଇଟିସ ଏବଂ ରୁମାଟୋଲୋଜି ଫାଉଣ୍ଡେସନ ଟ୍ରଷ୍ଟ (ଓଏଆରଏଫଟି) ଆନୁକୂଲ୍ୟରେ ସ୍ଥାନୀୟ ଏକ ହୋଟେଲରେ ରୁମାଟୋଲୋଜି - ଗାଇନାକୋଲୋଜି ଇଣ୍ଟରଫେସ ଉପରେ ଜାତୀୟ ସମ୍ମିଳନୀରେ ମତ ପ୍ରକାଶ ପାଇଛି। ଭାରତୀୟ ରୁମାଟୋଲୋଜି ଆସୋସିଏଶନ (ଆଇଆରଏ), ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ) ଓଡିଶା ରାଜ୍ୟ ଶାଖା ଏବଂ ପ୍ରାଚୀ ଏଜୁକେଶନ ଫାଉଣ୍ଡେଶନର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ତଥା ଜାତୀୟସ୍ତରର ଡାକ୍ତରମାନେ ଯୋଗଦେଇ ମହିଳାଙ୍କ ଗର୍ଭଧାରଣ ଓ ଅଟୋଇମ୍ୟୁନ ରୋଗ




ସମ୍ମିଳନୀରେ ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର, ପ୍ରଫେସର ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ଅନ୍ୟ ଅତିଥି।

ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ରୋଗୀ ବିବରଣୀ ପ୍ରସ୍ତୁତି ପ୍ରତିଯୋଗିତା ଓ କ୍ୱିଜ ପ୍ରତିଯୋଗିତା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର ଯୋଗଦେଇଥିବାବେଳେ ଆଇଏମ୍‌ଏ ଓଡିଶା ଶାଖା ଅଧ୍ୟକ୍ଷ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା, ଆଇଆର୍‌ଏ ଓଡିଶା ଶାଖା ଅଧ୍ୟକ୍ଷ ଡା. ଶିଶିର କୁମାର ମହାପାତ୍ର, ବରିଷ୍ଠ ଗାଇନାକୋଲୋଜିଷ୍ଟ ପ୍ରଫେସର ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ବିଭାଗର ମିଳିତ ସହଯୋଗରେ ରୋଗୀ ସେବାରେ କିପରି ଲାଭଦାୟକ ହୋଇପାରିବ ସେ ବିଷୟରେ କହିଥିଲେ। ଏହି ଅବସରରେ ଦିଲ୍ଲୀ ଏମ୍ସର ରୁମାଟୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ଆନନ୍ଦ ମାଲାବୀୟଙ୍କୁ ଚିକିତ୍ସା କ୍ଷେତ୍ରରେ ଜୀବନବ୍ୟାପୀ ଗବେଷଣା ଏବଂ ଶିକ୍ଷାଦାନ ନିମନ୍ତେ ଓଡ଼ିଶା ଆର୍ଥ୍ରାଇଟିସ ଆଣ୍ଡ ରୁମାଟୋଲୋଜି ଫାଉଣ୍ଡେଶନ ଟ୍ରଷ୍ଟ ତରଫରୁ 'ଓଏଆରଏଫଟି ସମ୍ମାନ' ପ୍ରଦାନ କରାଯାଇଥିଲା। ଓଏଆର୍‌ଏଫଟିର ମ୍ୟାନେଜିଙ୍ଗ ଟ୍ରଷ୍ଟି ପ୍ରଫେସର ଡା.ଜ୍ୟୋତି ରଞ୍ଜନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

**ସେବା ସମିତିର ସେବା କାର୍ଯ୍ୟ**

ଚୌଦ୍ୱାର,(ଆଶୁତୋଷ ଦାସ): ଶ୍ରାବଣ ମାସର ଚତୁର୍ଥ ପାଳିରେ ବୋଲବମ ଭକ୍ତମାନଙ୍କୁ ଚୌଦ୍ୱାର ଟିପିଏମ ବଜାର ଗୋଡିପାଟଣାସ୍ଥିତ ଶ୍ରୀଶ୍ରୀ ରାଧାମୋହନଜୀୟୁ ସେବା ସମିତି ପକ୍ଷରୁ ସେବା ଯୋଗାଇ ଦିଆଯାଇଛି। ଧବଳେଶ୍ୱର ଅଭିମୁଖେ ଜଳଲାଗି ପାଇଁ ଯାଉଥିବା ଭକ୍ତଙ୍କୁ ଅନୁଷ୍ଠାନ ପକ୍ଷରୁ ଖାଦ୍ୟ, ପାନୀୟ ଓ ସ୍ୱାସ୍ଥ୍ୟ ସେବା ଲାଗି ଚଷାପଡା ଘାଟ କୁଳରେ ଏକ କ୍ୟାମ୍ପ କରି ଏହି ସେବା କାର୍ଯ୍ୟ କରୁଛନ୍ତି। ରବିବାର ଏହି କ୍ୟାମ୍ପକୁ ସ୍ଥାନୀୟ ଖବରଦାତା ସନ୍ତୋଷ ଖୁଣ୍ଟିଆ, ଅଜିତ୍ ସ୍ୱାଇଁ, ଆଶୁତୋଷ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମିତ ମୁଖ୍ୟ ଉପଦେଷ୍ଟା ବ୍ରଜେନ୍ଦ୍ର ନାଥ ନାୟକ, ସଂଯୋଜକ ସନାତନ ମିଶ୍ରଙ୍କ ସମେତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବୃକ୍ଷ ହିଁ ଜୀବନ
### ସତ୍ୟସାଇ ସେବା ସମିତି ପକ୍ଷରୁ ପ୍ରେମତରୁ କାର୍ଯ୍ୟକ୍ରମ

ବାଙ୍କୀ,୩।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର): ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ବାଙ୍କୀ ଶାଖା ପକ୍ଷରୁ ପ୍ରେମତରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ବୃକ୍ଷ ହିଁ ଜୀବନ' ବାର୍ତ୍ତାରେ ବ୍ରତୀ ହୋଇ ପ୍ରତ୍ୟେକଙ୍କୁ ଚାରା ରୋପଣ କରିବାକୁ ସଂଗଠନର ସେବା ସଂଯୋଜକ ମନୋଜ କୁମାର ଦଳେଇ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ପ୍ରସିଦ୍ଧ ଶୈବପୀଠ ବାବା ନୀଳକଣ୍ଠ ମନ୍ଦିର ପରିସରରେ ୫୧ଟି ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଛି। ରାଜ୍ୟ ସଂଗଠନର ନିଷ୍ପତ୍ତି ଅନୁଯାୟୀ ଓଡିଶାରେ ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଦିନ ପାଳନକୁ ଦୃଷ୍ଟିରେ ରଖି ୧କୋଟି ଚାରା ରୋପଣ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସଂକଳ୍ପ ନିଆଯାଇଛି। ସଂଗଠନ ପକ୍ଷରୁ ୨ ଶହରୁ ଊର୍ଦ୍ଧ୍ୱ ଚାରା ରୋପଣର ଲକ୍ଷ୍ୟ ରଖାଯାଇଛି ବୋଲି ସମିତି ଆବାହକ ପ୍ରସନ୍ନ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେବା ଦଳ ସଂଯୋଜକ ମନୋଜ କୁମାର ଦଳେଇ, ଆଧ୍ୟାତ୍ମିକ ସଂଯୋଜକ ସିଦ୍ଧାନ୍ତ ଶେଖର ମହାପାତ୍ର, ସୁବାସ ଚନ୍ଦ୍ର ପଣ୍ଡା, ଶୈଳେନ୍ଦ୍ର ଦେଓ, ମନୋଜ ବାରିକ, ମାନସ ପ୍ରଧାନ ପ୍ରମୁଖ ଏଥିରେ ଯୋଗଦେଇଥିଲେ ।

### ଚାରାରୋପଣ କରି ବନ୍ଧୁତା ସ୍ଥାପନ କରିବା ଏକ ଅଭିନବ ଉପାୟ

ବାଙ୍କୀ/ସାଲେପୁର,୩।୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଅରବିନ୍ଦ ଭୂୟାଁ): ଡମପଡ଼ା ବ୍ଲକ ଅରପୁର ଗ୍ରାମର ଚୁଆତରା ପୋଖରୀ ପାର୍ଶ୍ୱରେ ବନ୍ଧୁତା ଦିବସ ପାଳିତ ହୋଇଯାଇଛି। ପ୍ରକୃତିବନ୍ଧୁ ତଥା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରି ବନ୍ଧୁତା ଦିବସରେ ଚାରାରୋପଣ କରି ବନ୍ଧୁତା ସ୍ଥାପନ କରିବା ଏକ ଅଭିନବ ଉପାୟ ବୋଲି କହିଛନ୍ତି। ଏହି ଅବସରରେ ବର ଓ ଅଶ୍ୱତଥ୍ ଚାରା ରୋପଣ କରାଯାଇଛି। ଆଦର୍ଶ ଯୁବପରିଷଦ ଓ ପ୍ରତୀକ୍ଷା ପରିବାର ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅକ୍ଷୟ କୁମାର ସାମଲ, ସୁବ୍ରତ ନାୟକ, ଅମରଜିତ୍ ନାୟକ ପ୍ରମୁଖ ଯୋଗଦେଇଥିଲେ। ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ଗ୍ରାମରେ ବିଶ୍ୱ ବନ୍ଧୁତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ମନୋଜ ମହାପାତ୍ର, ଅକ୍ଷୟ ସାମଲ, ବିଶ୍ୱରଞ୍ଜନ ସ୍ୱାଇଁ, ପିଣ୍ଟୁ ପରିଡା, ସୁବ୍ରତ ନାୟକ, ମାନସ ବେହେରା ପ୍ରମୁଖ ଯୋଗଦେଇଥିଲେ।

ସେହିପରି ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ବିରୂପା ନଦୀ ପଠାରେ ବନ୍ଧୁତ୍ୱ ଦିବସ ଅବସରରେ ବର ଓ ଅଶ୍ୱତଥ ଚାରାରୋପଣ କରାଯାଇଥିଲା। ଆଞ୍ଚଳିକ ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟ, ବିଜୟାନନ୍ଦ ଯୁବ ପରିଷଦ ଓ ରୋଟ୍ରାକ୍ଟ କ୍ଲବ ଅଫ ବିରୂପା ଗୋପୀନାଥପୁରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସତ୍ୟମେବ ଜୟତେ ପରିବାର ସମ୍ପାଦକ ମାନସ ରଞ୍ଜନ ଦାଶ ଶୁଭାରମ୍ଭ କରିଥିଲେ। ରୋଟାରୀ କ୍ଲବ୍ ଅଫ ବିରୂପାର ସମ୍ପାଦିକା ସୁନିତା ସାମଲ, ମନୋରଞ୍ଜନ ସାହୁ, ମୋନାଲିସା ସ୍ୱାଇଁ, ପ୍ରକାଶ ରାଉତ, ଜ୍ୟୋତି ପ୍ରକାଶ ପରିଡା ଓ ରୀତିକ ରାଉତ ପରିଚାଳନା କରିଥିଲେ।

# ଆନ୍ତଃଜିଲ୍ଲା ଡକାୟତି ଗ୍ୟାଙ୍ଗର ପର୍ଦ୍ଦାଫାଶ : ୪ ଗିରଫ

### ସ୍କର୍ପିଓ, ବନ୍ଧୁକ, ସୁନାରୁପା ଅଳଙ୍କାର, ଟଙ୍କା ଜବତ

ସାଲେପୁର,୩।୮ (ଅରବିନ୍ଦ ଭୂୟାଁ): କଟକ ଜିଲ୍ଲା ଗ୍ରାମାଞ୍ଚଳ ପୋଲିସ ଏକ ଆନ୍ତଃ ଜିଲ୍ଲା ଡକାୟତ ଦଳର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ତଥା ଗଞ୍ଜାମ ଜିଲ୍ଲା ବୁଗୁଡାର ତୋଫାନ ବିଶୋଇ, କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇର ସନ୍ତୋଷ ମଲ୍ଲିକ, ଜଗତ୍‌ସିଂହପୁର ଜିଲ୍ଲା କୁଜଙ୍ଗର ପ୍ରଭାତ ମଲ୍ଲିକ ଓ ଚୋରି ସାମଗ୍ରୀ କିଣିବା ଅଭିଯୋଗରେ କଟକ ଜିଲ୍ଲା ମତିପାରିଲୋ ଗ୍ରାମର ଦିବ୍ୟଜ୍ୟୋତି ନାୟକ। ଅଭିଯୁକ୍ତମାନଙ୍କ ନିକଟରୁ ୩୩ ଗ୍ରାମ ସୁନା, ୧ କିଲୋ ୧୫୦ ଗ୍ରାମ ରୁପା ଅଳଙ୍କାର, ନଗଦ ଦଶହଜାର ଟଙ୍କା, ଏକ ମହିନ୍ଦ୍ରା ସ୍କର୍ପିଓ ଗାଡି, ୩ ବଜାଜ ପଲ୍‌ସର, ଗୋଟିଏ ବନ୍ଧୁକ, ୨ ଅଫୁଟା ଗୁଳି, ୩ ମୋବାଇଲ ଫୋନ ଓ ଗୋଟିଏ



ଗିରଫ ଅଭିଯୁକ୍ତ ଓ ଜବତ କରାଯାଇଥିବା ଲୁଟ୍ ସାମଗ୍ରୀ।

ଚାପଡ଼ ଜବତ କରାଯାଇଛି। କଟକ ଜିଲ୍ଲା ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂହ ସାଲେପୁର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରବିବାର ଉପରୋକ୍ତ ସୂଚନା ଦେଇଛନ୍ତି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସାଲେପୁର ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ନେମାଳ ଥାନା ଅନ୍ତର୍ଗତ ଚରିରକବା ଗ୍ରାମର ରଞ୍ଜନ କୁମାର ସାହୁଙ୍କ ବାଲିଗରଡ଼ାରେ ଏକ ଅଳଙ୍କାର ଦୋକାନ ରହିଛି। କିଛିଦିନ ତଳେ ସେ ନିଜର ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ହାଣ୍ଡିଆ ପୋଲ ପାଖରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ବନ୍ଧୁକ ଦେଖାଇ ଫାଙ୍କା ଗୁଳିଚାଳନା କରି ଭୟଭୀତ କରିଥିଲେ। ଏଥିସହ ରଞ୍ଜନଙ୍କ ପାଖରେ ଥିବା ସୁନା, ରୁପା ଅଳଙ୍କାର ନେଇ ଫେରାର ହୋଇଯାଇଥିଲେ। ଅଭିଯୋଗକୁ ଆଧାରକରି ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ଯୋଜନା ପ୍ରସ୍ତୁତ କରିଥିଲା। ଗ୍ରାମାଞ୍ଚଳ ଏସ୍‌ପି ସିଂହଙ୍କ ନିର୍ଦ୍ଦେଶକ୍ରମେ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ଆଇଆଇସି ଅନିତା ସାହୁ, ନିଶ୍ଚିନ୍ତକୋଇଲି ଆଇଆଇସି ଯୁଗଳ କିଶୋର ଦାସ, ମାହାଙ୍ଗା ଆଇଆଇସି ତପନ କୁମାର ରାଉତ, ନେମାଳ ଆଇଆଇସି ସୁଶୀଲ କୁମାର ନାୟକଙ୍କୁ ନେଇ ଏକ ସ୍ୱତନ୍ତ୍ର ପୋଲିସ ଟିମ ଗଠନ କରାଯାଇ ଓଡିଶା, ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଲୁଟ୍ ହୋଇଥିବା ଅଳଙ୍କାରଗୁଡ଼ିକୁ ଦିବ୍ୟଜ୍ୟୋତିଙ୍କୁ ବିକ୍ରି କରାଯାଇଥିବା ଖବରପାଇ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ାଉ କରିଥିଲା। ପଚରାଉଚୁରା ପରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି।

ସନ୍ତୋଷଙ୍କ ନାମରେ ବିଭିନ୍ନ ଜିଲ୍ଲାରେ ୮ରୁ ଊର୍ଦ୍ଧ୍ୱ ଚୋରି ଡକାୟତି, ରାହାଜାନି ଆଦି ମାମଲା ରହିଛି। ସେହିପରି ତୋଫାନଙ୍କ ନାମରେ ୫ରୁ ଊର୍ଦ୍ଧ୍ୱ ଓ ପ୍ରଭାତଙ୍କ ନାମରେ ଗୋଟିଏ ମାମଲା ଥିବା ପୋଲିସ କହିଛି। ଏହି ଖବରଦାତା ସମ୍ମିଳନୀରେ ଗ୍ରାମାଞ୍ଚଳ ଏସ୍‌ପି ସିଂହଙ୍କ ସମେତ ସାଲେପୁର, ମାହାଙ୍ଗା, ନେମାଳ, ନିଶ୍ଚିନ୍ତକୋଇଲି ଥାନାର ଆଇଆଇସି ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ପଦାଧିକାରୀ, ମୋର୍ଚ୍ଚା ସଭାପତିଙ୍କ ନାମ ଘୋଷଣା

### ନୂଆପାଟଣା, ଟିଗିରିଆ ମଣ୍ଡଳ

ଟିଗିରିଆ,୩।୮ (ଜାଫର ଖାଁ): ଟିଗିରିଆ ବ୍ଲକ ଅନ୍ତର୍ଗତ ଟିଗିରିଆ ଓ ନୂଆପାଟଣା ମଣ୍ଡଳରେ ଭାଜପା ତରଫରୁ ମଣ୍ଡଳର ବିଭିନ୍ନ ପଦାଧିକାରୀ, ପୂର୍ଣ୍ଣାଙ୍ଗ କମିଟି ଓ ବିଭିନ୍ନ ମୋର୍ଚ୍ଚାର ସଭାପତିଙ୍କ ନାମ ଘୋଷଣା କରାଯାଇଛି। ନୂଆପାଟଣା ମଣ୍ଡଳ ସଭାପତି ଦିପୁନା ସେନାପତି ଓ ଟିଗିରିଆ ମଣ୍ଡଳର ସଭାପତି ମାନସ ନାୟକଙ୍କ ସୁପାରିସ ତଥା ଜିଲ୍ଲା ଓ ରାଜ୍ୟ ଭାଜପା ସଭାପତି ରାମ ନାରାୟଣ ମହାନ୍ତି ଓ ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ନାମଗୁଡ଼ିକ ଘୋଷଣା କରାଯାଇଛି। ନୂଆପାଟଣା ମଣ୍ଡଳ ଉପସଭାପତି ଭାବେ ୬ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ହେଲେ ଜୀବନ ବିହାରୀ ଦାଶ, ଚାପଧାରୀ ଧଳ, ନିରୂପମା ନାୟକ, ବିଦ୍ୟାଧର ପୃଷ୍ଟି, ସର୍ବେଶ୍ୱର ନାୟକ, ଅଶୋକ କୁମାର ରାଉତ। ସେହିପରି ଅଜିତ କୁମାର ଦାଶ, ରୁଦ୍ର ପ୍ରସାଦ ପରିଡାଙ୍କୁ ନୂତନ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ସମ୍ପାଦକ ଭାବେ ମୀନକେତନ ଗୋଛି, ପ୍ରଫୁଲ୍ଲ ନାହା, ଗୀତାଞ୍ଜଳି ଦାସ, ମିଟୁ ମାଝୀ, ସୌମ୍ୟରଞ୍ଜନ ରାଉତ, ରୁନୁ ମହାରଣା ଏହି ୬ ଜଣଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ମଣ୍ଡଳ କୋଷାଧ୍ୟକ୍ଷ ଭାବେ ଗଣେଶ୍ୱର ପରିଡା, ଯୁବମୋର୍ଚ୍ଚା ସଭାପତି ଭାବେ ତ୍ରିନାଥ କୁମାର ସାହୁ, ମହିଳା ମୋର୍ଚ୍ଚା ସଭାପତି ଭାବେ ସଂଯୁକ୍ତା ଖଟୁଆ, କୃଷକ ମୋର୍ଚ୍ଚା ସଭାପତି ଭାବେ ରଘୁନାଥ ପ୍ରଧାନ, ଏସ୍‌ସି ମୋର୍ଚ୍ଚା ସଭାପତି ଭାବେ ପ୍ରମୋଦ କୁମାର ସେଠୀ, ଏସ୍‌ଟି ମୋର୍ଚ୍ଚା ସଭାପତି ଭାବେ ଅନଙ୍ଗ ବେହେରା, ଓବିସି ମୋର୍ଚ୍ଚା ସଭାପତି ଭାବେ ନବକିଶୋର ରାଉତଙ୍କ ନାମ ଘୋଷଣା କରାଯାଇଛି।

ସେହିପରି ଟିଗିରିଆ ମଣ୍ଡଳରେ ୬ ଜଣ ଉପସଭାପତି ବସନ୍ତ ବେହେରା, ଜୟକୃଷ୍ଣ ମିଶ୍ର, ସମୀର ମହାନ୍ତି, ସୂର୍ଯ୍ୟକାନ୍ତ ସାମଲ, କଲ୍ୟାଣୀ ସାହୁ, ପ୍ରତାପ ବେହେରାଙ୍କ ନାମ ଘୋଷଣା କରାଯାଇଛି। ୨ ଜଣ ସାଧାରଣ ସମ୍ପାଦକ ଭାବେ ଗଣେଶ୍ୱର ରାଉତ ଓ ମାନସ ରଞ୍ଜନ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ୬ ଜଣ ସମ୍ପାଦକ ଭାବେ ହିମାଂଶୁ ବେହେରା, ଟୁନି ଖଟୁଆ, ସୁଗ୍ରୀବର ଦାଶ, ଅଖିଳ ବେହେରା, ଶାନ୍ତିଲତା ରାଉତ, ସନାତନ ଖଟୁଆଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ମଣ୍ଡଳ କୋଷାଧ୍ୟକ୍ଷ ଭାବେ ସୁବାସ ଚନ୍ଦ୍ର ସାହୁ, ଯୁବମୋର୍ଚ୍ଚା ସଭାପତି ଭାବେ ସଂଗ୍ରାମ ବାରିକ, ମହିଳା ମୋର୍ଚ୍ଚା ସଭାପତି ଭାବେ ଉଷାରାଣୀ ମନ୍ତ୍ରୀ, କୃଷକ ମୋର୍ଚ୍ଚା ସଭାପତି ଭାବେ ସତ୍ୟବାଦୀ ଗୋଛି, ଏସସି ମୋର୍ଚ୍ଚା ସଭାପତି ଭାବେ ଦିଲୀପ ନାୟକ, ଏସ୍‌ଟି ମୋର୍ଚ୍ଚା ସଭାପତି ଭାବେ ଅନ୍ତର୍ଯ୍ୟାମୀ ପ୍ରଧାନ, ଓବିସି ମୋର୍ଚ୍ଚା ସଭାପତି ଭାବେ ଗଙ୍ଗାଧର ସ୍ୱାଇଁ, ସଂଖ୍ୟା ଲଘୁ ମୋର୍ଚ୍ଚା ସଭାପତି ଭାବେ ଶେଖ ଅବଦୁଲ ବାସ୍ତିଙ୍କ ନାମ ଘୋଷଣା କରାଯାଇଛି। ସମସ୍ତ ନୂତନ ପଦାଧିକାରୀ, କମିଟିର ସଦସ୍ୟ ଓ ବିଭିନ୍ନ ମୋର୍ଚ୍ଚାର ସଭାପତିଙ୍କୁ ଉଭୟ ମଣ୍ଡଳ ସଭାପତି ସେନାପତି ଓ ନାୟକ ଶୁଭେଚ୍ଛା ଜଣାଇଛନ୍ତି।

# ବାଙ୍କୀର ଐତିହ୍ୟ, ପରମ୍ପରାକୁ ଗୁରୁତ୍ୱ

### ମହୋତ୍ସବ ରୌପ୍ୟଜୟନ୍ତୀ ଉପଲକ୍ଷେ ସାଂସ୍କୃତିକ ସମ୍ମିଳନୀ

ବାଙ୍କୀ,୩।୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ମହୋତ୍ସବ ରୌପ୍ୟଜୟନ୍ତୀ ଉପଲକ୍ଷେ ଏକ ସାଂସ୍କୃତିକ ସମ୍ମିଳନୀ ରବିବାର ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ଉପସଭାପତି ସନ୍ତୋଷ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, ଉପଖଣ୍ଡ ପୋଲିସ ଅଧିକାରୀ ବାଳକୃଷ୍ଣ କହଁର, ନଗରପାଳ ମାଣିକ ସାହୁ, ଜିଲ୍ଲାପରିଷଦ ସଦସ୍ୟା ମିନତି ମହାପାତ୍ର ଓ ଆଶିଷ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାଙ୍କୀର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶତାଧିକ ଛାତ୍ରୀଛାତ୍ର ବକ୍ତୃତା, ସଂଗୀତ, ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତାରେ



ସାଂସ୍କୃତିକ ସମ୍ମିଳନୀରେ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଭାଗନେଇଥିଲେ। ପ୍ରତିଯୋଗିତାର ବିଚାରକ ଭାବେ ରବିନାରାୟଣ ମଙ୍ଗରାଜ, ସୁରେଶ ଚନ୍ଦ୍ର ସାହୁ, ଗୟାଧର ନାୟକ, ଦେବୀଦତ୍ତ ବିଭୂତି ରାୟ, ଅନନ୍ତ ରଣା ଓ ଅମୂଲ୍ୟବାଳା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ଅର୍ଚ୍ଚିତା ଜେନା ପ୍ରଥମ, ପ୍ରତୀକ ସ୍ୱାଇଁ ଦ୍ୱିତୀୟ, ଓ ନିରଞ୍ଜନ ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସଂଗୀତ ପ୍ରତିଯୋଗିତାରେ ଦେବଶ୍ରୀ ଦୀକ୍ଷିତ ପ୍ରଥମ, ସ୍ୱାଗତ କୁମାର ସ୍ୱାଇଁ ଦ୍ୱିତୀୟ ଓ ଶ୍ରୀଧର ହାତୀ, ଶୁଭଶ୍ରୀ ପଣ୍ଡା ଯୁଗ୍ମ ବିଜେତା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ପ୍ରବନ୍ଧ ପ୍ରତିଯୋଗିତାରେ ଦୀପଶିଖା ସ୍ୱାଇଁ ପ୍ରଥମ, ପ୍ରତୀକ କୁମାର ରାଉତ ଦ୍ୱିତୀୟ, ସୁମିତ୍ରା ଜେନା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଶେଷରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଶ୍ରୀୟା ସାହାଣୀ ପ୍ରଥମ, ସାଗର ଛତର ଦ୍ୱିତୀୟ, ସୂର୍ଯ୍ୟମୋହନ ସିଂ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ମହୋତ୍ସବ କମିଟି ସଂଯୋଜକ ବଳଭଦ୍ର ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମହୋତ୍ସବ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ଏସ୍‌ପିସିବି ପୂର୍ବତନ ମୁଖ୍ୟ ଯନ୍ତ୍ରୀଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠାବ ମାମଲା
## ତଦନ୍ତ ଆରମ୍ଭ କଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ

ଭୁବନେଶ୍ୱର,୩।୮ (ସତ୍ୟଜିତ୍ ରାଉତ): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ପୂର୍ବତନ ମୁଖ୍ୟ ଯନ୍ତ୍ରୀ ରବି ନାରାୟଣ ପୃଷ୍ଟିଙ୍କ ଆୟ ବିହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଖୋଳତାଡ ଆରମ୍ଭ କରିଛି। ବେଆଇନ ଆର୍ଥିକ କାରବାର ଦିଗକୁ ନେଇ ଭିଜିଲାନ୍ସଠାରୁ ତଥ୍ୟ ନେଇ ଇଡି ମାମଲା ରୁଜୁ କରି ତଦନ୍ତ କରୁଛି। ଏନେଇ ରବିଙ୍କୁ ଶୀଘ୍ର ଇଡି ନୋଟିସ୍ କରି ପଚରାଉଚରା କରିବ ବୋଲି ଜଣେ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୨୦୨୨ ଫେବୃଆରୀ ୩ରେ ଭିଜିଲାନ୍ସ ପକ୍ଷରୁ ରବିଙ୍କ ଘର ସମେତ ୭ଟି ସ୍ଥାନରେ ଚଢ଼ାଉ କରି ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ ହୋଇଥିଲା। ତାଙ୍କର ବିଭିନ୍ନ ଆପାର୍ଟମେଣ୍ଟରେ ୩ଟି ଫ୍ଲାଟ୍, ଖଣ୍ଡଗିରିରେ ଗୋଟିଏ ଶପ୍, ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ୩ଟି ବହୁମୂଲ୍ୟ ପ୍ଲଟ୍ ଥିବା ଜଣାପଡ଼ିଥିଲା। ଏଥିସହ ରବି ନାରାୟଣଙ୍କ ବ୍ୟାଙ୍କ ଓ ଜୀବନ ବୀମାରେ ୮୯.୪୬ ଲକ୍ଷ ଜମା ରାଶି ଥିବାବେଳେ ତାଙ୍କ ଘରୁ ୩୫୫ ଗ୍ରାମର ସୁନା ଅଳଙ୍କାର, ୬୯୨ ରୁପା ଅଳଙ୍କାର, ଗୋଟିଏ କାର୍ ଓ ୩ଟି ଦୁଇ ଚକିଆ ଯାନ ମଧ୍ୟ ଠାବ ହୋଇଥିଲା। ଏନେଇ ଭିଜିଲାନ୍ସ ସେଲ୍ ଥାନା ପକ୍ଷରୁ ମାମଲା (ନଂ.୧/୨୦୨୨) ରୁଜୁ କରାଯାଇ ରବିଙ୍କୁ ଗିରଫ କରାଯାଇଥିଲା। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ତେବେ କିଛିଦିନ ତଳେ ରବି ଅବସର ନେଇଥିବା ସୂଚନା ମିଳିଛି।

# ମଦମୁକ୍ତ ଓଡ଼ିଶା ଗଠନ କରିବାକୁ ନିଷ୍ପତ୍ତି

କଟକ,୩।୮ (ଶିଳ୍ପା ପ୍ରିୟଦର୍ଶିନୀ): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ, ଉତ୍କଳ ସର୍ବୋଦୟ ମଣ୍ଡଳ, ପ୍ରୋଜେକ୍ଟ ସ୍ୱରାଜର ମିଳିତ ଉଦ୍ୟମରେ ବାଦାମବାଡିସ୍ଥିତ ଓଲଡ୍ ଏଲଆଇସି କଲୋନୀ କମ୍ୟୁନିଟି ହଲରେ ଜିଲ୍ଲାସ୍ତରୀୟ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲାର ୧୪ଟି ବ୍ଲକର ପ୍ରାୟ ୬୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତାଙ୍କୁ ନେଇ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଛି। କର୍ମକର୍ତ୍ତାମାନେ ଆସନ୍ତା ମାସକ ଭିତରେ ନିଜ ବ୍ଲକରେ ସଙ୍ଗଠନକୁ ମଜଭୁତ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ଆଗାମୀ ଦୁଇବର୍ଷ ଭିତରେ ସମଗ୍ର ରାଜ୍ୟ ତଥା ଜିଲ୍ଲାକୁ ସଙ୍ଗଠିତ କରି ସମଗ୍ର ରାଜ୍ୟକୁ ସମ୍ପୂର୍ଣ୍ଣ ମଦମୁକ୍ତ କରାଯିବା ପାଇଁ ସରକାରଙ୍କୁ ବାଧ କରାଯିବା ନିମନ୍ତେ ଏକ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଥିଲା। ଯଦିଓ ସରକାର ରାଜ୍ୟକୁ ସମ୍ପୂର୍ଣ୍ଣ ଭାବେ ମଦମୁକ୍ତ କରିବା ନିମନ୍ତେ ଘୋଷଣା ନ କରନ୍ତି ତେବେ ଆଗାମୀ ନିର୍ବାଚନରେ ପ୍ରତ୍ୟାକ୍ଷାନ କରାଯିବ ବୋଲି ନିଷ୍ପତ୍ତି କରାଯାଇଛି। ଆଲୋଚନା ସଭାରେ ଅପର୍ଣ୍ଣା ନାୟକ ସଭାପତିତ୍ୱ କରିଥିଲେ। ଉତ୍କଳ ସର୍ବୋଦୟ ମଣ୍ଡଳ ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ, ସ୍ନେହାଂଶୁ ଜେନା ସଭାକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୈଳଜ ରବି, ଡ. ଅଦ୍ୱୈତ ପାତ୍ର, କୈଳାସ ସାଉ, ଇନ୍ଦୁମତୀ ସାହୁ, ମାଳତୀ ପାତ୍ର, ସୁଶାନ୍ତ କୁମାର ମହାନ୍ତି, ଜଟାଧାରୀ ଲେଙ୍କା, କାଳନ୍ଦୀ ମିଶ୍ର, ଅଜାତି ବେଉରା, ବିଚିତ୍ରାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଦେବେନ୍ଦ୍ର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ମହୋତ୍ସବ ରୌପ୍ୟଜୟନ୍ତୀ ଲୋଗୋ ଉନ୍ମୋଚିତ



ବିଧାୟକ ଓ ଅନ୍ୟ ଅତିଥିମାନେ ଲୋଗୋ ଉନ୍ମୋଚନ କରୁଛନ୍ତି।

ବାଙ୍କୀ,୩।୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ମହୋତ୍ସବ ରୌପ୍ୟଜୟନ୍ତୀ ଲୋଗୋ ରବିବାର ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ସଭାଗୃହରେ ବିଧାୟକ ତଥା ମହୋତ୍ସବ କମିଟି ସଭାପତି ଦେବୀରଞ୍ଜନ ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଏନ୍.ଏ.ସି ନଗରପାଳ ଶ୍ରୀମତୀ ମାଣିକ ସାହୁ, କେନ୍ଦ୍ରୀୟ ଜୋନ ଜିଲ୍ଲାପାଳ ସଦସ୍ୟା ମିନତି ମହାପାତ୍ର, ୩୮ନମ୍ବର ଜିଲ୍ଲାପରିଷଦ ସଦସ୍ୟ ଆଶିଷ କୁମାର ସାହୁ, ଉପଖଣ୍ଡ ପୋଲିସ ଅଧିକାରୀ ବାଳକୃଷ୍ଣ କହଁର, ବାଙ୍କୀ କେନ୍ଦ୍ର ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀନିବାସ ବେହେରା, କାଉନସିଲର ପଠାଣି ବେହେରା, ମହୋତ୍ସବ ଉପସଭାପତି ସନାତନ ବେହେରା, ସୌମେନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ସମରେନ୍ଦ୍ର ମହାପାତ୍ର, ବ୍ଲକ ବିଜେଡି ସଭାପତି ଅନନ୍ତ ଦାସ, ଆଇନଜୀବୀ ପ୍ରଦୀପ ପୃଷ୍ଟି ପ୍ରମୁଖ ଯୋଗଦେଇ ଚଳିତବର୍ଷ ମହୋତ୍ସବ କିପରି ସରସସୁନ୍ଦର ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ମହୋତ୍ସବ କମିଟିର ସମ୍ପାଦକ ଗଣେଶ୍ୱର ସ୍ୱାଇଁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଏହା ୬ ଦିନ ଧରି ଚାଲିବ ବୋଲି କହିଛନ୍ତି। କାର୍ଯ୍ୟକ୍ରମକୁ ଉପନଗରପାଳ ତଥା ମହୋତ୍ସବ କମିଟିର ଉପସଭାପତି ସନ୍ତୋଷ କୁମାର ରଣା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜି ବୋର୍ଡ ଢାଞ୍ଚାରେ ପ୍ରକାଶ ପାଇବ ଓଷ୍ଟା ଟେଷ୍ଟ ପେପର୍ସ

କଟକ,୩।୮ (କାର୍ତ୍ତିକ ସାହୁ): ୨୦୨୫-୨୬ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ନିର୍ଦ୍ଧାରିତ ପାଠ୍ୟଖସଡ଼ା ଆଧାରରେ ସୋମବାର ଓଷ୍ଟାର ନୟାସଡ଼କସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ଉଭୟ ବସ୍ତୁନିଷ୍ଠ ଓ ଦୀର୍ଘ ଉତ୍ତରମୂଳକ 'ଓଷ୍ଟା ଟେଷ୍ଟ ପେପର୍ସ' ପ୍ରକାଶିତ ହେବାକୁ ଯାଉଛି। ଉକ୍ତ ଦିନଠାରୁ ଟେଷ୍ଟ ପେପର୍ସ ବଜାରରେ ଉପଲବ୍ଧ ହେବ। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଚଳିତବର୍ଷ ଏକ ଅଭିନବ ଉପାୟରେ ଉକ୍ତ ଟେଷ୍ଟ ପେପର୍ସକୁ ପ୍ରସ୍ତୁତ କରିଛି ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ମୁଖ୍ୟାଳୟରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ପ୍ରତ୍ୟେକ ବର୍ଷ ପରି ନିର୍ଦ୍ଧାରିତ ପାଠ୍ୟଖସଡ଼ା ଆଧାରରେ ଚଳିତ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଉଭୟ ସଂକ୍ଷିପ୍ତ ଓ ଦୀର୍ଘ ଉତ୍ତରମୂଳକ ଟେଷ୍ଟ ପେପର୍ସ ଓଷ୍ଟା ଦ୍ୱାରା ପ୍ରସ୍ତୁତ କରାଯାଇଛି। ଅନେକ



ଅତିଥିମାନେ 'ଓଷ୍ଟା ଟେଷ୍ଟ ପେପର୍ସ'କୁ ଉନନ୍ମୋଚିତ କରୁଛନ୍ତି।

ଅଭିଜ୍ଞ ଶିକ୍ଷକମାନଙ୍କ ଦୀର୍ଘ ଅଭିଜ୍ଞତାକୁ ବିନିଯୋଗ କରି ଟେଷ୍ଟ ପେପର୍ସ ପ୍ରସ୍ତୁତ ହୋଇଛି ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି। ଓଷ୍ଟା ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଚଳିତବର୍ଷ ପୂର୍ବବର୍ଷ ପରି ଅତି ସୁଲଭ ଦରରେ ଯୋଗାଇ ଦେବା ପାଇଁ ଓଷ୍ଟା କାର୍ଯ୍ୟକାରୀ କମିଟିରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଚଳିତବର୍ଷର ବୋର୍ଡ ପରୀକ୍ଷା ଓ ମୂଲ୍ୟାୟନ ବ୍ୟବସ୍ଥା ସମ୍ପର୍କରେ ବୋର୍ଡ ପକ୍ଷରୁ ଯେଉଁସବୁ ନୂତନ ପଦ୍ଧତି ପ୍ରକାଶିତ ହୋଇଛି, ସେଥିମଧ୍ୟରୁ ଯେଉଁ ବ୍ୟବସ୍ଥାଗୁଡ଼ିକ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ପାଇଁ ଆବଶ୍ୟକ ହେବ ନାହିଁ, ସେ ସମସ୍ତ ବିଷୟବସ୍ତୁ ଉପରେ ସଂଶୋଧନ ପାଇଁ ଆଗାମୀ ଦିନରେ ବୋର୍ଡ ଓ ରାଜ୍ୟ ସରକାରଙ୍କ ପାଖରେ ପ୍ରସ୍ତାବ ରଖିବ ବୋଲି ଓଷ୍ଟା ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୫-୨୬ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ନିର୍ଦ୍ଧାରିତ ସମୟରେ କରିବା ପାଇଁ ଓଷ୍ଟା ପକ୍ଷରୁ ଦାବି କରାଯାଉଛି। ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧିଙ୍କ ସମେତ ଓଷ୍ଟା ଟେଷ୍ଟ ପେପର୍ସ ପ୍ରସ୍ତୁତି ଦାୟିତ୍ୱରେ ଥିବା ସମ୍ପାଦକ ପ୍ରଣବ କୁମାର ଜେନା, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଗଡ଼ଗଡ଼ିଆରୁ ପାଣି ଉଠାଇଲେ ଶତାଧିକ କାଉଡ଼ିଆ

### ଆକର୍ଷିତ କଲା ୨୨ ଫୁଟ୍ ଲମ୍ବର ବଦ୍ରିନାଥ ଆକୃତିର ବାହୁଙ୍ଗି

କଟକ,୩।୮ (ଶିଳ୍ପା ପ୍ରିୟଦର୍ଶିନୀ): ଶ୍ରାବଣ ମାସର ଚତୁର୍ଥ ବା ଶେଷ ସୋମବାର ପାଇଁ ରବିବାର ଗଡଗଡିଆ ଘାଟରେ କାଉଡିଆଙ୍କ ଅସମ୍ଭାଳ ଭିଡ ଦେଖିବାକୁ ମିଳିଛି। ପ୍ରାୟ ୬୦ ହଜାରରୁ ଅଧିକ କାଉଡିଆ ପାଣି ଉଠାଇଛନ୍ତି। ଏପରି କି ମହାଦେବଙ୍କ ଜଳାଭିଷେକ ଲାଗି ରବିବାର ଲିଙ୍ଗରାଜ, ଧବଳେଶ୍ୱର, ଗୋରଖନାଥ, ସିଦ୍ଧେଶ୍ୱର ଓ ସର୍ପେଶ୍ୱର ପୀଠକୁ କାଉଡିଆମାନେ ଯାତ୍ରା କରିଥିଲେ। ଭିଡକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ଗଡଗଡିଆ ଘାଟରେ ୩ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ଚହଟାଘାଟ, ଧବଳେଶ୍ୱର, ନୂଆପାଟଣା, ମଧୁସୂଦନ ସେତୁ ଓ ନରାଜରେ ୫ଟି ଅସ୍ଥାୟୀ ପୋଲିସ ସହାୟତା କେନ୍ଦ୍ର ବା ଏଡ୍‌ପୋଷ୍ଟ ଖୋଲାଯାଇଥିଲା। ଘାଟରେ ୨ଜଣ ଏସିପି, ଜଣେ ଟ୍ରାଫିକ୍ ଏସିପି, ଜଣେ ଆଇଆଇସିଙ୍କ ସମେତ ୩୫ଜଣ ଏସ୍‌ଆଇ, ଏଏସ୍‌ଆଇ, ୬୦ରୁ ଅଧିକ



୨୨ ଫୁଟ୍ ଲମ୍ବର ବଦ୍ରିନାଥ ଆକୃତିର ବାହୁଙ୍ଗିକୁ କାଉଡ଼ିଆମାନେ ବୋହି ନେଉଛନ୍ତି।

କନଷ୍ଟେବଲ ଓ ହୋମଗାର୍ଡଙ୍କୁ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯାଇଛି। କାଉଡିଆଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଉଭୟ କମିଶନରେଟ ପୋଲିସ ଓ ଟ୍ରାଫିକ ପକ୍ଷରୁ ରେଡିୟମ ଷ୍ଟିକର ବ୍ୟବସ୍ଥା କରାଯାଇଥିବା ବେଳେ କଟକ ଡିସିପି-ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ଉପସ୍ଥିତ ରହି ରେଡିୟମ ଷ୍ଟିକର ପ୍ରଦାନ କରିଥିଲେ। ସେହିପରି ରାସ୍ତାଘାଟରେ କାଉଡିଆ ଯିବାରେ ସମୟରେ ଯେପରି ସେମାନେ କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପାଇଁ ଉଭୟ ସ୍ଥାନୀୟ ପୋଲିସ ଓ ଟ୍ରାଫିକ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବା ସହିତ ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି।

ଶ୍ରାବଣ ମାସର ଶେଷ ସୋମବାରରେ ମହାଦେବଙ୍କଠାରେ ଜଳଲାଗି କରିବାକୁ କାଉଡିଆଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ସୋମବାରରେ ଜଳଲାଗି କରିବା ପାଇଁ ଗଡଗଡିଆ ଘାଟରୁ ତୁଳସୀପୁର ବାଉରିସାହି ମହାଦେବ ଯୁବକ ସଂଘର ୧୫୦ଜଣ ସଦସ୍ୟ ପାଣି ଉଠାଇଛନ୍ତି। ସୋମବାର ସିଦ୍ଧେଶ୍ୱରଙ୍କଠାରେ ଜଳ ଲାଗି କରିବେ। ସଂଘର ସଦସ୍ୟମାନେ ୨୨ଫୁଟ୍ ଲମ୍ବ ଓ ୧୦ଫୁଟ୍ ଉଚ୍ଚତା ବିଶିଷ୍ଟ ବଦ୍ରିନାଥ ମନ୍ଦିର ଆକୃତିର ବାହୁଙ୍ଗି ତିଆରି କରିଛନ୍ତି। ବାଉଁଶ, ଶାଢ଼ି, ସୋଲ, ପ୍ଲାଷ୍ଟର ପ୍ୟାରିସ୍, ଫ୍ଲେକ୍ସ, ଫୁଲ, ପତ୍ର ଓ ରଙ୍ଗିନ ଆଲୋକମାଳାରେ ବାହୁଙ୍ଗି ସଜ୍ଜିତ କରିଥିବାବେଳେ ଏହାକୁ ଦେଖିବାକୁ ଲୋକଙ୍କ ଭିଡ ଜମିଥିଲା। ଏହି ବାହୁଙ୍ଗିକୁ ସଂଘର ସଦସ୍ୟମାନେ ପ୍ରାୟ ୧୫ରୁ ୨୦ ଦିନ ଧରି ତିଆରି କରିଛନ୍ତି। ଏ ନେଇ ଯୁବକ ସଂଘର ସଦସ୍ୟ ସବ୍ୟସାଚୀ ଦାସ କହିଛନ୍ତି, ଦୀର୍ଘ ୫ ବର୍ଷ ହେବ ସଂଘ ପକ୍ଷରୁ କାଉଡି ଭାର ପ୍ରସ୍ତୁତ କରାଯାଇ ମହାଦେବଙ୍କଠାରେ ଜଳଲାଗି କରାଯାଉଛି। ଏଥିପାଇଁ ପ୍ରାୟ ୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସାହି ସମେତ ସମାଜର ମଙ୍ଗଳ କାମନା କରି ମହାଦେବଙ୍କ ପାଖରେ ଜଳଲାଗି କରିଥାଉ ବୋଲି ସେ କହିଛନ୍ତି।

# ୪୩ ଅଙ୍ଗନୱାଡ଼ି କେନ୍ଦ୍ର ଅଧାପନ୍ତରିଆ

## ୧୧ ସେକ୍ଟରରେ କାମ କରୁଛନ୍ତି ୬ ସୁପରଭାଇଜର

ଟାଙ୍ଗୀ, ୩।୮ (ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଟାଙ୍ଗୀ ବ୍ଲକର ସମସ୍ତ ୨୬ ପଞ୍ଚାୟତର ୧୧ଟି ସେକ୍ଟରରେ ମୋଟ ୨୫୩ଟି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ପ୍ରତ୍ୟେକ ସେକ୍ଟର ଦାୟିତ୍ୱରେ ଜଣେ ଲେଖାଏ ସୁପରଭାଇଜର ରହିଥାନ୍ତି। କିନ୍ତୁ ଟାଙ୍ଗୀ ବ୍ଲକର ୧୧ଟି ସେକ୍ଟରରେ ୧୧ ଜଣ ସୁପରଭାଇଜରଙ୍କ ସ୍ଥାନରେ ମାତ୍ର ୬ଜଣ ଦାୟିତ୍ୱରେ ଅଛନ୍ତି। ସେହିପରି ୨୫୩ ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟରୁ ୪୩ଟିର ଗୃହ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଏଥିଯୋଗୁ ଟାଙ୍ଗୀ ବ୍ଲକରେ ଶିଶୁଙ୍କ ପ୍ରାକ୍ ଶିକ୍ଷା ସମେତ ସରକାରଙ୍କ ଶିଶୁ ଓ ମହିଳା ବିକାଶ ସମ୍ପର୍କିତ ଯୋଜନା କାର୍ଯ୍ୟକାରିତାରେ ସମସ୍ୟା ଉପୁଜୁଥିବା ସାଧାରଣରେ ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଟାଙ୍ଗୀ ସେକ୍ଟରରେ ୩୫ ଅଙ୍ଗନୱାଡ଼ି କେନ୍ଦ୍ର, କୁହୁଡ଼ିରେ ୨୬, କୁଞ୍ଜୁରିରେ ୨୧, ସୁନ୍ଦରପୁରରେ ୧୭, କନ୍ତଲବାଇରେ ୨୧, ଭୂଷଣ୍ଡପୁରରେ ୨୩, ନୂଆଗଡ଼ରେ ୨୨, କମାଗୁରୁରେ ୨୨, ଓଲସିଂରେ ୨୦, ରାମେଶ୍ୱରରେ ୧୮ ଏବଂ ନିରାକାରପୁର ସେକ୍ଟରରେ ୨୭ଟି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ଜଣେ ଲେଖାଏ ସୁପରଭାଇଜରଙ୍କୁ ପ୍ରାୟ ୫୦ଟି କେନ୍ଦ୍ରର ତଦାରଖ ଦାୟିତ୍ୱ ଦିଆଯାଇଛି। ତେଣୁ ଠିକ୍ ଭାବେ ତଦାରଖ ହୋଇପାରୁନାହିଁ। ୮୩୩ ଗର୍ଭବତୀ, ୮୬୨ ପ୍ରସୂତି, କିଶୋରୀ ବାଳିକାଙ୍କ ସମେତ ହଜାର ହଜାର ଶିଶୁଙ୍କ କାର୍ଯ୍ୟ କିପରି ଚାଲିଛି ତାହା ସମସ୍ତଙ୍କୁ ବିସ୍ମିତ କରିଛି। ୧୩୦ଟି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ହୋଇଛି। ୫୬ଟି ବିଭିନ୍ନ ବିଦ୍ୟାଳୟ ପରିସରରେ ଏବଂ ୬୫ଟି ବିଭିନ୍ନ ଗୋଷ୍ଠୀ କେନ୍ଦ୍ର ତଥା କ୍ଲବଘରେ ଚାଲିଛି। ସବୁ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଟାଙ୍ଗୀ ସେକ୍ଟରରେ ୬, କୁଞ୍ଜୁରିରେ ୩, କନ୍ତଲବାଇରେ ୫, ସୁନ୍ଦରପୁରରେ ୭, ରାମେଶ୍ୱରରେ ୩, ଭୂଷଣ୍ଡପୁରରେ ୫, କୁହୁଡ଼ିରେ ୫, ନୂଆଗଡ଼ରେ ୫, ନିରାକାରପୁରରେ ୨ ଏବଂ କମାଗୁରୁ ସେକ୍ଟରରେ ୨ଟି ଅଙ୍ଗନୱାଡ଼ି କେନ୍ଦ୍ର କାର୍ଯ୍ୟ ଅଧାପନ୍ତରିଆ ରହିଛି। ତେଣୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। ସରକାର ଏବଂ ଜିଲା ପ୍ରଶାସନ ଏସବୁ ସମସ୍ୟା ପ୍ରତି ଦୃଷ୍ଟିଦେଇ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



## ସାଢ଼େ ୮ ଘଣ୍ଟା ବିଦ୍ୟୁତ୍‌କାଟ: ଜନଜୀବନ ଅସ୍ତବ୍ୟସ୍ତ

ଟାଙ୍ଗୀ,୩।୮ (ରଘୁନାଥ ସାହୁ)

ଟାଙ୍ଗୀ ବିଦ୍ୟୁତ୍ କାର୍ଯ୍ୟାଳୟ ଅନ୍ତର୍ଗତ ବସଷ୍ଟାଣ୍ଡ, ମେଡିକାଲ, ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, କୋର୍ଟ ଏବଂ ଚିଲିକା ଛକ ଅଞ୍ଚଳରେ ରବିବାର ସାଢ଼େ ୮ ଘଣ୍ଟା ବିଦ୍ୟୁତ୍ କାଟ ହୋଇଥିଲା। ଏଥିଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ପ୍ରବଳ ଗୁଳୁଗୁଳି ଓ ଗରମ ଯୋଗୁ ଲୋକେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍‌କାଟ ନେଇ ଓପିଟିସିଏଲ ପକ୍ଷରୁ ସୂଚନା ଦିଆଯାଇଥିଲା। କିନ୍ତୁ ଅପରାହ୍ନ ୪ଟା ୩୦ ପର୍ଯ୍ୟନ୍ତ ବିଦ୍ୟୁତ କାଟ ଜାରି ରହିଥିବା ଦେଖିବାକୁ ମିଳିଥିଲା। ବିଦ୍ୟୁତ୍ ତାର ପରିବର୍ତ୍ତନ ଓ ମରାମତି କରାଯିବା ଆଳରେ ଦୀର୍ଘମାସ ଧରି ପ୍ରତ୍ୟେକ ଦିନ ବାରମ୍ବାର ବିଦ୍ୟୁତକାଟ ହେଉଛି। ଦିନକୁ ପ୍ରାୟ ୩୦ ଥର ବିଦ୍ୟୁତ୍‌କାଟ ହେଉଥିବା କୁହାଯାଉଛି। ଟାଙ୍ଗୀରେ ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ରହିଛି, କିନ୍ତୁ ଗ୍ରାହକମାନେ ଉପଯୁକ୍ତ ସେବା ପାଇପାରୁ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଜିଲାପାଳଙ୍କ ଫେସ୍‌ବୁକ୍ ଆକାଉଣ୍ଟ ହ୍ୟାକ୍

- ଲୋକଙ୍କ ବିଶ୍ୱାସ ଜନ୍ମାଇ ଅଭିନବ ଉପାୟରେ ଲୁଟ୍ ଯୋଜନା
- ସୋସିଆଲ ମିଡିଆରେ ବାର୍ତ୍ତାଳାପ ଭାଇରାଲ

ଖୋର୍ଦ୍ଧା,୩।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାପାଳ ଅମ୍ରିତ ଋତୁରାଜଙ୍କ ଫେସ୍‌ବୁକ୍ ଆକାଉଣ୍ଟକୁ ହ୍ୟାକ୍ କରାଯାଇଛି। କେହି ଜଣେ ବ୍ୟକ୍ତି ଜିଲାପାଳଙ୍କ ଫେସ୍‌ବୁକ ଆକାଉଣ୍ଟ ହ୍ୟାକ କରି ଅଭିନବ ଉପାୟରେ ଟଙ୍କା ହଡ଼ପ ଯୋଜନା କରୁଥିବା ଜଣାପଡ଼ିଛି। ମେସେଞ୍ଜର ଜରିଆରେ କେତେଜଣ ବ୍ୟକ୍ତିଙ୍କ ସହ କଥାବାର୍ତ୍ତା ଆଳରେ ନମ୍ବର ସଂଗ୍ରହ କରି ସେମାନଙ୍କଠାରୁ ଟଙ୍କା ଲୁଟିବା ଯୋଜନା ଧରାପଡ଼ିବା ପରେ ହ୍ୟାକ୍ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ରବିବାର ଏହି ଘଟଣା ସାମ୍ନାକୁ ଆସିଛି।

ସୂଚନା ଅନୁଯାୟୀ, ପ୍ରଥମେ ଜଣେ ବ୍ୟକ୍ତିଙ୍କ ପାଖକୁ ଜିଲାପାଳ ଅମ୍ରିତ ଋତୁରାଜ ଲେଖାଥିବା ଏକ ମେସେଜ ଆସିଥିଲା। ସେ ଜିଲାପାଳ ମେସେଜ କରିଥିବା ଭାବି ନମସ୍କାର ଜଣାଇ ଖୋର୍ଦ୍ଧାକୁ ସ୍ୱାଗତ କରିଥିଲେ। ପରେ ହ୍ୟାକର ଉକ୍ତ ବ୍ୟକ୍ତିଙ୍କ ସହିତ କଥା ଆଳରେ ଫୋନ୍ ନମ୍ବର ମାଗିଥିଲେ। ଫୋନ୍ ନମ୍ବର ପାଇବା ପରେ ସେ ଲେଖିଥିଲେ, ମୋର ଜଣେ ବନ୍ଧୁ ସନ୍ତୋଷ କୁମାର ସିଆର୍‌ପିଏଫ୍ କ୍ୟାମ୍ପରୁ ତୁମକୁ ଫୋନ୍ କରିବେ। ତୁମର ନମ୍ବର ତାଙ୍କୁ ଫରୱାର୍ଡ କରିଛି। ସେ ଜଣେ ସିଆର୍‌ପିଏଫ୍ ଅଧିକାରୀ। ତାଙ୍କର ଅନ୍ୟତ୍ର ବଦଳି ହୋଇଛି। ସେ ତାଙ୍କର ଘର ତିଆରି ଫର୍ନିଚର ଜିନିଷପତ୍ର ବିକ୍ରି କରିବେ। ସମସ୍ତ ଜିନିଷପତ୍ର ଭଲ ଏବଂ ମୂଲ୍ୟ ବହୁତ ଶସ୍ତା। ଯଦି ତୁମେ ଚାହୁଁଛ, ତେବେ ନେଇପାରିବ ବୋଲି ସେ ଉଲ୍ଲେଖ କରିଥିଲେ। ଏହାକୁ ନେଇ ସଂପୃକ୍ତ ବ୍ୟକ୍ତିଙ୍କ ସନ୍ଦେହ ହେବାରୁ ଏହା ଏକ ଫେକ୍ ଆକାଉଣ୍ଟ ବୋଲି ଜାଣିବାକୁ ପାଇଥିଲେ। ସାଧାରଣ ଲୋକଙ୍କ ଅବଗତି ପାଇଁ ସେ ନିଜ ଫେସ୍‌ବୁକ ଆକାଉଣ୍ଟରେ ଏହାକୁ ପୋଷ୍ଟ କରିଛନ୍ତି। କେହି ଯେପରି ଏଭଳି ସାଇବର ଅପରାଧର ଶିକାର ନ ହୁଅନ୍ତି, ଏଥିଲାଗି ସଚେତନ ଓ ଜାଗ୍ରତ ରହିବାକୁ ସେ ପରାମର୍ଶ ଦେଇଛନ୍ତି।

## ରାଜଯୋଗ ଶିକ୍ଷା ହୃଦୟରୁ ନକାରାତ୍ମକ ଶକ୍ତିକୁ ଅପସାରଣ କରେ

ବାଲିପାଟଣା, ୩।୮ (ଅଭିମନ୍ୟୁ ନାୟକ)

ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବାଲିପାଟଣା ଶିକ୍ଷାକେନ୍ଦ୍ର ତରଫରୁ ରବିବାର ଅପରାହ୍ନରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ରଶ୍ମି ଭଉଣୀ ଯୋଗଦେଇ ରାଜଯୋଗ ଶିକ୍ଷା ମଣିଷ ହୃଦୟରୁ ନକାରାତ୍ମକ ଶକ୍ତିକୁ ଅପସାରଣ କରେ ବୋଲି କହିଛନ୍ତି। ଅନ୍ୟତମ ଅତିଥିଭାବେ ସୀତା ଭଉଣୀ, ଗୋଲାପ ଭଉଣୀ, ବୀଣା ଭଉଣୀ, ନିରଞ୍ଜନ ଭାଇ, ରମେଶ ସାହୁ, ଦିଲୀପ କୁମାର ଓଝା, ସୁରେନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ରହି ପରମ ପୂଜନୀୟ ଶିବ ବାବାଙ୍କ ଆଶୀର୍ବାଦ ଲାଭ କରି ଜଗତର ମଙ୍ଗଳ ପାଇଁ କାର୍ଯ୍ୟ କଲେ ଜୀବନର ସାର୍ଥକତା ପ୍ରାପ୍ତି ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଶତାଧିକ ଭଉଣୀଭାଇ ରକ୍ଷାବନ୍ଧନର ପବିତ୍ର ସୂତା ବାନ୍ଧି ଶିବ ବାବାଙ୍କ ସହ ପବିତ୍ର ସମ୍ପର୍କକୁ ସ୍ମରଣୀୟ କରିଛନ୍ତି।

# ପରିବେଶ ସନ୍ତୁଳନ ପାଇଁ ଚାରାରୋପଣ ଆବଶ୍ୟକ

ବେଗୁନିଆ,୩।୮ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ସଦର ମହକୁମାସ୍ଥିତ ପତିତପାବନ ଯୁବକ ସଂଘ ପକ୍ଷରୁ ଚାରାରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରଶ୍ମିଚାନ୍ଦ କର, ଉପସଭାପତି ବିଶ୍ୱରଞ୍ଜନ ଦାସ, ସମ୍ପାଦକ ଗଙ୍ଗାଧର ମାର୍ଥା, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ଜଗନ୍ନାଥ ମନ୍ଦିର କମିଟି ସଭାପତି ଦୀନବନ୍ଧୁ ଦାଶ, ବେଗୁନିଆ ବନଖଣ୍ଡ ଅଧିକାରୀ ପ୍ରିୟଦର୍ଶିନୀ ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ଦେବୀ ଏବଂ ଉପଦେଷ୍ଟା ଦିବାକର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପରିବେଶକୁ ସନ୍ତୁଳନ ରଖିବାକୁ ହେଲେ ବୃକ୍ଷରୋପଣର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ଅତିଥିମାନେ କହିବା ସହ ଚାରାରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଯୁବକ ସଂଘର ସଦସ୍ୟମାନେ ପ୍ଲା କାର୍ଡ ଧରି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି କରିବା ସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜଗନ୍ନାଥ ମନ୍ଦିର, ପ୍ରାଥମିକ ବିଦ୍ୟାଳୟ ଏବଂ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ କରିଥିଲେ।



ଚାରାରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅବସରରେ ଅତିଥି ଏବଂ ଅନ୍ୟମାନେ।

# ବଳାତ୍କାର ପୀଡ଼ିତାଙ୍କ ମୃତ୍ୟୁ ତଦନ୍ତ ବାଟବଣା ନ ହେଉ

ଭୁବନେଶ୍ୱର,୩।୮ (ସୁଚିସ୍ମିତା ସାହୁ)

ବଳାତ୍କାର ପୀଡ଼ିତାଙ୍କ ଅତ୍ୟନ୍ତ ବେଦନାଦାୟକ ମୃତ୍ୟୁ ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲେ ସୁଦ୍ଧା ଏଯାଏ ସଂପୃକ୍ତ ଅପରାଧୀଙ୍କୁ ଧରାଯାଇନାହିଁ। ଏହି ତଦନ୍ତ ମଧ୍ୟ ବାଟବଣା ହେବାର ଆଶଙ୍କା ରହିଛି ବୋଲି ଏଆଇଡିଏସ୍‌ଓ ଓଡିଶା ରାଜ୍ୟ ପରିଷଦ ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ କହିଛନ୍ତି। ଦିନକୁ ଦିନ ଶିକ୍ଷାନୁଷ୍ଠାନ ଭିତରେ,ବାହାରେ ଛାତ୍ରୀ ଓ ମହିଳାମାନେ ନିର୍ଯାତନା, ବଳାତ୍କାର, ଅସଦାଚରଣର ସମ୍ମୁଖୀନ ହେଉଛନ୍ତି। ଯେଉଁଠି ଏଭଳି ହୃଦୟ ବିଦାରକ ଘଟଣା ଘଟୁଛି, ସରକାର ଦୋଷୀଙ୍କୁ ଚିହ୍ନଟ କରି କଠୋର ଦଣ୍ଡ ଦେବା ପରିବର୍ତ୍ତେ ଚଞ୍ଚକତା କରି ତଦନ୍ତ ପ୍ରକ୍ରିୟାକୁ ବାଟବଣା କରୁଛନ୍ତି। ପୀଡ଼ିତାଙ୍କ ପରିବାରକୁ କିଛି ଆର୍ଥିକ ଅନୁକମ୍ପା ରାଶି ଦେଇ ଦୋଷୀଙ୍କୁ ଘଣ୍ଟ ଘୋଡ଼େଇବାରେ ଲାଗିଛନ୍ତି। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବା, ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା, ଅଶ୍ଳୀଳତା, ନଗ୍ନତା – ମଦମାଦକ ଦ୍ରବ୍ୟର ପ୍ରଚାର ପ୍ରସାର ବନ୍ଦ, ଅପସଂସ୍କୃତିର ପ୍ରସାର ବନ୍ଦ କରିବା ଦାବିରେ ଚାଲିଥିବା ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ପାଇଁ ସେ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଶିକ୍ଷକ, ଅଭିଭାବକ, ମହିଳା ତଥା ଯୁବକଙ୍କ ସମେତ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

# ବିଦ୍ୟାଳୟ ପରିସରରେ ଚାରାରୋପଣ



ଚାରା ରୋପଣ କରାଯାଉଛି।

ଟାଙ୍ଗୀ,୩।୮ (ରଘୁନାଥ ସାହୁ)

ଚାନ୍ଦପୁର ରାମଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ପଦ୍ମଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବଦ୍ରିନାରାୟଣ ଚୌଧୁରୀ, ସଦସ୍ୟ ପ୍ରଦୀପ କୁମାର ସାହୁ, ଶିବ ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ସୁସ୍ଥ ପରିବେଶ ପାଇଁ ସମସ୍ତେ ବହୁ ସଂଖ୍ୟାରେ ଚାରା ରୋପଣ କରିବାକୁ ଆହ୍ୱାନ କରିଥିଲେ। ଚାରା ଲଗାଇବା ପରେ ତାର ଯତ୍ନ ନେବାକୁ ଛାତ୍ରୀଛାତ୍ରମାନେ ଶପଥ ନେଇଥିଲେ। କବି ଉମେଶ ପ୍ରସାଦ ଧଳ, ଲିଙ୍ଗରାଜ ସାହୁ, ବୀରେନ କୁମାର ସାହୁ, ଶିକ୍ଷୟିତ୍ରୀ ରଶ୍ମିତା ପ୍ରଧାନ ପ୍ରମୁଖ ବୃକ୍ଷର ଉପକାରିତା ସମ୍ପର୍କରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଶିକ୍ଷୟିତ୍ରୀ ପ୍ରେମଲତା ଜାଲି ସ୍ୱାଗତ ଅଭିଭାଷଣ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ଶିକ୍ଷୟିତ୍ରୀ ରୋଜାଲିନ ସାହୁ, ନଳିନୀପ୍ରଭା ଦେଈ, ସୁକାନ୍ତି ପ୍ରଧାନ, ଜ୍ୟୋତିର୍ମୟୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମୀନାକ୍ଷୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ମୁଖ୍ୟରାସ୍ତାରେ ଖାଲ, ଯାତାୟାତରେ ସମସ୍ୟା

ବାଘମାରି,୩।୮ (ମିହିର ରଞ୍ଜନ ମହାପାତ୍ର)

ବାଘମାରିଠାରୁ ଧଳାପଥର ଦେଇ ଯାଇଥିବା ୪୮ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି। ତେଣୁ ପ୍ରତିଦିନ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ପରିଦର୍ଶନ ପାଇଁ ଏହି ରାସ୍ତାରେ ଯିବାଆସିବା କରିଥାନ୍ତି। କିନ୍ତୁ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଏହି ରାସ୍ତାର ଅଧିକାଂଶ ଜାଗାରେ ଛୋଟବଡ଼ ଖାଲ ସୃଷ୍ଟି ହୋଇଛି।

ବର୍ଷାହେଲେ ସେଇ ଖାଲରେ ପାଣି ଜମିରହୁଛି। ଫଳରେ ପଥଚାରୀଙ୍କ ଯାତାୟାତରେ ସମସ୍ୟା ଉପୁଜୁଥିବାବେଳେ ଚାଳକମାନେ ଗାଡ଼ି ଚାଳନା କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ବିଶେଷକରି ବାଘମାରି ବଜାର, ସିମୋର, ଗୋବିନ୍ଦପୁର ଏବଂ ଗେଡିଆପଲ୍ଲି ଆଦି ଅଞ୍ଚଳ ଦୁର୍ଘଟଣାପ୍ରବଣ ଅଞ୍ଚଳ ହୋଇଛି। ଏହାକୁ ନେଇ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକ ଏବଂ ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି।



ରାସ୍ତାରେ ଥିବା ଖାଲରେ ବର୍ଷାପାଣି ଜମିରହିଛି।.

# ତଦନ୍ତ ଆରମ୍ଭ କଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ

## ଏସ୍‌ପିସିବି ପୂର୍ବତନ ମୁଖ୍ୟ ଯନ୍ତ୍ରୀଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠାବ ମାମଲା

ଭୁବନେଶ୍ୱର,୩।୮ (ସତ୍ୟଜିତ୍ ରାଉତ)

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ପୂର୍ବତନ ମୁଖ୍ୟ ଯନ୍ତ୍ରୀ ରବି ନାରାୟଣ ପୃଷ୍ଟିଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଖୋଳତାଡ ଆରମ୍ଭ କରିଛି। ବେଆଇନ ଆର୍ଥିକ କାରବାର ଦିଗକୁ ନେଇ ଭିଜିଲାନ୍ସଠାରୁ ତଥ୍ୟ ନେଇ ଇଡି ମାମଲା ରୁଜୁ କରି ତଦନ୍ତ କରୁଛି। ଏନେଇ ରବିଙ୍କୁ ଶୀଘ୍ର ଇଡି ନୋଟିସ୍ କରି ପଚରାଉଚରା କରିବ ବୋଲି ଜଣେ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୨୦୨୨ ଫେବୃଆରୀ ୩ରେ ଭିଜିଲାନ୍ସ ପକ୍ଷରୁ ରବିଙ୍କ ଘର ସମେତ ୭ଟି ସ୍ଥାନରେ ଚଢ଼ାଉ କରି ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ ହୋଇଥିଲା। ତାଙ୍କର ବିଭିନ୍ନ ଆପାର୍ଟମେଣ୍ଟରେ ୩ଟି ଫ୍ଲାଟ୍, ଖଣ୍ଡଗିରିରେ ଗୋଟିଏ ଶପ୍, ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ୩ଟି ବହୁମୂଲ୍ୟ ପ୍ଲଟ୍ ଥିବା ଜଣାପଡ଼ିଥିଲା। ଏଥିସହ ରବି ନାରାୟଣଙ୍କ ବ୍ୟାଙ୍କ ଓ ଜୀବନ ବୀମାରେ ୮୯.୪୬ ଲକ୍ଷ ଜମା ରାଶି ଥିବାବେଳେ ତାଙ୍କ ଘରୁ ୩୫୫ ଗ୍ରାମର ସୁନା ଅଳଙ୍କାର, ୬୯୨ ରୁପା ଅଳଙ୍କାର, ଗୋଟିଏ କାର୍ ଓ ୩ଟି ଦୁଇ ଚକିଆ ଯାନ ମଧ୍ୟ ଠାବ ହୋଇଥିଲା। ଏନେଇ ଭିଜିଲାନ୍ସ ସେଲ୍ ଥାନା ପକ୍ଷରୁ ମାମଲା (ନଂ.୧/୨୦୨୨) ରୁଜୁ କରାଯାଇ ରବିଙ୍କୁ ଗିରଫ କରାଯାଇଥିଲା। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ତେବେ କିଛିଦିନ ତଳେ ରବି ଅବସର ନେଇଥିବା ସୂଚନା ମିଳିଛି।

# ବିଦ୍ୟାର୍ଥୀଙ୍କ ଲକ୍ଷ୍ୟ ହାସଲରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବୋଲଗଡ଼,୩।୮ (ଦେବବ୍ରତ ହୋତା)

ବୋଲଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ଗୁରୁବାର ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ନନ୍ଦିଘୋଷ ଭବନ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାଶ ନାଥ ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ପ୍ରଦୀପ କୁମାର ସାହୁ ଯୋଗ ଦେଇ ବିଦ୍ୟାର୍ଥୀଙ୍କ ଲକ୍ଷ୍ୟ ହାସଲରେ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।

ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ରତିକାନ୍ତ ମିଶ୍ର ଓ ସମ୍ମାନିତ ଅତିଥିଭାବେ ଜିଲାପରିଷଦ ସଭ୍ୟା ସୁନନ୍ଦିତା ସାହୁ, ପ୍ରାକ୍ତନ ବିଆର୍‌ସିସି ପଦ୍ମଚରଣ ବେହେରା, ଏବିଇଓ ଅମିତା ମିଶ୍ର, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ ଏବଂ ଶିକ୍ଷା ଅଧିକାରିଣୀ କେ.ଭି. ଲକ୍ଷ୍ମୀ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ବିଜୟ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଜନ୍ମେଜୟ ମାଝି, ଶିକ୍ଷକନେତା ଯୋଗେଶ ସାମନ୍ତସିଂହାର, ଶୈଳେନ୍ ପଟ୍ଟନାୟକ ଏବଂ ମଳୟ ପଣ୍ଡା ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ବଳବନ୍ତରାୟଙ୍କ ଶିକ୍ଷା ସଂସ୍କାର ସମ୍ବନ୍ଧୀୟ କାର୍ଯ୍ୟାବଳୀର ପ୍ରଶଂସା କରିଥିଲେ। ଏହି ଅବସରରେ ଗୁଞ୍ଜନ ନାମକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଶିକ୍ଷକ ସୁକାନ୍ତ ଜେନା ଧନ୍ୟବାଦ ଦେଇଥିଲେ।



ଗୋଷ୍ଠୀ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ଦାବି ପୂରଣ ନ ହେଲେ ୧୧ରୁ କାର୍ଯ୍ୟବନ୍ଦ

ଖୋର୍ଦ୍ଧା,୩।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ରାଜସ୍ୱ ଅମଲା ସଂଘର କାର୍ଯ୍ୟକାରିଣୀ ବୈଠକ ରବିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ମୃତ୍ୟୁଞ୍ଜୟ ସେନାପତି ସଭାପତିତ୍ୱ କରିଥିଲେ। ସଂଘର ୧୦ ଦଫା ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜସ୍ୱ ଅମଲାମାନେ ଜିଲା କାର୍ଯ୍ୟାଳୟ ସହିତ ଅନ୍ୟାନ୍ୟ କାର୍ଯ୍ୟାଳୟ, ପ୍ରତିଷ୍ଠାନ, ଆପାତ୍‌କାଳୀନ, ନିଜାରତ, ଭୂ-ଅଧିଗ୍ରହଣ, ରାଜସ୍ୱ ବିଭାଗରେ କାର୍ଯ୍ୟରତ ଅଛନ୍ତି। ସେମାନେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥାନ୍ତି। ହେଲେ ସରକାର ସେମାନଙ୍କୁ ଅଣଦେଖା କରୁଛନ୍ତି। ପୂର୍ବ ପ୍ରତିଶ୍ରୁତି ପାଳନ କରାଯାଉନାହିଁ। ତେଣୁ ଏହାର ପ୍ରତିବାଦରେ ଆସନ୍ତା ୧୧ ତାରିଖରୁ ଜିଲାରେ କାର୍ଯ୍ୟରତ ପ୍ରାୟ ୨୪୮ ଜଣ ରାଜସ୍ୱ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇବେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିବ ବୋଲି ସଂଘ ପକ୍ଷରୁ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ସେନାପତି ସୂଚନା ଦେଇଛନ୍ତି।

ଖୋର୍ଦ୍ଧା ଜିଲା ରାଜସ୍ୱ ଅମଲା ସଂଘ କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ମହାପାତ୍ର ଓ ସାଧାରଣ ସମ୍ପାଦକ ଅରୁଣ କୁମାର ମୁଦୁଲି କହିଲେ, ଜିଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ମୂଳ ଦରମା ଓଆର୍‌ଏସ୍‌ପି ୨୦୧୭ ମସିହା ନିୟମ ଅନୁଯାୟୀ ଲେବଲ-୯କୁ ବୃଦ୍ଧି କରାଯାଉ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପତ୍ର ସଂଖ୍ୟା ୬୮୯/୭୦୮, ତା୦୬।୦୧।୨୦୨୪ ଏବଂ ପତ୍ର ସଂଖ୍ୟା ୮୮୯୮, ତା.୧୫।୦୩।୨୪ ଅନୁଯାୟୀ ଏବଂ ସମସ୍ତ ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାରକରି ନୂତନ ପଦବୀ ସୃଷ୍ଟି ସହ ପଦବୀ ପୁନର୍ଗଠନ କରାଯାଉ। କନିଷ୍ଠ ରାଜସ୍ୱ ଅମଲାଙ୍କ ରେସିଡେନ୍ସ ପିରିୟଡ୍ ୬ ବର୍ଷ ପରିବର୍ତ୍ତେ ୪ ବର୍ଷ କରାଯାଉ। ବରିଷ୍ଠ ରାଜସ୍ୱ ସହାୟକ ଏବଂ ଏଏସ୍‌ଓ ପଦବୀକୁ ଏକତ୍ରୀକରଣ କରାଯାଇ କେବଳ ଏଏସ୍‌ଓ ରଖାଯାଉ। କନିଷ୍ଠ ରାଜସ୍ୱ ସହାୟକଙ୍କ ୪ ବର୍ଷ ରେସିଡେନ୍ସ ପିରିୟଡ୍ ରଖାଯାଇ ଏଏସ୍‌ଓ ପଦବୀକୁ ପଦୋନ୍ନତି ଦିଆଯାଉ। ସମସ୍ତ କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଦିଆଯାଉ। ୨୦୨୦ରେ ଲାଗୁ ହୋଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀ ଉଚ୍ଛେଦ କରାଯାଇ ୧୯୯୦ ମସିହାର ନିୟମାବଳୀକୁ ପୁନଃ ପ୍ରଚଳନ କରାଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର କୌଣସି ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଉ। ଜିଲାସ୍ତରରେ କାର୍ଯ୍ୟରତ ରାଜସ୍ୱ କର୍ମଚାରୀଙ୍କୁ ଓଡ଼ିଶା ରାଜସ୍ୱ ସେବା ପଦବୀରେ ଶତପ୍ରତିଶତ ପଦୋନ୍ନତି ଦିଆଯାଉ। ରାଜସ୍ୱ ସହାୟକଙ୍କୁ ଏଲ୍‌ଆର୍‌ଏମ୍‌ଏସ୍ ୟୁଜର ଆଇଡି ପ୍ରଦାନ କରାଯାଉ। ରାଜସ୍ୱ ସହାୟକଙ୍କୁ ପ୍ରବେଶକାଳୀନ ତାଲିମ ଦିଆଯାଉ। ନୂତନ ପେନ୍‌ସନ୍ ଯୋଜନା ରଦ୍ଦ କରି ସମସ୍ତ କର୍ମଚାରୀଙ୍କୁ ପୁରାତନ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ଖବରଦାତା ସମ୍ମିଳନୀରେ ମୁଖ୍ୟ ଉପଦେଷ୍ଟା ସନ୍ତୋଷ କୁମାର ନିଶଙ୍କ, ସାଙ୍ଗଠନିକ ସମ୍ପାଦକ ରଶ୍ମିରଞ୍ଜନ ମହାପାତ୍ର, ଉପସଭାପତି ଅନୁପମା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଖୋର୍ଦ୍ଧା ଜିଲା ରାଜସ୍ୱ ଅମଲା ସଂଘର ଚେତାବନୀ




ଖବରଦାତା ସମ୍ମିଳନୀରେ ଖୋର୍ଦ୍ଧା ଜିଲା ରାଜସ୍ୱ ଅମଲା ସଂଘର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

## ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା

ସାକ୍ଷୀଗୋପାଳ,୩।୮ (ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତର ଘାସିଭବାନୀପୁର ଗ୍ରାମରେ ଶୁକ୍ରବାର ଭୟାବହ ଅଗ୍ନିକାଣ୍ଡ ଘଟି ୧୦ ପରିବାରର ୧୦ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଛି। ଖବରପାଇ ପ୍ରୟାସ ସଂଗଠନର ନେତା ତଥା ସତ୍ୟବାଦୀର ସ୍ୱାଧୀନ ବିଧାୟକ ପ୍ରାର୍ଥୀ କାମାକ୍ଷା ପ୍ରସାଦ ପ୍ରଧାନ ଅଗ୍ନିବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ପ୍ରତି ପରିବାରଙ୍କ ପାଇଁ ଶୁଖିଲା ରାଶନ ସାମଗ୍ରୀ ସହିତ ଲୁଗା, ଲୁଙ୍ଗି, ଗାମୁଛା, ବାଲ୍‌ଟି ଓ ଟର୍ଚ୍ଚ ଲାଇଟ୍ ପ୍ରଦାନ କରିଛନ୍ତି। ପ୍ରଧାନଙ୍କ ସହ ସଙ୍ଗଠନର ସଦସ୍ୟ ଗଙ୍ଗାଧର ଛାଟୋଇ, ପ୍ରାଚୁର୍ଯ୍ୟ ହୋତା, ଲକ୍ଷ୍ମଣ ବେହେରା, ଗାନ୍ଧୀ ବିଶ୍ୱାଳ, ଗୁଲୁ ମହାପାତ୍ର, ବିକାଶ ଜେନାଙ୍କ ସହିତ ଚିନ୍ମୟୀ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରସ୍ତାବିତ ମାର୍କେଟ କମ୍ପ୍ଲେକ୍ସ ନେଇ ବଢୁଛି ଅସନ୍ତୋଷ

ପିପିଲି, ୩।୮ (ଦୁର୍ଗାମାଧବ ମିଶ୍ର)

ବିକାଶ ନାମରେ ସରକାରଙ୍କୁ ଅକଳରେ ପକାଉଛନ୍ତି ସରକାରୀ ଅଧିକାରୀମାନେ। ମନ୍ଦ ଉଦ୍ଦେଶ୍ୟ ହାସଲ ଲାଗି ବିକାଶ ପାଇଁ ପ୍ରକଳ୍ପକୁ ଢାଲ କରି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ସହ ସରକାରୀ ବାବୁମାନେ ହାତ ମିଳାଉଛନ୍ତି। ପିପିଲିରେ ଏମିତି ଅନେକ ମତ ଓ ମନ୍ତବ୍ୟଭରା ଚର୍ଚ୍ଚା ସହ ଅଭିଯୋଗ ବୁଦ୍ଧିଜୀବୀ ମହଲରୁ ହେଉଛି। ବର୍ତ୍ତମାନର ସରକାର ପିପିଲିର ବିକାଶ ପ୍ରତି ଧ୍ୟାନ ଦେଉଥିବାବେଳେ ଏଥିରୁ ଫାଇଦା ଉଠାଇବା ପାଇଁ ବ୍ୟବସାୟୀ ସରକାରୀ ଅଫିସର୍‌ଙ୍କୁ ମୋହରା କରୁଥିବା ନେଇ ଏଠାରେ ଚର୍ଚ୍ଚା ଜୋର୍ ଧରିଛି। ପିପିଲି ଫ୍ଲାଏ ଓଭରବ୍ରିଜ ନିକଟରେ ପିପିଲି ହସ୍ତଶିଳ୍ପର ବିକାଶ ପାଇଁ ପ୍ରସ୍ତୁତି ଚାଲିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଜୋର୍‌ସୋର ପ୍ରଚାର ଚାଲିଛି। ଏହି ମାର୍କେଟ କମ୍ପ୍ଲେକ୍ସରେ ଘର ପାଇବା ପାଇଁ ବହୁ ଆଶାୟୀ ରହିଛନ୍ତି। କିନ୍ତୁ ଏହି ମାର୍କେଟ କମ୍ପ୍ଲେକ୍ସରେ ସୀମିତ ସଂଖ୍ୟକ ଘର ରହୁଥିବା ବେଳେ ନିର୍ଦ୍ଦିଷ୍ଟ ବ୍ୟବସାୟୀ ନିଜ ନାମ ଓ ସମ୍ପର୍କୀୟଙ୍କ ନାମରେ ୧୦ରୁ ଅଧିକ ଘର ନେବା ପାଇଁ ଯୋଜନା କରୁଥିବାବେଳେ ଏହାକୁ ନେଇ ପେସାଗତ ହସ୍ତଶିଳ୍ପୀ କାରିଗରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ଆରମ୍ଭ କରିଛି। ଏପରିକି ଘର ନ ମିଳିଲେ ଆଇନର ସହାୟତା ନେବା ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଅସନ୍ତୁଷ୍ଟମାନେ ପ୍ରକାଶ କରିଛନ୍ତି। ଅନ୍ୟପଟେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଓ ଏଥିପାଇଁ ସରକାରୀ ଜାଗାରେ ନିର୍ମାଣ କରିବାକୁ ଅନୁମତି ଦେବା ଦାୟିତ୍ୱରେ ଥିବା ବିଭିନ୍ନ ବିଭାଗର ସରକାରୀ ଅଧିକାରୀମାନଙ୍କୁ ଏକାଧିକ ହସ୍ତଶିଳ୍ପ ବ୍ୟବସାୟୀ ବିକାଶର ବିଭିନ୍ନ ଦିଗ ଦେଖାଇ ପ୍ରଭାବିତ କରୁଥିବା ନେଇ କେତେଜଣ ହସ୍ତଶିଳ୍ପୀଙ୍କ ସୂଚନା ରହିଛି। ପିପିଲିରେ ୮ଶହରୁ ଅଧିକ ହସ୍ତଶିଳ୍ପୀ ରହିଥିବା ସରକାରୀ କାଗଜପତ୍ର କହୁଥିବା ବେଳେ ପ୍ରସ୍ତାବିତ ମାର୍କେଟ କମ୍ପ୍ଲେକ୍ସରେ କେତେସଂଖ୍ୟକ ଘର ତିଆରି ହେବ ଯେ ହସ୍ତଶିଳ୍ପୀମାନେ ଉପକୃତ ହେବେ। ହସ୍ତଶିଳ୍ପର ବିକାଶ ହେବ ବୋଲି ବହୁ ଲୋକଙ୍କ ସ୍ୱାଭାବିକ ପ୍ରଶ୍ନ ରହିଛି। ଏହାଦ୍ୱାରା ନିର୍ଦ୍ଦିଷ୍ଟ କେତେଜଣ ଉପକୃତ ହେବା ହିଁ ସାର୍ ହେବ ବୋଲି ସେମାନଙ୍କ କ୍ଷୋଭଭରା ମନ୍ତବ୍ୟ ରହିଛି। ଏପରି ଅବସ୍ଥା ମଧ୍ୟରେ ପ୍ରସ୍ତାବିତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଫ୍ଲାଏ ଓଭର ପାଖ ଜଗନ୍ନାଥପୁର ପଞ୍ଚାୟତର ଗୋଚର କିସମ ଜମିକୁ ପିପିଲି ତହସିଲ ପକ୍ଷରୁ ହସ୍ତାନ୍ତର କରିବା ଆଭିମୁଖ୍ୟକୁ ବିରାଟ ପ୍ରଶ୍ନଘେରକୁ ଠେଲି ଦେଇଛି।

## ବାଡ଼ିନୃସିଂହଙ୍କ ୪ ଆଶ୍ରମ ବିଜେ



ବାଡ଼ିନୃସିଂହ ଶ୍ରୀମନ୍ଦିରରୁ ବାହାରି ଶ୍ରୀକ୍ଷେତ୍ରର ୪ ଆଶ୍ରମ ବିଜେ କରୁଛନ୍ତି ।

ପୁରୀ,୩।୮ (ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ଶୁକ୍ଳପକ୍ଷ ନବମୀ ତିଥି ରବିବାର ଅବସରରେ ବାଡ଼ିନୃସିଂହ ଶ୍ରୀମନ୍ଦିରରୁ ବାହାରି ଶ୍ରୀକ୍ଷେତ୍ରର ୪ ଆଶ୍ରମ ବିଜେ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ବାଡ଼ରେ ଖଣ୍ଡିଏ ଅଧିକ ଆଜ୍ଞାମାଳ ଲାଗି କରାଯାଇଥିଲା। ପରେ ବାଡ଼ିନୃସିଂହ ଦକ୍ଷିଣୀ ଘରୁ ମହାଜନ ସେବକଙ୍କ ହାତରେ ଭିତରକୁ ବିଜେ କରିଥଲେ। ମହାପ୍ରଭୁଙ୍କ ଆଜ୍ଞାମାଳ ପାଇଁ ମୁକ୍ତିମଣ୍ଡପ ନିକଟରେ ଥିବା ବିମାନକୁ ବିଜେ କରିଥିଲେ। ପରେ ଠାକୁରଙ୍କ ରୁନ୍ଧା କାର୍ଯ୍ୟ ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବା ପରେ ଘଣ୍ଟ, ଛତା, କାହାଳି ଏବଂ ସେବାୟତଙ୍କ ସହ ବିମାନବଡୁ ସେବକମାନେ ବାଡ଼ିନୃସିଂହଙ୍କୁ ଶ୍ରୀକ୍ଷେତ୍ରରେ ଥିବା ମହର୍ଷି ମାର୍କଣ୍ଡେୟ, ମହର୍ଷି କଣ୍ଡୁ, ମହର୍ଷି ଭୃଗୁ ଓ ମହର୍ଷି ଅଙ୍ଗିରାଙ୍କ ଆଶ୍ରମକୁ ବିଜେ କରାଇଥିଲେ। ସେଠାରେ ଠାକୁରଙ୍କ ବିଭିନ୍ନ ନୀତି ହୋଇ ଶୀତଳ ଭୋଗ ମଣୋହି କରାଯିବା ସହ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ଏହା ସହ ନଗର ପରିକ୍ରମା ସମୟରେ ବିଭିନ୍ନ ମଠ, ଆଖେଡ଼ା, ଦେବାଳୟ ଆଦି ପକ୍ଷରୁ ପ୍ରାୟ ୪୨ ଟି ସ୍ଥାନରେ ନୃସିଂହ ଦେବଙ୍କୁ ପନ୍ତିଭୋଗ କରାଯାଇଥିଲା। ନଗର ପରିକ୍ରମା କରି ନୃସିଂହ ଦେବ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

# ଜାତୀୟ ହସ୍ତତନ୍ତ ଦିବସ ପାଳିତ

ପୁରୀ,୩।୮ (ଅଜିତ୍ କୁମାର ମହାନ୍ତି)

ଉତ୍ସବ ହ୍ୟାଣ୍ଡଲୁମ୍ ପୁରୀର ଆନୁକୂଲ୍ୟରେ ହେରାଗୋହିରିସାହି ସ୍ଥିତ କାର୍ଯ୍ୟାଳୟ ପରିସରରେ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। ଉତ୍ସବକୁ ପୁରୀ ଆଞ୍ଚଳିକ ପରିବହନ ଅଧିକାରୀ ରବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ହ୍ୟାଣ୍ଡଲୁମ୍ ହାରମୋନିରେ ଭାରତର ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାର ଅନେକ ଜିଲାରୁ ବିଭିନ୍ନ ହସ୍ତଶିଳ୍ପ କାରିଗରମାନେ ଯୋଗ ଦେଇଥିଲେ। ଉତ୍ସବ ହ୍ୟାଣ୍ଡଲୁମର ପ୍ରତିଷ୍ଠାତ ରୁଚିମିତ୍ରା ଜଗଦେବ ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଥିଲେ ଆଗାମୀ ଦିନରେ ରାଜ୍ୟରେ ହ୍ୟାଣ୍ଡଲୁମ୍ ବ୍ୟବହାର କିଭଳି ବଢ଼ିବ, ଯାହା ଫଳରେ କ୍ଷୁଦ୍ର ବ୍ୟବସାୟୀମାନେ ବଞ୍ଚି ରହିପାରିବେ। ବୁଣାକାରମାନେ ସେମାନଙ୍କ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଇବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ସାମାଜିକ କର୍ମୀ ଡ. ଅନିତା ସାବତ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ଡିଜାଇନର ଏସ. ଉଷାରାଣୀ ଦୋରା, ଅନ୍ତଃରାଷ୍ଟ୍ରୀୟ ଡିଜାଇନର ଇତିଶ୍ରୀ ସାହୁ, ମିଲେଟ୍ ମିଶନର ସବନମ ଅଫେରିନ ଯୋଗ ଦେଇ ନିଜେ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ରାଜଲକ୍ଷ୍ମୀ ଦାସ, ମିନତି ସାହୁ, ସଞ୍ଜିଦା ବେଗମ୍, ହିମାଂଶୁ ନାୟକ, ବିନି ନାଗ, କାଞ୍ଚନ ଶୁକ୍ଳା, କଳ୍ପନା ମୁଦୁଲି, ଲଲାଟେନ୍ଦୁ ମିଶ୍ର, ଭୀମସେନ ନାଗ ଓ ଅଜିତ ନାହାକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶ୍ରୀରାମ କିଙ୍କର ଜଗଦେବ ମହାପାତ୍ର ଧନ୍ୟବାଦ ଦେଇଥିଲେ।



ଉତ୍ସବ ପକ୍ଷରୁ ଅନୁଷ୍ଠିତ ହ୍ୟାଣ୍ଡଲୁମ୍ ଦିବସ ଅବସରରେ ସମ୍ବର୍ଦ୍ଧିତ ଶିଳ୍ପୀମାନେ ।



ବଳଙ୍ଗା ପୀଡିତା ସମିଦା ଖାତୁନ୍‌ଙ୍କ ଶେଷକୃତ୍ୟ ସମ୍ପନ୍ନ ପାଇଁ କବର ଖୋଳାଯାଇଛି ।

# ଶୋଭନୀୟ-ଜୁଣେଇ ରାସ୍ତା ପାଲଟିଛି ମରଣଯନ୍ତା

କୋଣାର୍କ, ୩।୮ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍ଏସି ଅଧିନ ଶୋଭନୀୟ ଶିକ୍ଷାକେନ୍ଦ୍ରଠାରୁ ଜୁଣେଇ ହାଟକୁ ସଂଯୋଗ କରୁଥିବା ଏନ୍ଏସି ରାସ୍ତା ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହେବା ଯୋଗୁ ଗମନାଗମନ ବାଧାପ୍ରାପ୍ତ ହୋଇଛି।

ପ୍ରକାଶ ଯେ, ଶୋଭନୀୟ ଶିକ୍ଷାକେନ୍ଦ୍ରଠାରୁ ଜୁଣେଇ ହାଟ ପର୍ଯ୍ୟନ୍ତ ଦୀର୍ଘ ୩ କି.ମି. ରାସ୍ତା ବିଭିନ୍ନ ସମୟରେ

### ଗମନାଗମନ ବାଧାପ୍ରାପ୍ତ

ମରାମତି ଓ ପୁନଃନିର୍ମାଣ କାର୍ଯ୍ୟରେ ଅନିୟମିତତା ଓ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତାର ଅଧିକାଂଶ ସ୍ଥାନରେ କଂକ୍ରିଟ ଢଳେଇ ଉଠିଯାଇ ଖାଲଖମା ସୃଷ୍ଟି ହୋଇଛି। ଫଳରେ ଗମନାଗମନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଜୁଣେଇ ଆଖପାଖ ଅଞ୍ଚଳର ଶତାଧିକ ଜନସାଧାରଣ ସୁରକ୍ଷିତ ମଣୁ ନ ଥିବା ସାଧାରଣରେ ଆଲୋଚନା ହେଉଛି। କୋଣାର୍କ ଏନ୍ଏସି ପ୍ରଶାସନ ପକ୍ଷରୁ ଶୋଭନୀୟ ଶିକ୍ଷାକେନ୍ଦ୍ରଠାରୁ ଜୁଣେଇ ହାଟ ପର୍ଯ୍ୟନ୍ତ ଦୀର୍ଘ ୩ କି.ମି. ରାସ୍ତାର ପୁନଃନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହିତ ବିପଦସଙ୍କୁଳ ଡ୍ରେନେଜ୍ ବିଭାଗ ସେତୁ ପୁନରୁଦ୍ଧାର କରିବା ପାଇଁ ପୁରୀ ଜିଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଆଜିଠୁ ଝୁଲଣ ଯାତ୍ରା ଆରମ୍ଭ

ପୁରୀ,୩।୮ (ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ଶୁକ୍ଳ ଦଶମୀ ତିଥିଠାରୁ ଶ୍ରୀମନ୍ଦିର ସମେତ ବିଭିନ୍ନ ମଠବାଡ଼ି ତଥା ପୁରପଲ୍ଲୀରେ ବର୍ଷାକାଳୀନ ରାସ ତଥା ପବିତ୍ର ଝୁଲଣ ଯାତ୍ରା ଆରମ୍ଭ ହେବ। ଝୁଲଣ ଯାତ୍ରା ପାଇଁ ସମସ୍ତ ମଠ ବାଡ଼ି ଓ ମନ୍ଦିରର ପ୍ରସ୍ତୁତି ଶେଷପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀମନ୍ଦିର ଝୁଲଣ କୁଞ୍ଜରେ ଝୁଲିବେ ମହାଲକ୍ଷ୍ମୀ, ସରସ୍ୱତୀ ଓ ମଦନ ମୋହନ। ଝୁଲଣ କୁଞ୍ଜରେ ବିଜେ ହେବେ ଶ୍ରୀରାଧା କୃଷ୍ଣ। ଝୁଲଣ ଯାତ ପାଇଁ ଶ୍ରୀମନ୍ଦିର ଠାରୁ ମଠବାଡ଼ି ଗୁଡ଼ିକ ବେଶ୍ ଚଳଚଞ୍ଚଳ ହୋଇଉଠିଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ତିନିବାଡ଼ରେ ସର୍ବାଙ୍ଗ ଲାଗି ଓ ବେଶ ହେବ। ମହାଜନମାନେ ସିଂହାସନରୁ ଶ୍ରୀଦେବୀ, ଭୂଦେବୀଙ୍କୁ ଦକ୍ଷିଣୀ ଘରୁ ମଦନମୋହନଙ୍କୁ ଆଣି ଖଟଶେଜରେ ବିଜେ କରାଇବେ। ପୂଜାପଣ୍ଡା ସାମନ୍ତ ମାଣ୍ଡୁଆ ଭୋଗ ଅର୍ପଣ କରିବେ। ମନ୍ଦିରରେ ସନ୍ଧ୍ୟା ଧୂପ ସରିଲେ ଝୁଲଣ ମଣ୍ଡପ ଠାରେ ପଞ୍ଚ ଉପଚାରରେ ପୂଜା ହେବ। ମନ୍ଦିର ଭିତରେ ଚନ୍ଦନ ଲାଗି ସରିବା ପରେ ଝୁଲଣ କୁଞ୍ଜରେ ବିରାଜିତ ମଦନମୋହନଙ୍କୁ ଦକ୍ଷିଣୀ ଘର ଓ ଦୁଇ ଠାକୁରାଣୀଙ୍କୁ ଗର୍ଭଗୃହକୁ ବିଜେ କରାଇବେ। ତେଣୁ ଝୁଲଣ ଯାତ୍ରାକୁ ଦୃଷ୍ଟିରେ ରଖି ମୁକ୍ତି ମଣ୍ଡପ ଉପରେ ଓ ସମ୍ମୁଖ ପାର୍ଶ୍ୱରେ ସାଜସଜ୍ଜା କରାଯାଇଛି। ସେହିଭଳି ଶ୍ରୀକ୍ଷେତ୍ରର ମଠ ବାଡ଼ିରେ ମଧ ଝୁଲଣ ଯାତ୍ରା ଅନୁଷ୍ଠିତ ହେବ। ପୁରୀରେ ୪୦ରୁ ଊର୍ଦ୍ଧ୍ୱ ମଠବାଡ଼ିରେ ଝୁଲଣ ଯାତ୍ରା ପାଳିତ ହେବ।

# ବର୍ଷା ନ ହେବାରୁ ଇନ୍ଦ୍ର ଦେବତାଙ୍କୁ ପୂଜାର୍ଚ୍ଚନା

କାକଟପୁର/ଅସ୍ତରଙ୍ଗ,୩।୮ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଶ୍ରାବଣ ସରିବାକୁ ବସିଲାଣି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଚାଷଜମି ଫାଟି ଆଁ କଲାଣି। କିନ୍ତୁ ବର୍ଷାର ଦେଖାନାହିଁ। ଅସ୍ତରଙ୍ଗ ବ୍ଲକ ଏକ କୃଷିଭିତ୍ତିକ ଅଞ୍ଚଳ। ସ୍ଥାନୀୟ ଅଞ୍ଚଳର ମୁଖ୍ୟ ବେଉସା ଚାଷ କହିଲେ ଧାନ ଚାଷକୁ ବୁଝାଏ। ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ବର୍ଷା ଦେଖା ନ ଥିବା ବେଳେ କେହି କେହି ପାଣିମୋଟର ସହାୟତାରେ କାଁ ଭାଁ ଚାଷ କରିଥିବା ବେଳେ ବର୍ଷାର ଅଭାବ ଯୋଗୁ ଫସଲ ନଷ୍ଟ ହେବା ସହ ମରୁଡ଼ି ପରିସ୍ଥିତି ଦେଖାଦେଲାଣି। ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ପାଇଁ ଝାଡ଼ଲିଙ୍ଗ ସରପଞ୍ଚ ବୃନ୍ଦାବନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାନପୁର ସ୍ଥିତ ଅବଧୂତ ମଠ ପରିସରରେ ଥିବା ଅନନ୍ତ ମହାବୀର ପୀଠ ନିକଟରେ ରବିବାର ପ୍ରତ୍ୟୁଷରୁ ଇନ୍ଦ୍ର ପୂଜାର୍ଚ୍ଚନା କରାଯାଇଥିଲା। ପରେ ଇନ୍ଦ୍ର ଦେବତାଙ୍କୁ ଆବାହନ କରି ଚାଷ ଜମିରେ ଇନ୍ଦ୍ର ପୂଜା ମଧ ହୋଇଛି। ଗ୍ରାମବାସୀଙ୍କ ସହଯୋଗରେ ଗ୍ରାମର ଅବଧୂତ ମଠଠାରେ ହୋମଯଜ୍ଞ କରିବା ସହ ଗ୍ରାମର ପୁରୁଷ ଓ ମହିଳାମାନେ ନାମ ସଂକୀର୍ତ୍ତନ କରି ଗ୍ରାମ ପରିକ୍ରମା କରିଥିଲେ। ପୂଜକ ଭାବେ ପଣ୍ଡିତ ସୁବାସ ଚନ୍ଦ୍ର ଦାଶ ଓ ରମାକାନ୍ତ ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ ପୂଜା କର୍ତ୍ତା ଭାବେ ସରପଞ୍ଚ ବୃନ୍ଦାବନ ନାୟକ ଦାୟିତ୍ୱ ନିର୍ବାହ କରିଛନ୍ତି।

# ଶତାଧିକ ଯୁବକଙ୍କ ବିକ୍ଷୋଭ ପ୍ରଦର୍ଶନ, ନାରାବାଜି

ନିମାପଡ଼ା,୩।୮ (ବିଚିତ୍ରାନନ୍ଦ ସାହୁ)

ଦିଲ୍ଲୀ ଏମ୍ସ ମେଡିକାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁର ପ୍ରତିବାଦରେ ନିମାପଡ଼ା ବିଜୁ ଯୁବ ଜନତା ଦଳ ପକ୍ଷରୁ ଶତାଧିକ ଯୁବକ ନିମାପଡ଼ା ଦୋଳବେଦୀ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଆନ୍ଦୋଳନକାରୀ ଯୁବକମାନେ ଉପମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିବାବେଳେ ଇସ୍ତଫା ଦାବି କରିଥିଲେ। ବିଜୁ ଯୁବ ଜନତା ଦଳର ନେତା ମାନସ ପ୍ରଧାନ, ଦିଲୀପ ପାତ୍ର, ଗୁଡୁ ନାୟକ, ତପନ ପ୍ରଧାନ, ସୌମ୍ୟ ରଞ୍ଜନ ପରିଜା, ଟିଟନ ସାହୁ, ରଶ୍ମି ପଣ୍ଡା, ବଳରାମ ନାୟକ, ବିଶ୍ୱଜିତ ବିଶ୍ୱାଳ, ଦୁର୍ଯ୍ୟୋଧନ ଦାସ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ମୃତା ପୀଡ଼ିତାଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଦୁର୍ବାର ଗଣଆନ୍ଦୋଳନ ହେବବୋଲି ଆନ୍ଦାଳନରତ ନେତୃବୃନ୍ଦମାନେ କହିଛନ୍ତି।




ଦୋଳବେଦୀ ଛକ ଠାରେ ବିଜୁ ଯୁବ ଜନତା ଦଳର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ ଓ ନାରାବାଜି କରୁଛନ୍ତି।

# ଆକ୍ରମଣ ଅଭିଯୋଗରେ ୫ ଗିରଫ

ପୁରୀ,୩।୮ (ଅଜିତ୍ କୁମାର ମହାନ୍ତି)

ଜଣେ ବ୍ୟକ୍ତିଙ୍କୁ ମରାଣାନ୍ତକ ଆକ୍ରମଣ ଘଟଣାରେ ବଳିଆପଣ୍ଡା ଥାନା ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଫୁଜ୍ ଘରାମୀ (୩୨), ଆୟାନ୍ ନାସ୍କାର (୨୫), ରାୟହାନ୍ ମଣ୍ଡଳ (୨୦), ବାବୁସୋନା ଦାସ (୨୬) ଏବଂ ବାପୁନ ଦାସ (୩୦)। ସମସ୍ତ ଅଭିଯୁକ୍ତ ପଶ୍ଚିମବଙ୍ଗର ସାଉଥ୍ ୨୪ ପାଗଣାର ବାସିନ୍ଦା ଅଟନ୍ତି। ଅଭିଯୁକ୍ତମାନଙ୍କୁ ସାମୁକା ହୋଟେଲ, ବଳିଆପଣ୍ଡା ଠାରୁ ପୋଲିସ ଗିରଫ କରିଛି। ପୋଲିସର ସୂଚନାନୁଯାୟୀ, ଗତ ୨ ତାରିଖରେ ପବିତ୍ର ମହାରଣା ନୂତନ କୋଠା କାମ କରିବା ପାଇଁ ଯାଇଥିବା ସମୟରେ ସେ ଦେଖିଥିଲେ ଯେ, ତାଙ୍କର ବିଦ୍ୟୁତ୍ ତାର ସେଠାରେ ନାହିଁ। ସେ ଖୋଜି ଦେଖିଲା ବେଳକୁ ଉକ୍ତ ଅଭିଯୁକ୍ତମାନେ ବିଦ୍ୟୁତ୍ ତାରରେ କାମ କରୁଛନ୍ତି। ପବିତ୍ର ତାଙ୍କୁ ଏ ସମ୍ପର୍କରେ ପଚାରିବାରେ ସେମାନେ ଚିତ୍କାର କରିଥିଲେ। ପାଟିଶୁଣି ପବିତ୍ରଙ୍କ ବାପା ରବୀନ୍ଦ୍ର ପରିଡ଼ା (କୋଠା ସୁପରଭାଇଜର), ଅଶୋକ ଶର୍ମା (କାଚ ରାଜମିସ୍ତ୍ରୀ) ଏବଂ ଅନ୍ୟ ବ୍ୟକ୍ତିମାନେ ସେଠାକୁ ଯାଇ ଆପୋସ ସମାଧାନ କରିଥିଲେ। ପରେ ପୁନର୍ବାର ଉକ୍ତ ବ୍ୟକ୍ତିମାନେ ଉତ୍ତେଜିତ ହୋଇ ଷ୍ଟିଲ୍ ପାଇପ୍, କାଠପଟା ଏବଂ ଷ୍ଟିଲ୍ ଚ୍ୟାନେଲ ନେଇ ତାଙ୍କୁ ଆକ୍ରମଣ କରିଥିଲେ। ପବିତ୍ରଙ୍କ ମୁଣ୍ଡକୁ ଆକ୍ରମଣ କରିବା ସହ ଜୀବନରେ ମାରିଦେବା ପାଇଁ ଚେଷ୍ଟା କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପରେ ପବିତ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୋଗକୁ ଭିତ୍ତିକରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ବାର୍ଷିକୋତ୍ସବ ପୂର୍ବରୁ ପ୍ରତିଯୋଗିତା

ପୁରୀ,୩।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ଐତିହ୍ୟ ପଦଯାତ୍ରା ଟା'ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ବାଷିକ ଉତ୍ସବ ପାଳନ ପୂର୍ବରୁ ରବିବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଐତିହ୍ୟ ପ୍ରତି ଆଗ୍ରହ ବଢାଇବା ଉଦ୍ଦେଶ୍ୟରେ ବିଶ୍ୱମ୍ଭର ବିଦ୍ୟାପୀଠ ଠାରେ ଏକ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ଓ କୁଇଜ୍‌ରେ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପୁରୀର ବିଭିନ୍ନ ସ୍କୁଲରୁ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଆବାହକ ଡା. କୁମାର ଅରୋଜ୍ୟୋତି ପରିଚାଳନା କରିଥିବା ବେଳେ ଅଶୋକ ନାୟକ, ଦେବାଶିଷ ମିଶ୍ର, ଜ୍ୟୋସ୍ନା ମହାପାତ୍ର, ତନ୍ମୟ ଚାଟାର୍ଜୀ, ସିଦ୍ଧାର୍ଥ ଆଚାର୍ଯ୍ୟ, ପ୍ରିୟଙ୍କର ମହାରଣା, ଦୁର୍ଗାମାଧବ ମହାନ୍ତି, ସତ୍ୟପ୍ରକାଶ ନାୟକ, ଆଶୁତୋଷ ମହାସୁଆର, ବିଶ୍ୱଶାନ୍ତି ତ୍ରିପାଠୀ, ଅଭିପ୍ସା ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅଗଷ୍ଟ ୧୦ ତାରିଖରେ ସଂସ୍କୃତି ଭବନ ଠାରେ ଅନୁଷ୍ଠାନର ପ୍ରଥମ ବାର୍ଷିକ ଉତ୍ସବରେ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।

## ସଂସ୍କୃତ ଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ମାର୍ଜିତ କରେ

ପୁରୀ,୩।୮ (ଅଜିତ୍ କୁମାର ମହାନ୍ତି)

ଦେବ ଭାଷା ସଂସ୍କୃତ ମାନବ ସମାଜକୁ ସଂସ୍କୃତି ସମ୍ପନ୍ନ କରାଇବା ସହିତ ଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ମାର୍ଜିତ କରାଏ ବୋଲି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ସଂସ୍କୃତ ସପ୍ତାହ ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ ଗୁରୁତ୍ୱାରୋପ କରିଛନ୍ତି। ଜୟଦେବ ସଭାଗାରଠାରେ ଛାତ୍ର ସୌମ୍ୟରଞ୍ଜନ ମହାପାତ୍ରଙ୍କ ଦ୍ୱାରା ବୈଦିକ ମଙ୍ଗଳାଚରଣ ଏବଂ ବିଶ୍ୱବିଦ୍ୟାଳୟର କୁଳଗୀତ ଗାନ ପୂର୍ବକ କୁଳପତି ପ୍ରଫେସର୍ ଶ୍ରୀନିବାସ ବରଖେଡିଙ୍କ ସଂରକ୍ଷଣରେ ଓ ପରିସରର ନିର୍ଦ୍ଦେଶକ ପ୍ରଫେସର୍ ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ରାଜକିଶୋର ଜେନା, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ବେଦାନ୍ତ ବିଭାଗର ପ୍ରାକ୍ତନ ପ୍ରଫେସର୍ ଡ. ପ୍ରଭାତ ରଞ୍ଜନ ମହାପାତ୍ର ମୁଖ୍ୟବକ୍ତା ଓ ସାରସ୍ୱତ ଅତିଥି ଭାବେ ସଦାଶିବ ପରିସରର ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗ ମୁଖ୍ୟ ସୂର୍ଯ୍ୟମଣି ରଥ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ଶୁଭଶ୍ରୀ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. ସୁଶାନ୍ତ କୁମାର ରାୟ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ଡ. ବିଶ୍ୱନାଥ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଛାତ୍ର ବ୍ରଜକିଶୋର ଆଚାର୍ଯ୍ୟ ସଂଯୋଜନା କରିଥିଲେ। ଶେଷରେ ସମ୍ରାଟ୍ ଘୋଷ ଧନ୍ୟବାଦ ଦେଇଥିଲେ।



ଉତ୍ସବରେ ଅତିଥିଙ୍କ ସମ୍ବର୍ଦ୍ଧିତ କରାଯାଉଛି ।

# 'ଶିଶୁଙ୍କ ସୃଜନଶୀଳତାର ବିକାଶ ପାଇଁ ଉଦ୍ୟମ ଜରୁରୀ'

ପୁରୀ,୩।୮ (ଅଜିତ୍ କୁମାର ମହାନ୍ତି)

### ଶିଶୁ ସମାଚାରର ସ୍ୱନକ୍ଷତ୍ର ସମାରୋହ ଓ ଜାତୀୟ ଶିଶୁ ପ୍ରତିଭା ମହୋତ୍ସବ

'ଶିଶୁ ସମାଚାର'ର ଅଷ୍ଟାଦଶ ସ୍ୱନକ୍ଷତ୍ର ସମାରୋହ ଓ ଜାତୀୟ ଶିଶୁ ପ୍ରତିଭା ମହୋତ୍ସବ ଶନିବାର ସ୍ଥାନୀୟ ପୌରସଦନରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଉତ୍ସବ କମିଟି ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ମୁଖ୍ୟ ଅତିଥି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସାମାଜିକ କର୍ମୀ ମନୋଜ କୁମାର ରଥ, ଉତ୍ସବ କମିଟି ସଦସ୍ୟ ଅବନୀଶ ରଥ, ବିଜୟ କୁମାର ପଣ୍ଡା, ଉପଦେଷ୍ଟା ଚକ୍ରଧର ମହାପାତ୍ର, ଭାଷାବିତ୍ କୈଳାସ ଚନ୍ଦ୍ର ଟିକାୟତରାୟ, ଶିକ୍ଷାବିତ୍ ଧ୍ରୁବ ଚରଣ କର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିଶୁଙ୍କ ସୃଜନଶୀଳତାର ବିକାଶ ପାଇଁ ସବୁସ୍ତରରେ ଉଦ୍ୟମ ହେବା ଜରୁରୀ ଏବଂ ଏଥିପାଇଁ ସେମାନଙ୍କୁ ସୁଯୋଗ ଯୋଗାଇଦେବା ଦରକାର ବୋଲି ଅତିଥିମାନେ କହିଥିଲେ। ସମ୍ପାଦକ ସୁକାନ୍ତ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଶିଶୁ ସମାଚାର ସ୍ୱନକ୍ଷତ୍ର ସଂଖ୍ୟା ଓ ମୁଖଶାଳା-୨୦୨୫ ଉନ୍ମୋଚିତ ହୋଇଥିଲା। କୃତୀ ନୃତ୍ୟ ଓ ସଙ୍ଗୀତ ଶିଶୁଶିଳ୍ପୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ପର୍ବରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ପୁରୀ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସେବାୟତ ଭାଗବାନ ସୁଆର, ଇ-୨୪ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ରାଜେଶ ମିଶ୍ର, ଟେଲିଭିଜନ ଉଦ୍‌ଘୋଷିକା କଳ୍ପନା ମିଶ୍ର, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ସୁକାନ୍ତ ପଣ୍ଡା ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଉତ୍ସବରେ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀଙ୍କୁ 'ସାରସ୍ୱତ ସମ୍ମାନ', ଶିଶୁ ଲେଖକ ସାଦ୍ୟାନ୍ତ ଶତପଥୀଙ୍କୁ 'ଅନନ୍ୟ ମେଧା ପ୍ରତିଭା ସମ୍ମାନ', ହୃଦ୍‌ରୋଗ ବିଶେଷଜ୍ଞ ଡା. ପ୍ରଭାତ କୁମାର ଦାଶଙ୍କୁ 'ସ୍ୱାସ୍ଥ୍ୟସେବା ସମ୍ମାନ', କୋଣାର୍କ ଉଚ୍ଚ ବିଦ୍ୟାଳୟକୁ 'ସବୁଜ ବିଦ୍ୟାଳୟ ସମ୍ମାନ', ପୁରୀ ଜିଲା ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଘୋଡ଼ାବଜାର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମଧୁବନଙ୍କୁ ଉତ୍କର୍ଷ ବିଦ୍ୟାଳୟ ସମ୍ମାନ ଏବଂ ବିନାୟକ ବିଦ୍ୟାମନ୍ଦିରକୁ ପୂରକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ, ସଙ୍ଗୀତ ଗୁରୁ, ନୃତ୍ୟଗୁରୁ, ସାମାଜିକ କର୍ମୀ ଓ ଶିଶୁ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ୪୨୫ ଜଣ ଶିଶୁ ପ୍ରତିଭା ନୃତ୍ୟ, ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଶିବସୁନ୍ଦର ମିଶ୍ର, ଶରତ ରାୟଗୁରୁ, ଶ୍ରୀକାନ୍ତ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉତ୍ସବ କମିଟି ଉପାଧ୍ୟକ୍ଷ ବିଜୟକୃଷ୍ଣ ବ୍ରହ୍ମା ଧନ୍ୟବାଦ ଦେଇଥିଲେ। ରେଣୁକା ମିଶ୍ର, ଅନୁପମା ପଣ୍ଡା, ସ୍ୱାଧୀନ ପଣ୍ଡା, ସ୍ୱେଚ୍ଛାସେବୀ ସଂଗଠନ 'ଦ ବେଲ୍'ର ସଦସ୍ୟା ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିମାନେ ଅନୁଷ୍ଠାନର ମୁଖଶାଳା ଶିଶୁ ସମାଚାରକୁ ଉନ୍ମୋଚନ କରୁଛନ୍ତି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ଅମିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଟନ ଫାବ୍‌ରେ କାରବାର ଉତ୍ସାହଜନକ

ଭୁବନେଶ୍ୱର,୩।୮ (ଅଭୟ ଦାଶ)

ଭୁବନେଶ୍ୱରର ୟୁନିଟ-୩ ପ୍ରଦର୍ଶନୀ ପଡ଼ିଆଠାରେ ଜାରି ରହିଥିବା ରାଜସ୍ଥାନ କଟନ ଫାବ୍‌ରେ ଗ୍ରାହକ ଭିଡ ଦିନକୁ ଦିନ ବୃଦ୍ଧି ପାଉଛି। ଫଳରେ ବ୍ୟବସାୟ/କାରବାର ଉତ୍ସାହଜନକ ରହିଛି। ଏପରି କି ମେଳା ପରିସରରେ ପଡ଼ିଥିବା ହ୍ୟାଣ୍ଡଲୁମ, ହାଣ୍ଡିକ୍ରାଫ୍ଟ ଓ କଟନ ଉତ୍ପାଦର ଚାହିଦା ସବୁବର୍ଗର ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରୁଥିଲାବେଳେ ଆକର୍ଷଣୀୟ ରିହାତି ଅଫର କାରବାରକୁ ଦ୍ୱିଗୁଣିତ କରି ଦେଉଛି ବୋଲି ମେଳାର ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ସେହିଭଳି ଆସନ୍ତା ରାଖୀ ପୂର୍ଣ୍ଣିମା ପାଇଁ ଆୟୋଜକଙ୍କ ପକ୍ଷରୁ ବିଶେଷ ରିହାତି ଓ ସ୍ୱତନ୍ତ୍ର ରାଖୀ ଅଫର ଆରମ୍ଭ କରାଯାଇଛି। ଏହି ମେଳାରେ ନୂତନ ଉତ୍ପାଦ ଓ ସମ୍ଭାର ଉପଲବ୍ଧ ସାଙ୍ଗକୁ ଗ୍ରାହକଙ୍କ ଚାହିଦା ଓ ଆବଶ୍ୟକତା ପୂରଣ ପାଇଁ ଆୟୋଜକଙ୍କ ପକ୍ଷରୁ ସବୁ ପ୍ରକାରର ପ୍ରୟାସ କରାଯାଉଛି ବୋଲି ବ୍ୟବସାୟୀମାନେ ମତପ୍ରକାଶ କରିଛନ୍ତି। ଏହି ଅଫର ୨୦୨୫ ଅଗଷ୍ଟ ୨୮ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ଏହି ଅବଧି ମଧ୍ୟରେ କାରବାର ହେଉଥିବା ପ୍ରତି କ୍ରୟ ଉପରେ ଆକର୍ଷଣୀୟ ୨୦% ସ୍ୱତନ୍ତ୍ର ରିହାତି ଯୋଗାଇ ଦିଆଯାଉଛି। ଏହି ପ୍ରଦର୍ଶନୀ ଅଗଷ୍ଟ ୩୧ ପର୍ଯ୍ୟନ୍ତ ପ୍ରାରମ୍ଭିକ ଭାବେ ଜାରି ରହିବ ବୋଲି ମେଳାର ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହି ମେଳାରେ ସର୍ବଭାରତୀୟସ୍ତରର ଗାର୍ମେଣ୍ଟସ/କପଡ଼ା ଓ ପୋଷାକ ବ୍ୟବସାୟୀମାନେ ଅଂଶ ଗ୍ରହଣ ସହ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ ଏବଂ ବିକ୍ରୟ କରିଥାନ୍ତି। ଏହି ମେଳାରେ ଦେଶର ସମସ୍ତ ଭାଗର ଲୋକପ୍ରିୟ ସାମଗ୍ରୀ ପଡ଼ିଥିଲାବେଳେ ରିହାତି ମୂଲ୍ୟରେ ଗ୍ରାହକଙ୍କୁ ସେମାନଙ୍କର ପସନ୍ଦର ସାମଗ୍ରୀ ଯୋଗାଇ ଦିଆଯାଇଥାଏ। ଏପରିକି ପ୍ରତି କ୍ରୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। କାରବାର ସମୟରେ ସମସ୍ତ ବ୍ୟାଙ୍କର ଡେବିଟ ଓ କ୍ରେଡିଟ କାର୍ଡର ବ୍ୟବହାର ସହ ଗ୍ରହଣ କରଯାଉଛି।



### ସ୍ୱତନ୍ତ୍ର ରାଖୀ ଅଫର

ସେହିପରି ଏହି ମେଳାରେ ୨୦ଟି ରାଜ୍ୟର ପ୍ରମୁଖ ଉତ୍ପାଦ ସମ୍ବଲପୁରୀଠାରୁ ଇକତ ଏବଂ ଜାମଦାନୀଠାରୁ ଆରମ୍ଭ କରି ବନାରସୀ ପର୍ଯ୍ୟନ୍ତ ପ୍ରିମିୟମ ବର୍ଗର ପୋଷାକ ଉଭୟ ବିକ୍ରୟ ଓ ପ୍ରଦର୍ଶନୀ ପାଇଁ ଉପଲବ୍ଧ ରହିଛି। ଏହି ମେଳାରେ ଓଡ଼ିଶା ସମେତ ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ନାଟକ, ତେଲଙ୍ଗାନା, ଆସାମ ଓ ପୁଡୁଚେରୀ ଭଳି ବଜାରର ପ୍ରିମିୟମ ପୋଷାକ ଓ ପ୍ରମୁଖ ବ୍ୟବସାୟୀମାନେ ସାମିଲ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ରାଜସ୍ଥାନ କଟନ ଫାବ୍‌ରେ ମୋଟ ୨୦୦ଟି ଷ୍ଟଲ ପଡିଥିଲାବେଳେ ହସ୍ତତନ୍ତ, ହସ୍ତଶିଳ୍ପ ଓ ଖାଦ୍ୟ ସାମଗ୍ରୀ ପାଇଁ ସ୍ୱତନ୍ତ୍ର ଷ୍ଟଲ କରାଯାଇଛି। ଏହି ମେଳା ଦିବା ୧୧ ଘଟିକାରୁ ରାତି ୯ ଘଟିକା ପର୍ଯ୍ୟନ୍ତ ଖୋଲା ରହିଥିଲାବେଳେ ମେଳା ପରିସରରେ ମାଗଣା ପାର୍କିଂର ସୁବିଧା ମଧ୍ୟ ରହିଛି।

# ଉମଙ୍ଗ ଆପ୍ ଜରିଆରେ ନମ୍ବର ଆବଣ୍ଟନ

ଭୁବନେଶ୍ୱର,୩।୮

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ (ଇପିଏଫ୍‌ଓ) ପକ୍ଷରୁ ୟୁନିଭର୍ସାଲ ଆକାଉଣ୍ଟ ନମ୍ବର (ୟୁଏଏନ୍) ଆବଣ୍ଟନ ନେଇ ନିକଟରେ ଏକ ନୂଆ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ନୂଆ ନିୟମ ଅନୁସାରେ ନିଯୁକ୍ତିଦାତାଙ୍କ ପାଇଁ ଉମଙ୍ଗ ଆପ୍ ଜରିଆରେ ନମ୍ବର ଆବଣ୍ଟନ ବାଧ୍ୟତାମୂଳକ ହେବ। ସେହିପରି ଆଧାର ଫେସ୍ ଅଥେଣ୍ଟିକେଶନ ଟେକ୍ନୋଲୋଜି ବ୍ୟବହାର କରିବାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏପରି କି ଇପିଏଫ୍‌ଓ ସଦସ୍ୟଙ୍କୁ ଗୁଗଲ ପ୍ଲେ ଷ୍ଟୋରରୁ ଉମଙ୍ଗ ଆପ୍ ଡାଉନଲୋଡ୍ କରିବାକୁ ହେବ। ଫଳରେ ସେମାନେ ନିଯୁକ୍ତିଦାତା କିମ୍ବା ଇପିଏଫ୍‌ଓ ଅଧିକାରୀଙ୍କ ବିନା ସ୍ମାର୍ଟଫୋନ ଜରିଆରେ ହିଁ ୟୁଏଏନ୍ ନମ୍ବର ପାଇପାରିବେ ଏବଂ ତାହାକୁ ସକ୍ରିୟ ମଧ୍ୟ କରିପାରିବେ। ସେହିପରି ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କର୍ମଚାରୀମାନେ ବର୍ତ୍ତମାନ କେବଳ ମୁହଁ ଚିହ୍ନଟ କରାଇ ୟୁଏଏସ୍ଏନ୍ ଏବଂ ତତ୍ ସମ୍ପର୍କିତ ସେବା ପାଇପାରିବେ ବୋଲି ଇପିଏଫ୍‌ଓ ପକ୍ଷରୁ କୁହାଯାଇଛି।

# ଜୁଲାଇରେ ୪.୫ ଲକ୍ଷ ୟୁନିଟ୍ ଡେଲିଭରି

ଭୁବନେଶ୍ୱର,୩।୮

### ହିରୋ ମୋଟୋକର୍ପର ବାର୍ଷିକ ବିକ୍ରି ଅଭିବୃଦ୍ଧି ୨୧%

ହିରୋ ମୋଟୋକର୍ପର ଯାନ ବିକ୍ରି ଫଳାଫଳ ରବିବାର ପ୍ରକାଶ ପାଇଛି। ଏହି ଫଳାଫଳ ଅନୁଯାୟୀ ୨୦୨୫ ଜୁଲାଇରେ କମ୍ପାନୀ ମୋଟ ୪,୪୯,୭୫୫ ୟୁନିଟ୍ ଯାନ ଡେଲିଭରି କରିଛି। ଯାହାକି ୨୦୨୪ ଜୁଲାଇ ୨୦୨୪ରେ ରେକର୍ଡ୍ ହୋଇଥିବା ୩,୭୦,୨୭୪ ୟୁନିଟଠାରୁ ୨୧% ଅଧିକ ବିକ୍ରି ହୋଇଥିବା ବୋଲି କୁହାଯାଉଛି। ସେହିଭଳି ଏହା ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ବଜାର ସ୍ଥିତିର ରୂପରେଖକୁ ପରିପ୍ରକାଶ କରିଛି। ଖୁଚୁରା ବ୍ୟବସାୟର ଏହି କାର୍ଯ୍ୟକଳାପ ସହ ଆସନ୍ତା ପାର୍ବଣ ଋତୁକୁ ଦୃଷ୍ଟିରେ ରଖି କମ୍ପାନୀ ନୂତନ ମଡେଲ ଓ ଅନେକ ସୁବିଧା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ନିକଟରେ ହିରୋ ମୋଟୋକର୍ପ ଏଚଏଫ ଡିଲକ୍ସ ପୋର୍ଟଫୋଲିଓକୁ ଅଧିକ ବ୍ୟାପକ କରିବା ସହିତ ଏଚଏଫ ଡିଲକ୍ସ ପ୍ରୋର ଶୁଭାରମ୍ଭ କରିଛି। ସେହିପରି ହିରୋ ମୋଟୋକର୍ପ ୨୦୨୫ ଜୁଲାଇରେ ଏକ ପ୍ରମୁଖ ସଫଳତା ହାସଲ କରିଛି। ଏହାର ମାସିକିଆ ଯାନ ବିକ୍ରିରେ ଉଲ୍ଲେଖନୀୟ ସଫଳତା ସହ ନୂତନ ପଞ୍ଜୀକରଣ ହାସଲ କରିଛି। ଇଭି ବାହନ କ୍ଷେତ୍ରରେ କମ୍ପାନୀର ସ୍ଥିତିକୁ ଦ୍ୱିଗୁଣିତ କରିବା ସହିତ ମାର୍କେଟ ଶେୟାରବାର୍ଷିକ ଭିତ୍ତିରେ ୧୦.୨% ସଂଯୋଗ କରିବା ସହିତ ହିରୋ ମୋଟୋକର୍ପର ସମୁଦାୟ ବୈଦ୍ୟୁତିକ ମୋବିଲିଟି ପୋର୍ଟଫୋଲିଓକୁ ଗ୍ରାହକମାନଙ୍କର ଦ୍ରୁତ ଆବଶ୍ୟକତାକୁ ନେଇ ସଫଳତାର ଶୀର୍ଷରେ ପହଞ୍ଚିପାରିଛି।



"On this special day, we, your family and loved ones, come together in spirit and joy to celebrate you, Samikshya. Your presence fills our lives with love, grace, and quiet strength. You are not only the pride of our home but the light that brightens every heart you touch.
May this year unfold with blessings as beautiful as your soul, success that matches your dreams, and love that never fades. Stay the wonderful, wise, and warm-hearted Nicky we all cherish. Happy Birthday!"
With endless love and blessings,
— Your Family & Relatives
ଧ-୧୫୪୩


# ପୋଦ୍ଦାର ଟାୟାର୍ସ ଓ ସର୍ଭିସେସ୍‌ର ପ୍ରଥମ ଫ୍ରାଞ୍ଚାଇଜ୍ ଆଉଟ୍‌ଲେଟ୍



ଭୁବନେଶ୍ୱର,୩।୮ (ଅନୁରାଧା ମହାରଣା)

ପୋଦ୍ଦାର ଟାୟାର୍ସ ଓ ସର୍ଭିସେସ୍‌ର ଏକ ଫ୍ରାଞ୍ଚାଇଜ ଆଉଟଲେଟ୍ ଭୁବନେଶ୍ୱରର ରଘୁନାଥପୁରରେ ରବିବାର ଉଦଘାଟିତ ହୋଇଯାଇଛି। ଏହି ଆଉଟଲେଟ୍ ପୋଦ୍ଦାର ଟାୟାର୍ସ ଓ ସର୍ଭିସେସର ୯ମ ଫ୍ରାଞ୍ଚାଇଜ ଆଉଟଲେଟ ହୋଇଥିବାବେଳେ ଓଡ଼ିଶାରେ ଏହା ପ୍ରଥମ ଫ୍ରାଞ୍ଚାଇଜ ଷ୍ଟୋର। ଏଠାରେ ହ୍ୱିଲ୍ ଏଲାଇନମେଣ୍ଟ, ବାଲାନ୍ସିଂ, ନାଇଟ୍ରୋଜେନ୍ ଫିଲିଂ, ଟାୟାର ଫିଟମେଣ୍ଟ, ରୋଟେଶନ୍ ଭଳି ସେବା ମିଳୁଥିବାବେଳେ ମଲ୍ଟି ବ୍ରାଣ୍ଡ୍ ଟାୟାର ଉପଲବ୍ଧ ହେଉଛି। ତେବେ ଏହି

### ୩ ମିନିଟରେ ରୋବୋଟିକ୍ କାର୍ ୱାଶ୍

ଷ୍ଟୋରରେ ନୂତନ ଟେକ୍ନୋଲୋଜି ଆଧାରିତ ସେବା ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଗାଡ଼ିମାଲିକ ମାତ୍ର ୩ ମିନିଟ୍ ସମୟରେ ଏଠାରେ ରୋବୋଟିକ୍ କାର୍ ୱାଶ୍ ସୁବିଧା ପାଇପାରୁଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ମ୍ୟାନେଜିଂ ପାର୍ଟନର ଆନନ୍ଦ ପୋଦ୍ଦାର କହିଛନ୍ତି, ଗାଡ଼ିର ସୁରକ୍ଷା ଅର୍ଥାତ୍ ଜୀବନର ସୁରକ୍ଷା। ଓଡ଼ିଶାର ସହରାଞ୍ଚଳ ଓ ଉପସହରାଞ୍ଚଳରେ ଗାଡ଼ିର ଆବଶ୍ୟକତା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଗାଡ଼ି ଚାଳକ ତଥା ମାଲିକଙ୍କୁ ଭରସାଯୋଗ୍ୟ ଏବଂ ତୁରନ୍ତ ସେବା ପ୍ରଦାନ ଲକ୍ଷ୍ୟ ରଖିଥିବା ଆନନ୍ଦ କହିଛନ୍ତି। ଆଗାମୀ ଦିନରେ ଓଡ଼ିଶାରେ ପୋଦ୍ଦାର ଟାୟାର୍ସ ଓ ସର୍ଭିସେସର ଅଧିକ ଷ୍ଟୋର ଖୋଲାଯିବାର ଯୋଜନା ରହିଛି। ଏହି ନବ ଉଦଘାଟିତ ଷ୍ଟୋର ଏଥିରେ ସହାୟକ ହେବ ବୋଲି ଆଶା କରାଯାଉଛି। ସେହିପରି ସ୍ଥାନୀୟ ଉଦ୍ୟୋଗୀଙ୍କୁ ମଧ୍ୟ ଅନୁଷ୍ଠାନ ସହ ଯୋଡ଼ିହେବା ନେଇ ପ୍ରସ୍ତୁତି କରାଯାଉଛି। ସୂଚନା ଥାଉକି, ପୋଦ୍ଦାର ଟାୟାର୍ସ ଓ ସର୍ଭିସେସ୍ ୧୯୫୯ ମସିହାରେ ସ୍ଥାପିତ ହୋଇଥିବାବେଳେ ସର୍ବଭାରତୀୟ ସ୍ତରରେ ୮ରୁ ଅଧିକ ଷ୍ଟୋର ରହିଛି।

# ଓଡ଼ିଶା ପୂର୍ବ ଭାରତର ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ କେନ୍ଦ୍ର

ଭୁବନେଶ୍ୱର,୩।୮

ବିଶ୍ୱ ବାଣିଜ୍ୟ କେନ୍ଦ୍ର ବା ଡବ୍ଲ୍ୟୁଟିସି ଭୁବନେଶ୍ୱର ପକ୍ଷରୁ ଆୟୋଜିତ ୮ମ ବିଶ୍ୱ ବାଣିଜ୍ୟ ଦିବସ ଏବଂ ବାର୍ଷିକ ସଦସ୍ୟ ସମ୍ମିଳନୀ-୨୦୨୫ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସେ ଓଡ଼ିଶା ପୂର୍ବ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ କେନ୍ଦ୍ର ଭାବେ ଉଭା ହେଉଥିବା ବିଷୟରେ ଜୋର୍ ଦେଇଥିଲେ। ଦୁବାଇ ଏବଂ ଆବୁଧାବି ସହିତ ସିଧାସଳଖ ବିମାନ ସଂଯୋଗ ରାଜ୍ୟର ଲଜିଷ୍ଟିକ୍ସ ସମ୍ଭାବନାକୁ ବୃଦ୍ଧି କରିଛି ବୋଲି ସେ କହିଥିଲେ। ସେହିଭଳି ଡବ୍ଲ୍ୟୁଟିସି ଭୁବନେଶ୍ୱରର ଚେୟାରମ୍ୟାନ୍ ଏବଂ ଡବ୍ଲ୍ୟୁଟିସି ମୁମ୍ବାଇର ଉପାଧ୍ୟକ୍ଷ କ୍ୟାପଟେନ୍ ସୋମେଶ ବାତ୍ରା ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଓଡ଼ିଶାର ରପ୍ତାନି ପରିବେଶ ଏବଂ ଏମ୍ଏସ୍ଏମଇ ବିକାଶକୁ ସମର୍ଥନ କରିବାରେ ଡବ୍ଲ୍ୟୁଟିସିର ବୃଦ୍ଧି ପାଉଥିବା ଭୂମିକା ଉପରେ ଆଲୋକପାତ କରିଥିଲେ। ଡବ୍ଲ୍ୟୁଟିସି ଭୁବନେଶ୍ୱରର ଆନ୍ତର୍ଜାତିକ ବାଣିଜ୍ୟ ପ୍ରଚାର ଥିଙ୍କ ଟ୍ୟାଙ୍କର କନଭେନର୍ ରାଜେନ ପାଢ଼ୀ ବିଭିନ୍ନ କ୍ଷେତ୍ରରେ ସକ୍ରିୟ ଭାବରେ ଜଡ଼ିତ ହୋଇ ଆନ୍ତର୍ଜାତିକ ବାଣିଜ୍ୟକୁ ସୁଗମ କରିବା ପାଇଁ ଡବ୍ଲ୍ୟୁଟିସିର ପ୍ରୟାସ ବିଷୟରେ କହିଥିଲେ। ଡବ୍ଲ୍ୟୁଟିସି ମୁମ୍ବାଇର ଚେୟାରମ୍ୟାନ୍ ଏବଂ ଡବ୍ଲ୍ୟୁଟିସି ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ବିଜୟ କଳନ୍ତ୍ରି ଏମଭିଆଇଆରଡିସି ମୁମ୍ବାଇ ଏବଂ ଡବ୍ଲ୍ୟୁଟିସି ଭୁବନେଶ୍ୱର ଦ୍ୱାରା ବିଶ୍ୱ ବାଣିଜ୍ୟ କେନ୍ଦ୍ର ସଂଗଠନ ( ଡବ୍ଲ୍ୟୁଟିସିଏ) ନେଟୱର୍କ ମାଧ୍ୟମରେ ଭାରତୀୟ ବ୍ୟବସାୟଗୁଡ଼ିକୁ ବିଶ୍ୱ ବଜାର ସହିତ ସଂଯୋଗ କରିବା ପାଇଁ କରାଯାଉଥିବା ସହଯୋଗୀ ପ୍ରୟାସ ବିଷୟରେ ବିସ୍ତୃତ ଭାବରେ ବ୍ୟାଖ୍ୟା କରିଥିଲେ। ସେହିପରି 'ପୂର୍ବ ଭାରତର ଅର୍ଥନୈତିକ ଇନ୍:' ଓଡ଼ିଶାର ବିଶ୍ୱ ବାଣିଜ୍ୟ ଦୃଷ୍ଟି' ବିଷୟବସ୍ତୁ ଉପରେ ଆଧାରିତ ୨୦୨୫ କାର୍ଯ୍ୟକ୍ରମରେ ଦୁବାଇ ଚାମ୍ବର୍ସ ଅଫ୍ କମର୍ସକୁ କାଉଟିଂ କନେକ୍ଟ ପାର୍ଟନର୍ ଭାବରେ ଗ୍ରହଣ କରାଯାଇଥିଲା, ଯାହା ଓଡ଼ିଶା ଏବଂ ଦୁବାଇ ମଧ୍ୟରେ ବାଣିଜ୍ୟ ସମ୍ପର୍କ ଦୃଢ଼ କରିବା ଉପରେ ଧ୍ୟାନ ଦେଇଥିଲା। ଦୁବଇ ଚାମ୍ବର୍ସର ମୁଖ୍ୟ ପ୍ରତିନିଧି (ଏସିଆ ଅଞ୍ଚଳ) ଭାରତ, ଅଭିଜିତସିଂହ ଜାଦେଜା ମୁଖ୍ୟ ଭାଷଣରେ ଦୁବାଇର ଏକ ବିଶ୍ୱସ୍ତରୀୟ ବାଣିଜ୍ୟ ଏବଂ ଲଜିଷ୍ଟିକ୍ସ ଗେଟୱେ ଭାବରେ ଏହାର କୌଶଳଗତ ଅବସ୍ଥାନ ଉପରେ ଗୁରୁତ୍ୱ ଦେଇ ଓଡ଼ିଶାଭିତ୍ତିକ ବ୍ୟବସାୟଗୁଡ଼ିକୁ ଦୁବାଇ ମାଧ୍ୟମରେ ଆନ୍ତର୍ଜାତିକ ସୁଯୋଗ ଅନୁସନ୍ଧାନ କରିବାକୁ ଆମନ୍ତ୍ରଣ ଦେଇଥିଲେ ଏବଂ ରାଜ୍ୟ ସହିତ ବାଣିଜ୍ୟ ସହଯୋଗ ଗଭୀର କରିବାକୁ ଦୁବାଇ ଚାମ୍ବର୍ସର ପ୍ରତିବଦ୍ଧତା ପୁନରାବୃତି କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ଶିଳ୍ପ କ୍ଷେତ୍ରରେ ବାଣିଜ୍ୟ ବିକାଶ ପ୍ରୟାସକୁ ନେଇଥିବା ସେକ୍ଟୋରାଲ୍ ଥିଙ୍କ ଟ୍ୟାଙ୍କ କନଭେନର୍ ଏବଂ ସହ-କନଭେନରମାନଙ୍କ ନାମ ଘୋଷଣା କରାଯାଇଥିଲା।


# Classified Everyday 0674-2580101, 9692975378


REAL ESTATE SALE

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ 2/3BHK flat, duplex ବିକ୍ରିହେବ। Diptimayee Pati- 8763740343. D-76296




Newly open health benefits SPA special Offer @ 799 Bapujinagar. 7327058897. D-76931

Positively health benifits SPA expert female therapist homely atmosphere. 9114559830. D-1516

Full body massage by odia therapist in homely atmosphere. 9556498382. D-75395

AFFIDAVIT

By virtue of an affidavit sworn before Executive Magistrate, Nayagarh, dated- 31.07.2025. I, Nrusingha Charan Mohanty, Address At- Kolathia, P.O.- Khandagiri, P.S.- Khandagiri, Dist.- Khordha, PIN- 751030, Odisha declare that I have change my name from Nrusingh Charan Mohanty to Nrusingha Charan Mohanty. Henceforth, I shall be known as Nrusingha Charan Mohanty for all purposes.
Sd/- Nrusingha Charan Mohanty.
D-1542

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LEGAL NOTICE

BEFORE THE DISTRICT CONSUMER DISPUTES REDRESSAL COMMISSION, KHORDHA, AT- BHUBANESWAR.
IA/Misc Case No.- 80/2023
(Arising out of C.C No.- 328/2018)
Sri Manoj Kumar Sundaray ..... Complainant
Vrs
M/s Sharp Agencies and others ....Opp. Parties.
NOTICE

TO,
1). M/s Sharp Agencies, represented through its proprietor Near Arunodaya Market, Link Road, Cuttack- 753012,
2), M/s Samson Agri Power Equipment(P) Ltd. Represented through its Manager, At Plot No.- 1042, Meherpalli, Near Kesura Chhak, Puri Bypass Road, Bhubaneswar- 751006, Dist.- Khordha.

The Complaint has filed the above restoration application before this forum and inspite of repeated notice issued against you are avoiding to receive summons/Notice to appear before this forum on the above noted case. This is to give notice that you are to appear in the forum on the **6th day of Sep 2025, at 11 O'clock** and to file show cause why the restorations petition filed by the complainant shall not be heard in your absence, failing which the exparte order shall be passed against you and next course of action shall be taken.


Given under my hand and seal of the forum on this 2nd day of August 2025

Sd/- President
District Consumer Dispute Redressal Commission, Khordha, Bhubaneswar
D- 1526


# ଓଡ଼ିଶାରେ ୯୭ ହଜାରରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ

ଭୁବନେଶ୍ୱର,୩।୮

ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ ୨୦୨୫ ଜୁନ୍‌ରେ ରିଲାଏନ୍ସ ଜିଓ ୱାୟାରଲେସ୍, ୱାୟାରଲାଇନ୍ ଏବଂ ୫ଜି ଏଫ୍‌ଡବ୍ଲ୍ୟୁଏ କ୍ଷେତ୍ରରେ ୧.୧୮ ଲକ୍ଷରୁ ଅଧିକ ନୂତନ ଗ୍ରାହକ ଯୋଡ଼ିଛି। ଏହି ତଥ୍ୟ ଅନୁଯାୟୀ ଓଡ଼ିଶାରେ ଜିଓ ୯୭ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଏବଂ ୨୧ହଜାରରୁ ଅଧିକ ନୂତନ ଜିଓଫାଇବର ଓ ଜିଓଏୟାରଫାଇବର ଗ୍ରାହକ ଯୋଡିଛି। ଏଥିସହିତ ଓଡ଼ିଶାରେ ଜୁନ୍ ଶେଷ ସୁଦ୍ଧା ଜିଓ ନେଟ୍‌ୱର୍କରେ ୧.୬୩ କୋଟିରୁ ଅଧିକ ମୋବାଇଲ ଗ୍ରାହକ, ୩.୪ ଲକ୍ଷରୁ ଅଧିକ ଜିଓଫାଇବର ଗ୍ରାହକ ଏବଂ ୧.୯୪ ଲକ୍ଷରୁ ଅଧିକ ଜିଓଏୟାରଫାଇବର ଗ୍ରାହକ ରହିଛନ୍ତି।




ଟ୍ରାଇ ପ୍ରକାଶିତ ତଥ୍ୟ ଅନୁଯାୟୀ ଜୁନ୍‌ରେ ଓଡ଼ିଶାର ମୋଟ ମୋବାଇଲ୍ ଉପଭୋକ୍ତା ସଂଖ୍ୟା ୭୩ ହଜାର ବୃଦ୍ଧି ପାଇ ୩.୫୩ କୋଟି ଅତିକ୍ରମ କରିଛି। ଜୁନ୍‌ରେ ଜିଓ ସର୍ବାଧିକ ୯୭ ହଜାର ନୂତନ ମୋବାଇଲ୍ ଗ୍ରାହକ ଯୋଡିଥିବା ବେଳେ ଏହା ପଛକୁ ଭୋଡାଫୋନ ଆଇଡିଆ ମାତ୍ର ୪୫୭୬ ନୂତନ ମୋବାଇଲ୍ ଗ୍ରାହକ ଯୋଡିଛି। ଅପରପକ୍ଷରେ ଉଭୟ ଏୟାରଟେଲ ଓ ବିଏସ୍ଏନ୍ଏଲ ଏହି ମାସରେ ରାଜ୍ୟରେ ହଜାର ହଜାର ଗ୍ରାହକ ହରାଇଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି। ଜୁନରେ ଏୟାରଟେଲ ଓଡ଼ିଶାରେ ୧୨ ହଜାରରୁ ଅଧିକ ମୋବାଇଲ ଗ୍ରାହକ ହରାଇଥିବା ବେଳେ ବିଏସ୍ଏନ୍ଏଲ ୧୬ ହଜାରରୁ ଅଧିକ ଗ୍ରାହକ ହରାଇଛି।


# ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



✓ସନ୍ଧ୍ୟା ମହାପାତ୍ର
ଏନ୍-୧/୭୩, ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର-୭୫୧୦୧୫

| ଆବିର୍ଭାବ | ତିରୋଧାନ |
|---|---|
| ୧୦.୦୭.୧୯୫୧ | ୨୬.୦୮.୨୦୨୩ |

ଆପଣଙ୍କର ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସରଳ ଓ ଶୃଙ୍ଖଳିତ ଜୀବନ ଦର୍ଶନ ଆମ ଜୀବନର ପାଥେୟ ହେଉ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା କନକଦୁର୍ଗା ଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ ପରିବାରବର୍ଗ
ହତଭାଗ୍ୟ କନ୍ୟା: ସରିତା (ପିଙ୍କି), ଜ୍ୱାଇଁ: ଶ୍ରୀନିବାସ (ସିନୁ), ନାତି: କୁମାର କାର୍ତ୍ତିକ (ବାବୁ) ଓ ଉତ୍କଳ ଲକ୍ଷ୍ମୀ ଇଞ୍ଜିନୀୟର୍ସ ପ୍ରାଇଭେଟ ଲିମିଟେଡ୍‌ର ସମସ୍ତ କର୍ମଚାରୀ ବୃନ୍ଦ।
ଧ-୭୬୮୪୨

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବାନାମ୍ବର ସାମଲ
(ଅବସରପ୍ରାପ୍ତ ଶିକ୍ଷକ)
ଚାଳଗଡ଼, ଅନୁଗୁଳ
ଆବିର୍ଭାବ: ୧୫।୧୦।୧୯୪୩
ତିରୋଧାନ: ୨୬।୦୭।୨୦୨୫
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ହତଭାଗା
ସାମଲ ପରିବାରବର୍ଗ
ଧ-୧୫୪୬

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ବିମାନ ଦୁର୍ଘଟଣାର ରହସ୍ୟ ଓ ବ୍ଲାକ ବକ୍ସ



ନିକୁଞ୍ଜ ବିହାରୀ ସାହୁ

''ବ୍ଲାକ ବକ୍ସର ରଙ୍ଗ କଦାପି କଳା ନୁହେଁ, ବରଂ ଏହା ଉଜ୍ଜ୍ୱଳ କମଳା ରଙ୍ଗର ହୋଇଥାଏ। ଏହି ଆକର୍ଷକ ରଙ୍ଗ ଦୁର୍ଘଟଣାସ୍ଥଳରେ ଏହାକୁ ସହଜରେ ଖୋଜିବାକୁ ସହାୟକ ହୋଇଥାଏ। ଏହି ଯନ୍ତ୍ରଟି ସାଧାରଣତଃ ବିମାନର ପଛଭାଗରେ ଖଞ୍ଜାଯାଇଥାଏ, କାରଣ ଦୁର୍ଘଟଣା ସମୟରେ ବିମାନର ପଛ ଅଂଶ ସାଧାରଣତଃ ଅପେକ୍ଷାକୃତ ସୁରକ୍ଷିତ ରହିଥାଏ। ଏହାକୁ ଦୁର୍ଘଟଣାଜନିତ ପ୍ରଚଣ୍ଡ ଆଘାତ, ଉଚ୍ଚ ତାପମାତ୍ରା ଓ ଜଳଭାଗ ଭଳି ପ୍ରତିକୂଳ ପରିସ୍ଥିତି ସହନ କରି ଯଥେଷ୍ଟ ସମୟ ପର୍ଯ୍ୟନ୍ତ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ମଜଭୁତ କରି ନର୍ମାଣ କରାଯାଇଥାଏ। ଏହି ଯନ୍ତ୍ରଟି ଉଡ଼ାଣ ସମ୍ବନ୍ଧୀୟ ତଥ୍ୟଗୁଡ଼ିକୁ ଧ୍ୱନି ଓ ସଙ୍କେତ ରୂପରେ ସଞ୍ଚିତ ରଖିଥାଏ। ଯେତେବେଳେ ବିମାନ ଦୁର୍ଘଟଣା ଘଟେ, ଦୁର୍ଘଟଣାର କାରଣ ଜାଣିବା ପାଇଁ ବ୍ଲାକ ବକ୍ସକୁ ଖୋଜାଯାଏ ଏବଂ ସେଥିରେ ସଞ୍ଚିତ ତଥ୍ୟକୁ ଅନୁଧାନ ଓ ବିଶ୍ଳେଷଣ କରାଯାଏ।''






ଚଳିତ ବର୍ଷ ଜୁନ୍ ୧୨ ତାରିଖରେ ଭାରତର ଏକ ବୋଇଂ ଡ୍ରିମଲାଇନର୍ ୭୮୭-୮ ବିମାନ ଅହମଦାବାଦଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଆରୋହୀ ୨୪୧ ଜଣ ଯାତ୍ରୀ ମୃତ୍ୟୁବରଣ କରିଥିଲେ। ବିମାନର ବ୍ଲାକ ବକ୍ସରୁ ବିମାନ ଦୁର୍ଘଟଣାର କାରଣ ଖୋଜାଯାଇଥାଏ। ତେବେ ପ୍ରଶ୍ନ ଉଠେ : ଏହି ବ୍ଲାକ ବକ୍ସ କ'ଣ? ଏହା କାର୍ଯ୍ୟ କରେ କିପରି? ବିମାନ ଦୁର୍ଘଟାଣାର ଅନୁସନ୍ଧାନରେ ଏହା ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ କିପରି?

### ବ୍ଲାକ ବକ୍ସ କ'ଣ

ଯେତେବେଳେ କୌଣସି ବିମାନ ଦୁର୍ଘଟଣା ଘଟେ, ତା'ର କାରଣ ଜାଣିବା ପାଇଁ ବିଶ୍ୱର ସମସ୍ତ ବିମାନ ଅନୁସନ୍ଧାନକାରୀ ସଂସ୍ଥାଗୁଡ଼ିକର ମୁଖ୍ୟ ଧ୍ୟାନ ଥାଏ ବିମାନର ବ୍ଲାକ ବକ୍ସ ଉପରେ। ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ସଂଗଠନର ନିୟମ ଅନୁସାରେ କୌଣସି ବିମାନରେ ବ୍ଲାକ ବକ୍ସ ସ୍ଥାନିତ ହେବା ନିହାତି ଜରୁରୀ। ଏହା ଅତ୍ୟାଧୁନିକ ବିମାନ ଉଡ଼ାଣ ବିଜ୍ଞାନର ଏକ ଅବିଭାଜ୍ୟ ଉପକରଣ। ଏହା ଦୁର୍ଘଟଣା ସଂକ୍ରାନ୍ତୀୟ ବହୁ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଅଗ୍ରାଧିକାରଭିତ୍ତିରେ ବିମାନ ଚାଳନା ନିୟମ ଓ ସୁରକ୍ଷା ମାନଦଣ୍ଡ ପ୍ରସ୍ତୁତିରେ ସାହାଯ୍ୟ କରିଥାଏ। ଏହା ମଧ୍ୟ ମାନବଜନିତ ତ୍ରୁଟି ସମ୍ପର୍କରେ ଠିକ୍ ସୂଚନା ଦେଇଥାଏ ଯାହା ଭବିଷ୍ୟତରେ ଏଭଳି ଦୁର୍ଘଟଣା ରୋକିବା ଦିଗରେ ସହାୟକ ହୋଇଥାଏ।

ବ୍ଲାକ ବକ୍ସ ଦୃଢ଼ ଭାବରେ ତିଆରି ଏକ ଅତ୍ୟାଧୁନିକ ଯନ୍ତ୍ର, ଯାହା ବିମାନ ଉଡ଼ାଣ ସମୟର ସମସ୍ତ ତଥ୍ୟ ଓ କକ୍‌ପିଟରେ ହେଉଥିବା ପାଇଲଟଙ୍କ କଥାବାର୍ତ୍ତାକୁ ରେକର୍ଡ କରେ। ଏହି ତଥ୍ୟ ବିମାନ ଚାଳନା, ତ୍ରୁଟି ଓ ଅନ୍ୟାନ୍ୟ ଯାନ୍ତ୍ରିକ ଅନୁସନ୍ଧାନ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବ୍ଲାକ ବକ୍ସର ମୁଖ୍ୟତଃ ଦୁଇଟି ଅଂଶ ଥାଏ, ଯାହା ନିମ୍ନରେ ସୂଚନା ଦିଆଗଲା :

### ୧. ଫ୍ଲାଇଟ ଡାଟା ରେକର୍ଡର

ଫ୍ଲାଇଟ ଡାଟା ରେକର୍ଡର ଏକ ଇଲେକ୍‌ଟ୍ରୋନିକ୍ ଉପକରଣ ଯାହା ବିମାନର ଯେକୌଣସି ବିଭାଗକୁ ପ୍ରେରିତ ଇଲେକ୍ଟ୍ରୋନିକ ସଙ୍କେତକୁ ନିରବଚ୍ଛିନ୍ନ ଭାବେ ରେକର୍ଡ କରି ରଖିଥାଏ। ଏହାଦ୍ୱାରା ଉଡ଼ାଣର ପ୍ରତିଟି ମୁହୂର୍ତ୍ତରେ ବିମାନର ଉଚ୍ଚତା, ବେଗ, ଚାଳନା ଦିଗ, ଗତିପଥ, ବ୍ରେକିଂ ସିଷ୍ଟମ, ଇଞ୍ଜିନ ଭଳି ଅଂଶରୁ ଏକାଧିକ ଯାନ୍ତ୍ରିକ ତଥ୍ୟ ପ୍ରତି ମିନିଟ ଅନୁସାରେ ଜଣାପଡ଼େ। ଏଥିରେ ତଥ୍ୟ କ୍ରମାଗତ ଭାବେ ୧୭ରୁ ୨୫ ଘଣ୍ଟା ସମୟ ପର୍ଯ୍ୟନ୍ତ ରେକର୍ଡିଙ୍ଗ ହୋଇ ରହିପାରେ।

### ୨. କକ୍‌ପିଟ ଭଏସ୍ ରେକର୍ଡର

କକ୍‌ପିଟ ଭଏସ୍ ରେକର୍ଡର (ସିଭିଆର୍) ଯନ୍ତ୍ର ବିମାନର କକ୍‌ପିଟ ମଧ୍ୟରେ ହେଉଥିବା କଥାବାର୍ତ୍ତା, ନିର୍ଗତ ଧ୍ୱନି, ବିପଦ ସଙ୍କେତ ଏବଂ ପାଇଲଟ ଓ ସହପାଇଲଟଙ୍କ ଆଲୋଚନାକୁ ରେକର୍ଡ କରିଥାଏ। ଏଥିରେ ତଥ୍ୟ କ୍ରମାଗତ ଭାବେ ୨ ଘଣ୍ଟା ସମୟ ପର୍ଯ୍ୟନ୍ତ ରେକର୍ଡିଂ ହୋଇ ରହିପାରେ। ବ୍ଲାକ ବକ୍ସରେ ଏ ଦୁଇଟି ଯାକ ଯନ୍ତ୍ରାଂଶକୁ କେବଳ ଗୋଟିଏ ଉପକରଣରେ ମଜଭୁତ ଭାବେ ଖଞ୍ଜା ଯାଇଥାଏ।

### ଇତିହାସ

ଜଣେ ଅଷ୍ଟ୍ରେଲୀୟ ବୈଜ୍ଞାନିକ ଡ. ଡେଭିଡ ୱାରେନ (୧୯୨୫-୨୦୧୦) ବିଶ୍ୱର ପ୍ରଥମ ଫ୍ଲାଇଟ ରେକର୍ଡର ଯନ୍ତ୍ର ବିକଶିତ କରିଥିଲେ। ସେ ୧୯୫୩ରେ ମେଲବୋର୍ଣ୍ଣରେ 'ପ୍ରତିରକ୍ଷା ବିଜ୍ଞାନ ଏବଂ ପ୍ରଯୁକ୍ତି ସଂଗଠନ'ର ଏରୋନଟିକାଲ ଗବେଷଣା ପ୍ରୟୋଗଶାଳା (ଏଆର୍‌ଏଲ୍)ରେ କାର୍ଯ୍ୟ କରୁଥିବା ସମୟରେ ଏକ ଉପକରଣ ପରିକଳ୍ପନା କରିଥିଲେ ଯାହା ବିମାନ ଉଡ଼ାଣ ସମୟର ତଥ୍ୟ କେବଳ ଯାନ୍ତ୍ରିକ ପାଠ୍ୟାଙ୍କରେ ପ୍ରଦାନ କରିବ ନାହିଁ; ବରଂ କକ୍‌ପିଟରେ ଶୁଣା ଯାଉଥିବା ଧ୍ୱନିଗୁଡ଼ିକୁ ମଧ୍ୟ ରେକର୍ଡ କରି ରଖି ପାରିବ। ସୂଚନାଯୋଗ୍ୟ ଯେ, ତାଙ୍କର ପିତା ଅତୀତରେ ଏକ ବିମାନ ଦୁର୍ଘଟଣାରେ ପ୍ରାଣ ହରେଇଥିଲେ; ତେଣୁ ସେ ବିମାନର ସୁରକ୍ଷା ବ୍ୟବସ୍ଥା ବିକଶିତ କରିବା ନିମନ୍ତେ ଆଗ୍ରହ ପ୍ରକାଶ କରିଥିଲେ। ସେ ପରବର୍ତ୍ତୀ ବର୍ଷ 'ବିମାନ ଦୁର୍ଘଟଣାର ତଦନ୍ତରେ ସହାୟକ ଉପକରଣ' ଶୀର୍ଷକ ଏକ ସନ୍ଦର୍ଭ ପ୍ରକାଶ କରିଥିଲେ।

ୱାରେନ ୧୯୫୬ ମସିହାରେ 'ଦି ଏଆର୍‌ଏଲ୍ ଫ୍ଲାଇଟ ମେମୋରି ୟୁନିଟ' ନାମକ ଏକ ଫ୍ଲାଇଟ ଡାଟା ରେକର୍ଡର (ଏଫ୍‌ଡିଆର୍) ଉପକରଣର ପ୍ରତିକୃତି ନିର୍ମାଣ କରିଥିଲେ ଏବଂ ୧୯୫୮ ମସିହାରେ ସେ ପ୍ରଥମ ଏକକତ୍ୱ ଏଫ୍‌ଡିଆର୍/ସିଭିଆର୍ ଏକକ ନିର୍ମାଣ କରିଥିଲେ। ଏହି ଉପକରଣକୁ ନାଗରିକ ବିମାନର ଉଡ଼ାଣକୁ ଧ୍ୟାନରେ ରଖି ଦୁର୍ଘଟଣା ପରବର୍ତ୍ତୀ ପରୀକ୍ଷା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥିଲା। ବିଶ୍ୱର ଅନେକ ପ୍ରମୁଖ ବିମାନ କର୍ତ୍ତୃପକ୍ଷ ପ୍ରଥମେ ଏହି ଉପକରଣରେ ଆଗ୍ରହୀ ନ ଥିଲେ। କିନ୍ତୁ ୧୯୫୮ ମସିହାରେ ବ୍ରିଟିଶ ଏୟାର ପଞ୍ଜୀକରଣ ବୋର୍ଡର ସଚିବ ସାର୍ ରବର୍ଟ ହାର୍ଡିଂହାମ 'ଏଆରଏଲ୍' ପରିଦର୍ଶନ କରିଥିଲେ ଏବଂ ଡେଭିଡ ୱାରେନଙ୍କ ସହ ପରିଚିତ ହୋଇଥିଲେ। ସେ ୱାରେନଙ୍କ ଏହି ଉଦ୍ଭାବନର ଗୁରୁତ୍ୱକୁ ଅନୁଭବ କରି ସେଥିରେ ପ୍ରଭାବିତ ହୋଇଥିଲେ ଏବଂ ୱାରେନଙ୍କୁ ବ୍ରିଟେନରେ ଏହି ପ୍ରତିକୃତି ପ୍ରଦର୍ଶନ କରିବା ପାଇଁ ଆମନ୍ତ୍ରଣ କରିଥିଲେ।

ୱାରେନଙ୍କୁ ବାୟୁବାହିତ ପର୍ଯ୍ୟାୟରେ ଏକ ପ୍ରତିକୃତି ବିକଶିତ କରିବାରେ ସାହାଯ୍ୟ କରିବା ପାଇଁ ଏଆରଏଲ ଏକ ଇଞ୍ଜିନିୟରିଂ ଦଳକୁ ନିଯୁକ୍ତ କରିଥିଲା। ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର ଲେନ ସିଅର, ୱାଲି ବୋସୱେଲ ଏବଂ କେନ ଫ୍ରେଜରଙ୍କୁ ନେଇ ଗଠିତ ଏହି ଦଳ ଏକ କାର୍ଯ୍ୟକ୍ଷମ ଡିଜାଇନ ବିକଶିତ କରିଥିଲା। ଏଥିରେ ଏକ ଅଗ୍ନି-ପ୍ରତିରୋଧୀ ଏବଂ ଆଘାତ-ପ୍ରତିରୋଧୀ ବାକ୍ସ, ଗୋଟିଏ ଯନ୍ତ୍ରରେ ହିଁ ବିମାନ ଉଡ଼ାଣର ପାଠ୍ୟାଙ୍କ ଏବଂ ଧ୍ୱନିକୁ ଏନକୋଡିଂ ଏବଂ ରେକର୍ଡ କରିବା ପାଇଁ ଏକ ନିର୍ଭରଯୋଗ୍ୟ ବ୍ୟବସ୍ଥା ଏବଂ ଏକ ଭୂମି-ଆଧାରିତ ଡିକୋଡିଂ ଉପକରଣ ଅନ୍ତର୍ଭୁକ୍ତ ଥିଲା। ଏପରି ଏଆର୍‌ଏଲ୍ ସିଷ୍ଟମକୁ ମିଡିଲସେକ୍ସର ଏକ ବ୍ରିଟିଶ କମ୍ପାନୀ ଏସ୍.ଆଇ. ଡାଭାଲ ଆଣ୍ଡ ସନ୍ସ ଲିମିଟେଡ ନିର୍ମାଣ କରିଥିଲା। ଏହାକୁ ନିଜର ଆକାର ଏବଂ ଉଜ୍ଜ୍ୱଳ ଲାଲ ରଙ୍ଗ ଯୋଗୁ 'ରେଡ୍ ଏଗ୍' ନାମ ଦିଆଯାଇଥିଲା। ପରବର୍ତ୍ତୀ ୧୯୬୫ ମସିହାରେ ଏଥିରେ ଥିବା ଏକକଗୁଡ଼ିକୁ ପୁନଃ ଡିଜାଇନ କରାଯାଇଥିଲା ଏବଂ ଦୁର୍ଘଟଣା ପରେ ତଥ୍ୟର ସଫଳ ପୁନରୁଦ୍ଧାରର ସମ୍ଭାବନା ବୃଦ୍ଧି କରିବା ପାଇଁ ଏହାକୁ ବିମାନର ପଛଭାଗକୁ ସ୍ଥାନାନ୍ତରିତ କରାଯାଇଥିଲା।

### ବ୍ଲାକ ବକ୍ସ କ'ଣ ପ୍ରକୃତରେ କଳା ରଙ୍ଗର?


ଏୟାରବସ୍ ୱେବ୍‌ସାଇଟ ଅନୁଯାୟୀ, ଡେଭିଡ ୱାରେନଙ୍କ ଉଦ୍ଭାବନର ବହୁ ପୂର୍ବରୁ, ଜଣେ ଫରାସୀ ଇଞ୍ଜିନିୟର ଫ୍ରାଙ୍କୋଇସ ହୁସେନଟ ୧୯୩୦ ଦଶକରେ ଏକ ଡାଟା ରେକର୍ଡିଂ ସିଷ୍ଟମ ବିକଶିତ କରିଥିଲେ। ତାଙ୍କ ଡିଭାଇସ କିଛି ସେନ୍ସର ବ୍ୟବହାର କରି ଉଡ଼ାଣ ସମ୍ପର୍କୀୟ ପ୍ରାୟ ଦଶଟି ବିବରଣୀ ଏକ ଫଟୋଗ୍ରାଫି ଫିଲ୍ମର ପଟି ଉପରେ ପ୍ରକ୍ଷେପଣ କରି ଲିପିବଦ୍ଧ କରିଥିଲା। ଏହି ଫିଲ୍ମକୁ ଏକ ଆଲୋକ ନିରୋଧୀ ପାତ୍ର ମଧ୍ୟରେ ସଂରକ୍ଷିତ କରି ରଖାଯାଇଥିଲା। ଏହାର ଆଲୋକ-ନିରୋଧୀ ନିର୍ମାଣଶୈଳୀ ହେତୁ ପାତ୍ରଟିକୁ ସେତେବେଳେ 'କଳା ବାକ୍ସ' ବା 'ବ୍ଲାକ ବକ୍ସ' ବୋଲି କୁହାଯାଉଥିଲା।

ବ୍ଲାକ ବକ୍ସର ରଙ୍ଗ କଦାପି କଳା ନୁହେଁ; ବରଂ ଏହା ଉଜ୍ଜ୍ୱଳ କମଳା ରଙ୍ଗର ହୋଇଥାଏ। ଏହି ଆକର୍ଷକ ରଙ୍ଗ ଦୁର୍ଘଟଣାସ୍ଥଳରେ ଏହାକୁ ସହଜରେ ଖୋଜିବାକୁ ସହାୟକ ହୋଇଥାଏ। ଏହି ଯନ୍ତ୍ରଟି ସାଧାରଣତଃ ବିମାନର ପଶ୍ଚାତଭାଗରେ ଖଞ୍ଜା ଯାଇଥାଏ; କାରଣ ଦୁର୍ଘଟଣା ସମୟରେ ବିମାନର ପଛ ଅଂଶ ସାଧାରଣତଃ ଅପେକ୍ଷାକୃତ ସୁରକ୍ଷିତ ରହିଥାଏ। ଏହାକୁ ଦୁର୍ଘଟଣା ଜନିତ ପ୍ରଚଣ୍ଡ ଆଘାତ, ଉଚ୍ଚ ତାପମାତ୍ରା ଓ ଜଳଭାଗ ଭଳି ପ୍ରତିକୂଳ ପରିସ୍ଥିତି ସହନ କରି ଯଥେଷ୍ଟ ସମୟ ପର୍ଯ୍ୟନ୍ତ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ମଜଭୁତ କରି ନିର୍ମାଣ କରାଯାଇଥାଏ। ଏହି ଯନ୍ତ୍ରଟି ଉଡ଼ାଣ ସମ୍ବନ୍ଧୀୟ ତଥ୍ୟଗୁଡ଼ିକୁ ଧ୍ୱନି ଓ ସଙ୍କେତ ରୂପରେ ସଞ୍ଚିତ ରଖିଥାଏ। ଯେତେବେଳେ ବିମାନ ଦୁର୍ଘଟଣା ଘଟେ, ଦୁର୍ଘଟଣାର କାରଣ ଜାଣିବା ପାଇଁ ବ୍ଲାକ ବକ୍ସକୁ ଖୋଜାଯାଏ ଏବଂ ସେଥିରେ ସଞ୍ଚିତ ତଥ୍ୟକୁ ଅନୁଧାନ ଓ ବିଶ୍ଳେଷଣ କରାଯାଏ।

ବ୍ଲାକ ବକ୍ସ ଏକ ଛୋଟ ଉପକରଣ ହେଲେ ମଧ୍ୟ ବାସ୍ତବିକ କ୍ଷେତ୍ରରେ ଏହାର ଭୂମିକା ଅପାର। ବିମାନ ଦୁର୍ଘଟଣା ପରେ ଏହାର କାରଣକୁ ଖୋଜିବା ପାଇଁ ବ୍ଲାକ ବକ୍ସ ଏକ ମୂକସାକ୍ଷୀ ରୂପେ କାର୍ଯ୍ୟ କରିଥାଏ। ଏହା ବିମାନ ଚାଳନା ସୁରକ୍ଷା ବ୍ୟବସ୍ଥାର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ। ତେବେ ସାଂପ୍ରତିକ ପରିସ୍ଥିତିରେ ବ୍ଲାକ ବକ୍ସର ଉଦ୍ଧାର ଦ୍ୱାରା ଦୁର୍ଘଟଣାଗ୍ରସ୍ତ ବୋଇଂ ଡ୍ରିମଲାଇନର୍ ୭୮୭-୮ ବିମାନ ଦୁର୍ଘଟଣାର ରହସ୍ୟ ଉଦ୍‌ଘାଟନ ହୋଇପାରିବ ବୋଲି ଆଶା କରାଯାଏ।

-ଏଜୁକେଶନ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର,
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ମୋ : ୮୯୧୭୬୩୭୯୭୪

## ଅସନ୍ତୁଳିତ ଜୀବନଶୈଳୀ ବଢ଼ାଏ ଷ୍ଟ୍ରୋକ୍ ଆଶଙ୍କା




ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜ ଜୀବନଶୈଳୀକୁ ସନ୍ତୁଳିତ ରଖିବା ହୁଏତ ଏତେଟା ସହଜ ହୋଇ ନ ପାରେ, ହେଲେ ଏଥିପ୍ରତି ଆମକୁ ଦୃଷ୍ଟି ଦେବାକୁ ପଡିବ। କାରଣ ଏହା ଯଦି ଅସନ୍ତୁଳିତ ରହିଲା, ତେବେ ତାହା ଷ୍ଟ୍ରୋକ୍ ଭଳି ଗୁରୁତର ସମସ୍ୟାର କାରଣ ସାଜିପାରେ। ଏ ନେଇ ନିକଟରେ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଅଧିକାଂଶ ସମୟ ଅସନ୍ତୁଳିତ ଜୀବନ କଟାଉଥିବା କେତେଜଣ ବ୍ୟକ୍ତିଙ୍କୁ ସେମାନେ ଏହି ସର୍ଭେ ପରିସରଭୁକ୍ତ କରିଥିଲେ। ଏହି ସମୟରେ ସେମାନେ ଏହାଦ୍ୱାରା କେଉଁ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି ତାହାକୁ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ବ୍ୟକ୍ତିଙ୍କ ଠାରେ ଷ୍ଟ୍ରୋକ୍‌ର ପ୍ରାରମ୍ଭିକ ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ଏହାଠାରୁ ଦୂରେଇ ରହିବା ଲାଗି ନିଜର ଜୀବନଶୈଳୀକୁ ପ୍ରଥମେ ସନ୍ତୁଳିତ ରଖିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ସ୍ମରଣଶକ୍ତି ବଢ଼ାଏ ମହୁ



ମହୁ ଖାଇଲେ ତାହାର ଅନେକ ସୁପ୍ରଭାବ ଶରୀର ଉପରେ ପଡ଼ିଥାଏ। ଏକ ସଦ୍ୟତମ ଅଧ୍ୟୟନରୁ ଜଣାପଡ଼ିଛି ଯେ ନିୟମିତ ମହୁ ଖାଇଲେ ତାହା ସ୍ମରଣଶକ୍ତିକୁ ଆହୁରି ଦୃଢ଼ କରିଥାଏ। ସ୍ମରଣଶକ୍ତିଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତି କପରି ଏଥିରୁ ରକ୍ଷା ପାଇବେ ସେ ନେଇ ସେମାନଙ୍କୁ ପ୍ରତିଦିନ କିଛିକିଛି ମହୁ ଖାଇବାକୁ ୟୁନିଭର୍ସିଟି ଅଫ ଟୋକିଓର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ଏହାଦ୍ୱାରା ସେମାନଙ୍କର ସ୍ମରଣଶକ୍ତିରେ କେଉଁ ପ୍ରକାର ପରିବର୍ତ୍ତନ ହେଉଛି ତାହାକୁ ଲକ୍ଷ୍ୟ କରାଯାଇଥିଲା। ନିୟମିତ ମହୁ ଖାଇବା ଦ୍ୱାରା ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପାଖାପାଖି ୪୦ ପ୍ରତିଶତ ବ୍ୟକ୍ତିଙ୍କର ସ୍ମରଣଶକ୍ତି ବୃଦ୍ଧି ପାଉଥିବାର ଜଣାପଡ଼ିଥିଲା। କେବଳ ସେତିକି ନୁହେଁ, ଏହାଦ୍ୱାରା ଓଜନ କେତେକାଂଶରେ ସନ୍ତୁଳିତ ରହିଥାଏ। ଏହାର ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଛି। ଉଚ୍ଚ ରକ୍ତଚାପକୁ ଏହା କେତେକାଂଶରେ ସନ୍ତୁଳିତ ରଖେ। ରକ୍ତହୀନତା ସମସ୍ୟା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର।

## ସକ୍ରିୟ ରହିବ ପାଚନ କ୍ରିୟା



ଆମର ପାଚନ କ୍ରିୟା ସବୁବେଳେ ସକ୍ରିୟ ରହିବା ନିହାତି ଦରକାର। ନ ହେଲେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ପାଚନକ୍ରିୟା ଏପଟସେପଟ ହେଲେ ବଦହଜମି ବା ଇନଡାଇଜେଶନ ବ୍ୟତୀତ ପେଟ ରୋଗର ସମ୍ମୁଖୀନ ହେବାକୁ ପଡିଥାଏ। ଏହାକୁ ସନ୍ତୁଳିତ ରଖିବା ପାଇଁ କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ। ସବୁବେଳେ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଖାଆନ୍ତୁ। ଏବେ ତ ବର୍ଷାଦିନ। ଏହି ସମୟରେ ଅଧିକ ସାଲାଡ୍ ଖାଆନ୍ତୁ ନାହିଁ। କାରଣ ଏହା ପାଚନକ୍ରିୟାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ବାହାର ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏଗୁଡ଼ିକର ଖରାପ ପ୍ରଭାବ ପାଚନ କ୍ରିୟା ଉପରେ ପଡ଼ିଥାଏ। ପାଚନ କ୍ରିୟାକୁ ସକ୍ରିୟ ରଖିବା ଲାଗି ପ୍ରଚୁର ପାଣି ପିଅନ୍ତୁ। ଅଧିକ ମସଲା ଏବଂ ମାଛ ମାଂସ ଖାଇଲେ ତାହାର ପ୍ରଭାବ ପାଚନ କ୍ରିୟା ଉପରେ ପଡିଥାଏ। ତେଣୁ ଏହାକୁ ସୀମିତ ରଖିବାକୁ ଚେଷ୍ଟା କରନ୍ତୁ।

## କିପରି ନେବେ ଆଖିର ଯତ୍ନ



ଆଖିର ଯତ୍ନ ନେବାକୁ ହେଲେ କେତୋଟି ପ୍ରମୁଖ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡିଥାଏ। ଆଖିକୁ ସୁସ୍ଥ ରଖିବା ପାଇଁ ନିଜ ଜୀବନଶୈଳୀର ପରିବର୍ତ୍ତନ ଆଣିବା ସହ ଭିଟାମିନ୍ ଏ, ବି ଓ ସି'ଯୁକ୍ତ ଖାଦ୍ୟ ଖାଇବା ଦରକାର। ଗାଜର, ସବୁଜ ପନିପରିବା ଓ ତଟକା ଫଳ ମୂଳରେ ଏସବୁ ଭରି ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଶାଦ୍ରବ୍ୟ ସେବନ ଠାରୁ ନିଜକୁ ଦୂରେଇ ରଖନ୍ତୁ। ଏଭଳି ଅଭ୍ୟାସ ତୁରନ୍ତ ବର୍ଜନ କରନ୍ତୁ। ଡାଇବେଟିସ୍ ବା ମଧୁମେହ ଓ ଉଚ୍ଚରକ୍ତଚାପ ଥିଲେ ଉପଯୁକ୍ତ ଔଷଧ ସେବନ କରିବା ସହ ନିୟମିତ ସମୟ ବ୍ୟବଧାନରେ ଆଖି ଚେକ୍‌ଅପ୍ କରିବା ଜରୁରୀ। ଆଖି ଉପରେ ଯେପରି ଅଧିକ ଚାପ ନ ପଡେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଯଦି ସବୁବେଳେ କମ୍ପ୍ୟୁଟରରେ କାମ କରୁଛନ୍ତି ତେବେ ନିୟମିତ ସମୟ ଅନ୍ତରାଳରେ ମୁହଁ ଭଲ ଭାବରେ ଧୁଅନ୍ତୁ। ଯଦି ପୂର୍ବରୁ ଚଷମା ପିନ୍ଧୁଛନ୍ତି, ତେବେ ଦୃଷ୍ଟି ଶକ୍ତି ଚେକ୍‌ଅପ୍ କରାଇ ନିଅନ୍ତୁ। ଯଦି କିଛି ଚକ୍ଷୁଜନିତ ସମସ୍ୟା ଦେଖାଦେଲା, ତେବେ ତାହାକୁ ଅବହେଳା ନ କରି ତୁରନ୍ତ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ନିକଟରେ ଆଖି ପରୀକ୍ଷା କରାଇ ନିଅନ୍ତୁ।

## ବୟସ୍କ ବ୍ୟକ୍ତି ଅଧିକାଂଶ ସମୟ ଏକୁଟିଆ ରହୁଥିଲେ...




ବୟସ ବଢ଼ିବା ସହ ଜଣେ ବ୍ୟକ୍ତିଙ୍କୁ ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ସତର୍କ ରହିବାକୁ ପଡିଥାଏ। କାରଣ ଏହି ସମୟରେ ଅଧିକ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। କେତେଜଣ ବୟସ୍କ ବ୍ୟକ୍ତି ଏକୁଟିଆ ରହିଥାଆନ୍ତି। ଏହାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡିଥାଏ। ସବୁବେଳେ ଏକୁଟିଆ ରହିଲେ ଏଣୁତେଣୁ ଭାବନା ମନକୁ ଆସେ, ଯାହାଦ୍ୱାରା ମନରୁ ଶାନ୍ତି ଧୀରେ ଧୀରେ ଅପସରି ଯାଏ। ଜଣେ ବୟସ୍କ ବ୍ୟକ୍ତି ସବୁବେଳେ ଏକୁଟିଆ ରହିଲେ ତାହା ମଧ୍ୟ କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକିଆଣିଥାଏ। ଏଭଳି ବିଷୟବସ୍ତୁକୁ ନେଇ ନିକଟରେ ୱାଶିଂଟନ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଅଧିକାଂଶ ସମୟ ଏକୁଟିଆ ରହୁଥିବା ବୟସ୍କ ବ୍ୟକ୍ତିଙ୍କ ଜୀବନଶୈଳୀକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ଏଥିରୁ ଜଣାପଡିଥିଲା ଯେ, ଜଣେ ବୟସ୍କ ବ୍ୟକ୍ତି ଅଧିକାଂଶ ସମୟ ଏକୁଟିଆ ରହିଲେ ତାଙ୍କର ସ୍ମରଣ ଶକ୍ତି ପ୍ରଭାବିତ ହେବାର ଆଶଙ୍କା ରହିଛି। ତେଣୁ ଏକାକୀପଣ ଦୂର କରିବା ଲାଗି ସେମାନେ ମନ ପସନ୍ଦର ବହି ପଢ଼ିପାରନ୍ତି। ନିଜ ବୟସର ସାଙ୍ଗମାନଙ୍କ ସହ ସମୟ କାଟିଲେ ମନ ଖୁସି ରହେ।

## ସ୍ୱାସ୍ଥ୍ୟ ସୂଚନା

➢ସବୁବେଳେ ଏକ ରୁଟିନ୍ ଲାଇଫ ଅନୁସରଣ କରନ୍ତୁ। ଏହାଦ୍ୱାରା ଆମେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା।

➢ରାତ୍ରଭୋଜନରେ ଯେତେ ହାଲୁକା ଖାଦ୍ୟ ଖାଇବେ ତାହା ସେତେ ଭଲ। କାରଣ ଏଭଳି ଖାଦ୍ୟ ଖାଇଲେ ତାହା ସହଜରେ ହଜମ ହୁଏ ଏବଂ ରାତିରେ ଭଲ ନିଦ ହୁଏ।

➢ମଧୁମେହ ବା ଡାଇବେଟିସ୍ ସମସ୍ୟା ସହ ଜଡିତ ଥିଲେ ନିୟମିତ ଔଷଧ ଖାଇବା ସହ ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ତା' ସହ ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ।




➢ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯାହା ପରବର୍ତ୍ତୀ ସମୟରେ ମେଦ ବୃଦ୍ଧିର କାରଣ ହେବ। ଏଭଳି ସମସ୍ୟା ଯଦି ଦେଖାଦେଲା, ତେବେ ତାହା ପରୋକ୍ଷରେ ଆଉ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ। ତେଣୁ ସବୁବେଳେ ନିଜ ଓଜନ ନିୟନ୍ତ୍ରଣରେ ରଖନ୍ତୁ।

➢ପ୍ରତିଦିନ ସକାଳୁ କିଛି ସମୟ ଷ୍ଟ୍ରେଚିଙ୍ଗ ଏକ୍ସରସାଇଜ କରନ୍ତୁ। ଏହାଦ୍ୱାରା ପାଚନ କ୍ରିୟା ଆହୁରି ସକ୍ରିୟ ହୋଇଥାଏ।

➢ନିଜକୁ ଚିନ୍ତାଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। କାରଣ ଏହା ଆପଣଙ୍କ ଜୀବନଶୈଳୀକୁ ପ୍ରଭାବିତ କରିଥାଏ।

## ସହଜରେ ଦୂର ହେବ ଅବସାଦ

କୁହାଯାଏ ଶରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମେ କେତେ ସୁସ୍ଥ ରହିବା ତାହା ଅନେକାଂଶରେ ନିଜର ଜୀବନଶୈଳୀ ଏବଂ ଖାଦ୍ୟପେୟ ଉପରେ ନିର୍ଭର କରିଥାଏ। ଯଦି ଜଣେ ବ୍ୟକ୍ତି ସବୁବେଳେ ସୁଷମ ଖାଦ୍ୟ ଖାଆନ୍ତି ତେବେ ସେ ନିଜକୁ ଅବସାଦଠାରୁ କେତେକାଂଶରେ ଦୂରେଇ ରଖିପାରିବେ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ବର୍ଲିନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ ଅବସାଦ ସହ ଜଡିତ କେତେ ଜଣ ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରିଥିଲେ। ଏହି ସମୟରେ ସେମାନଙ୍କର ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନଶୈଳୀକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। କେବଳ ସେତିକି ନୁହେଁ, ଏହି ସର୍ଭେ ସମୟରେ ଏମାନଙ୍କୁ ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଥିଲା। ତା'ସହ ନିଜର ଖାଦ୍ୟପେୟ ପ୍ରତି ସତର୍କ ହେବାକୁ କୁହାଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କ ଉପରେ ପଡୁଛି ତାହାକୁ ଲକ୍ଷ୍ୟ କରାଯାଇଥିଲା। ଏଥିଯୋଗୁଁ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ନିଜକୁ ଅବସାଦଠାରୁ କେତେକାଂଶରେ ଦୂରେଇ ରଖିବାରେ ସକ୍ଷମ ହୋଇଥିଲେ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁଜ ପନିପରିବା ଏବଂ ଫଳମୂଳ ଆଦି ସାମିଲ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି।



# ନିର୍ଣ୍ଣାୟକ ସ୍ଥିତିରେ ପଞ୍ଚମ ଟେଷ୍ଟ


ବ୍ରୁକ୍‌ଙ୍କ କ୍ୟାଚ ନେବାବେଳେ ବାଉଣ୍ଡରୀ ଲାଇନକୁ ମାଡ଼ିଯାଇଛନ୍ତି ସିରାଜ୍।

## ବ୍ରୁକ୍, ରୁଟ୍‌ଙ୍କ ଶତକ

ଲଣ୍ଡନ,୩।୮

ଇଂଲଣ୍ଡ ବିପକ୍ଷରେ ଚାଲିଥିବା ପଞ୍ଚମ ତଥା ଅନ୍ତିମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଭାରତୀୟ ବୋଲରମାନେ ନିରାଶ କରିଛନ୍ତି। ପ୍ରଥମ ଇନିଂସରେ ଭାରତ ୨୨୪ ରନ କରିଥିବା ବେଳେ ଇଂଲଣ୍ଡ ୨୪୭ ରନ କରିଥିଲା। ପ୍ରଥମ ଇନିଂସ ଭିତ୍ତିରେ ୨୩ ରନ ପଛରେ ରହିଥିବା ଭାରତୀୟ ଦଳ ଦ୍ୱିତୀୟ ଇନିଂସରେ ୩୯୬ ରନରେ ଅଲଆଉଟ୍ ହୋଇଥିଲା। ଫଳରେ ୩୭୪ ରନ୍‌ର ବିଜୟ ନେଇ ଓହ୍ଲାଇଥିବା ଇଂଲଣ୍ଡ ଚତୁର୍ଥ ଦିନର ଖେଳ ଶେଷ ସୁଦ୍ଧା ୬ ଉଇକେଟ ହରାଇ ୩୩୯ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଜେମି ସ୍ମିଥ ୨ ଓ ଜେମି ଓଭରଟନ ବିନା ରନରେ ବ୍ୟାଟିଂ କରୁଛନ୍ତି। ଇଂଲଣ୍ଡକୁ ଜିତିବା ପାଇଁ ୩୫ ରନ୍ ଦରକାର ଥିବା ବେଳେ ହାତରେ ୪ ଉଇକେଟ ସୁରକ୍ଷିତ ରହିଛି।


ଶତକ ହାସଲ ପରେ ହ୍ୟାରୀ ବ୍ରୁକ୍।

ରବିବାର ତଥା ମ୍ୟାଚ୍‌ର ଚତୁର୍ଥ ଦିନ ଇଂଲଣ୍ଡ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୫୦/୧ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନ ଅପରାଜିତ ଥିବା ବ୍ୟାଟର ବେନ ଡକେଟ (୫୪) ଅର୍ଦ୍ଧଶତକ ପୂରଣ କରିବା ପରେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ବଲରେ ସ୍ଲିପରେ ଲୋକେଶ ରାହୁଲଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। ସେହିଭଳି ଅଧିନାୟକ ଓଲି ପୋପ୍ (୨୭)ଙ୍କୁ ଏଲ୍‌ବିଡବ୍ଲ୍ୟୁ କରି ମହମ୍ମଦ ସିରାଜ ପାଭିଲିଅନ ବାଟ ଦେଖାଇଥିଲେ। ଏହାପରେ ରୁଟ୍ ଓ ହ୍ୟାରୀ ବ୍ରୁକ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ବ୍ରୁକ ୧୬ ରନରେ ବ୍ୟାଟିଂ କରୁଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଏକ ଶଟ ପିଚ୍ ବଲକୁ ଛକା ମାରିବାକୁ ଉଦ୍ୟମ କରିଥିଲେ। ମହମ୍ମଦ ସିରାଜ ବାଉଣ୍ଡ୍ରୀ ଲାଇନ୍‌ରେ ବଲକୁ କ୍ୟାଚ୍ କରିଥିଲେ। ହେଲେ କ୍ୟାଚ୍ ନେବା ପ୍ରକ୍ରିୟାରେ ସେ ବାଉଣ୍ଡ୍ରୀ ଲାଇନ୍‌କୁ ଟଚ କରି ଦେଇଥିଲେ, ଯାହାକି ମ୍ୟାଚ୍ ଲାଗି ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ରୁଟ୍ ଓ ବ୍ରୁକ ଚତୁର୍ଥ ଉଇକେଟ ପାଇଁ ୧୯୫ ରନ ଯୋଡ଼ି ଭାରତୀୟ ଦଳ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ। ବ୍ରୁକ (୧୧୧ ରନ୍, ୧୪ ଚୌକା ଓ ୨ ଛକା) ଶତକ ପୂରଣ କରିବା ପରେ ଆକାଶ ଦୀପଙ୍କ ବଲରେ ସିରାଜଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ। ଏହା ୨୬ ବର୍ଷୀୟ ବ୍ରୁକଙ୍କ ଲାଗି ଦଶମ ଟେଷ୍ଟ ଶତକ ଥିଲା। ସେହିଭଳି ରୁଟ୍ (୧୦୫ ରନ୍, ୧୨ ଚୌକା) ଶତକ ପୂରଣ କରିବା ପରେ ଆଉଟ୍ ହୋଇଥିଲା। ଏହା ତାଙ୍କ କ୍ୟାରିୟରର ୩୯ତମ ଟେଷ୍ଟ ଶତକ। ଜେକବ ବେଥେଲ ୫ ରନ କରି ପ୍ରସିଦ୍ଧଙ୍କ ବଲରେ ଆଉଟ୍ ହୋଇଥିଲେ। ଭାରତ ପକ୍ଷରୁ ପ୍ରସିଦ୍ଧ ୩ଟି, ସିରାଜ ୨ଟି ଓ ଆକାଶ ଗୋଟିଏ ଉଇକେଟ ହାତେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୨୪/ଅଲଆଉଟ୍। ଇଂଲଣ୍ଡ ପ୍ରଥମ ଇନିଂସ: ୨୪୭/ଅଲଆଉଟ୍। ଭାରତ ଦ୍ୱିତୀୟ ଇନିଂସ: ୩୯୬/ଅଲଆଉଟ୍। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୭୬.୨ ଓଭରରେ ୩୩୯/୬ (ହ୍ୟାରୀ ବ୍ରୁକ-୧୧୧, ଜୋ ରୁଟ୍-୧୦୫, ବେନ ଡକେଟ-୫୪, ମହମ୍ମଦ ସିରାଜ-୨/୯୫, ଆକାଶ ଦୀପ-୧/୮୫, ପ୍ରସିଦ୍ଧ କ୍ରିଷ୍ଣା-୩/୧୦୯)।

# ସାହାଣୀ କପ୍ ଫୁଟ୍‌ବଲ: କଟକ ଚାମ୍ପିୟନ



ଚାମ୍ପିୟନ କଟକ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

କେନ୍ଦୁଝର, ୩।୮
(ନରେଶ ଚନ୍ଦ୍ର ପଟ୍ଟନାୟକ)

କଟକ ୬୪ତମ ସିନିୟର ପୁରୁଷ ଆନ୍ତଃଜିଲ୍ଲା ଫୁଟ୍‌ବଲ ଚାମ୍ପିୟନଶିପ୍ ଚାମ୍ପିୟନ ହୋଇଛି। ରବିବାର କେନ୍ଦୁଝର ଜିଲ୍ଲା ଷ୍ଟାଡିୟମରେ ପ୍ରତିଯୋଗିତାର ଦ୍ୱିତୀୟ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ ୧-୧ଗୋଲ୍‌ରେ ଡ୍ର ରହିଥିଲା। କଟକ ତରଫରୁ ଲଖାଇ ମୁର୍ମୁ ଖେଳର ୪୦ତମ ମିନିଟ୍‌ରେ ଗୋଲ୍ ସ୍କୋର କରିଥିବା ବେଳେ ସମ୍ବଲପୁର ଦଳର ପ୍ରଶାନ୍ତ ମୁର୍ମୁ ୯୦ତମ ମିନିଟ୍‌ରେ ଏକ ଗୋଲ ସ୍କୋର କରିଥିଲେ। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଫାଇନାଲରେ କଟକ ୧-୦ରେ ବିଜୟ ଲାଭ କରିଥିବାରୁ କଟକ ଏଗ୍ରିଗେଟ୍‌ରେ୨-୧ ଗୋଲ୍‌ରେ ବିଜୟୀ ହୋଇଥିଲା।

ମୁଖ୍ୟଅତିଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଫୁଟବଲ ମାରି ମ୍ୟାଚ୍‌ର ଆରମ୍ଭ କରିଥିଲେ। କଟକ ଚାମ୍ପିୟନ ଦଳ ଭାବେ ଟ୍ରଫି ସହ ୧ଲକ୍ଷ ଟଙ୍କା ଏବଂ ସମ୍ବଲପୁର ରନର ଅପ୍ ଦଳ ଭାବେ ଟ୍ରଫି ସହ ୫୦,୦୦୦ ଟଙ୍କା ପୁରସ୍କାର ମୁଖ୍ୟମନ୍ତ୍ରୀଙ୍କଠାରୁ ଗ୍ରହଣ କରିଥିଲେ। ଏଥି ସହିତ ସେ ଶହୀଦ ରାଜକିଶୋର ମୁଣ୍ଡାଙ୍କ ପତ୍ନୀ ସୁନିତା ମୁଣ୍ଡାଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ଗୌରୀ ଶଙ୍କର ସାହାଣୀ ଟ୍ରଷ୍ଟ ତରଫରୁ ସୁନିଲ ସାହୁ ସ୍ୱତନ୍ତ୍ର ଭାବେ ଚାମ୍ପିୟନ ଦଳକୁ ୨୫ ହଜାର ଏବଂ ରନରଅପ୍ ଦଳକୁ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ପ୍ରତିଯୋଗିତାର ଶ୍ରେଷ୍ଠ ଗୋଲ କିପର ଭାବେ କଟକର ସଞ୍ଜୟ ହେମ୍ବ୍ରମ, ଶ୍ରେଷ୍ଠ ରକ୍ଷଣ ଭାଗ ଖେଳାଳି ଭାବେ କଟକର ପ୍ରେମ ପିୟୁଷ ବାଗ, ଶ୍ରେଷ୍ଠ ମିଡ଼ ଫିଲଡର ଭାବେ ସମ୍ବଲପୁରର ବିନୟ କିଷାନ, ଶ୍ରେଷ୍ଠ ପୁରୋଭାଗ ଖେଳାଳି ଭାବେ କଟକର ପରାଗ ଟୁଡୁ ଏବଂ ମ୍ୟାନ ଅଫ୍ ଦି ଫାଇନାଲ ଭାବେ କଟକର ଲାଖାଇ ମୁର୍ମୁ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ ତୃଣମୂଳ ସ୍ତରରେ କ୍ରୀଡାର ବିକାଶ ନିମନ୍ତେ ୩୧୪ଟି ବ୍ଲକ ସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ୪ ହଜାର ୧୨୪ କୋଟି ଟଙ୍କା ବ୍ୟୟବରାଦ ହୋଇଛି ଏବଂ ବ୍ଲକସ୍ତରୀୟ ଷ୍ଟାଡିୟମ ସମୂହର ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ ହୋଇଛି। ସେ କହିଥିଲେ, କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଓ କୋରାପୁଟକୁ ସ୍ପୋର୍ଟ୍ସହବ ଭାବେ ବିକଶିତ କରାଯିବା ସହ ସାରା ରାଜ୍ୟରେ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଯାଉଛି। ରାଜ୍ୟ ସରକାର ରାଜ୍ୟରେ କ୍ରୀଡ଼ାର ଉନ୍ନତି ପାଇଁ ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। କ୍ରୀଡ଼ାକୁ ଯୁବସମାଜର ଜୀବନଶୈଳୀର ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ କରିବା ପାଇଁ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି। ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଫୁଟ୍‌ବଲ ଆସୋସିଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ତଥା ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, କେନ୍ଦୁଝର ପାଟନା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଜିଲାପାଳ ବିଶାଳ ସିଂ, କେନ୍ଦୁଝର ପୋଲିସ ଏସ୍‌ପି ନିତୀନ କୁଶାଲ କର ଫାଓ ଉପସଭାପତି ସହଦେବ ରାଉତ, ଭଦ୍ରକ ଜିଲା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଧୀରେନ ପଲାଇ ପ୍ରମୁଖ ଅନ୍ୟତମ।

SPOT ADMISSION NOTICE
RCEM
Since 1993
Established as a premier B-School providing only Management Education in the heart of the city Bhubaneswar
Admission opens for
MBA 2 Years Full Time Intake 240 & MBA(I) 2 Years Full Time Intake 60
Apprvoed by AICTE,Govt.of India,Affiliated to BPUT,Rourkela and Accredited by NAAC B++
Excellent Training & Placements facilities
Contact : 09861152922, 09338087530
Plot No. - 18, Sec.-A, Zone-B, Mancheswar IE., Bhubaneswar

## ଜୁନିୟର ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ: ସାଇ ସ୍ୱରୂପଙ୍କୁ ବ୍ରୋଞ୍ଜ




ଭୁବନେଶ୍ୱର,୩।୮ (ଅନାଦି କର)

ଗୁଜରାଟର ଅହମଦାବାଦରେ ଚାଲିଥିବା ୫୧ତମ ଜୁନିୟର ଜାତୀୟ ଆକ୍ୱାଟିକ ଚାମ୍ପିୟନଶିପ୍ସରେ ଓଡ଼ିଶାର ସାଇ ସ୍ୱରୂପ ସ୍ୱାଇଁ ବ୍ରୋଞ୍ଜ ପଦକ ଜିତିଛନ୍ତି। ରବିବାର ଅନୁଷ୍ଠିତ ବାଳକ ୫୦ ମି. ବ୍ୟାକଷ୍ଟ୍ରୋକ ଇଭେଣ୍ଟ ଫାଇନାଲରେ ସେ ୩୨.୯୫ ସେକେଣ୍ଡ ଟାଇମିଂ ସହ ରେସ୍‌କୁ ଶେଷ କରି ତୃତୀୟ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟରେ ମଣିପୁରର ଲାଇତୋଞ୍ଜାମ ଲାଞ୍ଚେବନା (୩୧.୮୪ ସେ.) ଓ ମଧ୍ୟପ୍ରଦେଶର ଅର୍ଥ ଜୈନ (୩୨.୪୨ ସେ.) ପୋଡିୟମରେ ପ୍ରଥମ ଦୁଇ ସ୍ଥାନ ଅଧିକାର କରିଥିଲେ।

## ୨୦ ବର୍ଷରୁ କମ୍ ଏସିଆ ରଗ୍‌ବୀ ମିଟ୍ ଭାରତୀୟ ଦଳରେ ଓଡ଼ିଶାରୁ ୪

ନୂଆଦିଲ୍ଲୀ, ୩।୮ (ପି.ଟି.)

୨୦ବର୍ଷରୁ କମ୍ ଏସିଆ ରଗ୍‌ବୀ ଏମିରେଟ୍ସ ୭ଏସ୍ ଚାମ୍ପିୟନଶିପ୍ ୨୦୨୫ ଅଗଷ୍ଟ ୯ ଓ ୧୦ରେ ବିହାରର ରାଜଗିରିଠାରେ ଅନୁଷ୍ଠିତ ହେବ। ଏଥିପାଇଁ ରାଜସ୍ଥାନର ଭୂମିକା ଶୁକ୍ଲାଙ୍କୁ ମହିଳା ଏବଂ ବେଙ୍ଗଲର ସୁମିକ୍ କୁମାର ରୟଙ୍କୁ ପୁରୁଷ ଦଳର ଅଧିନାୟକ ଭାବେ ମନୋନୀତ କରାଯାଇଛି। ଏଥିରେ ଓଡ଼ିଶାର ୨ ମହିଳା ଓ ୨ ପୁରୁଷ ଖେଳାଳି ସ୍ଥାନ ପାଇଛନ୍ତି। ମହିଳା ବିଭାଗରେ ରୀତୁ ମାଝି ଓ ମାମାଲି ସିଂ ଏବଂ ପୁରୁଷ ବିଭାଗରେ ଚରଣ ହେମ୍ବ୍ରମ ଓ ଭରତ କିଷନଙ୍କୁ ସ୍ଥାନ ମିଳିଛି। କୋଲକାତାସ୍ଥିତ ସାଇ ସେଣ୍ଟରରେ ଜୁଲାଇ ୩ରୁ ଏକ ଜାତୀୟ କ୍ୟାମ୍ପ ପରେ ଦଳ ମନୋନୟନ କରାଯାଇଥିଲା। ପୁରୁଷ କାଟେଗୋରିରେ ଭାରତ, ଚାଇନା, ୟୁଏଇ, ହଂକଂ, ଉଜ୍‌ବେକିସ୍ତାନ, ଶ୍ରୀଲଙ୍କା ଓ ମାଲେସିଆ ସ୍ଥାନ ପାଇଛନ୍ତି। କରନ ରାଜଭରଙ୍କୁ ଜୁନିୟର ପୁରୁଷ ଦଳର ଉପ-ଅଧିନାୟକ କରାଯାଇଥିବା ବେଳେ ରାଜସ୍ଥାନର ରଞ୍ଜନ ରାଓ୍ୱତ ପ୍ରଥମ ଥର ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ମହାରାଷ୍ଟ୍ରର ତନୁଶ୍ରୀ ଭୋସ୍‌ଲେଙ୍କୁ ୨୦ ବର୍ଷରୁ କମ୍ ମହିଳା ଦଳର ଉପଅଧିନାୟିକା କରାଯାଇଛି।


ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶା ଖେଳାଳି।

**ଭାରତୀୟ ୨୦ ବର୍ଷରୁ କମ୍ ପୁରୁଷ ଦଳ:** ସୁମିତ କୁମାର ରୟ (ଅଧିନାୟକ), କରଣ ରାଜଭର (ଉପଅଧିନାୟକ), ଅଜିତ ନାଗ୍, ଭରତ କିଷାନ, ଚରଣ ହେମ୍ବ୍ରମ୍, ଡେଭିଡ ମୁଣ୍ଡା, ଦେଶରାଜ ସିଂ, ଗୋଲ୍‌ଡାନ କୁମାର, ରଞ୍ଜର ରାଓ୍ୱତ, ରୋହିତ ଶ', ସାଗର ପ୍ରକାଶ ଓ ଶିବମ୍।

**୨୦ବର୍ଷରୁ କମ୍ ମହିଳା ଦଳ:** ଭୂମିକା ଶୁକ୍ଲା (ଅଧିନାୟିକା), ତନୁଶ୍ରୀ ଭୋସ୍‌ଲେ (ଉପଅଧିନାୟିକା), ଆରତି କୁମାରୀ, ଅକ୍ଷୟ ଏନ୍.ଏସ୍, ଅଲ୍ପନା କୁମାରୀ, ଅଂଶୁ କୁମାରୀ, ଗୁରିୟା କୁମାରୀ, କାଇରା ଭିନ୍‌ସେଣ୍ଟ, ମହକ୍, ମାମାଲି ସିଂ, ମୁସ୍କାନ ପିପ୍‌ଲୋଡା ଓ ରୀତୁ ମାଝି।

## ହଙ୍ଗେରିଆନ ଗ୍ରାଁ ପ୍ରି ଜିତିଲେ ନୋରିସ

ବୁଦାପେଷ୍ଟ, ୩।୮ (ଏପି)

ମ୍ୟାକଲରେନର ଲାଣ୍ଡୋ ନୋରିସ୍ ଟିମ୍‌ମେଟ୍ ଓସ୍କାର ପିଆଷ୍ଟ୍ରିଙ୍କୁ ପଛରେ ପକାଇ ହଙ୍ଗେରିଆନ ଫର୍ମୁଲା-୧ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ରବିବାର ଦୁଇ ଡ୍ରାଇଭରଙ୍କ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିଥିଲା। ପିଆଷ୍ଟ୍ରି ଦ୍ୱିତୀୟ ସ୍ଥାନରେ ରହିଥିଲେହେଁ ଡ୍ରାଇଭର୍ସ ଷ୍ଟାଣ୍ଡିଂର ନମ୍ବର-୧ ସ୍ଥାନରେ ତାଙ୍କ ସ୍ଥିତିକୁ ସୁଦୃଢ଼ କରି ଟାଇଟଲ ସମ୍ଭାବନାକୁ ବୃଦ୍ଧି କରିଛନ୍ତି। ଅନ୍ୟପକ୍ଷରେ ମ୍ୟାକଲରେନର ଏହା ହେଉଛି ୨୦୦ତମ ଫର୍ମୁଲା ୱାନ ବିଜୟ। ଅନ୍ୟମାନଙ୍କ ମଧ୍ୟରେ ମର୍ସିଡିଜ୍‌ର ଜର୍ଜ ରସେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରେସ୍‌ରେ ଯଥାକ୍ରମେ ୪ର୍ଥରୁ ୧୦ମ ସ୍ଥାନରେ ରହିଥିଲେ ଚାର୍ଲ୍ସ ଲେକ୍‌ଲେର୍କ (ଫେରାରି), ଫର୍ନାଣ୍ଡୋ ଆଲୋଁସୋ (ଆଷ୍ଟନ ମାର୍ଟିନ), ଗାବ୍ରିଏଲ ବୋର୍ଟୋଲେଟୋ (ସୌବେର), ଲାନ୍ସ ଷ୍ଟ୍ରୋଲ (ଆଷ୍ଟନ ମାର୍ଟିନ), ଲିଆମ ଲସନ (ଆର୍‌ବି), ମାକ୍ସ ଭର୍ଷ୍ଟାପେନ୍ (ରେଡ୍‌ବୁଲ୍), କିମି ଆଣ୍ଟୋନେଲି (ମର୍ସିଡିସ୍)।

## ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ୮ରୁ

ଭୁବନେଶ୍ୱର,୩।୮ (ଅନାଦି କର)

ଆସନ୍ତା ୮ରୁ ୨୯ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ୟୁନିଟ୍-୧ସ୍ଥିତ ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୩୪ତମ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଲିଗ୍ କମ୍ ନକ୍‌ଆଉଟ୍ ଭିତ୍ତିରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ଚଳିତ ବର୍ଷ ୧୬ଟି ସରକାରୀ ଓ ବେସରକାରୀ ବିଦ୍ୟାଳୟ ଭାଗ ନେବେ। ତୃଣମୂଳ ସ୍ତରରୁ ଫୁଟ୍‌ବଲ ଖେଳାଳିଙ୍କୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ପ୍ରତ୍ୟେକ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ଆର୍ଥିକ ପୁରସ୍କାର ଦିଆଯିବ। ଏ ନେଇ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆସୋସିଏଶନର ସଭାପତି ତପନ କୁମାର ମହାନ୍ତି ଓ ସମ୍ପାଦକ ଦିଲୀପ କୁମାର ଦାସ କହିଛନ୍ତି। ଏହି ଅବସରରେ ଆସୋସିଏଶନର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିୟନଶିପ୍ ଦିବ୍ୟାଂଶୁ ଚାମ୍ପିୟନ


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର,୩।୮ (ଅନାଦି କର)

କଳିଙ୍ଗ ନଗରସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ୨୫ତମ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ ପଏଣ୍ଟ ବିଶିଷ୍ଟ ଏହି ପ୍ରତିଯୋଗିତାରେ ପଟିଆସ୍ଥିତ ନାରାୟଣ ଟେକ୍ନୋ ସ୍କୁଲର ଦିବ୍ୟାଂଶୁ କୁମାର ପଶାୟତ ଚାମ୍ପିୟନ ଓ କଳିଙ୍ଗ ନଗରସ୍ଥିତ ଡିଏଭି ପବ୍ଲିକ ସ୍କୁଲର ଆଦିତ୍ୟ ଜେନା ରନରଅପ୍ ହୋଇଛନ୍ତି। ଲୋୟଲା ସ୍କୁଲ ଶୁଭମ୍ ପ୍ରତୀକ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାକୁ କଳିଙ୍ଗ ନଗରସ୍ଥିତ ଡିଏଭି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ବଳରାମ ମହାପାତ୍ର ଉଦ୍‌ଘାଟନ କରିଥିବା ବେଳେ ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସ୍‌ସିଏ) ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗର ମୁଖ୍ୟ ଡ. ରାଜ କୁମାର ଯୋଶୀ, ରିସର୍ଚ୍ଚ ସ୍କଲାର ଡ. ରାଜଶ୍ରୀ ପ୍ରିୟଦର୍ଶିନୀ, ସିନିୟର କ୍ରୀଡ଼ା ଶିକ୍ଷକ ଏ. ରବିଶଙ୍କର ଯୋଗଦେଇଥିଲେ।

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ କିଟ୍‌ର ପଦକଧାରୀ ଆଥ୍‌ଲେଟଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୩।୮ (ଅନାଦି କର)

ଜର୍ମାନୀର ରାଇନ-ରୁହରଠାରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ (ଡବ୍ଲ୍ୟୁୟୁଜି)ର ବିଭିନ୍ନ ସ୍ପୋର୍ଟିଂ ଇଭେଣ୍ଟରେ ଭାରତକୁ ପ୍ରତିନିଧିତ୍ୱ କରି ପଦକ ଜିତିଥିବା କିଟ୍ ଓ କିସ୍‌ର ୧୧ ଆଥ୍‌ଲେଟଙ୍କୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। କିଟ୍ ଓ କିସ ପକ୍ଷରୁ ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତିଥିବା ପ୍ରତ୍ୟେକ ଆଥ୍‌ଲେଟଙ୍କୁ ୩ ଲକ୍ଷ ଓ ବ୍ରୋଞ୍ଜ ପଦକ ଜିତିଥିବା ଆଥଲେଟ୍‌ଙ୍କୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ସହ ଅଲିମ୍ପିଆନ୍‌ଙ୍କ ସମେତ ଅନେକ କ୍ରୀଡ଼ାବିତ୍ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଭାରତୀୟ ଆଥ୍‌ଲେଟମାନେ ମୋଟ ୧୨ ପଦକ ଜିତିଥିଲେ। ସେଥି ମଧ୍ୟରୁ କିଟ୍ ଆଥ୍‌ଲେଟମାନେ ୬ ପଦକ ଜିତିଥିଲେ। ଗତ ୬୫ ବର୍ଷରେ ଡବ୍ଲ୍ୟୁୟୁଜିରେ ଭାରତ ପାଇଁ କିଟ୍ ସର୍ବାଧିକ ପଦକ ଜିତିଛି।

୩୦୦୦ ମିଟର ଷ୍ଟିପଲଚେଜରେ ଅଙ୍କିତା, ଟ୍ରିପଲ ଜମ୍ପରେ ପ୍ରବୀଣ ଚିତ୍ରାଭେଲ ଓ ୫୦୦୦ ମିଟରରେ ସୀମା ରୌପ୍ୟ ପଦକ ଜିତିଥିଲେ। ସେହିଭଳି ମଣିକାନ୍ତ ହୋବଲିଧର, ଅନିମେଶ କୁଜୁର, ଲାଲୁ ପ୍ରସାଦ ଭୋଇ ଓ ମୃତ୍ୟମ ଜୟରାମ ଦଣ୍ଡପତିଙ୍କୁ ନେଇ ଗଠିତ ପୁରୁଷ ୪X୧୦୦ ମି. ରିଲେ ଦଳ, ମୁନିତାପ ରାଜପତି, ମାନସୀ ନେଗି ଓ ସେଜଲ ଅନିଲ ସିଂହଙ୍କୁ ନେଇ ଗଠିତ ମହିଳା ୨୦ କିମି ରେସ ୱାକ ଦଳ ଓ ବ୍ୟାଡ଼ମିଣ୍ଟନରେ ଅବିନାଶ ମହାନ୍ତି ବ୍ରୋଞ୍ଜ ପଦକ ଅକ୍ତିଆର କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ଅଲିମ୍ପିଆନ ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ଅମିୟ ମଲ୍ଲିକ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଭବାନୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।



କିଟ୍‌ର ପଦକଧାରୀ ଆଥ୍‌ଲେଟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସତ୍ୟବ୍ରତ ସ୍ମାରକୀ ଟୁର୍ଣ୍ଣାମେଣ୍ଟ ସୁପରକପ୍: ଚାନ୍ଦ କ୍ଲବ ଚାମ୍ପିୟନ

କଟକ,୩।୮ (ଶିଲ୍ପା ପ୍ରିୟଦର୍ଶିନୀ)

ବାରବାଟୀ ୟୁନାଇଟେଡ୍ କ୍ଲବ୍ କଟକ ଦ୍ୱାରା ଆୟୋଜିତ ସତ୍ୟବ୍ରତ ସ୍ମାରକୀ ଟୁର୍ଣ୍ଣାମେଣ୍ଟ ସୁପରକପ୍-୨୦୨୫ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗ୍ୟାଲେଣ୍ଟ କ୍ଲବ ଓ ଚାନ୍ଦ କ୍ଲବ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ୧-୧ ଅମୀମାଂସିତ ରହିବାରୁ ପେନାଲ୍‌ଟି ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଚାନ୍ଦକ୍ଲବ ଗ୍ୟାଲେଣ୍ଟ କ୍ଲବକୁ ୭-୬ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସେମିଫାଇନାଲ ମ୍ୟାଚ୍‌ରେ ଗ୍ୟାଲେଣ୍ଟ କ୍ଲବ ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ୩ଟି ଗୋଲ୍‌ରେ ପରାସ୍ତ କରିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ୍‌ରେ ଚାନ୍ଦ କ୍ଲବ ସନରାଇଜ କ୍ଲବକୁ ୩ଟି ଗୋଲରେ ପରାସ୍ତ କରିଥିଲା। ସେମିଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲରେ ମୁଖ୍ୟଅତିଥି ଭାବେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ସମ୍ମାନିତଅତିଥି ଭାବେ ଓଡ଼ିଶା ଫୁଟବଲ ଆସୋସିଏଶନ କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ ଯୋଗଦେଇ ଚାମ୍ପିୟନ ଓ ରନର୍‌ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ କ୍ଲବର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।


ଟ୍ରଫି ସହ ଚାମ୍ପିୟନ ଦଳ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ